# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୬/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 6/2022 | ★★★★★★

୪୮ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଜଷ୍ଟିନ ଲାଙ୍ଗରଙ୍କ ଇସ୍ତଫା**

ଅଷ୍ଟ୍ରେଲିଆ କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦବୀରୁ ଜଷ୍ଟିନ ଲାଙ୍ଗର ଇସ୍ତଫା ଦେଇଛନ୍ତି।

୧୪

୧୨

**ଜନ୍ମଦିନରେ ଅଭିଷେକଙ୍କ 'ଘୁମର' ଭେଟି**

ନିଜ ୪୬ତମ ଜନ୍ମଦିନରେ ଆଗାମୀ ଫିଲ୍ମ 'ଘୁମର'ର ଶୁଟିଂ ଆରମ୍ଭ ହେବା ନେଇ ଘୋଷଣା କରିଛନ୍ତି ଅଭିନେତା ଅଭିଷେକ ବଚ୍ଚନ।



# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଧରିତ୍ରୀ ଖବରଦାତା ମୃତ

**ଭବାନୀପାଟଣା/ମ.ରାମପୁର/କର୍ଲାମୁଣ୍ଡା, ୫।୨(ସ୍ୱ.ପ୍ର./ଡି.ଏନ.ଏ.)**

- **ମାଓବାଦୀ ଲଗାଇଥିବା ପୋଷ୍ଟର ନିକଟରେ ଘଟିଲା ବିସ୍ଫୋରଣ**
- **ଖବର ସଂଗ୍ରହ ବେଳେ ପ୍ରାଣ ହରାଇଲେ**

ଖବର ସଂଗ୍ରହ ବେଳେ ଶନିବାର ପୂର୍ବାହ୍ନରେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିବାରୁ 'ଧରିତ୍ରୀ'ର ଖବରଦାତା ରୋହିତ ବିଶ୍ୱାଳ ପ୍ରାଣ ହରାଇଛନ୍ତି। ଘଟଣାଟି ଘଟିଛି କଳାହାଣ୍ଡି ଜିଲା ମ. ରାମପୁର ବ୍ଲକରେ। ଏହି ବ୍ଲକ ଅନ୍ତର୍ଗତ ମୋହନଗିରିରେ ୪୮ବର୍ଷୀୟ ରୋହିତ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁରେ ଧରିତ୍ରୀ ପରିବାର ଗଭୀର ମର୍ମାହତ ହୋଇଛି।

ମାଓବାଦୀମାନେ ମ.ରାମପୁର-ମୋହନଗିରି ରାସ୍ତାର ରାହୁଲ ନଦୀ ତୁଳାଘାଟ ବ୍ରିଜ ନିକଟରୁ ପ୍ରାୟ ୧୦ କିଲୋମିଟର ଯାଏ ପୋଷ୍ଟର, ବ୍ୟାନର ଲଗାଇଥିଲେ। ଏ ସମ୍ପର୍କିତ ଖବର ସଂଗ୍ରହ ନିମନ୍ତେ ରୋହିତ ନିଜ ବାଇକ୍ (ଓଆର୍୧୨ଏ-୯୫୬୬) ଯୋଗେ ସେଠାକୁ ଯାଇଥିଲେ। ଉମ୍ଦକର୍ଲାଖୁଣ୍ଟା ନିକଟ ତୁଳାଘାଟ ବ୍ରିଜ ପାଖରେ ସେ ଅଟକିଥିଲେ। ସେଠାରେ ଥିବା ଏକ ଗଛରେ ମାଓବାଦୀ ପୋଷ୍ଟର ଲାଗିଥିଲା। ଉକ୍ତ ପୋଷ୍ଟରରେ କ'ଣ ଲେଖାଯାଇଛି ତାହା ଜାଣିବାକୁ ସେ ଗଛ ନିକଟକୁ ଯିବାପରେ ହଠାତ୍ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ତାଙ୍କ ଗୋଡ଼, ହାତ, ପେଟ କ୍ଷତବିକ୍ଷତ ହୋଇଥିବା ବେଳେ ବାଇକ୍ ନଷ୍ଟ ହୋଇଯାଇଛି।

ଘଟଣା ପୂର୍ବାହ୍ନ ୧୧ଟାରୁ ୧୨ଟା ମଧ୍ୟରେ ଘଟିଥିବା ବେଳେ ଭୟରେ ସେହି ରାସ୍ତାରେ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ବନ୍ଦ ହୋଇଯାଇଥିଲା। ଅପରାହ୍ନ ୩ଟା ବେଳକୁ ସିଆର୍‌ପିଏଫ୍ ଯବାନ, ସନ୍ଧାନୀ କୁକୁର ସହ ମ. ରାମପୁର ଥାନା ପୋଲିସ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ☞ପୃଷ୍ଠା-୪



ରୋହିତ ବିଶ୍ୱାଳ

## ୧୩ ଲକ୍ଷ ଟଙ୍କାର ସହାୟତା ଘୋଷଣା

- **ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ**

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ କଳାହାଣ୍ଡି ଜିଲା ମଦନପୁର ରାମପୁରର ଖବରଦାତା ରୋହିତ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଉଥିବା ଉଲ୍ଲେଖ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

# ଭାରତ ଚାମ୍ପିୟନ

**୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ**

**ଆଣ୍ଟିଗୁଆ, ୫।୨**

ଆଇସିସି ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଭାରତ ଏହାର ଆଧିପତ୍ୟ ବଜାୟ ରଖିପାରିଛି। ୱେଷ୍ଟଇଣ୍ଡିଜର ଆଣ୍ଟିଗୁଆସ୍ଥିତ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ୨୦୨୨ ସଂସ୍କରଣର ଫାଇନାଲ ମ୍ୟାଚରେ ରାଜ ବାୱାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ଭାରତ ୪ ଉଇକେଟରେ ଇଂଲଣ୍ଡକୁ ହରାଇ ୫ମ ଥର ଟାଇଟଲ ହାସଲ କରିଛି। ବାୱା ୫ ଉଇକେଟ ଅକ୍ତିଆର କରିବା ସହ ୩୫ ରନ କରିଥିଲେ। ପ୍ରତିଯୋଗିତାର ୧୪ଟି ସଂସ୍କରଣ ମଧ୍ୟରୁ ଭାରତ ୮ଥର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)



ରାଜ ବାୱା

# ଲତା ମଙ୍ଗେସ୍‌କର ପୁଣି ଗୁରୁତର

**ନୂଆଦିଲ୍ଲୀ,୫।୨**

ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଭେଟେରାନ୍ ଗାୟିକା ଲତା ମଙ୍ଗେସ୍‌କରଙ୍କ ଅବସ୍ଥା ଗୁରୁତର ରହିଛି। ସେ ଏବେ ଆଇସିୟୁରେ ଭେଣ୍ଟିଲେଟରରେ ଚିକିତ୍ସିତ ହେଉଛନ୍ତି । ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଲତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେଣୁ କୌଣସି ଗୁଜବକୁ ବିଶ୍ୱାସ ନ କରିବା ପାଇଁ ଲତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ପ୍ରତୀତ ସାମଦାନୀ ଶନିବାର ସୂଚନା ଦେଇଛନ୍ତି। ଗତ ମାସରେ ୯୨ବର୍ଷୀୟା ଲତା କୋଭିଡ୍-୧୯ରେ ସଂକ୍ରମିତ ହେବା ପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ☞ପୃଷ୍ଠା-୪






# ୨୫ ବର୍ଷରେ ତରଳିଛି ୧୮୦ ଫୁଟ୍ ବରଫ

**ଏଭରେଷ୍ଟରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ**

- **ଭୟଙ୍କର ମରୁଡ଼ିକୁ ସାମ୍ନା କରିବେ ୨୦୦ କୋଟି ଲୋକ**

**ୱାଶିଂଟନ୍, ୫।୨**

ବିଶ୍ୱର ଉଚ୍ଚତମ ପର୍ବତ ଏଭରେଷ୍ଟରେ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବ ପଡ଼ିଛି। ଏଭରେଷ୍ଟ ଶିଖରରେ ହଜାର ହଜାର ବର୍ଷ ମଧ୍ୟରେ ଜମିଥିବା ବରଫ ଏବେ ତୀବ୍ରଗତିରେ ତରଳିବାରେ ଲାଗିଛି। ସାଇଣ୍ଟିଫିକ୍ ଜର୍ନାଲ 'ନେଚର'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ସାଉଥ୍ କୋଲ୍ ଗ୍ଲେସିୟର (ଏସ୍‌ସିଜି)ରେ ୨୦୦୦ ବର୍ଷ ସମୟ ନେଇ ଯେଉଁ ବରଫ ଜମିଥିଲା ତାହା ମାତ୍ର ୨୫ ବର୍ଷରେ ତରଳିଯାଇଛି। ଅର୍ଥାତ ପର୍ବତରେ ଗ୍ଲେସିୟର ଜମିବା ତୁଳନାରେ ୮୦ ଗୁଣା ଅଧିକ ବେଗରେ ନଷ୍ଟ ହେଉଛି। ଏପରି ଜାରି ରହିଲେ ଆସନ୍ତା ୨୫ ବର୍ଷ ମଧ୍ୟରେ ଏଭରେଷ୍ଟର ଗ୍ଲେସିୟର ସମ୍ପୂର୍ଣ୍ଣ ଭାବେ ତରଳି ଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଆଗାମୀ ଦିନରେ ପରିବେଶ ଉପରେ ଏହାର ଘାତକ ପ୍ରଭାବ ଦେଖିବାକୁ ମିଳିପାରେ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

ଗବେଷଣା ଅନୁଯାୟୀ, ଏଭରେଷ୍ଟରେ ପ୍ରାୟ ୫୫ ମିଟର (୧୮୦ ଫୁଟ)ର ଗ୍ଲେସିୟର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏହା ଜମିବାକୁ ପ୍ରାୟ ୨୦୦୦ ବର୍ଷ ଲାଗିଥିଲା। ୟୁନିଭର୍ସିଟି ଅଫ୍ ମେନ୍‌ର ବୈଜ୍ଞାନିକଙ୍କ ଆକଳନ ଅନୁସାରେ, ଆସନ୍ତା ୨୫ ବର୍ଷ ମଧ୍ୟରେ ଉକ୍ତ ଗ୍ଲେସିୟର ସମ୍ପୂର୍ଣ୍ଣ ଭାବେ ତରଳି ଯାଇପାରେ। ନ୍ୟାଶନାଲ ଜିଓଗ୍ରାଫିକ୍ ଏବଂ ରୋଲେକ୍ସ ପରପେଚୁଆଲ ପ୍ଲାନେଟ ଏଭରେଷ୍ଟ ଏକ୍ସପେଡିଶନ୍‌ର ଆଉ ଏକ ଅଧ୍ୟୟନ ଅନୁଯାୟୀ, ୧୮୦୦ ଦଶକ ମଧ୍ୟଭାଗରେ ଏହି ପର୍ବତ ଶିଖରରେ ଜମିଥିବା ବରଫ ନଷ୍ଟ ହେବା ଆରମ୍ଭ ହୋଇଥିଲା। ୧୯୫୦ ଦଶକ ବେଳକୁ ଗ୍ଲେସିୟର ତରଳିବା ବଢ଼ିଥିବାବେଳେ ୨୦୦୦ ଦଶକରେ ଏହାର ଗତି ତୀବ୍ର ହୋଇଥିଲା। ଅଧ୍ୟୟନ କରୁଥିବା ବୈଜ୍ଞାନିକ ଟିମ୍ ଜଳବାୟୁ ପରିବର୍ତ୍ତନର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି କି ନାହିଁ ସେ ଉପରେ ଗବେଷଣା କରିଥିଲେ। ପର୍ବତାରୋହୀ ଏବଂ ଅନୁସନ୍ଧାନକାରୀଙ୍କ ଏକ ଟିମ୍ ନେପାଳ ପାର୍ଶ୍ୱରେ ଥିବା ଏସ୍‌ସିଜିଠାରେ ୨୦୧୯ରେ ଏଭରେଷ୍ଟର ପ୍ରାୟ ୧୦୦୦ ମିଟର ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ପ୍ରସଙ୍ଗକୁ ଅଣଦେଖା**





**ପୁଣି ରାଜ୍ୟପାଳଙ୍କ ପାଖକୁ ଯିବ ଏନ୍ଇଇଟି ବିଲ୍**

ଏନ୍ଇଇଟି ପରୀକ୍ଷାରୁ ତାମିଲନାଡୁକୁ ବାଦ୍ ଦେବା ପାଇଁ ତାମିଲନାଡୁ ବିଧାନସଭାରେ ଗୃହୀତ ବିଲ୍କୁ ରାଜ୍ୟପାଳ ଆର୍.ଏନ୍. ରବି ଫେରାଇ ଦେବା ପରେ ଏହାକୁ ପୁଣିଥରେ ପଠାଇବା ପାଇଁ ନିଷ୍ପତ୍ତି ହୋଇଛି। ଶନିବାର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସି ବିଲ୍କୁ ପୁଣିଥରେ ରାଜ୍ୟପାଳଙ୍କ ପାଖକୁ ପଠାଇବା ନିମନ୍ତେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଏଥିପାଇଁ ଖୁବ୍ଶୀଘ୍ର ରାଜ୍ୟ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯିବ। ଅଧିବେଶନ ଆସନ୍ତା ୮ ତାରିଖରେ ବସିପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ୫ କୋଟି କୋର୍ବେଭାକ୍ସ ଡୋଜ୍ କିଣିବ କେନ୍ଦ୍ର




**ନୂଆଦିଲ୍ଲୀ,୫।୨(ପି.ଟି.):** କୋର୍ବେଭାକ୍ସ କୋଭିଡ୍ ଟିକାର ୫ କୋଟି ଡୋଜ୍ କିଣିବା ପାଇଁ କେନ୍ଦ୍ର ସରକାର ବାୟୋଲୋଜିକାଲ୍-ଇ କମ୍ପାନୀକୁ ପର୍ଚେଜ୍ ଅର୍ଡର ପଠାଇଛନ୍ତି। ଏହି ଟିକାର ଡୋଜ୍ ପ୍ରତି ଦର ଟିକସକୁ ବାଦ୍ ଦେଇ ୧୪୫ ଟଙ୍କା ରହିଛି। ତେବେ ଏହି ନୂଆ ଟିକା କେଉଁ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ, ତାହା ନିଷ୍ପତ୍ତି ହୋଇନାହିଁ। ପ୍ରିକଶନ ଡୋଜ୍ ଅଧିକ ଲୋକଙ୍କୁ ଦେବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଇମ୍ୟୁନାଇଜେଶନ ବିଭାଗ ଏବଂ ଟେକ୍ନିକାଲ ଗ୍ରୁପ୍ ମଧ୍ୟରେ ଆଲୋଚନା ହେଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏବେ ପ୍ରିକଶନ ଡୋଜ୍ ବା ବୁଷ୍ଟର ଡୋଜ୍ କେବଳ ସ୍ୱାସ୍ଥ୍ୟ କର୍ମଚାରୀ, ସମ୍ମୁଖ ଯୋଦ୍ଧା ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ତଥା ବହୁବିଧ ରୋଗ ଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏଚ୍ଏଲ୍ଏଲ୍ ଲାଇଫ୍କେୟାର ଲିମିଟେଡ ନାମକ ରାଷ୍ଟ୍ରାୟତ୍ତ କମ୍ପାନୀ ଜାନୁୟାରୀ ଶେଷ ଭାଗରେ ଟିକା ପାଇଁ ଅର୍ଡର ଇସ୍ୟୁ କରିଥିଲା। ଫେବୃୟାରୀ ସୁଦ୍ଧା ଏହି ଟିକା ମିଳିଯିବ ବୋଲି ଆଶା କରାଯାଉଛି। ଏଥିପାଇଁ ଗତବର୍ଷ ଜୁନ୍ରେ ଏଚ୍ଏଲ୍ଏଲ୍ ଲାଇଫ୍କେୟାର ଲିଃକୁ ଅଗ୍ରିମ ୧,୫୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା।

### ଯୋଗୀଙ୍କ ବିରୋଧରେ ଲଢ଼ିବେ ପୂର୍ବତନ ଶିକ୍ଷକ




**୨୬ ବର୍ଷ ହେଲା ଧାରଣାରେ ବସିଛନ୍ତି**

**ଲକ୍ଷ୍ନୌ,୫।୨:** ଜମି ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଦୀର୍ଘ ୨୬ ବର୍ଷ ହେଲା ମୁଜାଫରନଗରରେ ଧାରଣାରେ ବସିଥିବା ଉତ୍ତରପ୍ରଦେଶର ପୂର୍ବତନ ସ୍କୁଲ୍ ଶିକ୍ଷକ ତଥା ଦୁର୍ନୀତି ବିରୋଧୀ କର୍ମୀ ବିଜୟ୍ ସିଂ ଗୋରଖପୁର ଅର୍ବାନ ଆସନରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଏଥିସହିତ ସେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ବିରୋଧରେ ମଧ୍ୟ ପ୍ରଚାର କରିବେ ବୋଲି ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପଶ୍ଚିମ ଉତ୍ତରପ୍ରଦେଶରେ ହଜାର ହଜାର ଏକର ଜମିକୁ ମାଫିଆମାନେ କବ୍ଜା କରିଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଜୟ୍ ସିଂ ୧୯୯୬ରୁ ଧାରଣାରେ ବସିଛନ୍ତି। ସରକାର ଏ ପର୍ଯ୍ୟନ୍ତ ତାଙ୍କ କଥା ଶୁଣି ନ ଥିବାରୁ ସେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯୋଗୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶଙ୍କୁ ନିର୍ବାଚନରେ ଚ୍ୟାଲେଞ୍ଜ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ସେ ଗୋରଖପୁର ଅର୍ବାନ ଆସନରୁ ପ୍ରାର୍ଥିପତ୍ର ଦାଖଲ କରିବେ।

# ୟୁନିଫର୍ମ ପିନ୍ଧି ପାଠ ପଢ଼ିବାକୁ ଆସ

**ବେଙ୍ଗାଲୁରୁ,୫।୨**

କଲେଜରେ ହିଜାବ ବିବାଦ ପରେ ସଂହତି, ସଦ୍ଭାବନା ଓ ସାଧାରଣ ଶୃଙ୍ଖଳା ବ୍ୟାହତ କରୁଥିବା ପୋଷାକକୁ କର୍ନାଟକ ସରକାର ଶନିବାର ନିଷେଧ କରିଛନ୍ତି। ହିଜାବ ନିୟମ ବିରୋଧରେ ଉଡୁପି କଲେଜର ୫ ଛାତ୍ରୀଙ୍କ ଆବେଦନ ଉପରେ କର୍ନାଟକ ହାଇକୋର୍ଟ ମଙ୍ଗଳବାର ଶୁଣାଣି କରିବେ। ସୂଚନାଯୋଗ୍ୟ, ହିଜାବ ପିନ୍ଧିଥିବା ଛାତ୍ରୀଙ୍କୁ ଉଡୁପି ଏବଂ କୁନ୍ଦପୁରର ସରକାରୀ କଲେଜରେ ପ୍ରବେଶ ଅନୁମତି ନ ମିଳିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ମୁସଲମାନ ଛାତ୍ରୀମାନେ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ଡ୍ରେସ୍ କୋଡ୍କୁ ସମସ୍ତ ସରକାରୀ ସ୍କୁଲ୍ ମାନିବାକୁ ଶିକ୍ଷା ବିଭାଗ ଶନିବାର ନିର୍ଦ୍ଦେଶ ଦେଇଛି। ସେହିପରି ଘରୋଇ ଶିକ୍ଷାନୁଷ୍ଠାନରେ ଏହାର ପରିଚାଳନା କର୍ତ୍ତୃପକ୍ଷ ଧାର୍ଯ୍ୟ କରିଥିବା ପୋଷାକ ପିନ୍ଧିବାକୁ ହେବ। ଯେଉଁ ପୋଷାକ ସମାନତା, ସଂହତି ଓ ଶୃଙ୍ଖଳା ବ୍ୟାହତ କରୁଛି ତାହା ଶିକ୍ଷାନୁଷ୍ଠାନରେ ପିନ୍ଧିବା ନିଷେଧ ବୋଲି ସରକାର କହିଛନ୍ତି। କର୍ନାଟକରେ ହିଜାବ ବିବାଦକୁ ରାଜନୈତିକ ରଙ୍ଗ ଦିଆଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକର ଡ୍ରେସ୍କୋଡ୍ ନିୟମାବଳୀକୁ ଭାଜପା ଦୃଢ଼ ସମର୍ଥନ କରୁଥିବାବେଳେ ବିରୋଧୀ ଦଳ

**ହିଜାବ ବିବାଦକୁ ନେଇ କର୍ନାଟକ ସରକାରଙ୍କ ନିର୍ଦ୍ଦେଶ**



କର୍ନାଟକର କୁନ୍ଦପୁରସ୍ଥିତ ପି.ୟୁ. କଲେଜ ଗେଟ୍ ବାହାରେ ହିଜାବ ପିନ୍ଧିଥିବା ଛାତ୍ରୀମାନେ ଶ୍ରେଣୀଗୃହକୁ ଯିବାକୁ ଅପେକ୍ଷା କରିଛନ୍ତି।

କଂଗ୍ରେସ ମୁସଲମାନ ଛାତ୍ରୀଙ୍କୁ ସମର୍ଥନ ଜଣାଇଛି। କର୍ନାଟକ ଉପକୂଳବର୍ତ୍ତୀ ଅଞ୍ଚଳର ମୁସଲମାନ ଛାତ୍ରୀ ହିଜାବ ପିନ୍ଧି କଲେଜ ଆସିବାରୁ ସେମାନଙ୍କୁ ଶ୍ରେଣୀ ପ୍ରବେଶ ଲାଗି ଅନୁମତି ମିଳି ନ ଥିଲା। ସେମାନେ ଏହାର ପ୍ରତିବାଦ ଜଣାଇବା ପରେ ହିନ୍ଦୁ ଛାତ୍ରମାନେ ଗୈରିକ ଶାଲ୍ ପକାଇ କଲେଜ ଆସିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ମୁସଲମାନ ଛାତ୍ରୀ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ସେମାନଙ୍କ ଅଧିକାର ବୋଲି କହିଥିବାବେଳେ ଭାଜପା ଏବଂ ଆର୍ଏସ୍ଏସ୍ ସାମ୍ପ୍ରଦାୟିକ ସଦ୍ଭାବନା ନଷ୍ଟ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି। ଏଥିପାଇଁ ଉସୁକାଉଥିବା ଲୋକଙ୍କୁ ଗିରଫ କରିବା ଲାଗି ସେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଅନୁରୋଧ କରିଥିଲେ। ମୁସଲମାନ ଝିଅଙ୍କୁ ଶିକ୍ଷାରୁ ବଞ୍ଚିତ କରିବା ସଂଘ ପରିବାରର ମୁଖ୍ୟ ଏଜେଣ୍ଡା ବୋଲି ସିଦ୍ଦରମୈୟା ଅଭିଯୋଗ ଆଣିଥିଲେ।

**ହିଜାବ ବ୍ୟାନ୍ କରିଥିବା ଦେଶ**

ମୁସଲମାନ ମହିଳାମାନେ ମୁଣ୍ଡ ଘୋଡ଼ାଇବା ପାଇଁ ବ୍ୟବହାର କରୁଥିବା ବସ୍ତ୍ର (ହିଜାବ) ବିଭିନ୍ନ ଦେଶର ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ନିଷେଧ ହୋଇଛି। ଫ୍ରାନ୍ସରେ ପ୍ରଥମେ ଏହି ଧର୍ମୀୟ ପୋଷାକ ବନ୍ଦ ହୋଇଥିବାବେଳେ ଶେଷ ୟୁରୋପୀୟ ଦେଶ ଭାବେ ସୁଇଜରଲାଣ୍ଡ ଏହାକୁ ନିଷେଧ କରିଛି। ୨୦୧୧ରେ ବେଲଜିୟମ, ୨୦୧୬ରେ ବୁଲ୍ଗେରିଆ, ୨୦୧୭ରେ ଅଷ୍ଟ୍ରିଆ ଏବଂ ୨୦୧୮ରେ ଡେନ୍ମାର୍କ ମୁହଁ ଘୋଡ଼ାଉଥିବା ପୋଷାକକୁ ବେଆଇନ ଘୋଷଣା କରିଥିଲେ। ସେହିପରି ନେଦରଲାଣ୍ଡସ୍ ଓ ନରୱେରେ ଶିକ୍ଷାନୁଷ୍ଠାନ ଓ ନର୍ସରିରେ ପରଦା ବ୍ୟବସ୍ଥାକୁ ବ୍ୟାନ୍ କରାଯାଇଛି। ବ୍ରିଟେନ, ସୁଇଡେନ୍ରେ ଶିକ୍ଷାନୁଷ୍ଠାନ, ହସ୍ପିଟାଲରେ ହିଜାବ ନିଷେଧ ହୋଇଛି। ଜର୍ମାନୀରେ ସରକାରୀ କର୍ମଚାରୀ, ଅଧିକାରୀ, ବିଚାରପତି, ସୈନ୍ୟଙ୍କ କ୍ଷେତ୍ରରେ ମୁହଁ ଘୋଡ଼ାଇବାକୁ ବାରଣ କରାଯାଇଛି।

କେବଳ ୟୁରୋପୀୟ ଦେଶ ନୁହନ୍ତି, ମୁସଲମାନ ବହୁଳ କେତେକ ଦେଶ ମଧ୍ୟ ସରକାରୀ ସ୍କୁଲ୍, ବିଶ୍ୱବିଦ୍ୟାଳୟ କିମ୍ବା ସରକାରୀ ବିଲ୍ଡିଂରେ ବୁର୍ଖା ନିଷେଧ କରିଛନ୍ତି। ଏହି ଦେଶଗୁଡ଼ିକ ହେଲେ କୋସୋଭୋ, ଆଜରବୈଜାନ, ଟ୍ୟୁନିସିଆ, ତୁର୍କୀ। ସିରିଆ ଏବଂ ଇଜିପ୍ଟରେ ଯଥାକ୍ରମେ ୨୦୧୦ ଏବଂ ୨୦୧୫ରୁ ୟୁନିଭର୍ସିଟିରେ ବୁର୍ଖା ନିଷେଧ କରାଯାଇଛି। ସେହିପରି ଲେବାନନ୍, ମରକ୍କୋରେ ହିଜାବ ପିନ୍ଧୁଥିବା ମହିଳାଙ୍କ ପ୍ରତି ପକ୍ଷପାତ ହେଉଥିବା ଅଭିଯୋଗ ରହିଛି।

ଅନ୍ୟ ପକ୍ଷରେ ଶିକ୍ଷାନୁଷ୍ଠାନରେ ହିଜାବକୁ ସରକାର ଅନୁମତି ଦେବେ ନାହିଁ। ନିୟମ ଭାଙ୍ଗିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ନଳିନ କୁମାର କାଟିଲ କହିଛନ୍ତି। ରାଜ୍ୟରେ ତାଲିବାନ ଭଳି ସ୍ଥିତି ହେବାକୁ ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। କଲେଜ ଛାତ୍ରୀଙ୍କ ହିଜାବ ପରିଧାନକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମର୍ଥନ କରିଥିଲେ। ଶିକ୍ଷା ମାର୍ଗରେ ହିଜାବକୁ ପ୍ରତିବନ୍ଧକ ଭାବେ ଛିଡ଼ା କରାଇ ଝିଅମାନଙ୍କ ଭବିଷ୍ୟତକୁ ଅପହରଣ କରାଯାଉଥିବା ସେ ଅଭିଯୋଗ କରିଥିଲେ। ଦେବୀ ସରସ୍ୱତୀ ପାର୍ଥକ୍ୟ ଦେଖି ନ ଥାନ୍ତି, ସେ ସମସ୍ତଙ୍କୁ ଜ୍ଞାନ ଦେଇଥାନ୍ତି ବୋଲି ରାହୁଲ କହିଥିଲେ।

### ଆଫଗାନିସ୍ତାନରେ ଭୂକମ୍ପ ଦିଲ୍ଲୀ, ନୋଏଡ଼ା, କଶ୍ମୀରରେ ଝଟକା

**ନୂଆଦିଲ୍ଲୀ,୫।୨**

ଆଫଗାନସ୍ତାନରେ ଶନିବାର ସକାଳ ୯ଟା ୪୫ରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୫.୭ ରହିଥିବାବେଳେ କେନ୍ଦ୍ରସ୍ଥଳ ଆଫଗାନିସ୍ତାନ-ତାଜିକିସ୍ତାନ ସୀମାନ୍ତ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହାର ପ୍ରଭାବରେ ଜମ୍ମୁ-କଶ୍ମୀର, ଦିଲ୍ଲୀ, ନୋଏଡ଼ା ଓ ଆଖପାଖ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ନୋଏଡ଼ାରେ ୨୦ ସେକେଣ୍ଡ ଯାଏ ଭୂମି ଥରିଥିଲା ଏବଂ ଦିଲ୍ଲୀରେ ଝଟ୍କା ଅନୁଭୂତ ହୋଇଥିଲା ବୋଲି ଅନେକେ ଟୁଇଟ୍ କରିଛନ୍ତି। ଜମ୍ମୁ-କଶ୍ମୀରରେ ମଧ୍ୟମ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଫଳରେ ବଡ଼ଗାମ ଜିଲାରେ ଥିବା ପ୍ରସିଦ୍ଧ ସୁଫି ସନ୍ଥଙ୍କ ପୀଠର ଗମ୍ବୁଜ ଢଳିଯାଇଛି। ତେବେ ଉକ୍ତ ପୀଠର ମୁଖ୍ୟ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇ ନ ଥିବା ଶେଖ୍ ନୁରୁଦ୍ଦିନ ୱାଲି ପୀଠର ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି।

### ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର



**ନୂଆଦିଲ୍ଲୀ,୫।୨(ପି.ଟି.)**

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ଷୀୟାନ ଶିରୋମଣି ଅକାଳୀ ଦଳ ନେତା ପ୍ରକାଶ ସିଂ ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଶନିବାର ଗୁରୁତର ଅବନତି ଦେଖାଦେବାରୁ ତାଙ୍କୁ ଫୋର୍ଟିସ୍ ମୋହାଲି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ୯୪ ବର୍ଷୀୟ ବାଦଲ ନିକଟରେ ଲାମ୍ବି ଆସନରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନିର୍ବାଚନ ଲଢ଼ିବାରେ ସେ ଦେଶର ସର୍ବବରିଷ୍ଠ ପ୍ରାର୍ଥୀ। ଗତ ଜାନୁୟାରୀରେ ସେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ଲୁଧିଆନାର ଦୟାନନ୍ଦ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

## ସମ୍ପୃକ୍ତ ଥିଲେ ସରକାରୀ ଅଧିକାରୀ

**ସୁନା ଚୋରାଚାଲାଣ ମାମଲା**

**ଥିରୁଭାନନ୍ତପୁରମ, ୫।୨**

କେରଳର ବହୁଚର୍ଚ୍ଚିତ ସୁନା ଚୋରାଚାଲାଣ ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱପ୍ନା ସୁରେଶ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ରାଜ୍ୟର ପ୍ରମୁଖ ସରକାରୀ ଅଧିକାରୀ ତଥା ଶାସକ ଦଳ ନେତାଙ୍କ ସହ ତାଙ୍କର ବୃତ୍ତିଗତ ସମ୍ପର୍କ ଥିଲା ବୋଲି ସ୍ୱପ୍ନା କହିବା ପରେ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ସମସ୍ୟା ବଢ଼ିଛି। ଉଭୟ କଂଗ୍ରେସ ଏବଂ ଭାଜପା କେରଳର କମ୍ୟୁନିଷ୍ଟ ପାର୍ଟି ସରକାରଙ୍କୁ ଘେରିଛନ୍ତି। ସ୍ୱପ୍ନା କହିଛନ୍ତି, ସୁନା ଚୋରାଚାଲାଣ ମାମଲାରେ ୯୮ ଦିନ ଜେଲରେ ରହିଥିବା ପୂର୍ବତନ ମୁଖ୍ୟ ଶାସନ ସଚିବ ଏମ୍. ଶିବଶଙ୍କର ଘଟଣା ବାବଦରେ ସବୁ କିଛି ଜାଣିଥିଲେ। ଜାତୀୟ

**ସ୍ୱପ୍ନା ସୁରେଶଙ୍କ ସଙ୍ଗିନ ଅଭିଯୋଗ**



ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ) ଘଟଣାର ତଦନ୍ତ କରିବାରେ ଶିବଶଙ୍କରଙ୍କ ପ୍ରମୁଖ ଭୂମିକା ଥିଲା। ଏହାଦ୍ୱାରା ଶିବଶଙ୍କର ନିଜ ଛବି ଭଲ ରଖିବା ସହ ସ୍ୱପ୍ନାଙ୍କ ମୁହଁ ବନ୍ଦ ରଖିବାକୁ ଚେଷ୍ଟା କରିଥିଲେ। ତାଙ୍କଠାରେ ହିଁ ତଦନ୍ତ ଶେଷ ହେଉବୋଲି ଶିବଶଙ୍କର ଚାହୁଁଥିବା ସ୍ୱପ୍ନା କହିଛନ୍ତି। ବିରୋଧୀ କଂଗ୍ରେସ ନେତା ରମେଶ ଚେନ୍ନିଥାଲା କହିଛନ୍ତି, ସେ ଏହି ମାମଲାକୁ ସାମ୍ନାକୁ ଆଣିଥିଲେ ହେଁ ବିଜୟନଙ୍କ ସରକାର ତାଙ୍କୁ ବାରମ୍ବାର ଚୁପ୍ କରାଇଥିଲେ। ଏବେ ସ୍ୱପ୍ନା ସୁରେଶଙ୍କ ଏହି ମନ୍ତବ୍ୟ ପରେ ମାମଲାର ପୁନଃ ତଦନ୍ତ କରାଯାଉ ବୋଲି ରମେଶ ଦାବି କରିଛନ୍ତି। ସ୍ୱପ୍ନା ସୁରେଶ ୟୁଏଇ କନ୍ସୁଲେଟର ଜଣେ ପୂର୍ବତନ କର୍ମଚାରୀ। ତାଙ୍କ ନାମ ସୁନା ଚୋରାଚାଲାଣ ମାମଲାରେ ସାମ୍ନାକୁ ଆସିବା ପରେ କେରଳ ରାଜନୀତିରେ ହଇଚଇ ସୃଷ୍ଟି ହୋଇଥିଲା। ଏନ୍ଆଇଏ ସ୍ୱପ୍ନାଙ୍କୁ ୨୦୨୦ ଜୁଲାଇରେ ଗିରଫ କରିଥିଲା। ୧୬ ମାସ ଜେଲରେ ରହିବା ପରେ କେରଳ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିଲେ।

## ଟ୍ରାଫିକ୍ ଜାମ୍ ଯୋଗୁ ଛାଡ଼ପତ୍ର ବଢ଼ୁଛି



**ଚର୍ଚ୍ଚାରେ ଫଡ୍ନବିସ୍ଙ୍କ ସ୍ତ୍ରୀଙ୍କ ମନ୍ତବ୍ୟ**

**ମୁମ୍ବାଇ, ୫।୨**

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ଦେବେନ୍ଦ୍ର ଫଡନବିସ୍ଙ୍କ ସ୍ତ୍ରୀ ଅମୃତା ଫଡନବିସ୍ଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ମୁମ୍ବାଇରେ ଟ୍ରାଫିକ୍ ସମସ୍ୟା ଯୋଗୁ ଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ହେଉଛି। ଏଠାରେ ମୋଟ ଛାଡ଼ପତ୍ର ମାମଲାର ୩ ପ୍ରତିଶତ ରାସ୍ତାରେ ଟ୍ରାଫିକ୍ ଭିଡ଼ ଯୋଗୁ ହେଉଥିବା ସେ କହିବା ପରେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରାଯାଇଛି। ଅମୃତା କହିଛନ୍ତି, ସେ ଯାତ୍ରା କଲାବେଳେ ଟ୍ରାଫିକ୍ ଜାମ୍ ଯୋଗୁ ଅନେକ ସମୟରେ ଅସୁବିଧାରେ ପଡ଼ୁଛନ୍ତି। ଏଥିଯୋଗୁ ଲୋକେ ତାଙ୍କ ପରିବାରକୁ ସମୟ ଦେଇପାରୁନାହାନ୍ତି। ଅମୃତା ମହାରାଷ୍ଟ୍ରର ମହା ବିକାଶ ଅଗାଡ଼ି ସରକାରକୁ ମଧ୍ୟ ଟାର୍ଗେଟ କରିଛନ୍ତି। ଅମୃତାଙ୍କ ଏହି ମନ୍ତବ୍ୟ ଉପରେ ଶାସକ ଶିବସେନା ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ ଟୁଇଟ୍ କରିଛନ୍ତି। ଅମୃତାଙ୍କ ଏହି ମନ୍ତବ୍ୟ ତର୍କବିହୀନ ବୋଲି ପ୍ରିୟଙ୍କା କହିଛନ୍ତି।



ଗାଡ଼ିମୋଟର ନିୟନ୍ତ୍ରଣ ପାଇଁ ଏହା ଉପରେ ନଜର ରଖିବା ନିମନ୍ତେ ଭୋପାଳର ଟ୍ରାଫିକ୍ ପୋଲିସ ଶନିବାର ଡ୍ରୋନ୍ ବ୍ୟବହାର କରୁଛି।

## ଉଚ୍ଛେଦ ହେବ ଅଧିକାଂଶ ଆସନ

**ନୂଆଦିଲ୍ଲୀ,୫।୨(ପି.ଟି.)**

ଜମ୍ମୁ-କଶ୍ମୀରର ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମାରେ ବ୍ୟାପକ ପରିବର୍ତ୍ତନ ଲାଗି ସୀମା ନିର୍ଦ୍ଧାରଣ କମିଶନ ପ୍ରସ୍ତାବ ଦେଇଛନ୍ତି। କମିଶନ ପ୍ରସ୍ତୁତ କରିଥିବା ଚିଠା ରିପୋର୍ଟ ଉପରେ ମତାମତ ପାଇଁ ଏହାକୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ୫ ଆସୋସିଏଟ୍ ମେମ୍ବରଙ୍କୁ ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ ଅନନ୍ତନାଗ ସଂସଦୀୟ କ୍ଷେତ୍ରରେ ଜମ୍ମୁ ଅଞ୍ଚଳର ରାଜୌରି ଏବଂ ପୁଞ୍ଚକୁ ସାମିଲ କରାଯିବ। କଶ୍ମୀର ଡିଭିଜନ୍ରେ ଥିବା ନିର୍ବାଚନ ମଣ୍ଡଳୀଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ କରାଯିବ। ଜମ୍ମୁ-କଶ୍ମୀର ରାଜ୍ୟ ବିଧାନସଭାର ଅଧିକାଂଶ ଆସନ ଉଚ୍ଛେଦ ହେବ। ଶ୍ରୀନଗରର ଖାନ୍ୟାର, ସୋନୱର ଏବଂ ହଜରତବଲ୍ ବିଧାନସଭା ଆସନକୁ

**ସୀମା ନିର୍ଦ୍ଧାରଣ କମିଶନଙ୍କ ଚିଠା ରିପୋର୍ଟରେ ପ୍ରସ୍ତାବ**




ବାଦ୍ ଦେଲେ ଅନ୍ୟ ଆସନଗୁଡ଼ିକର ସୀମା ବଦଳିବା ସହ କେତେକ ନୂଆ ଆସନରେ ମିଶିଯିବ। ସେହିପରି ଚନ୍ନାପୋରା ଏବଂ ଶ୍ରୀନଗର ଦକ୍ଷିଣ ନୂଆ ନିର୍ବାଚନ ମଣ୍ଡଳୀ ହେବ ବୋଲି ଚିଠା ରିପୋର୍ଟରେ ପ୍ରସ୍ତାବ ରହିଛି। ସେହିପରି ବଡ଼ଗାମ ଜିଲାର ୫ ବିଧାନସଭା ଆସନର ସୀମା ନିର୍ଦ୍ଧାରଣ ହେବା ସହ ବାରମୁଲ୍ଲା ସଂସଦୀୟ କ୍ଷେତ୍ରରେ ମିଶ୍ରଣ ହେବ। ଉତ୍ତର କଶ୍ମୀରର ସାଙ୍ଗ୍ରାମା ଆସନକୁ ଅନ୍ୟ ନିର୍ବାଚନ ମଣ୍ଡଳୀରେ ମିଶାଇ ଦିଆଯାଇଛି। ପୁଲ୍ୱାମା, ତ୍ରାଲ ଏବଂ ଶୋପିଆନ୍ର କେତେକ ଅଞ୍ଚଳ ଅନନ୍ତନାଗ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ହୋଇଥିବାବେଳେ ଏବେ ତାହା ଶ୍ରୀନଗର ଅନ୍ତର୍ଭୁକ୍ତ ହେବାକୁ ଯାଉଛି। ଏହି ଚିଠା ରିପୋର୍ଟକୁ ଆସୋସିଏଟ୍ ସଦସ୍ୟ ଫାରୁକ୍ ଅବଦୁଲ୍ଲା, ହାସନୈନ ମାସୁଦି, ଆକବର ଲୋନ୍, ଜିତେନ୍ଦ୍ର ସିଂ ଏବଂ ଯୁଗଳ କିଶୋରଙ୍କ ପାଖକୁ ପଠାଯାଇଛି। ସେମାନଙ୍କୁ ଫେବୃୟାରୀ ୧୪ ସୁଦ୍ଧା ମତାମତ ଦାଖଲ କରିବାକୁ କୁହାଯାଇଛି। ଏହା ପରେ ଉକ୍ତ ରିପୋର୍ଟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯିବ।

## 'କୋଭିଡ୍ ବେଳେ ଚାଷୀଙ୍କୁ ରାସ୍ତାରେ ଛାଡ଼ିଥିଲେ ମୋଦି'

**କିଚ୍ଛା (ଉତ୍ତରାଖଣ୍ଡ),୫।୨ (ପି.ଟି.)**

କୋଭିଡ୍ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ହଜାର ହଜାର ଚାଷୀଙ୍କୁ ବର୍ଷେରୁ ଊର୍ଦ୍ଧ୍ୱ କାଳ ରାସ୍ତାରେ ଛାଡ଼ିଥିଲେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଭାରତରେ ଏବେ ପ୍ରଧାନମନ୍ତ୍ରୀ ନୁହନ୍ତି, ଜଣେ ରାଜା ରହିଛନ୍ତି। ତାଙ୍କ ନିଷ୍ପତ୍ତିକୁ ଜନସାଧାରଣ ନୀରବରେ ଗ୍ରହଣ କରିନେବେ ବୋଲି ସେ ବିଶ୍ୱାସ କରୁଥିବା ରାହୁଲ କହିଛନ୍ତି। ଉତ୍ତରାଖଣ୍ଡରେ ଏକ ରାଲିକୁ ସମ୍ବୋଧିତ କରି ସେ କହିଥିଲେ, କଂଗ୍ରେସ ଏଭଳି ସରକାର ଦେବାକୁ ଚାହୁଁଛି, ଯାହା କୃଷକ, ଯୁବବର୍ଗ ଓ ଗରିବଙ୍କ ସହ ମିଶି କାର୍ଯ୍ୟ କରିବ। ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାର ସମୟରେ ଚାଷୀମାନଙ୍କ ଅନୁରୋଧ କ୍ରମେ ୧୦ ଦିନ ମଧ୍ୟରେ ୭୦ ହଜାର କୋଟି ଟଙ୍କାର କୃଷିଋଣ ଛାଡ଼ କରାଯାଇଥିଲା। କଂଗ୍ରେସ ଚାଷୀମାନଙ୍କ ପାଇଁ କଦାପି ଦ୍ୱାର ବନ୍ଦ କରିନାହିଁ। ଦେଶରେ ସମ୍ପତ୍ତି ପାର୍ଥକ୍ୟକୁ ନେଇ କଂଗ୍ରେସ ନେତା ଦୁଇଟି ଭାରତ କଥା ଦୋହରାଇଛନ୍ତି। ଗୋଟିଏ ଭାରତରେ ଧନୀ ଶିଳ୍ପପତି, ପଞ୍ଚତାରକା ହୋଟେଲ ଏବଂ ମର୍ସିଡିସ୍ କାର ଥିବାବେଳେ ଅନ୍ୟ ଭାରତରେ ଗରିବ, ବେରୋଜଗାରୀ ଓ ମୁଦ୍ରାସ୍ଫୀତି ବଢ଼ିଚାଲିଛି ବୋଲି ସେ କହିଛନ୍ତି।



ରାହୁଲ ଗାନ୍ଧୀ

## 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି' ଲୋକାର୍ପିତ

**ହାଇଦ୍ରାବାଦ,୫।୨**

- ପଞ୍ଚଧାତୁରେ ନିର୍ମିତ ୨୧୬ ଫୁଟ୍ର ରାମାନୁଜାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି
- ଏହା ସନ୍ଥଙ୍କ ଅଗାଧ ଜ୍ଞାନ, ବୈରାଗ୍ୟ ଏବଂ ଆଦର୍ଶର ପ୍ରତୀକ: ମୋଦି
- ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ଆସିଲେନି କେସିଆର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ହାଇଦ୍ରାବାଦ ଉପକଣ୍ଠରେ ଏକାଦଶ ଶତାବ୍ଦୀର ହିନ୍ଦୁ ସନ୍ଥ ରାମାନୁଜାଚାର୍ଯ୍ୟଙ୍କୁ ସମ୍ମାନ ସ୍ୱରୂପ ୨୧୬ ଫୁଟ ଉଚ୍ଚର 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି'କୁ ଉଦ୍ଘାଟନ କରିଛନ୍ତି। ରାମାନୁଜାଚାର୍ଯ୍ୟଜୀଙ୍କ ଏହି ପ୍ରତିମୂର୍ତ୍ତି ତାଙ୍କ ଅଗାଧ ଜ୍ଞାନ, ବୈରାଗ୍ୟ ଏବଂ ଆଦର୍ଶର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସନ୍ଥ ଜାତି, ଧର୍ମ, ଗୋଷ୍ଠୀ ନିର୍ବିଶେଷରେ ସମାନତା ଚିନ୍ତାଧାରାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ। ତେଣୁ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୁନା, ରୁପା, ତମ୍ବା, ପିତଳ ଓ ଦସ୍ତାର ମିଶ୍ରଣରେ ଏହି ପ୍ରତିମୂର୍ତ୍ତି ନିର୍ମାଣ ହୋଇଛି। ବସିଥିବା ଅବସ୍ଥାରେ ଏହା ବିଶ୍ୱର ଅନ୍ୟତମ ସର୍ବୋଚ୍ଚ ଧାତବ ପ୍ରତିମୂର୍ତ୍ତି। ୫୪ ଫୁଟ୍ ଉଚ୍ଚବିଶିଷ୍ଟ 'ଭଦ୍ରା ବେଦୀ' ବିଲ୍ଡିଂ ଉପରେ ଏହି ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ଉକ୍ତ ବିଲ୍ଡିଂର ବିଭିନ୍ନ ମହଲାରେ ବୈଦିକ ଡିଜିଟାଲ ଲାଇବ୍ରେରି, ଗବେଷଣା କେନ୍ଦ୍ର, ପ୍ରାଚୀନ ଭାରତୀୟ ଗ୍ରନ୍ଥ, ଥିଏଟର, ଶିକ୍ଷା ଗ୍ୟାଲେରି ରହିଛି, ଯେଉଁଥିରେ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ରହିଛି। ପ୍ରତିମୂର୍ତ୍ତି ଉଦ୍ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଏହାର ଚତୁଃପାର୍ଶ୍ୱରେ ଥିବା ୧୦୮ ଦିବ୍ୟ ଦେଶମ୍ ପରିଦର୍ଶନ କରିଥିଲେ। ତେବେ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ଯାଇଥିବା ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଲାଗି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ହାଇଦ୍ରାବାଦ ବିମାନବନ୍ଦରକୁ ଆସି ନ ଥିଲେ। ପ୍ରୋଟୋକଲ ଉଲ୍ଲଂଘନ କରିଥିବା କେସିଆର୍ଙ୍କୁ ତେଲଙ୍ଗାନା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ନିୟମିତ ଭାବେ ସମ୍ବିଧାନକୁ ଅପମାନିତ କରୁଥିବା ଭାଜପା କହିଛି।



ହାଇଦ୍ରାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟିକୁ ଉଦ୍ଘାଟନ କରୁଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୯,୬୬,୨୮,୩୪୮ | ୫୭,୪୭,୫୧୬ | ୩୧,୧୨,୮୩,୪୬୪ |
| ଭାରତ | ୪,୨୦,୮୦,୬୬୪ | ୫,୦୧,୧୪୩ | ୪,୦୨,୪୭,୯୦୨ |
| ଓଡ଼ିଶା | ୧୨,୬୪,୭୦୫ | ୮୭୧୧(+୫୩) | ୧୨,୩୪,୩୫୨ |

ଶନିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୁଣି ଫେରିଲା ଶୀତ

ଭୁବନେଶ୍ୱର, ୫।୨(ବ୍ୟୁରୋ): ରାଜ୍ୟକୁ ପୁଣି ଶୀତ ଲହରି ଫେରିଛି। ଦୁଇଦିନ ଧରି ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିଲା। ଶନିବାର ବର୍ଷା ନ ଥିଲେ ମଧ ଦିନରେ ଖରା ସହ ଶୀତୁଆ ପବନ ଲାଗି ରହିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ୨ରୁ ୩ ଦିନ ମଧରେ ରାତ୍ରି ତାପମାତ୍ରା ୩ ରୁ ୫ଡିଗ୍ରୀ ଯାଏ ତଳକୁ ଖସିବାର ସମ୍ଭାବନା ରହିଛି। ସେହିଭଳି ଆଗାମୀ ଦୁଇଦିନ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ହାଲୁକାରୁ ମଧମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝର ଜିଲାକୁ ଶୀତ ଲହରି ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ରବିବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, ପୁରୀ ଓ ଗଜପତିରେ ଘନ କୁହୁଡ଼ି ହେବ।

### କୋଟିଆରେ ପୁଣି ଜମିପଟ୍ଟା ବାଣ୍ଟିଲା ଆନ୍ଧ୍ର



ପଟ୍ଟାଙ୍ଗୀ,୫।୨(ଡି.ଏନ.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କୋରାପୁଟ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜନୈତିକ ଦଳଗୁଡିକ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ ଆନ୍ଧ୍ର ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରି ଶନିବାର ଜମିପଟ୍ଟା ବଣ୍ଟନ କରିଛି। ପଞ୍ଚାୟତର ଧୂଳିପଦର ଗ୍ରାମରେ ଏକ ବୈଠକ କରି ତଲଗଞ୍ଜେଇ ପଦର ଗ୍ରାମର ଦାୟିତ୍ୱରେ ଥିବା ଭିଆରଓ ସରୋଜିନୀଙ୍କ ନେତୃତ୍ୱରେ ୪୫୨ ଜଣଙ୍କୁ ଜମିପଟ୍ଟାର ପାସବୁକ୍ ପ୍ରଦାନ କରିଛି। ପୂର୍ବତନ ସରପଞ୍ଚ ବିଶୁ ଗେମେଲଙ୍କ ସମେତ ଆନ୍ଧ୍ରକୁ ସହଯୋଗ କରୁଥିବା ଅନ୍ୟମାନେ ଏହି ସମୟରେ ଉପସ୍ଥିତ ଥିଲେ। ଆଗାମୀ ଦିନରେ କୋଟିଆ ପଞ୍ଚାୟତର ୫୩୧ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରିବାକୁ ଆନ୍ଧ୍ର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।

# ସୁଯୋଗ ପର୍ଯ୍ୟାପ୍ତ, ଉତ୍ପାଦନ ଦୁର୍ବଳ

ଭୁବନେଶ୍ୱର,୫।୨(ବ୍ୟୁରୋ)

**ସୌରଶକ୍ତି**
- ଓରେଡା, ଜେଡ୍‌କଲ ଉଦାସୀନତା
- ବାଲେଶ୍ୱରରେ ହେବ ୧ ହଜାର ମେଗାୱାଟ ପ୍ରକଳ୍ପ



ଦିନକୁ ଦିନ ଶକ୍ତି ଚାହିଦା ବଢ଼ିବାରେ ଲାଗିଛି। ତାପଜ ଓ ଜଳବିଦ୍ୟୁତ୍ ଭଳି ପାରମ୍ପରିକ ଶକ୍ତି ଉତ୍ସଗୁଡ଼ିକ ଉପରେ ଚାପ ବୃଦ୍ଧି ହେବା ସହ ଉତ୍ପାଦନ ଖର୍ଚ୍ଚ ବଢ଼ିଚାଲିଛି। ବିକଳ୍ପ ଭାବେ କ୍ଷୁଦ୍ର ଜଳବିଦ୍ୟୁତ୍ ଶକ୍ତି, ସୌର, ପବନ, ବାୟୋଗ୍ୟାସ ଭଳି ଅଣପାରମ୍ପରିକ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶାରେ ମଧ ଏଭଳି ଶକ୍ତି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେବେ ବିଭାଗୀୟ ଉଦାସୀନତା ଯୋଗୁ ଶକ୍ତି ଉତ୍ପାଦନ ବାଟବଣା ହୋଇଛି। ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ଏବଂ ସବୁଜ ଶକ୍ତି ନିଗମ(ଜେଡ୍‌କଲ)ର ଉଦାସୀନତା ଯୋଗୁ ରାଜ୍ୟରେ ଅଣପାରମ୍ପରିକ ଶକ୍ତିର ବିକାଶ ଆଖିଦୃଶିଆ ହୋଇପାରୁ ନାହିଁ। କେବଳ ସେତିକି ନୁହେଁ, ପ୍ରକଳ୍ପ ପାଇଁ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ଏବଂ ଜମି ଯୋଗାଡ଼ କରିବାରେ ଅକ୍ଷମତା ଯୋଗୁ କେନ୍ଦ୍ରୀୟ ସହାୟତା ମଧ ହରାଇବାକୁ ପଡ଼ିଛି। ଦୀର୍ଘ ବର୍ଷ ଧରି ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁ ନାହିଁ। ଓଡ଼ିଶାରେ ଅଣପାରମ୍ପରିକ ଶକ୍ତି ବିକାଶ ପାଇଁ ରାଜ୍ୟ ସରକାର ଅକ୍ଷୟ ଶକ୍ତି ନୀତି-୨୦୧୬ କାର୍ଯ୍ୟକାରୀ କରିଥିଲେ। ରାଜ୍ୟରେ ୨୭,୭୨୭ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ସମ୍ଭାବନା ରହିଛି। ସେଥିରୁ ସୌରଶକ୍ତି ୨୫.୭୮୦, ପବନ ୧୩୮୪, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ(ଏସ୍‌ଏଚ୍‌ଇପି) ୨୯୫, ବାୟୋମାସ ୨୪୬ ଏବଂ ବର୍ଜ୍ୟବସ୍ତୁରୁ ଶକ୍ତି(ଡବ୍ଲ୍ୟୁଟିଇ) ୨୨ ମେଗାୱାଟ ଉତ୍ପାଦନ ଆକଳନ କରାଯାଇଛି। ଅକ୍ଷୟ ଶକ୍ତି ନୀତି ଅନୁଯାୟୀ ୨୦୨୨ ସୁଦ୍ଧା ୨୭୫୦ ମେଗାୱାଟ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ମାତ୍ର ବିଡ଼ମ୍ବନାର ବିଷୟ ୨୦୧୯ ସୁଦ୍ଧା ମାତ୍ର ୧୯୫ ମେଗାୱାଟ ଉତ୍ପାଦନ ହୋଇଛି। ଅର୍ଥାତ୍ ଲକ୍ଷ୍ୟର ମାତ୍ର ୭.୦୯ ପ୍ରତିଶତ ଉତ୍ପାଦନ ହୋଇପାରିଛି। ଅନ୍ୟପକ୍ଷରେ ୨୦୧୪ରେ ଦେଶରେ ସୌରଶକ୍ତି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାର ସୋଲାର ପାର୍କ ଓ ଅଲଟ୍ରା ସୋଲାର ପାୱାର ପ୍ରକଳ୍ପ ଆରମ୍ଭ କରିଥିଲେ। ରାଜ୍ୟରେ ଏହି ପ୍ରକଳ୍ପ ସ୍ଥାପନ କରି ରାଜ୍ୟ ସରକାର ଘରୋଇ ସଂସ୍ଥା ଜରିଆରେ ୫୦୦ ମେଗାୱାଟ ସୌରଶକ୍ତି ଉତ୍ପାଦନ କରିଥାଆନ୍ତେ। କେନ୍ଦ୍ର ସରକାର ଏଥିପାଇଁ ପ୍ରତି ମେଗାୱାଟକୁ ୨୦ଲକ୍ଷ ଅର୍ଥାତ୍ ପ୍ରକଳ୍ପ ପାଇଁ ୩୦ ପ୍ରତିଶତ ଟଙ୍କା ପ୍ରଦାନ କରିଥାଆନ୍ତେ। ଅନୁମୋଦନ ହେବାର ୧୮ ମାସ ମଧରେ ପ୍ରକଳ୍ପ ଆରମ୍ଭ କରିବା କଥା। କେନ୍ଦ୍ର ସରକାର ୨୦୧୫ରେ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ୨୦୧୮ରେ ଜେଡ୍‌କଲ ୨୭୫ ମେଗାୱାଟ ସୌରଶକ୍ତି ପ୍ରକଳ୍ପ ପାଇଁ ରିପୋର୍ଟ ପ୍ରସ୍ତୁତ କରିଥିଲେ। ୩୫ ମାସ ପରେ ମଧ ଏହି ପ୍ରକଳ୍ପ ପାଇଁ ଜମି ଯୋଗାଡ଼ କରିପାରି ନ ଥିଲା। ଫଳରେ ରାଜ୍ୟରେ ଏହି ପ୍ରକଳ୍ପ ହୋଇପାରି ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କେବଳ ସେତିକି ନୁହେଁ, ଗ୍ରୀଡ୍ ସଂଯୁକ୍ତ ଅକ୍ଷୟ ଶକ୍ତି ପ୍ରୋତ୍ସାହନ ପାଇଁ ୨୦୧୫ରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ୩୮.୧୦ କୋଟି ଟଙ୍କା ପ୍ରଦାନ କରିଥିଲେ। ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ (ଓପିଟିସିଏଲ୍) ଏବଂ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ (ଓଏଚ୍‌ପିସି)ର ୭ଟି ଗ୍ରୀଡ୍ ସବ୍‌ଷ୍ଟେଶନ ଓ ଶକ୍ତି ଉତ୍ପାଦନ ସ୍ଥାନରେ ୧୬.୪ ମେଗାୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରକଳ୍ପର ଟେଣ୍ଡର କାର୍ଯ୍ୟ ଜେଡ୍‌କଲ ଉପରେ ନ୍ୟସ୍ତ କରାଯାଇଥିଲା। ତେବେ ଜେଡ୍‌କଲ ସୌର ପ୍ରକଳ୍ପ ସ୍ଥାପନ ପାଇଁ କୌଣସି ପଦକ୍ଷେପ ନ ନେବାରୁ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଗତ ୩ ବର୍ଷ ଧରି ଉକ୍ତ ଅର୍ଥ ବିନିଯୋଗ ନ ହୋଇ ପଡ଼ିରହିଛି। କେବଳ ସୌରଶକ୍ତି ନୁହେଁ, ପବନ, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ବାୟୋମାସ୍ ପ୍ରକଳ୍ପ ମଧ ଅନ୍ଧକାର ଭିତରକୁ ଚାଲିଯାଇଛି। ୨୦୨୨ ସୁଦ୍ଧା ରାଜ୍ୟରେ ପବନ ଶକ୍ତିରୁ ୨୦୦ ମେଗାୱାଟ, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ୧୫୦ ଏବଂ ବାୟୋମାସ୍‌ରୁ ୧୬୦ ମେଗାୱାଟ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଓରେଡା ଏବଂ ଶକ୍ତି ବିଭାଗର ଉଦାସୀନତା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ରାଜ୍ୟ ସରକାର ଅକ୍ଷୟ ଶକ୍ତି ପ୍ରକଳ୍ପର ସମୀକ୍ଷା କରିବା ପାଇଁ ୨୦୧୭ ଜାନୁୟାରୀରେ ଅକ୍ଷୟ ଶକ୍ତି କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲେ। ସେହି କମିଟି ଗଠନ ହେବା ପରଠାରୁ ଥରୁଟିଏ ମଧ ବସି ନାହିଁ। ଜେଡ୍‌କଲର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ ବୌଦ୍ଧ ଜିଲାର ମନମୁଣ୍ଡାଠାରେ ୨୦ ମେଗାୱାଟ ସୌର ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱର ଜିଲାର ବାହାନଗା ଏବଂ ଭୋଗରାଇଠାରେ ୧ ହଜାର ମେଗାୱାଟ ସୌରଶକ୍ତି ପ୍ରକଳ୍ପ ପାଇଁ ୪ ହଜାର ଏକର ଜାଗା ଚିହ୍ନଟ ହୋଇଥିବାବେଳେ ରାଜ୍ୟର ଅନ୍ୟ ଜିଲାରେ ସୌର ପ୍ରକଳ୍ପ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏହାଛଡ଼ା ରାଜ୍ୟର ବିଭିନ୍ନ ସହରାଞ୍ଚଳ ଛାତ ଉପରେ ୧୦ ମେଗାୱାଟ ସୌରଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି।

# ଓଡ଼ିଆ ଯୁବକଙ୍କୁ ମୁକ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୫।୨

- ୨୦୦୧ର ହତ୍ୟା ମାମଲା: ଆଜୀବନ ଜେଲ୍ ଦଣ୍ଡାଦେଶ ପାଇଛନ୍ତି

୨୦୦୧ର ଏକ ହତ୍ୟା ମାମଲାରେ ଆଜୀବନ ଜେଲ୍ ଦଣ୍ଡାଦେଶ ପାଇଥିବା ଭଦ୍ରକ ଜିଲାର ସାଗର ବେହେରାଙ୍କୁ ମୁକ୍ତ କରିଦେବା ଲାଗି ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧ ଘଟିବା ସମୟରେ ଅଭିଯୁକ୍ତ ନାବାଳକ ଥିବା ଦର୍ଶାଇ ଦଣ୍ଡ କୋହଳ କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ତଳକୋର୍ଟ ଦ୍ୱାରା ଉପଯୁକ୍ତ ନିୟମ ଓ ସର୍ତ୍ତାବଳୀ ଆଧାରରେ ଦିଆଯାଇଥିବା ଦଣ୍ଡାଦେଶକୁ ସ୍ଥଗିତ ରଖି ସାଗରଙ୍କୁ ମୁକ୍ତ କରିଦେବା ଲାଗି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତାଙ୍କ କ୍ଷମା ଅନୁରୋଧ ଉପରେ ଦୁଇ ମାସ ମଧରେ ନିଷ୍ପତ୍ତି ନେବା ଲାଗି ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାରଙ୍କୁ କହିଛନ୍ତି। ଆବେଦନକାରୀ ୨୦ ବର୍ଷରୁ ଊର୍ଦ୍ଧ୍ୱ ଜେଲ୍‌ଦଣ୍ଡ ଭୋଗିସାରିଲେଣି। ତାଙ୍କ ଆଚରଣକୁ ବିଚାରକୁ ନେଇ ଜେଲ୍ କର୍ତ୍ତୃପକ୍ଷ ଦଣ୍ଡରୁ କ୍ଷମା ଦେବା ସମ୍ପର୍କରେ ସୁପାରିସ କରିବାକୁ ଅଦାଲତ କହିଛନ୍ତି। ଅପରାଧ ସମୟରେ ସାଗର ନାବାଳକ ଥିଲେ। ଏହାର ପ୍ରମାଣ ସ୍ୱରୂପ ଭଦ୍ରକ ଜିଲା ଗୋପୀନାଥପୁରର ଗୋପୀନାଥଜୀଉ ନୋଡାଲ ୟୁପି ସ୍କୁଲ୍ ପ୍ରଧାନଶିକ୍ଷକ ୨୦୨୧ ଫେବୃୟାରୀ ୧୯ରେ ଇସ୍ୟୁ କରିଥିବା ସାର୍ଟିଫିକେଟକୁ ସେ କୋର୍ଟରେ ଦାଖଲ କରିଥିଲେ। ସ୍କୁଲ୍‌ର ମୂଳ ରେକର୍ଡ ଯାଞ୍ଚ କରିବା ସହ ପ୍ରଧାନଶିକ୍ଷକଙ୍କ ବୟାନ ରେକର୍ଡ କରିବା ଲାଗି ସର୍ବୋଚ୍ଚ ଅଦାଲତ ଭଦ୍ରକର ସେସନ୍ସ ଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାନ୍ସଫର ସାର୍ଟିଫିକେଟ ଏବଂ ସ୍କୁଲ ରେକର୍ଡ ଅନୁଧ୍ୟାନରୁ ସାଗରଙ୍କ ଜନ୍ମ ୧୯୮୪ ମେ' ୨୦ ବୋଲି ଜଣାପଡ଼ିଥିଲା। ୨୦୦୪ ମାର୍ଚ୍ଚରେ ଟ୍ରାଏଲ କୋର୍ଟ ତାଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ୨୦୨୦ ସେପ୍ଟେମ୍ବରରେ କାଲ୍‌କାଟା ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେବା ସହ ତଳକୋର୍ଟ ରାୟକୁ କାଏମ ରଖିଥିଲେ।

# ନିୟନ୍ତ୍ରଣକୁ ଆସୁନି କରୋନା ମୃତ୍ୟୁ

ଭୁବନେଶ୍ୱର, ୫।୨(ବ୍ୟୁରୋ)

- ୭ ଦିନରେ ଗଲାଣି ୧୩୬ ଜୀବନ
- ଦିନକରେ ଆଉ ୨୨ ମୃତ, ୨,୬୦୩ ଚିହ୍ନଟ

କରୋନା ସଂକ୍ରମଣ ତଳକୁ ଖସିଥିଲେ ମଧ ମୃତ୍ୟୁ ନିୟନ୍ତ୍ରଣକୁ ଆସୁନି। ଜାନୁୟାରୀରେ ୧୪୭ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିଲା। ହେଲେ ଗତ ୭ ଦିନରେ ୧୩୬ ଜଣଙ୍କ ଜୀବନ ନେଇସାରିଲାଣି। ଶୁକ୍ରବାର ସର୍ବାଧିକ ୨୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁବାର ୧୮, ବୁଧବାର ୧୯, ମଙ୍ଗଳବାର ୧୭, ସୋମବାର ୧୮ ଓ ରବିବାର ୧୯ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଶନିବାର ମଧ ୨୨ଜଣ ଆଖି ବୁଜିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

ସେପଟେ ପୂର୍ବ ଲହର ଅପେକ୍ଷା ଏବେ ପିଲାଙ୍କ ମୃତ୍ୟୁ ଅଧିକ ରହୁଛି। ଏଯାବତ୍ ୧୩ ଶିଶୁ ଓ କିଶୋରଙ୍କ ମୃତ୍ୟୁ ଘଟିଛି। ନୂଆ ୨୨ ମୃତକଙ୍କ ମଧରେ ସୁବର୍ଣ୍ଣପୁରର ଜଣେ ୮ବର୍ଷର ଶିଶୁକନ୍ୟା ଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେହିଭଳି ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭ଜଣ ଥିବାବେଳେ ସୁନ୍ଦରଗଡ଼ ଓ କଟକରୁ ୩ଜଣ ଲେଖାଏ, କେନ୍ଦୁଝରର ୨ଜଣ, ବାଲେଶ୍ୱର, ବୌଦ୍ଧ, ଗଞ୍ଜାମ, ଜଗତ୍‌ସିଂହପୁର, ନବରଙ୍ଗପୁର, ନୟାଗଡ଼ ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁସଂଖ୍ୟା ୮,୭୧୧କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୩,୦୪୫ ନମୁନା ପରୀକ୍ଷା କରାଯାଇଥିବାବେଳେ ୨,୬୦୩ ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୪.୧୩%କୁ ହ୍ରାସ ପାଇଛି। ନୂଆ ଆକ୍ରାନ୍ତଙ୍କ ମଧରେ ୩୪୯ଜଣ ୧୮ ବର୍ଷରୁ କମ୍ ବୟସ୍କ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୪୪ଜଣ ଥିବାବେଳେ କଟକରୁ ୨୦୫, ସୁନ୍ଦରଗଡ଼ ୨୦୪, ଯାଜପୁର ୧୩୩, ମୟୂରଭଞ୍ଜ ୧୦୪ ଓ ଅନୁଗୋଳରୁ ୧୦୨ ଜଣ ରହିଛନ୍ତି। ବାକି ସବୁ ଜିଲାରେ ମୃତକଙ୍କ ସଂଖ୍ୟା ଶହେ ତଳକୁ ରହିଛି।

# ପିଏଲ୍‌ଏଫ୍‌ଆଇ ଜୋନାଲ କମାଣ୍ଡର ଗିରଫ

ରାଉରକେଲା ଅଫିସ, ୫।୨



ଜବତ ବନ୍ଧୁକ ଓ ଗୁଳି



ପିଏଲ୍‌ଏଫ୍‌ଆଇ ଜୋନାଲ କମାଣ୍ଡର ଅର୍ଜୁନ ରାଣା।

ରାଉରକେଲା ପୋଲିସ କବ୍‌ଜାରେ ଦୁର୍ଦ୍ଧାନ୍ତ ପିପୁଲ୍ସ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଲ୍‌ଏଫ୍‌ଆଇ)ର ଜୋନାଲ କମାଣ୍ଡର ଅର୍ଜୁନ ରାଣା ଓରଫ୍ କପିଲ ପାଠକ ଓରଫ୍ ରାହୁଲ। ଦୀର୍ଘଦିନ ଧରି ଲୋକମାନଙ୍କୁ ଧମକଚମକ ଦେଇ ବଟି ଆଦାୟ କରିବା ଏବଂ ବିଭିନ୍ନ ଅପହରଣ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅର୍ଜୁନଙ୍କୁ ପୋଲିସ ସୁଦୂର ଆସାମରୁ ଗିରଫ କରିଛି। ତାଙ୍କଠାରୁ ଏକ ସେମି ଅଟୋମେଟିକ ବନ୍ଧୁକ ଏବଂ ୫ଟି ଗୁଳି ଜବତ କରାଯାଇଛି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ।

ଶନିବାର ଏସ୍‌ପି ଅଫିସରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାମୁ କହିଥିଲେ, ପିଏଲ୍‌ଏଫ୍‌ଆଇ ଜୋନାଲ କମାଣ୍ଡର ଅର୍ଜୁନ ରାଣା ଏକାଧିକ ଅପରାଧରେ ସମ୍ପୃକ୍ତ ଥିବା ପିଏଲ୍‌ଏଫ୍‌ଆଇ ସୁପ୍ରିମୋ ଦିନେଶ ଗୋପଙ୍କ ସହଯୋଗୀ। ଅର୍ଜୁନ ରାଉରକେଲା ସହର ସମେତ ଆଖପାଖ ଅଞ୍ଚଳର ବ୍ୟବସାୟୀମାନଙ୍କୁ ଟାର୍ଗେଟ କରୁଥିଲେ। ପିଏଲ୍‌ଏଫ୍‌ଆଇର କାର୍ଯ୍ୟକଳାପ ସମ୍ପର୍କିତ ଭିଡିଓ ଦେଖାଇବା ସହ ସେମାନଙ୍କୁ ଡରାଇ ବଟି ଆଦାୟ କରୁଥିବା ନେଇ ଅର୍ଜୁନଙ୍କ ବିରୋଧରେ ରାଉରକେଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ସେ ରାଉରକେଲା ଓ ସୁନ୍ଦରଗଡ଼ ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିବାବେଳେ ପୂର୍ବରୁ ତାଙ୍କର କିଛି ସହଯୋଗୀଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ଭାମୁ କହିଛନ୍ତି।

# ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ



ପୁରୀ ଅଫିସ,୫।୨

୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ପୁରୀ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା କରିଡ଼ର, ଶ୍ରୀସେତୁ, ବହୁତଳ ପାର୍କିଂ ନିର୍ମାଣ, ସ୍ୱର୍ଗଦ୍ୱାର ଉନ୍ନତୀକରଣ, ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିର୍ମାଣ ଭଳି ବିଭିନ୍ନ ପ୍ରକଳ୍ପ ସ୍ଥଳକୁ ଯାଇ ପ୍ରଶାସନିକ ଅଧିକାରୀମାନଙ୍କ ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଛନ୍ତି। ୫-ଟି ସଚିବ ପାଣ୍ଡିଆନଙ୍କ ସହ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଧ ଅନେକ ସ୍ଥାନ ବୁଲି ସ୍ଥିତି ସମୀକ୍ଷା କରିଥିବା ଦେଖିବାକୁ ମିଳିଛି। ଏ ନେଇ ମନ୍ତ୍ରୀ ଦାଶ କହିଛନ୍ତି, କାର୍ଯ୍ୟର ଅଗ୍ରଗତିକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସମୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ପୁରୀ ଗସ୍ତରେ ଆସୁଛନ୍ତି। ଏଭଳି ସମୀକ୍ଷା କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବାରେ ସହାୟକ ହେବ। ଗତ ସପ୍ତାହରେ ମଧ ୫-ଟି ସଚିବ ପାଣ୍ଡିଆନ ପୁରୀ ଆସି ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ମଧରେ ପୁରୀରେ ଚାଲିଥିବା କାର୍ଯ୍ୟକୁ ଶେଷ କରିବା ପାଇଁ ସେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# 'ଏକବିଂଶ ଶତାବ୍ଦୀରେ ବିଶ୍ୱର ନେତୃତ୍ୱ ନେବ ଭାରତ'

ଭୁବନେଶ୍ୱର, ୫।୨(ବ୍ୟୁରୋ)




କିଟ୍‌ରେ ପ୍ରଥମ ୱାର୍ଲ୍ଡ ଲିଡରଶିପ୍ କନ୍‌ଭେନ୍‌ଶନ

ଭାରତ ବସୁଧୈବ କୁଟୁମ୍ବକମ୍ ନୀତିକୁ ଆପଣାଇ ଆସିଛି। ବିଶ୍ୱ ପରିବର୍ତ୍ତନକାରୀ ଭାବେ ଉଭା ହୋଇଛି। ବହୁ ପୂର୍ବରୁ ଭାରତ ବିଶ୍ୱକୁ ନେତୃତ୍ୱ ଦେଇ ଆସୁଥିଲା। ଏକବିଂଶ ଶତାବ୍ଦୀରେ ମଧ ଭାରତ ବିଶ୍ୱର ନେତୃତ୍ୱ ନେବ। କିଟ୍ ବିଶ୍ୱବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ପ୍ରଥମ ୱାର୍ଲ୍ଡ ଲିଡରଶିପ୍ କନ୍‌ଭେନ୍‌ଶନରେ ପୂର୍ବତନ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ପୋଖରିଆଲ ନିଶଙ୍କ ଭର୍ଚୁଆଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ବିଶିଷ୍ଟ ଚିନ୍ତାନାୟକ ରାମ ମାଧବ ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କୁ ରୋଜଗାରକ୍ଷମ ଜ୍ଞାନ ବିତରଣ କରାଯିବା ସହ ସେମାନଙ୍କୁ ନୈତିକତା ଓ ମାନବିକ ମୂଲ୍ୟବୋଧ ଉପରେ ଶିକ୍ଷା ପ୍ରଦାନ କରାଯିବା ଉଚିତ। ଅନ୍ୟତମ ଅତିଥି ଭାବେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଓ କିସ୍ ବାସ୍ତବରେ 'ବିଶ୍ୱ ଏକ' ନୀତିକୁ ଆପଣାଇଛି। ନ୍ୟାଶନାଲ ବୋର୍ଡ ଅଫ୍ ଆକ୍ରିଡିଟେଶନର ଅଧକ୍ଷ ପ୍ରଫେସର କେ. କେ. ଅଗ୍ରୱାଲ କହିଲେ, ଜ୍ଞାନ ହେଉଛି ଏକ। ତେଣୁ ଆମ ଚିନ୍ତନ ପ୍ରକ୍ରିୟାରେ ସର୍ବଦା ବିଶ୍ୱ ଏକ ବୋଲି ରହିବା ଉଚିତ। ୱାର୍ଲ୍ଡ ଲିଡରଶିପ୍ ଏକାଡେମୀ ଓ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର କୁଳପତି ତଥା ଏକାଡେମୀ ଅଧକ୍ଷା ପ୍ରଫେସର ସସ୍ମିତାରାଣୀ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଡ. ସଞ୍ଜୁ ପଣ୍ଡା, ଭାବା ଆଟୋମିକ୍ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଜିତ କୁମାର ମହାନ୍ତି, ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ, ଦକ୍ଷିଣ କୋରିଆର ବେକସକ ବିଶ୍ୱବିଦ୍ୟାଳୟର ପ୍ରଫେସର ଗିଓ ସୁ ଚେ, ରୋମାନିଆର ଅରେଲ୍ ଭ୍ଲାସିୟୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାଲେଣ୍ଟିନା ବାଲାସ, କାନସାସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଶ୍ରୀବାସ୍ତବ, ମେଘାଳୟ ଏନ୍‌ଆଇଟିର ନିର୍ଦ୍ଦେଶକ ଡ. ବିଭୂତି ଭୂଷଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସମାନତା ନ୍ୟାୟ, ବୈଚିତ୍ର ମଧରେ ଅନ୍ତର୍ଭୁକ୍ତି, ସ୍ଥିର ସଂସ୍କୃତି, ସର୍ଜନା ଜରିଆରେ ବିଶ୍ୱ କିପରି ଏକ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ୱାର୍ଲ୍ଡ ଲିଡରଶିପ୍ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ତଥା କିଟ୍ ସ୍କୁଲ୍ ଅଫ୍ କମର୍ସର ନିର୍ଦ୍ଦେଶକ ପ୍ରଫେସର ଜୟନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଗୁଣପୁର-ଥେରୁବାଲି ରେଳପଥ: ୫ ବର୍ଷରେ ଇଞ୍ଚେ ବଢ଼ିନି

ଗୁଣପୁର,୫।୨(ଡି.ଏନ୍.ଏ.)




ବହୁ ଦାବି ପରେ ୨୦୧୭-୧୮ ସାଧାରଣ ବଜେଟରେ ଗୁଣପୁର-ଥେରୁବାଲି ରେଳପଥ ସ୍ଥାନ ପାଇଥିଲା। ଘୋଷଣାକୁ ୫ ବର୍ଷ ବିତି ଯାଇଥିଲେ ମଧ ଏହି ପ୍ରକଳ୍ପ କାମ ଇଞ୍ଚେ ମଧ ଆଗକୁ ବଢ଼ିନାହିଁ। ୨୩୨.୩୭ କୋଟି ଟଙ୍କାରୁ ଆରମ୍ଭ ହୋଇଥିବା ଗୁଣପୁର-ଥେରୁବାଲି ରେଳପଥର ଅଟକଳ ବର୍ତ୍ତମାନ ୧୩୯୮ କୋଟିରେ ପହଞ୍ଚିଛି। ଗତ ୧ ତାରିଖ ବଜେଟରେ ୧୦ କୋଟି ଟଙ୍କା ନୌପଡା -ଗୁଣପୁର- ଥେରୁବାଲି ରେଳପଥ ନିମନ୍ତେ ମଞ୍ଜୁର ହୋଇଛି। ଏହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏହି ପ୍ରକଳ୍ପ କାର୍ଯ୍ୟ କିପରି ଆଗକୁ ବଢ଼ିବ ତାହାକୁ ନେଇ ବର୍ତ୍ତମାନ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୬ ଅଗଷ୍ଟରେ ଏହି ରେଳପଥ ପାଇଁ ସର୍ଭେ ପରେ ପ୍ରଥମେ ୨୩୨.୩୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ସେବେଠାରୁ ଏହି ପ୍ରକଳ୍ପର ଭାଗ୍ୟ ସୂତାଖିଅରେ ଝୁଲି ରହିଛି। ୨୦୧୭-୧୮ ବଜେଟରେ ୭୯.୧୫ ଦୂରତା ଏହି ରେଳପଥ ମଞ୍ଜୁର ହେବା ପରେ ବ୍ୟୟ ଅଟକଳ ଯାଇ ୯୩୫.୭୨ କୋଟିରେ ପହଞ୍ଚିଥିଲା। ଗୋଟିଏ ପରେ ଗୋଟିଏ ବଜେଟ ହୋଇ ୫ ବର୍ଷ ବିତି ଯାଇଛି। ସେବେଠାରୁ ଏହି ପ୍ରକଳ୍ପର କୌଣସି ଅଗ୍ରଗତି ଘଟିନାହିଁ। ଏହାକୁ ନେଇ ସଂସଦରେ ବହୁବାର ଦାବି କରାଯାଇଛି। ସାଧାରଣ ଲୋକେ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଗୁଣପୁର-ଥେରୁବାଲି ରେଳପଥ କାମ ଶୀଘ୍ର ଆରମ୍ଭ କରିବାକୁ ଦାବି ମଧ ହେଉଛି। ଏହି ପ୍ରକଳ୍ପ ଲାଭଦାୟକ ନୁହେଁ, ତେଣୁ ରାଜ୍ୟ ସରକାର ମାଗଣା ଜମି ଏବଂ ପ୍ରକଳ୍ପର ଅଧାଟଙ୍କା ବହନ କଲେ ରେଳପଥ କାର୍ଯ୍ୟ ସମ୍ଭବ ବୋଲି କହିଥିଲା ରେଳ ବିଭାଗ। ଏହାପରେ ରାଜ୍ୟ ସରକାର ମାଗଣା ଜମି ଦେବାକୁ ସମ୍ମତି ଜଣାଇଲେ। ହେଲେ ପ୍ରକଳ୍ପର ଅଧା ଟଙ୍କା ବହନ ନେଇ କୌଣସି ଉତ୍ତର ବର୍ତ୍ତମାନ ସୁଦ୍ଧା ରଖିନାହାନ୍ତି। ଫଳରେ ଏହି ପ୍ରକଳ୍ପର ଭାଗ୍ୟ ଏବେ ଅନିଶ୍ଚିତତା ମଧକୁ ଠେଲି ହୋଇଯାଇଛି। ନୌପଡା -ଗୁଣପୁର ଶତାବ୍ଦୀ ତଥା ଐତିହ୍ୟ ଏହି ରେଳପଥ ଥେରୁବାଲି ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଦାବି ହୋଇଥିଲା।

ନୌପଡା- ଗୁଣପୁର- ଥେରୁବାଲି ରେଳପଥ ସଂଯୋଗ ହେଲେ ବ୍ରହ୍ମପୁର, ଗଜପତି ଜିଲାର ପାରଳାଖେମୁଣ୍ଡି, କାଶୀନଗର ସହ ଗୁଣପୁର ଦେଇ ରାୟଗଡା ଏବଂ କୋରାପୁଟ, ଜୟପୁରକୁ ରେଳ ଯୋଗାଯୋଗ ହୋଇପାରନ୍ତା। ହେଲେ ଗୁଣପୁର ଥେରୁବାଲି ରେଳପଥକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ପ୍ରକଳ୍ପକୁ ଅଣଦେଖାକରି ଚାଲିଛନ୍ତି। ଏହାମଧରେ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳପଥ ପ୍ରତି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ତତ୍ପରତା ଦେଖାଇଛନ୍ତି। ରାଜ୍ୟ ସରକାର ମାଗଣା ଜମି ସହ ଟଙ୍କା ଦେବା ପାଇଁ ମଧ ଘୋଷଣା କରିଛନ୍ତି। ସେହି ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ହେଉଛି। କିନ୍ତୁ ଗୁଣପୁର ଥେରୁବାଲି ରେଳପଥ ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖା ବୁଦ୍ଧିଜୀବୀ ମହଲରେ କ୍ଷୋଭ ଓ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ କୌଣସି ଜନ ଆନ୍ଦୋଳନ ହେବା ପୂର୍ବରୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଗଜପତି ଏବଂ ରାୟଗଡା ଜିଲା ଭାବନାକୁ ବୁଝି ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


sdmimd
Shri Dharmasthala Manjunatheshwara Institute for Management Development (SDMIMD)
Mysore, Karnataka

**2-Year Fully Residential Post Graduate Diploma in Management (PGDM)-2022-24**
Approved by AICTE | Accredited by NBA | MBA Equivalence by AIU

- Ranked among top B-Schools in India and Internationally accredited
- International Tie-up with 15 reputed Universities across the world
- Placements Completed: 8.9 Lakhs Average Salary, 13 Lakhs Highest Salary
- Scholarships worth Rs. 75 Lakhs to meritorious students
- Single Occupancy hostel rooms | Students from 20 states
- SBI Scholar Loan: Educational loan facility without any tangible collateral security
- Educational Partnership with TCS iON for Academic Enhancement with Joint Certification

**Last date to apply: 28th February 2022**
www.sdmimd.ac.in
e-mail: admissions@sdmimd.ac.in
Contact: 18001211535 (Toll Free), 95350 07893, 99161 22245

EFMD ACCREDITED | PGDM | ACBSP ACCREDITED | AACSB Business Education Alliance Member | tcs iON | QS I-GAUGE DIAMOND

**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତା ରାହୁଲ ଗାନ୍ଧୀ ଚାଇନା ଗଣମାଧ୍ୟମକୁ ବିଶ୍ୱାସ କରି ଭାରତୀୟ ଯବାନଙ୍କ ଧୈର୍ଯ୍ୟ ଓ ପରାକ୍ରମ ଉପରେ ପ୍ରଶ୍ନ ଉଠାଉଛନ୍ତି। **-ରାଜନାଥ ସିଂ , ପ୍ରତିରକ୍ଷା ମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଦିବ୍ୟାଙ୍କା
ପରିବାରବର୍ଗ



ଶୁଭବ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଲତା ମଙ୍ଗେସ୍କର ...

ପରେ ସେ ନିମୋନିଆରେ ଆକ୍ରାନ୍ତ ହୋଇଥିଲେ। ଇତିମଧ୍ୟରେ ସେ କୋଭିଡ୍ ଏବଂ ନିମୋନିଆରୁ ଆରୋଗ୍ୟ ଲାଭ କରିଥିଲେ ସୁଦ୍ଧା ଗୁରୁତର ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଅଛନ୍ତି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି ବୋଲି ଡାକ୍ତର ସାମଦାନୀ କହିଛନ୍ତି।

ସୁର ସମ୍ରାଜ୍ଞୀ ଲତା ହିନ୍ଦୀ, ମରାଠୀ, ବଙ୍ଗଳା ଏବଂ ବହୁ ଆଞ୍ଚଳିକ ଭାଷାରେ ଗୀତ ଗାଇଛନ୍ତି। ତାଙ୍କୁ ଭାରତ ରତ୍ନ, ପଦ୍ମଭୂଷଣ, ପଦ୍ମ ବିଭୂଷଣ ଏବଂ ଦାଦାସାହେବ ଫାଲ୍କେ ପୁରସ୍କାର ସହିତ ଅନେକ ଜାତୀୟ ତଥା ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୨୦୦୪ରେ ବଲିଉଡ୍ ରିଲିଜ୍ ଭିର୍-ଜରା ଲତାଙ୍କ ଶେଷ ଆଲ୍‌ବମ୍। 'ନାଇଟେଙ୍ଗଲ ଅଫ୍ ଇଣ୍ଡିଆ' ଭାବରେ ଜଣାଶୁଣା ଲତା ୧୯୪୨ରେ ପିତା ପଣ୍ଡିତ ଦୀନାନାଥ ମଙ୍ଗେସ୍କରଙ୍କ ମୃତ୍ୟୁ ପରେ ପରିବାରକୁ ଆର୍ଥିକ ସହାୟତା କରିବା ପାଇଁ ଗୀତ ଗାଇବା ଆରମ୍ଭ କରିଥିଲେ। ସେ ଜଣେ ଶାସ୍ତ୍ରୀୟ ଗାୟିକ ତଥା ଥିଏଟର ଅଭିନେତ୍ରୀ ଥିଲେ। ୧୯୪୮ରେ ବଲିଉଡ୍‌ରେ ଲତାଙ୍କ ପ୍ରଥମ ଗୀତ ହେଉଛି ଚଳଚ୍ଚିତ୍ର ମଜବୁରର 'ଦିଲ୍ ମେରା ତୋଡା'। ହେଲେ ୧୯୪୯ରେ ମହଲ୍ ଚଳଚ୍ଚିତ୍ରର 'ଆୟେଗା ଆନେୱାଲା' ତାଙ୍କର ପ୍ରଥମ ପ୍ରମୁଖ ଗୀତ ହିଟ୍ ହୋଇଥିଲା।

# ମାର୍ଚ୍ଚରେ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷା ମାର୍ଚ୍ଚ ମାସରୁ ଆରମ୍ଭ ହେବ। ଥିଓରୀ ପରୀକ୍ଷା ମାର୍ଚ୍ଚ ୧୫ରୁ ଆରମ୍ଭ ହେବାକୁ ଥିବାବେଳେ ପ୍ରାକ୍ଟିକାଲ ପରୀକ୍ଷା ଫେବୃଆରୀ ୨୨ ତଥା ଶେଷ ସପ୍ତାହରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ତେବେ ଚଳିତବର୍ଷର ପ୍ରାକ୍ଟିକାଲ ପରୀକ୍ଷା ଲାଗି ଚୂଡ଼ାନ୍ତ ପ୍ରଶ୍ନପତ୍ର ପହଞ୍ଚିଥିବାବେଳେ ଥିଓରୀ ପ୍ରଶ୍ନପତ୍ର ସମୀକ୍ଷା କରାଯିବା ପରେ ଚୂଡ଼ାନ୍ତ ପ୍ରିଣ୍ଟ ଲାଗି ହାଇଦ୍ରାବାଦ ପଠାଯାଇଛି। ଚଳିତବର୍ଷ ରାଜ୍ୟର ୨ ହଜାରରୁ ଅଧିକ ଜୁନିୟର କଲେଜରେ ପ୍ରାୟ ସାଢ଼େ ୪ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିପାଇଁ ଆପାତତଃ ୧୧୭୦ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିବାବେଳେ ପ୍ରଶ୍ନପତ୍ର ରଖିବା ଲାଗି ୬୫ରୁ ଅଧିକ ହବ୍ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଗତବର୍ଷ ଯୁକ୍ତ୨ ପରୀକ୍ଷା ବାତିଲ କରାଯାଇ ବିକଳ୍ପ ବ୍ୟବସ୍ଥାରେ ମାର୍କିଂ କରାଯାଇଥିଲା। ମାତ୍ର ଚଳିତବର୍ଷ ନିଶ୍ଚିତ ଭାବେ ପରୀକ୍ଷା କରାଯିବା ନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ପରୀକ୍ଷା ପରିଚାଳନା, ମୂଲ୍ୟାଙ୍କନ, ଫଳ ପ୍ରକାଶରେ ସର୍ବାଧିକ ସ୍ୱଚ୍ଛତା ଆଣିବା ଲାଗି ଗଣଶିକ୍ଷା ମନ୍ତ୍ରୀ ଏବଂ ସଚିବ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା କାର୍ଯ୍ୟସୂଚୀ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବାବେଳେ ଖୁବଶୀଘ୍ର କାର୍ଯ୍ୟସୂଚୀ ପ୍ରକାଶ ପାଇବ ବୋଲି ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୁଃସ୍ଥାନରେ ଚନ୍ଦ୍ର ହେତୁ ପାରିବାରିକ ଶାନ୍ତି ଭଗ୍ନ ହେବ। ଆତ୍ମୀୟଙ୍କ କାର୍ଯ୍ୟକଳାପରୁ ଦୂରଯାତ୍ରା ପାଇଁ ପ୍ରତିବନ୍ଧକ ସୃଷ୍ଟି ସୂଚନା ରହିଛି। ଯାତ୍ରା ସମୟରେ ଅସାବଧାନତା କାରଣରୁ ଜିନିଷପତ୍ର ହରାଇବାକୁ ପଡ଼ିପାରେ।

**ବୃଷ**
ଚନ୍ଦ୍ରର ତୃତୀୟସ୍ଥ ରାହୁ ହେତୁ ଅଭାବନୀୟ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସାମୟିକ ସୁଯୋଗକୁ ନିଜ ସ୍ୱାର୍ଥରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ମିଥୁନ**
ଆଜି ଦ୍ୱାଦଶସ୍ଥ ରାହୁଙ୍କ ଯୋଗୁ ଭାବିଚିନ୍ତି କାମ କରିବା ଭଲ। କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିବା କାରଣରୁ କଳହ ଲାଗିପାରେ। ଜମିଜମା, ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି।

**କର୍କଟ**
ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରୁ ଶାରୀରିକ ସୁସ୍ଥତା ମନୋବଳ ବୃଦ୍ଧିରେ ସହାୟକ ହେବ। ଅର୍ଥଲାଭର ସୁବିଧା କରାଇଲେ ମଧ୍ୟ ପାରିବାରିକ କ୍ଷେତ୍ରକୁ ବିପଦସଙ୍କୁଳ କରିପାରନ୍ତି। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ସିଂହ**
ପାରିବାରିକ କଳହ ସାଙ୍ଗକୁ କର୍ମକ୍ଷେତ୍ରରେ ମଧ୍ୟ ଟେନ୍‌ସନ ଲାଗିରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ ।

**କନ୍ୟା**
ଆଜି ଭାଗ୍ୟସ୍ଥ ଚନ୍ଦ୍ର ସାମଗ୍ରିକ ସୁଖ, ସୌଭାଗ୍ୟ ପ୍ରଦାନରେ ସହାୟକ ହେବେ। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିପାରେ।

**ତୁଳା**
ନୂତନ ଯୋଜନା ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରି ମଧ୍ୟ ନିର୍ଯ୍ୟାସରେ ଉପନୀତ ହୋଇ ପାରିବେ ନାହିଁ। ଆତ୍ମୀୟମାନଙ୍କ ସହଯୋଗରୁ ସମାଧାନର ସରଳସୂତ୍ର ବାହାର କରିବାରେ ସମର୍ଥ ହେବେ। ଆବଶ୍ୟକ ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା**
ରାହୁଙ୍କ ପ୍ରଭାବରେ ଆଜିର ଦିନଟିରେ କାର୍ଯ୍ୟବ୍ୟସ୍ତ ରହିବେ, ମାତ୍ର ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ। କର୍ମ କ୍ଷେତ୍ରରେ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ।

**ଧନୁ**
ଆଜି କର୍ମାରମ୍ଭରେ କେତେକ ସମସ୍ୟା ଆସିପାରେ। ପ୍ରତ୍ୟେକ ସ୍ତରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବୈବାହିକ କର୍ମ ସମ୍ପାଦନ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା କରିପାରନ୍ତି।

**ମକର**
ବିଭିନ୍ନ ଦିଗରୁ ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିବେ। ସମ୍ପର୍କ ଭଲ ଥିଲେ ମଧ୍ୟ ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ।

**କୁମ୍ଭ**
କର୍ମଜଞ୍ଜାଳ ବୃଦ୍ଧି କାରଣରୁ ଶାରୀରିକ ସୁସ୍ଥତା ରହିଥିଲେ ମଧ୍ୟ ମାନସିକ ସ୍ଥିରତା ରହି ନ ପାରେ। ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ସ୍ଥିତି ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କୌଣସି କାଗଜପତ୍ର ସମ୍ପର୍କୀୟ ଶୁଭ ସୂଚନା ପାଇ ଖୁସି ହେବେ।

**ମୀନ**
ଅଟକି ରହିଥିବା କାମଟିକୁ ଆଜି ଆରମ୍ଭ କଲେ ସଫଳତା ମିଳିବ। ବନ୍ଧୁଙ୍କ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସଙ୍ଗକୁ ପ୍ରଶଂସିତ ମଧ୍ୟ ହେବେ।

classifieds **Everyday** 0674-2580101, 2549302



GROOM WANTED

୬୦ ବୟସ୍କା ଏକାକୀ ରହୁଥିବା ପେନ୍‌ସନ Holder ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ଯୋଗ୍ୟ ବର ଆବଶ୍ୟକ। ଯୋଗାଯୋଗ- 7608010434. D-23056



**SALE**

Safari xza+ (09.2021) White Diesel 2900km, Bhubaneswar. 8480204021. D-23053



**SALE**

୫୫ ନଂ. ଜାତୀୟ ରାଜପଥଠାରୁ ୪୨୦ ମିଟର ଦୂରରେ ବିରିବାଟୀ କଟକ ସଦର ବ୍ଲକରେ ଘର କରିବା ପାଇଁ ଉପଯୋଗୀ ଜମି ଉପଲବ୍ଧ ଅଛି। ଯୋଗାଯୋଗ- 9861033990. D-23051

ଭୁବନେଶ୍ୱର ଜଟଣୀଗେଟ୍ ଠାରୁ ଅଳ୍ପ ଦୂରତାରେ (per sqft.- 600/-ରୁ 300/-) ରାସ୍ତା ଥିବା ପ୍ଲଟ୍ ମିଳୁଛି। Contact: 7606015965, 8114994259. D-23040

**Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952.** D-71772

ଝିଅ ବାହାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ୫୦୦୦ବର୍ଗଫୁଟ ପ୍ଲଟ୍ 45,00,000/-, ବେଣାବିଲ ମୌଜାରେ 20,00,000/- ବିକ୍ରି କରିବି। 9853150290. D-71790

**SC plot for sale in Mouza Nilakanthapur near Infocity-II, BBSR. Contact: 9437411877.** D-23062

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

**ଘରବାରି ପ୍ଲଟ୍ ବାଉଣ୍ଡାରି ୱାଲ୍ ସହିତ ସୁନ୍ଦରପଦାରେ 480 Sqft., Limited offer available. Mob.: 9437216666.** D-23018

Buy or Sale Property- 8984071303. 18000sqft. Triplex Pandra- 6.5cr./ 4BHK Duplex Balianta- 75,00,000/-, 3BHK Apartment Patia-4000. Pipili 6Acre- 18cr., Jaanla 30000sqft- 6cr. Residential Land Patia-2890, Tankapani-2650, Nakhara-1750, Hanspal-1900, Balianta-950, Sundarpada-900, Jaanla-900. D-23044

ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71937

Sale 3BHK Duplex near Gudiapokhari, Uttara, Bhubaneswar, best price. 7008548887. D-71942

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22911

ଭୁବନେଶ୍ୱର Gita/ Gandhi କଲେଜରୁ 1K.M. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary plot sqft.- 700/- କିଣନ୍ତୁ। 9348767829. D-71784

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22912

Patia Nandankanan ଛକରୁ 2.5K.m. Dadha Marketକୁ ଲାଗି plot କିଣନ୍ତୁ। 7008492511. D-23041

ବ୍ରାହ୍ମଣଝରିଲୋ ବଜାରରୁ **1K.M.** ମଧ୍ୟରେ ଘରବାରି, **road,** ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି **plot/simplex** ସୁଲଭ ମୂଲ୍ୟରେ ମିଳୁଛି। **(Bank finance available). 9938163369, 8093053603.** D-71787

3500 sqft. plot at Rangabazar, Satyabhamapur, electricity, borewell, corner plot. Rs 1600/sqft. Genuine buyers only contact 8658386267. D-23055

ଭୁବନେଶ୍ୱର ହଂସପାଳଛକରୁ **5K.M.** ମଧ୍ୟରେ **(New BDA Planing Area) 30'** ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **9938014369, 8093053602.** D-71788



Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334



3BHK for rent 12500 per month at Ratnakarbag-1. Mob: 9902406161. D-23029

2BHK House with Parking facility available for rent at Palasuni. Contact: 9425275445. D-23050

Space available at prime location for Office cum Godown (Ground Floor (2000sqft.) at Unit-9, Bhubaneswar. 9437057789. D-71619

**Ground Floor 1700sqft. near Rabi Talkies Square, Bhubaneswar for Office, Institutions. Contact: 8249204856.** D-23057

Single Double Rooms at Sisupalgad, Tankapani, Bhubaneswar. Ph- 9437764734, 8249374142. D-70769

Coldstorage 15 X 12 x 10 Rasulgarh Square, Bhubaneswar. 8480204021. D-23054



**Relax, refresh your body, mind at Lotus SPA with best therapies. 8018891951.** D-71856

Newly opening SPA positively health benefits with expert therapist. 8917332216. D-71941

H2O SPA Service fullbody massage, refresh your mind & relaxed by Professional Lady Therapist. 9937462294. D-23058

Open full body massage home service ladies, gents available. 9583808247. D-22979

Newly open SPA positively health benefits by expert therapist. 7846814019. D-71470

Full body massage in homely atmosphere all therapy. Contact: 8114881641. D-60895

Newly open full body massage ladies and gents. 8327740003. D-71855

Refreshing your mind and body with the best therapy, 7873794731. D-23024

Newly open SPA positively health benefits by expert therapist. 8455987557. D-71471

Newly open SPA positively health benefit with Expert. Contact: 7749976301. D-71939

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାରୀ କୁକୁର ଯୋଗୀ ଘୋଡ଼ା**
**କେଭେ ନୁହନ୍ତି ଯୋଡ଼ା ଯୋଡ଼ା**
**ଯେବେ ହୁଅନ୍ତି ଯୋଡ଼ା ଯୋଡ଼ା**
**ତେବେ ହୁଅନ୍ତି କାମୁଡ଼ା କାମୁଡ଼ା ।**

ପ୍ରକୃତରେ ଦେଖିବାକୁ ଗଲେ ଦାରୀ, କୁକୁର, ଯୋଗୀ ଓ ଘୋଡା ଏଇ ଜାତିର ଜୀବନ ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସାଙ୍ଗରେ ମିଶେ ସେଥିରେ ତାର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପଡିଆରା ଦେଖାଇବାକୁ ଯାଇ ପ୍ରତ୍ୟେକେ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦାମ ଦୋପଟ**
**ଏଥିରୁ ବଳିଲେ ମୁଣ୍ଡରେ ପିଟ ।**

ଋଣ କରିଥିଲେ ଯଥାଶୀଘ୍ର ଶୁଝିବାକୁ ପଡ଼େ ଅନ୍ୟଥା ସୁଧ ବଢିଯିବାର ଆଶଙ୍କା ରହିଥାଏ। ମୂଳଧନ ସୁଧ ମିଶି ଦୁଇଗୁଣରୁ ବେଶି ହୋଇଗଲେ ଖାତକ ବା ଧାରୁଆ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ଲ୍ୟାଣ୍ଡମାଇନ୍ ...

ଘଟଣାସ୍ଥଳକୁ ଯାଇଥିଲେ। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। କଳାହାଣ୍ଡି ଜିଲା ବିଶେଷକରି ମ.ରାମପୁର ଅଞ୍ଚଳ ମାଓବାଦୀ ପ୍ରବଣ ଭାବେ ପରିଚିତ। ହେଲେ ମାଓବାଦୀଙ୍କ ହିଂସାରେ ଜଣେ ଖବରଦାତାଙ୍କ ଜୀବନ ଚାଲିଯିବା ଜିଲାରେ ପ୍ରଥମ ଘଟଣା। ଏହାପୂର୍ବରୁ ପଡ଼ୋଶୀ ଛତିଶଗଡ଼ରେ ମାଓବାଦୀଙ୍କ ହିଂସାରେ ଜଣେ ଓଡ଼ିଆ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ପଞ୍ଚାୟତ ନିର୍ବାଚନ ପୂର୍ବରୁ ମାଓବାଦୀଙ୍କ ଏଭଳି କାଣ୍ଡ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଏପରିସ୍ଥଳେ ପୋଲିସ ପାଇଁ ମଧ୍ୟ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।ଘଟଣାସ୍ଥଳରେ ଲାଗିଥିବା ପୋଷ୍ଟରରେ ମାଓବାଦୀ କେକେବିଏନ୍ ଡିଭିଜନ କମିଟି ଉଲ୍ଲେଖ ରହିଛି। ସେହିପରି ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବା, ଫରେଷ୍ଟରଙ୍କ ଦଖଲରେ ଥିବା ଜଙ୍ଗଲ ଜମିକୁ ଆଦିବାସୀଙ୍କ ନାଁରେ ପଟ୍ଟା କରିବା, ଗଞ୍ଜେଇ ଚାଷ ଆଳରେ ଗିରଫ ହୋଇଥିବା ଲୋକଙ୍କୁ ଛାଡ଼ିବା, ନିଯୁକ୍ତି ବୟସ ସୀମା ବୃଦ୍ଧି ରଦ୍ଦ କରିବା, ମାଓବାଦୀ ଦମନ ନୀତି ବନ୍ଦ କରିବା, ସିଆରପିଏଫ୍ କ୍ୟାମ୍ପ ଉଠାଇବା ଆଦି ବିଷୟ ପୋଷ୍ଟର, ବ୍ୟାନରରେ ଉଲ୍ଲେଖ ରହିଛି। କଳାହାଣ୍ଡି ଏସ୍‌ପି ଶ୍ରବଣ ବିବେକ କହିଛନ୍ତି ଯେ ଏସ୍‌ଓପି ଅନୁଯାୟୀ ଘଟଣାର ତଦନ୍ତ କରାଯାଉଛି। ଏହା ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ ନା ଗଞ୍ଜେଇ ମାଫିଆଙ୍କ ଦ୍ୱାରା ହତ୍ୟା ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ସରକାରଙ୍କ ନିୟମ ଅନୁଯାୟୀ ମୃତକଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବି ବୋଲି ସେ କହିଛନ୍ତି। ରୋହିତଙ୍କ ଘର ମୋହନଗିରିରେ। ତାଙ୍କର ସ୍ତ୍ରୀ, ଗୋଟିଏ ଝିଅ, ଗୋଟିଏ ପୁଅ ସମେତ ବଡ଼ ଓ ସାନ ଭାଇ ଏବଂ ମା' ଅଛନ୍ତି। ଏହି ଦୁଃଖଦ ଘଟଣାରେ ପରିବାରବର୍ଗ ମ୍ରିୟମାଣ ହୋଇପଡ଼ିଥିବାବେଳେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଧରିତ୍ରୀ ପରିବାର ପକ୍ଷରୁ ଶୋକସଭା ଏବଂ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଶହୀଦ ମାନ୍ୟତା, ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଛି।

## ୧୩ ଲକ୍ଷ ଟଙ୍କାର ...

ସ୍ୱର୍ଗତ ବିଶ୍ୱାଳଙ୍କ ପରିବାର ପାଇଁ ୧୩ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସେଥିମଧ୍ୟରେ ରାଜ୍ୟ ପୋଲିସ ପକ୍ଷରୁ ୯ ଲକ୍ଷ ଓ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ରହିଛି। ତୁରନ୍ତ ଏହି ଅର୍ଥ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି। ଲ୍ୟାଣ୍ଡମାଇନ ବିସ୍ଫୋରଣକୁ ନେଇ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ବୋଲି କହିଛନ୍ତି। ମାଓବାଦୀଙ୍କ ଏହି ହିଂସାକାଣ୍ଡକୁ ସେ ଦୃଢ଼ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ଥିବା ସମସ୍ତଙ୍କ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘଟଣାରେ ଦୁଃଖିତ ଏବଂ ମର୍ମାହତ ହୋଇଥିବା ଟୁଇଟ୍ କରିଛନ୍ତି। ମାଓବାଦୀଙ୍କ ଏହି ହିଂସାତ୍ମକ, ଗଣତନ୍ତ୍ର ବିରୋଧୀ କାର୍ଯ୍ୟକୁ ନିନ୍ଦା କରିବା ସହ ଦେଶ ବିରୋଧୀ ଶକ୍ତି କେବେ ସଫଳ ହେବେ ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ୨୫ ବର୍ଷରେ ତରଳିଛି ...

(୩୨୦୦ ଫୁଟ) ଉଚ୍ଚରୁ ପ୍ରାୟ ୧୦ ମିଟର ଲମ୍ବ ବରଫ ଖଣ୍ଡରୁ ନମୁନା ସଂଗ୍ରହ କରିଥିଲେ। ରେଡିଓକାର୍ବନ ଡେଟିଂରୁ ବରଫର ଚଟାଣ ୨୦୦୦ ବର୍ଷ ପୁରୁଣା ଜଣାପଡ଼ିଥିଲା। ଦୀର୍ଘ ବର୍ଷ ଧରି ସେଠାରେ ସୃଷ୍ଟି ହୋଇଥିବା ବରଫ କିପରି ତରଳି ଯାଇଛି ତାହା ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ଏଭରେଷ୍ଟରେ ଏତେମାତ୍ରାରେ ଗ୍ଲେସିୟର ତରଳିବା ବିଶ୍ୱ ପାଇଁ ବିପଜ୍ଜନକ। ଏହି କାରଣରୁ ହିମସ୍ଖଳନ, ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ବଢୁଛି। ଆଗକୁ ଏହା ଭୟଙ୍କର ରୂପ ନେଇପାରେ ବୋଲି ରିସର୍ଚ୍ଚରମାନେ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ ପର୍ବତାଞ୍ଚଳ ଏବଂ ନଦୀ ଉପକୂଳ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୨ ଶହ କୋଟି ଲୋକଙ୍କ ପାଇଁ ହିମାଳୟ ଗ୍ଲେସିୟର ଏକ ଗୁରୁତ୍ୱପୂର୍ଣ୍ଣ ଜଳ ଉତ୍ସ। ଏହା ଦୁନିଆର ୧୦ରୁ ଅଧିକ ରିଭର ସିଷ୍ଟମ ବା ନଦୀ ପ୍ରଣାଳୀକୁ ଜଳ ଯୋଗାଇବା ସହ ଶହ ଶହ କୋଟି ଲୋକଙ୍କ ପାଇଁ ଖାଦ୍ୟ ଏବଂ ଶକ୍ତିର ଉତ୍ସ ମଧ୍ୟ। ଏତେ ଦ୍ରୁତବେଗରେ ଏଠାରେ ଥିବା ଗ୍ଲେସିୟର ତରଳିବା ଜାରି ରହିଲେ ଏଭରେଷ୍ଟ ଶିଖର ବରଫ ଶୂନ୍ୟ ହୋଇଯାଇପାରେ। ଏହାର ପ୍ରଭାବ ସିଧାସଳଖ ୨୦୦ କୋଟି ଲୋକଙ୍କ ଉପରେ ପଡ଼ିବ। ଜଳ ଅଭାବରୁ ସେମାନେ ଭୟଙ୍କର ମରୁଡ଼ିର ଶିକାର ହେବେ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଜାତିସଂଘ ଜଳବାୟୁ ବୈଜ୍ଞାନିକଙ୍କ ମତରେ ସମ୍ପ୍ରତି ଜୀବଜଗତ ଗ୍ଲେସିୟର ତରଳିବାଜନିତ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛି। ଏବେ ମାଉଣ୍ଟ ଏଭରେଷ୍ଟ ଗ୍ଲେସିୟର ଉପରେ ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଆଗାମୀ ଦିନରେ ଏଥିଜନିତ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ପ୍ରସ୍ତୁତି କରିହେବ ବୋଲି ବୈଜ୍ଞାନିକମାନେ ମତ ରଖିଛନ୍ତି।

# ବାର୍‌ହା ଆକ୍ରମଣରେ ବୃଦ୍ଧ ମୃତ

**ଛେଣ୍ଡିପଦା, ୫।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଅନ୍ତର୍ଗତ ଜେରେଙ୍ଗ ଗ୍ରାମର ବୁଢ଼ୀ ମୁଣ୍ଡିଆ ପାହାଡ଼ ନିକଟରେ ବାର୍‌ହା ଆକ୍ରମଣରେ ଶନିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜେରେଙ୍ଗ ଗୋପୀନାଥପୁର ଗ୍ରାମର ସନୁ ସାହୁ। ସନୁ ପାହାଡ଼ ପାଖ ବଗିଚାକୁ ଛେଳି ଚରାଇବାକୁ ଯାଉଥିବାବେଳେ ଏକ ବାର୍‌ହା ତାଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଦେଇଥିଲା। ଘଟଣାସ୍ଥଳରେ ସନୁଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଞ୍ଚଳରେ ବାର୍‌ହା ଉପଦ୍ରବ ବଢ଼ିବାରେ ଲାଗିଛି। ବନ ବିଭାଗ ପକ୍ଷରୁ ଏହାର ପ୍ରତିକାର କରାଯାଉ ନ ଥିବାରୁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ, ବନ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା।

# ପ୍ରସଙ୍ଗକୁ ଅଣଦେଖା



ଆକାର ପଟେଲ

ପୁନର୍ବାର ଏକ ବଜେଟ ଆସିଛି ଓ ଉପସ୍ଥାପିତ ହୋଇଯାଇଛି। ଏହା ଆସିବାର ଦୁଇଦିନ ପର୍ଯ୍ୟନ୍ତ ଅର୍ଥବ୍ୟବସ୍ଥା ବା ବଜେଟ ସମ୍ପର୍କରେ ଲୋକଙ୍କ ପ୍ରତିକ୍ରିୟା ଦେଖିଛୁ ଏବଂ ବୁଝିଛୁ। ଏହା ମଧ୍ୟରୁ ଅଧିକାଂଶ ଦୁଇଟି ଜିନିଷ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ପ୍ରଥମଟି ହେଉଛି ସରକାରଙ୍କ ଟିକସ ଓ ଖର୍ଚ୍ଚ ବ୍ୟବସ୍ଥା ଏବଂ ଏହାର ନିଅଣ୍ଟିଆ ସ୍ଥିତି। ଦ୍ୱିତୀୟଟି ହେଉଛି ମାଗଣା ବଣ୍ଟନ ଏବଂ ରିହାତି। ବଜେଟରେ ଏସବୁ ସ୍ଥାନ ପାଇଥାଏ ଏବଂ ଏହା ହିଁ ଆଶା କରାଯାଏ। କୌତୂହଳର ବିଷୟ ହେଉଛି, ଅର୍ଥନୀତିକୁ ରାଜନୀତିରେ ଏକ ପ୍ରାସଙ୍ଗିକ ବିତର୍କର ବିଷୟ ଭାବେ ଗ୍ରହଣ କରାଯାଏ ନାହିଁ। ଏମିତିକି ନିର୍ବାଚନ ବିତର୍କରେ ମଧ୍ୟ ଏହି ପ୍ରସଙ୍ଗକୁ ଆଦୌ ନିଆଯାଏ ନାହିଁ। ଆମେ ଆଉ ପାଦେ ଆଗକୁ ଯାଇ କହିବୁ ଯେ, ଅର୍ଥନୈତିକ ଅଭିବୃଦ୍ଧି ହୋଇ ନ ପାରିଲେ ବି ଶାସକ ଦଳ ଉପରେ ତାହାର କୌଣସି ପ୍ରଭାବ ପଡ଼ି ନ ଥାଏ। ଏହା କୌଣସି ନୂଆ ଘଟଣା ନୁହେଁ। ଏହାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଆମେ ଲକ୍ଷ୍ୟ କରି ପାରିବା ଯେ, ଗତ ଦଶନ୍ଧି ଦଶନ୍ଧି ଧରି ଅଭିବୃଦ୍ଧି ହାର ଖାସ୍ କରି ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ସମୟରେ ପ୍ରାୟ ୩ ପ୍ରତିଶତ ରହିଥିଲା, ଯାହାକୁ କି ହିନ୍ଦୁ ଅଭିବୃଦ୍ଧି ହାର କୁହାଯାଉଥିଲା। ଏହା ସତ୍ତ୍ୱେ ସେମାନେ ଏବଂ ସେମାନଙ୍କ ଦଳ ବେଶ୍ ଲୋକପ୍ରିୟ ହେବା ସହିତ କ୍ଷମତାରେ ମଧ୍ୟ ରହିପାରିଥିଲେ।

ଚାକିରି କ୍ଷେତ୍ରକୁ ଦେଖିବା। ସରକାରୀ ତଥ୍ୟ ଅନୁଯାୟୀ କେବଳ ଦକ୍ଷିଣ ଏସିଆରେ ନୁହେଁ, ସାରା ବିଶ୍ୱରେ ଭାରତର ଶ୍ରମ ଭାଗୀଦାରି ହାର ସବୁଠୁ କମ୍। ଆମେରିକାରେଏହି ହାର ୬୦%, ଥାଇଲାଣ୍ଡରେ ପାଖାପାଖି ୭୦% ଏବଂ ଚାଇନା ଓ ଭିଏତ୍‌ନାମରେ ପ୍ରାୟ ୭୫%। ଭାରତରେ ଉକ୍ତ ହାର ୪୦% ଏବଂ ଏହା ପାକିସ୍ତାନ ଓ ଏପରି କି ଆଫଗାନିସ୍ତାନଠାରୁ କମ୍। ଲୋକମାନଙ୍କ ପାଇଁ ଚାକିରି ପାଇବା ସମ୍ଭବ ହେଉ ନ ଥିବାରୁ ସେମାନେ ଚାକିରି ଖୋଜିବା ବି ବନ୍ଦ କରିଦେଇଛନ୍ତି। ୨୦୦୪ ତୁଳନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆକାର ଏବେ ୪ ଗୁଣ ବଢ଼ିଥିଲେ ମଧ୍ୟ ସରକାରଙ୍କ ପାଖରେ ଟଙ୍କା ନ ଥିବାରୁ ଏହାର ଚାହିଦା ପୂରଣ ହୋଇପାରିନାହିଁ। ଶ୍ରମ ବଜାରରେ କମ୍ ଲୋକ ରହିଥିବାରୁ ସରକାରୀ ତଥ୍ୟ ଅନୁଯାୟୀ ୨୦୧୮ରେ ବେକାରିଙ୍କ ସଂଖ୍ୟା ରେକର୍ଡ ସ୍ତର ୬ ପ୍ରତିଶତରେ ପହଞ୍ଚିଥିଲା ଏବଂ ଏଯାବତ୍ ସେହି ହାରରୁ ଏହା ତଳକୁ ଖସି ନାହିଁ। ମାନ୍ଦା ଅର୍ଥ ବ୍ୟବସ୍ଥା ସହ ଚାକିରି ସମସ୍ୟା ଲାଗିରହିଛି। ପୁନର୍ବାର ସରକାରଙ୍କ ତଥ୍ୟକୁ ଦେଖିଲେ ଜଣାପଡ଼େ ଯେ, ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ଜାନୁୟାରୀ ୨୦୧୮ରୁ ନିମ୍ନଗାମୀ ହେବା ଆରମ୍ଭ ହୋଇ କୋଭିଡ୍–୧୯ ମହାମାରୀ ପୂର୍ବରୁ ଲଗାତର ଦୁଇ ବର୍ଷ ୩ ମାସ ଧରି ତଳକୁ ଖସିଚାଲିଥିଲା। ତା'ପରେ ମହାମାରୀ ଅର୍ଥ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ମାନ୍ଦା କରିଦେଲା। ଚଳିତ ବର୍ଷ ଯେଉଁ ଉଚ୍ଚ ଅଭିବୃଦ୍ଧି କଥା କୁହାଯାଉଛି ତାହା ଦୁଇ ବର୍ଷ ପୂର୍ବେ ଥିଲା ଏବଂ ଆମେ ସେହି ସ୍ତରରେ ହିଁ ପହଞ୍ଚିବା। ଏଥିରୁ ଜଣାପଡ଼େ, ଭାରତର ଅର୍ଥ ବ୍ୟବସ୍ଥା ଏବଂ ଲୋକଙ୍କୁ କାମ ଯୋଗାଇଦେବାରେ ଏହାର କ୍ଷମତା ଦୀର୍ଘଦିନ ହେବ ସମସ୍ୟାରେ ରହି ଆସିଛି। କିନ୍ତୁ ଏହା ଆମ ରାଜନୈତିକ ବିତର୍କର ପ୍ରସଙ୍ଗ ହୋଇନାହିଁ କି ଏକ୍ଷେତ୍ରରେ ସୁଧାର ଆଣିବା ଲାଗି ଶାସକ ଦଳ ଉପରେ କୌଣସି ଚାପ ମଧ୍ୟ ରହିନାହିଁ। ଆର୍ଥିକ ବିଫଳତା ଏବଂ ବେରୋଜଗାର ପ୍ରସଙ୍ଗରେ ବିରୋଧୀମାନେ ଲୋକମାନଙ୍କୁ ସଂଗଠିତ କରିପାରି ନାହାନ୍ତି। କେବଳ ଦୁଇଟି ଘଟଣାରେ ଅର୍ଥାତ୍ କିଛି ବର୍ଷ ପୂର୍ବେ ଚାକିରିକୁ ନେଇ କରାଯାଇଥିବା ପଟିଦାର ଆନ୍ଦୋଳନ ଏବଂ ନିକଟରେ ରେଲୱେ ନିଯୁକ୍ତି ପାଇଁ ଉତ୍ତରପ୍ରଦେଶ ଏବଂ ବିହାରରେ ହୋଇଥିବା ଆନ୍ଦୋଳନରେ ଲୋକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସଂଗଠିତ ହୋଇଛନ୍ତି। ହିନ୍ଦୁ–ମୁସଲମାନ ପ୍ରସଙ୍ଗକୁ ପଛକୁ ରଖି ଅର୍ଥ ବ୍ୟବସ୍ଥା ଓ ଚାକିରି ଉପରେ ବିରୋଧୀ ବିତର୍କ ବା ଆଲୋଚନା କରିବାକୁ ଚାହିଁଲେ ବି ସେଥିରେ ସକ୍ଷମ ହୋଇନାହିଁ। ତେବେ କାହିଁକି ଏମିତି ହୋଇଛି ? ମିଡିଆ ଏସବୁ ବିଷୟକୁ କଭର୍ କରିବାକୁ ଚାହୁଁନାହିଁ ବୋଲି ନ୍ୟୁଜ ଆଙ୍କର ରବିସ୍ କୁମାର ଯାହା କହିଛନ୍ତି, ତାହା ଏକ ଉତ୍ତର ହୋଇପାରେ। ସେ କହିଛନ୍ତି, ଯଦି ମିଡିଆ ଲଗାତର ଦୁଇ ସପ୍ତାହ ଚାକିରି ପ୍ରସଙ୍ଗକୁ ଧ୍ୟାନଦେବ ତେବେ ସରକାର ରାସ୍ତାରେ ଆନ୍ଦୋଳନରତ ଲୋକଙ୍କ ଦାବିକୁ ମାନିନେବେ। ସମ୍ଭବତଃ ଏହା ହିଁ ହୋଇଥାଏ। କିନ୍ତୁ ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆର ବ୍ୟାପକ ପ୍ରଚଳନ ଯୋଗୁ ୧୫ ବର୍ଷ ପୂର୍ବେ ଯେଭଳି ମୁଖ୍ୟଧାରା ମିଡିଆର ଆବଶ୍ୟକତା ରହିଥିଲା ତାହା ଆଉ ଦରକାର ପଡୁନାହିଁ। ଏଣୁ ମୁଖ୍ୟଧାରା ମିଡିଆ ସେ ସେବୁ ବିଷୟ ପ୍ରତି ଧ୍ୟାନ ନ ଦେଲେ ମଧ୍ୟ ତାହା ଦବିଯିବାର କୌଣସି ସମ୍ଭାବନା ନାହିଁ।

ଉତ୍ତରର ରହସ୍ୟ ଆହୁରି ଗଭୀରରେ ରହିଥିବା ଜଣାପଡୁଛି। ସୁସ୍ଥ ଅର୍ଥ ବ୍ୟବସ୍ଥା, ଦକ୍ଷ ପରିଚାଳନା ଏବଂ ଚାକିରି ମିଳିବା ଭଳି ଏକ ପରିବେଶ ସୃଷ୍ଟି କରିବାରେ ସରକାରଙ୍କ ଦକ୍ଷତା ଆଦି ବ୍ୟାପକ ପ୍ରସଙ୍ଗଗୁଡ଼ିକ ଆମମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇନାହିଁ। ଯଦି ଏହାର ଗୁରୁତ୍ୱ ରହିଛି, ତେବେ ଆମେ କାହିଁକି ଏହାକୁ କମ୍ ଗୁରୁତ୍ୱ ଦେଉଛୁ। ଅଧିକ ମନ୍ଦିର, ଅଧିକ ପ୍ରତିମୂର୍ତ୍ତି ଏବଂ ଚଳିତ ସପ୍ତାହରେ କର୍ଣ୍ଣାଟକରେ ବୁର୍ଖା ପିନ୍ଧିଥିବା ଯୁବତୀଙ୍କ କଲେଜ ପ୍ରବେଶକୁ ବନ୍ଦ କରିବା ଉପରେ ଆମେ ଯେତିକି ଗୁରୁତ୍ୱ ଦେଉଛେ ଅର୍ଥବ୍ୟବସ୍ଥା ଓ ଚାକିରି ଉପରେ ସେତିକି ଧ୍ୟାନ ଦେଉନାହୁଁ। ଆମମାନଙ୍କ ମଧ୍ୟରୁ ଯେଉଁ କେତେଜଣ ଆର୍ଥିକ ସଙ୍କଟ ଦ୍ୱାରା ପ୍ରଭାବିତ ହୋଇଛନ୍ତି ସେମାନେ ଗୁଜରାଟରେ ହାର୍ଦ୍ଦିକ ପଟେଲଙ୍କ ନେତୃତ୍ୱରେ ସଂଗଠିତ ହୋଇଛନ୍ତି କିମ୍ବା ନିକଟରେ ରେଲୱେ ନିଯୁକ୍ତି ପାଇଁ ଆନ୍ଦୋଳନ କରିଛନ୍ତି। ଏଥିରୁ ବୁଝାପଡୁଛି ତୃଣମୂଳ ସ୍ତରରେ କିଛି କାର୍ଯ୍ୟକଳାପ ଚାଲୁଛି। କିନ୍ତୁ ଅର୍ଥ ବ୍ୟବସ୍ଥା ଓ ବେକାରି ଭଳି ସମସ୍ୟାଭିତ୍ତିକ ପ୍ରସଙ୍ଗଗୁଡ଼ିକ ଉପରେ ମୁଖ୍ୟତଃ ପାଶ୍ଚାତ୍ୟର ଗଣତାନ୍ତ୍ରିକ ଦେଶଗୁଡ଼ିକ ଗୁରୁତ୍ୱ ଦେଉଥିବାବେଳେ ଆମେ ଏହିସବୁ ସମସ୍ୟାକୁ ଅଣଦେଖା କରୁଛୁ। ଲଗାତର ବିତର୍କରେ ରହୁଥିବା ବିଭିନ୍ନ ପ୍ରସଙ୍ଗ ନେତାମାନଙ୍କୁ ଏବଂ ପାର୍ଟିଗୁଡ଼ିକୁ ଗଢ଼ିତୋଳେ କିମ୍ବା ଭାଙ୍ଗିଦିଏ। କିନ୍ତୁ ଆମ ଦେଶରେ ଏହା ଉପରେ ଗୁରୁତ୍ୱ ଦିଆଯାଉନାହିଁ କି ଚିନ୍ତା ପ୍ରକଟ କରାଯାଉନାହିଁ।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 2 | 4 | | | | |
| | 7 | | | | 9 | | 1 | |
| | 3 | | | 8 | | | 9 | |
| | 8 | | 1 | | | 3 | 2 | 5 |
| | 6 | | | | 8 | | | 1 |
| 2 | | | | | | | 6 | |
| | | | 8 | | | 2 | | |
| | | | | 5 | 4 | | | 9 |
| 9 | | | 7 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 2 | 6 | 1 | 4 | 5 | 7 | 8 |
| 6 | 7 | 4 | 5 | 2 | 8 | 3 | 1 | 9 |
| 1 | 8 | 5 | 7 | 9 | 3 | 4 | 2 | 6 |
| 2 | 5 | 6 | 1 | 7 | 9 | 8 | 4 | 3 |
| 3 | 1 | 7 | 8 | 4 | 6 | 2 | 9 | 5 |
| 8 | 4 | 9 | 3 | 5 | 2 | 7 | 6 | 1 |
| 4 | 2 | 8 | 9 | 3 | 1 | 6 | 5 | 7 |
| 7 | 6 | 1 | 4 | 8 | 5 | 9 | 3 | 2 |
| 5 | 9 | 3 | 2 | 6 | 7 | 1 | 8 | 4 |

ଗତ କାଲିର ଉତ୍ତର

# ଆଲୋକରୁ ଅନ୍ଧାର ଆଡ଼କୁ

ଚିତ୍ର ଚରିତ୍ର



ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଉଁ କାଳରୁ ଆମ ମହନୀୟ ସଂସ୍କାରରେ ମହାମନ୍ତ୍ରଟିଏ ହୋଇ କୋଟି ପ୍ରାଣରେ ଝଙ୍କୃତ ହୋଇଆସୁଛି, ସଂଜୀବନୀ ଶକ୍ତି ହୋଇ ପ୍ରବାହିତ ହୋଇଆସୁଛି ଆମର ପ୍ରତିଟି ରକ୍ତବିନ୍ଦୁରେ ; ପୁଣି ଆମ ସାମାଜିକ ଚେତନାର ପରମ୍ପରାରେ ପ୍ରାର୍ଥନାଟିଏ ହୋଇ ଉଚ୍ଚାରିତ ହେଉଛି ସେଇ ରହସ୍ୟମୟ ଶକ୍ତି ଉଦ୍ଦେଶ୍ୟରେ– ''ମୋତେ ଅନ୍ଧାରରୁ ଆଲୋକ ଆଡ଼କୁ, ଅସତ୍‌ରୁ ସତ୍ ଆଡ଼କୁ ଓ ମୃତରୁ ଅମୃତ ଆଡ଼କୁ ବାଟ କଢ଼ାଇ ନିଅ ପ୍ରଭୋ !'' ସଂସ୍କାର ଓ ସଂସ୍କୃତି ପ୍ରତି ଶ୍ରଦ୍ଧାଶୀଳ ଯେ କେହି ଭାରତୀୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ମନ୍ତ୍ରରେ ହିଁ ଅଭିମନ୍ତ୍ରିତ। ଦିନେ ଏଇ ମାଟିରେ ଏହି ମନ୍ତ୍ର ଦସ୍ୟୁ ରତ୍ନାକରକୁ ମହର୍ଷି ବାଲ୍ମୀକିରେ ରୂପାନ୍ତରିତ କରିଥିଲା। ପୁଣି ଶୈଶବରୁ ଏହି ମନ୍ତ୍ର ଘୋଷି ଘୋଷି ଶିବାଜୀ ହୋଇଥିଲେ ଛତ୍ରପତି, ଆଉ ନରେନ୍ଦ୍ର ପାଲଟି ଯାଇଥିଲେ ବିଶ୍ୱବିଜୟୀ ବିବେକାନନ୍ଦ। ଶୈଶବରୁ ବାର୍ଦ୍ଧକ୍ୟଯାଏଁ ଦିବ୍ୟ ଜୀବନର ଉତ୍ତରଣ ପଥରେ ସନାତନ ଶକ୍ତି ଯୋଗାଇଥାଏ ଏ ସାଂଗୀତିକ ମହାନ୍ ମନ୍ତ୍ର।

ଅଥଚ ବିଡ଼ମ୍ବନାର ବିଷୟ ଏହା ଯେ, ନିଜ ନିଜକୁ ଆଧୁନିକ ବୋଲାଉଥିବା ଆମ ଭିତରୁ ଥୋକେ ଏ ଶକ୍ତିକୁ ଅସ୍ୱୀକାର କରନ୍ତି, ଅବଜ୍ଞା କରନ୍ତି, ଏଇ ମାନ୍ତ୍ରିକ ଧ୍ୱନିକୁ ଓ ବାଟ ଭାଙ୍ଗି ଚାଲିବାରେ ଲାଗନ୍ତି ବିପରୀତ ଦିଗରେ। ସେମାନେ ପାଦ ବଢ଼ାନ୍ତି ଆଲୋକରୁ ଅନ୍ଧାର ଆଡ଼କୁ। ସେମାନେ ଅନ୍ଧାରରେ ରହନ୍ତୁ, ଆଲୋକକୁ ଘୃଣା କରନ୍ତୁ ମନା ନାହିଁ। ମାତ୍ର ଯେତେବେଳେ ସେମାନେ ଅନ୍ୟ ଆଲୋକ ରାଜ୍ୟର ଅଧିବାସୀମାନଙ୍କ ହାତ ଭିଡ଼ି ଅନ୍ଧାର ଆଡ଼କୁ ଟାଣି ନିଅନ୍ତି, ସେତେବେଳେ ଆମ ସାମାଜିକ ଜୀବନର ଶୁଦ୍ଧତା ଓ ନିରାପତ୍ତାକୁ ନେଇ ମନରେ ପ୍ରଶ୍ନ ଉଠେ। ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ, ସାମ୍ପ୍ରତିକ କାଳରେ ଅନ୍ଧାରପ୍ରିୟ ଲୋକମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆମ ସୁବର୍ଣ୍ଣ ପରମ୍ପରାର ଶୁଦ୍ଧ ସଂସ୍କାରଠୁ ମୁହଁ ଫେରାଇ ଏମାନେ ନିଜକୁ ସଭ୍ୟ, ସଂଭ୍ରାନ୍ତ ଓ ଆଧୁନିକ, ପ୍ରଗତିଶୀଳ ବୋଲି ଘୋଷଣା କରୁଛନ୍ତି। କହୁଛନ୍ତି, 'ସଂସ୍କାର, ସଂସ୍କୃତି ଓ ପରମ୍ପରା' ଏସବୁ ଆବେଗ ବିଜଡ଼ିତ ଅନ୍ଧାରି ରାଜ୍ୟର ଉପକଥା। ଆଧୁନିକତାରେ ନିଜକୁ ଆଲୋକିତ କରିବାର ଅଛି ତ ସଂସ୍କାରବାଦୀ ଅନ୍ଧାରଠୁଁ ଦୂରେଇ ଆସ। ନିଜକୁ 'ବିଶ୍ୱ ଗ୍ରାମ ବା ଗ୍ଲୋବାଲ ଭିଲେଜ'ରେ ପ୍ରତିଷ୍ଠିତ କରିବାର ଅଛି ତ ପଶ୍ଚାତ୍‌ଗାମୀ ଗାଉଁଲି ପରମ୍ପରାକୁ ମାଟିରେ ମିଶାଇଦିଅ।

ବାଃ, କି ସାହସିକ ଉଦ୍‌ଘୋଷଣା ! ଆଧୁନିକତାର ଅତିରିକ୍ତ ଔଜ୍ଜ୍ୱଲ୍ୟରେ ଅନ୍ଧ ହୋଇ ନ ଗଲେ ଏମିତି ଆସ୍ଫାଳନ କେହି କେବେ କରନ୍ତି ନାହିଁ। ଏକ ନିର୍ଦ୍ଦିଷ୍ଟ ସୀମା ଯାଏଁ ଆଲୋକକୁ ସହି ହୁଏ ସିନା, ମାତ୍ର ସେଇ ସୀମା ଅତିକ୍ରମି ଗଲେ ମଣିଷ ଅନ୍ଧ ହୋଇଯାଏ ଓ ଥରେ ଅନ୍ଧ ହୋଇଗଲେ ଚାରିଆଡ଼େ ଖାଲି ଅନ୍ଧାର ହିଁ ଅନ୍ଧାର। ପ୍ରକୃତରେ ଯେଉଁଠି ବ୍ୟକ୍ତି ଚେତନାରେ ରାଷ୍ଟ୍ରୀୟ ସଂସ୍କାର ଓ ସାମାଜିକ ଅସ୍ମିତାର ମହତ୍ତ୍ୱ ବିକଶିତ ହୋଇନାହିଁ, ସେଠି ଚିରକାଳ ଅନ୍ଧାର ହିଁ ରାଜୁତି କରୁଥାଏ। ଶିକ୍ଷା, ସଭ୍ୟତା ବା ଜ୍ଞାନ, ବିଜ୍ଞାନ ଓ ବୌଦ୍ଧିକତାର ଜୟଯାତ୍ରା ଯେତେ ତୀବ୍ର ମୁଖର ହେଲେ ବି ଆଧୁନିକତାର ଶଙ୍ଖଧ୍ୱନି ଯେତେ ଉଗ୍ରତାର ସହିତ ନିନାଦିତ ହେଲେ ମଧ୍ୟ ସେହି ଅନ୍ଧାର କେବେ ବି ଦୂରୀଭୂତ ହୁଏନା, ହୋଇପାରେନା।

ଆଧୁନିକତାର ଏ ମିଥ୍ୟା ଆଲୋକ ଚକ୍ଷୁଷ୍ମାନ୍ ମଣିଷକୁ ନେଇ କେଉଁ ଅନ୍ଧାରି ଇଲାକାରେ ପହଞ୍ଚାଇ ଦେଇଛି। ଯେଉଁ ମାଟିରେ ସେ ଜନ୍ମ ନେଇଥାଏ, ଯାହାର ପାଣି ପବନ ତା' ଦେହରେ ସଂଜୀବନୀ ଶକ୍ତି ହୋଇ ବାଲ୍ୟରୁ ବାର୍ଦ୍ଧକ୍ୟଯାଏଁ ବଞ୍ଚାଇ ରଖିଥାଏ, ସେଇ ମାଟିର ନିଜସ୍ୱ ସଂସ୍କାର ଓ ସଂସ୍କୃତିକୁ ଅବଜ୍ଞା କରି ସେ ନିଜକୁ ସଭ୍ୟ ଓ ଆଧୁନିକ ବୋଲି ଚିହ୍ନାଇପାରେ କେମିତି ? ଜୀବନ ସଡ଼କରେ 'ଫରୱାର୍ଡ ମାର୍ଚ୍ଚ'ରେ ଯେତେ ଆଗକୁ ମାଡ଼ି ଚାଲିଲେ ବି ନିଜ ମାଆ, ମାତୃଭୂମି ଓ ମାତୃଭାଷାକୁ 'ବେକ୍‌ୱାର୍ଡ' କହି ଅସମ୍ମାନିତ କରିପାରେ କେମିତି ? ନିଜ ମାଆକୁ ସମୁଚିତ ସମ୍ମାନ ଦେଇ ଜାଣି ନଥିବା ସଂସ୍କାରଚ୍ୟୁତ ସନ୍ତାନକୁ କେଉଁ ରାଜ୍ୟର ଅଧିବାସୀ ବୋଲି ଧରି ନିଆଯିବ ? ଆଲୋକ ରାଜ୍ୟର ନା ଅନ୍ଧାର ରାଜ୍ୟର ?

କିଏ ଜଣେ ମନୀଷୀ କହିଥିଲେ ପରା, ''ଜୀବନ ଆଗକୁ ବଞ୍ଚାଯାଏ ସିନା, ପଛକୁ ଫେରି ଚାହିଁଲେ ଜୀବନକୁ ଭଲ କରି ବୁଝିହୁଏ।'' ସୁତରାଂ ନିଜ ସଂସ୍କାର ଓ ସଂସ୍କୃତିକୁ ଭୁଲିଯିବାର ନାମ ନୁହେଁ ସଭ୍ୟତା। ଆପଣାର ଅସ୍ମିତାକୁ ବିସ୍ମରିଯିବାର ନାମ ନୁହେଁ ଆଧୁନିକତା। ବାହାରକୁ ଚିକ୍ ଚିକ୍ କରୁଥିବା ଏକ ସୁଦୃଶ୍ୟ ସୌଧକୁ ଅଦୃଶ୍ୟ ଭାବେ ତଳୁ ଟେକି ଧରିଥିବା ଇଟାଖଣ୍ଡମାନଙ୍କ ପ୍ରତି ଅକୃତଜ୍ଞ ରହିବାର ନାମ ନୁହେଁ ସାର୍ଥକତା। ଏ ଦେଶର ସଂସ୍କାରରେ ମହାବଳ ବାଘକୁ ମାମୁ କୁହାଯାଏ। ପୁଷି ବିଲେଇକୁ ମାଉସୀ ଡକାଯାଏ। ପଶୁପକ୍ଷୀଙ୍କୁ ନିଜ ସମ୍ପର୍କୀୟ ବିଚାରୁଥିବା ଭାରତୀୟମାନେ ଏବେ ଉଗ୍ର ଆଧୁନିକତାରେ ଆକ୍ରାନ୍ତ ହୋଇ ବାପା ମାଆ, କକାଖୁଡ଼ୀ ଓ ମାମୁ ମାଇଁଙ୍କ ଭଳି ଅନ୍ତରଙ୍ଗ ସମ୍ପର୍କୀୟଙ୍କୁ ମଧ୍ୟ ନିଜ ଭାଷାରେ ସମ୍ବୋଧନ କରିବାକୁ ମର୍ଯ୍ୟାଦାର ପରିପନ୍ଥୀ ବୋଲି ବିଚାରୁଛନ୍ତି। ସତେ ଯେମିତି, ନିଜ ସନ୍ତାନ ସନ୍ତତିଙ୍କ ମୁହଁରୁ ଡାଡି, ମମି ବା ଅଙ୍କଲ, ଆଣ୍ଟି ନ ଶୁଣିଲେ ନିଜ ଗର୍ବିତ ପିତୃତ୍ୱ ବା ମାତୃତ୍ୱ ଉପରେ କାଳିଛିଟା ପଡ଼ିଯିବ। ଭାଇକୁ 'ବ୍ରୋ' କି ଭଉଣୀକୁ 'ସିସ୍' ବୋଲି ସମ୍ବୋଧନ ନ କଲେ ବା ଜନ୍ମଦିନକୁ 'ବର୍ଥ ଡେ' ବୋଲି ଉଚ୍ଚାରଣ ନ କଲେ ମଇଳା ହୋଇଯିବ ଆପଣାର ସଂଭ୍ରାନ୍ତ ପରିଚୟ। ନିର୍ଲଜ୍ଜତା ଆଉ କାହାକୁ କହନ୍ତି କି !

ଏ ଦେଶର ପ୍ରାଚୀନ ସଂସ୍କାରର ମଣ୍ଡ ହେଉଛି 'ତମସୋ ମା ଜ୍ୟୋତିର୍ଗମୟ'। କେବଳ ରାଷ୍ଟ୍ରୀୟ ବିଚାରରେ ନୁହେଁ, ବ୍ୟକ୍ତି ଚେତନାରେ ମଧ୍ୟ ଅନ୍ଧାରରୁ ଆଲୋକ ଆଡ଼କୁ ଯିବାର ପ୍ରବଣତା ଅଦୃଶ୍ୟ ଭାବେ ବସା ବାନ୍ଧି ରହିଛି। ଅଥଚ ଆଧୁନିକତାର ତାଳେ ତାଳେ ଆଧୁନିକ ବାପା ମା'ମାନେ ସେମାନଙ୍କ ପିଲାମାନଙ୍କର ଜନ୍ମଦିନ ପାଳନ କରୁଛନ୍ତି ଜଳୁଥିବା ମହମବତିକୁ ଲିଭାଇ ଦେଇ, ଆଲୋକରୁ ଅନ୍ଧାର ମଧ୍ୟକୁ ପ୍ରବେଶ କରି। ପାରମ୍ପରିକ ସତ୍ୟନାରାୟଣ ପୂଜାପାଠ, ନଡ଼ିଆ କଦଳୀ ଓ ଶିରଣି ଭୋଗର ସୁସ୍ୱାଦୁ ବ୍ୟଞ୍ଜନ ପରିବର୍ତ୍ତେ ରଙ୍ଗବେରଙ୍ଗର ଝୁଲନ୍ତା ବେଲୁନ ଶୋଭିତ କକ୍ଷ ଭିତରେ କେକ୍ କଟା ଓ ଗ୍ରୁପ ଡ୍ୟାନ୍ସ ମଧ୍ୟରେ ପାଳିତ ହେଉଚି ପ୍ରାଚ୍ୟ ସନ୍ତାନର ଜନ୍ମଦିନ। ଯେଉଁ ମାଆ ସନ୍ତାନର କପାଳରେ ସିନ୍ଦୂର ଚନ୍ଦନ ଲଗାଇ ଥାଳିରେ ଦୀପ ଥୋଇ ତାକୁ ବନ୍ଦାପନା କରି ତା'ର ଦୀର୍ଘ ନିରାମୟ ଜୀବନ କାମନା କରି ପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ, ସେ ଆଜି 'ହ୍ୟାପି ବର୍ଥ ଡେ ଟୁ ଇଉ' କୋରସ୍ ସଙ୍ଗୀତର ତାଳେ ତାଳେ ନୃତ୍ୟରତ, ଆନନ୍ଦ ବିଭୋର !

ନିଜ ପୁଅର ଏମିତି ଜନ୍ମଦିନ ପାଳନ କରୁଥିବା ଓ ତା' ମୁହଁରୁ 'ଡାଡି' ଡାକ ଶୁଣି ଆହ୍ଲାଦିତ ହେଉଥିବା ଖାଣ୍ଟି ଭାରତୀୟ ବନ୍ଧୁ ଜଣେ ସେଦିନ ନିଜ କର୍ମ ସପକ୍ଷରେ ସଫେଇ ଦେଇ କହୁଥିଲେ, କ'ଣ ଆଉ କରିବା ! ଏସବୁ ପରିବେଶର ପ୍ରଭାବ, ସମୟର ଆହ୍ୱାନ। ଏମିତି ଜନ୍ମଦିନ ପାଳନ କରିବାକୁ ମୋ ପୁଅ ଓ ତା' ମାଆ ଏମିତି ଜିଦ୍ ଧରି ବସିଲେ ଯେ, ସେମାନଙ୍କ ବିରୋଧରେ ଯାଇ ଘରେ ଅଶାନ୍ତି ସୃଷ୍ଟି କରିବାକୁ ମୁଁ ଉଚିତ୍ ମନେକଲି ନାହିଁ। ତୁମ ଆଖି ପାଖରେ ସମାଜ ସଭ୍ୟତାର ନୂଆ ଶିଡ଼ି ଚଢ଼ି ଦ୍ରୁତଗତିରେ ଆଧୁନିକତା ଆଡ଼େ ମୁହାଁଉ ଥିଲା ବେଳେ ତୁମେ ଏକା ଏକା ଆପଣା ସଂସ୍କାରର ଆଶାବାଡ଼ି କାଖରେ ଜାକି ଭାରତୀୟ ବୋଲାଇବାରେ କି ଲାଭ ?

ବନ୍ଧୁଙ୍କ ପ୍ରଶ୍ନର ଉତ୍ତରରେ ଆଉ କେଇଟି ପ୍ରଶ୍ନ– 'ପରିବେଶ କାହାକୁ କହନ୍ତି' ? 'ସମାଜ କେମିତି ଗଢ଼ା ହୋଇଥାଏ ?' 'ବ୍ୟକ୍ତିଙ୍କ ବିନା ସମ୍ମତି ଓ ସଂପୃକ୍ତିରେ ସମାଜଟିଏ କ'ଣ ଗଢ଼ା ହୋଇଯାଏ ଓ ପରିବେଶଟିଏ ସୃଷ୍ଟି ହୋଇଥାଏ ?' ବ୍ୟକ୍ତି ଚରିତ୍ରକୁ ଶୀତଳ ଭଣ୍ଡାରରେ ଥୋଇ ସମାଜ ଉଜୁଡ଼ିଗଲା ଓ ପରିବେଶ ବିଗିଡ଼ିଗଲା ବୋଲି ଯେତେ ଚିତ୍କାର ଛାଡ଼ିଲେ ବି ସମାଜ ତଳକୁ ତଳ ରସାତଳକୁ ଯାଉଥିବ ସିନା, କେବେ ବି ସୁଧୁରି ଯିବନି।

ଗୋଟିଏ ଜାତିର ଉତ୍‌ଥାନ ଓ ବିକାଶ ମୂଳରେ ଥାଏ ବ୍ୟକ୍ତି ଚରିତ୍ରର ଉତ୍ତରଣ ଓ ଏହି ଉତ୍ତରଣର ପ୍ରବାହ ମଧ୍ୟରେ କ୍ରମୋତ୍ତର ସୋପାନରେ ସୃଷ୍ଟି ହୋଇଥିବା ସାଂସ୍କୃତିକ ଐତିହ୍ୟ। ଏ ପ୍ରସଙ୍ଗରେ ଭାରତୀୟ ସଂସ୍କାର ଓ ସଂସ୍କୃତିର କାନ୍ତ କମନୀୟତା ପ୍ରତି ଅବଶିଷ୍ଟ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିବା ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିକୋଣ ବେଶ ପ୍ରଣିଧାନଯୋଗ୍ୟ। ସେ କହିଥିଲେ, 'ନିଜ ଐତିହ୍ୟ ଓ ପରମ୍ପରାକୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ସଂପଦ ବୋଲି ମନେକର ଓ ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ମନେପକାଅ, ଯେଉଁମାନେ ନିଜର ସମର୍ପିତ ସାଧନା, ତ୍ୟାଗ ଓ ତପସ୍ୟା ବଳରେ ତୁମ ପାଇଁ ଏମିତି ବର୍ତ୍ତମାନଟିଏ ଛାଡ଼ିଯାଇଛନ୍ତି। ଆଖି ଆଗରେ ଥିବା ବର୍ତ୍ତମାନକୁ ଆହୁରି ସମୃଦ୍ଧ ଭବିଷ୍ୟତରେ ରୂପାନ୍ତରିତ କରିବା ପାଇଁ କଠୋର ପରିଶ୍ରମ କର। ତୁମେ ଯେତେବେଳେ ପରିଣତ ବୟସରେ ପହଞ୍ଚିବ ପରିଶ୍ରମ କରିବାକୁ ଦେହରେ ଆଉ ବଳ ନ ଥିବ, ସେତେବେଳେ ନିଜକୁ ସ୍ଥବିର ଭାବି ନୀରବରେ ବସିଯାଅ ନାହିଁ। ଉତ୍ତର ପିଢ଼ିର ନବଦାୟାଦଙ୍କୁ ପାଖରେ ବସାଅ ଓ ସେମାନଙ୍କୁ ତୁମ ପୂର୍ବ ପୁରୁଷଙ୍କ ନିଷ୍ଠା, ତ୍ୟାଗ ଓ ତପସ୍ୟାର କାହାଣୀ ଶୁଣାଅ। ସେମାନଙ୍କୁ ଏ କଥା ବି କୁହ ଯେ, ସେମାନେ ଯେଉଁ ଆଲୋକ ଉପଭୋଗ କରୁଛନ୍ତି, ଯେଉଁ ବୃକ୍ଷର ଫଳ ଖାଇବା ସହ ତା'ର ଶୀତଳ ଛାୟା ସେବନ କରୁଛନ୍ତି, ସେହି ଆଲୋକ ସୃଷ୍ଟି କରିବାକୁ ଓ ସେଇ ବୃକ୍ଷଟିକୁ ବଢ଼ାଇବା ପାଇଁ ପୂର୍ବଜମାନେ କେତେ କଠୋର ପରିଶ୍ରମ କରିନାହାନ୍ତି।

ପ୍ରକୃତରେ କେଡ଼େ କଥାଟିଏ କହିନାହାନ୍ତି ବିଶ୍ୱବିଜୟୀ ସନ୍ନ୍ୟାସୀ। ଭୁଲିଗଲେ ଚଳିବନାହିଁ ଯେ ଜଣେ ଜୀଜାବାଈଙ୍କ ନୀରବ ନିଷ୍ଠା ଓ ଐକାନ୍ତିକ ସାଧନା ହିଁ ଶିବାଜୀଙ୍କୁ ଛତ୍ରପତିରେ ରୂପାନ୍ତରିତ କରିପାରିଥିଲା। ସମୟର ଦୁର୍ଭାଗ୍ୟ, ଏବେ ମାଆମାନେ ନିଜ ନବ ଦାୟାଦମାନଙ୍କୁ ପୂର୍ବଜମାନଙ୍କ ସଂସ୍କାର ଓ ସାଧନାର ଗୌରବମୟ ଗୀତିକଥା ଶୁଣାଇବା ପରିବର୍ତ୍ତେ ଆଧୁନିକ ଜୀବନର ଉଜ୍ଜ୍ୱଳ ଉପାଦାନ ସମ୍ପର୍କରେ ଶିକ୍ଷା ଦେଇ ଚାଲିଛନ୍ତି। ସାମ୍ପ୍ରତିକ ସମୟରେ ଅରବିନ୍ଦ, ବିବେକାନନ୍ଦ ବା ଶିବାଜୀଙ୍କ ନାମ ଜାଣିଥିବା ଶିଶୁଟିଏ ମିଳିବା ସହଜ ହୋଇ ନ ପାରେ। ମାତ୍ର ମୋଟେ ଅସହଜ ନୁହେଁ ୟୁଟ୍ୟୁବ୍ ସହ ପରିଚିତ ଥିବା ଶିଶୁ ଜଣଙ୍କୁ ଖୋଜି ପାଇବା। ବିଜ୍ଞାନ ଓ ବୌଦ୍ଧିକତାର ଜୟଯାତ୍ରା ମଣିଷକୁ ଦେଇଛି ଏକ ସରସ, ସୁନ୍ଦର ଓ ସୁଖମୟ ଜୀବନର ବରଦାନ। ମାତ୍ର ବିଜ୍ଞାନ ଯେଉଁଠି ସଂସ୍କାର ବିବର୍ଜିତ, ଆଧୁନିକତା ଯେଉଁଠି ଅପସଂସ୍କୃତି ସମ୍ବଳିତ, ସେଠି ସଭ୍ୟତାର ଯାବତୀୟ ବିକାଶ ସତ୍ତ୍ୱେ ବି ସମୟ ଓ ସମାଜର ଗତି ଆଲୋକରୁ ଅନ୍ଧାର ଆଡ଼କୁ ହେବା ପାଇଁ ବସ୍ତୁତଃ ବାଧ୍ୟ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ସ୍ୱପ୍ନର ବୈଷୟିକ ଡିଜାଇନର

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍ଟଙ୍କ ସହଧର୍ମିଣୀ ଏଲିନୋର୍ ରୁଜ୍‌ଭେଲ୍ଟ ଏକଦା କହିଥିଲେ, 'ଯେଉଁମାନେ ସେମାନଙ୍କ ସ୍ୱପ୍ନର ସୌନ୍ଦର୍ଯ୍ୟକୁ ଦେଖିଥାଆନ୍ତି ସେମାନଙ୍କ ଭବିଷ୍ୟତ ସେଭଳି ହୋଇଥାଏ'। ଏଭଳି ଏକ ପ୍ରେରଣାଦାୟୀ ଉକ୍ତିର ଯଥାର୍ଥ ଅନୁପାଳକ ହେବାର ଦୃଷ୍ଟାନ୍ତ ପାଲଟିଛନ୍ତି ମୁମ୍ବାଇ ମହିଳା ଶାହିନା ଅତ୍ତାରୱାଲା। ପିଲାବେଳୁ ଚାକିରି ପାଇବା ଯାଏ ମୁମ୍ବାଇ ବସ୍ତିରେ କଟିଥିଲା। ମାଇକ୍ରୋସଫ୍ଟରେ ପ୍ରଡକ୍ଟ ଡିଜାଇନ୍ ମ୍ୟାନେଜର ହୋଇ ଏକ ସୁନ୍ଦର ଜୀବନ ବିତାଇବା ଯାଏ ସେ ଅଜଣା ଥିଲେ। ହେଲେ ଗୋଟିଏ ସପ୍ତାହ ମଧ୍ୟରେ ସଂଘର୍ଷରୁ ସଫଳତାର କାହାଣୀ ଦିଗବିଦିଗ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଅନେକଙ୍କ ପାଇଁ ଅନୁକରଣୀୟ ହୋଇଯାଇଛି। ସେ ଓଭର ଦି ଟପ୍ (ଓଟିଟି)ରେ 'ବ୍ୟାଡ୍ ବଏ ବିଲିୟନେୟାର୍ସ' ଦେଖୁଥିଲେ। ସେଥିରେ ବାନ୍ଦ୍ରା ରେଳ ଷ୍ଟେଶନ ନିକଟବର୍ତ୍ତୀ ଦର୍ଗା ଗଳି ବସ୍ତିରେ ଥିବା ତାଙ୍କ ପୁରୁଣା ଘରର ଚିତ୍ର ଦେଖିବାକୁ ପାଇବା ପରେ ଅତି ଭାବବିହ୍ୱଳ ହୋଇଯାଇଥିଲେ। ନିଜ ଜୀବନର କାହାଣୀକୁ ସେ ଟୁଇଟରରେ ଶେୟାର କରିବା ପରେ ତାଙ୍କ ପ୍ରତି ଚାରିଆଡ଼ୁ ଶ୍ରଦ୍ଧା ଓ ଶୁଭକାମନା ଛୁଟିବାରେ ଲାଗିଛି। ଫଳରେ ସେ କଷ୍ଟରେ ଜୀବନ ବିତାଉଥିବା ବର୍ଗଙ୍କ ପାଇଁ ଆଶାର ଆଲୋକ ପାଲଟି ଯାଇଛନ୍ତି।

ଶାହିନାଙ୍କ ପିତା ଜଣେ ବୁଲା ବିକାଳି। ଉତ୍ତରପ୍ରଦେଶରୁ ପିତା କାର୍ଯ୍ୟ ଅନ୍ୱେଷଣରେ ଆସି ମୁମ୍ବାଇରେ ପହଞ୍ଚିଥିଲେ। ପରିବାର ସହ ଶାହିନା ଦର୍ଗା ଗଳି ବସ୍ତିରେ ରହୁଥିଲେ। ଅତି ଦରିଦ୍ର ହୋଇଥିବାରୁ ସେମାନଙ୍କ ପାଇଁ ଘର ମଧ୍ୟ ନ ଥିଲା। ବର୍ଷ ବର୍ଷ ରାସ୍ତାକଡ଼ରେ ସେମାନଙ୍କୁ ଶୋଇବାକୁ ପଡ଼ିଛି। ଯେତେବେଳେ ତାଙ୍କ ବୟସ ବଢ଼ିଛି ଓ ବସ୍ତି ଲୋକଙ୍କ କୋଳାହଳପୂର୍ଣ୍ଣ ଜୀବନ ଭିତରେ ଜିଇଛନ୍ତି, ସେତେବେଳେ ଚାରିଆଡ଼ୁ ତାଙ୍କ



ବ୍ୟକ୍ତିତ୍ୱ

ଶାହିନା ଅତ୍ତାରୱାଲା

ପ୍ରତି ବିପଦ ଆସିଛି। ଏପରି କି ଯୌନ ଉତ୍ପୀଡ଼ନର ଶିକାର ମଧ୍ୟ ହୋଇଛନ୍ତି। ତଥାପି ଜୀବନଯାତ୍ରାରେ ହାରିଯିବାକୁ ସମୟକୁ ସୁଯୋଗ ଦେଇନାହାନ୍ତି। ପିତାଙ୍କ ସ୍ୱଳ୍ପ ରୋଜଗାରରେ ବମ୍ବେ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ତାଙ୍କ ପାଇଁ ବଡ଼ ଆହ୍ୱାନ ଥିଲା। ଏଥିସହିତ ତାଙ୍କ ମନ ସର୍ବଦା ଚାହୁଁଥିଲା ବୈଷୟିକ ଶିକ୍ଷାଟିକେ ମିଳନ୍ତା କି। ଆଶା କେତେକାଂଶରେ ପୂରଣ ହେଲା ଯେତେବେଳେ ସେ ଶିକ୍ଷାଗତ ଯୋଗ୍ୟତାରେ ଯୋଡ଼ିଥିଲେ ଏନ୍‌ଆଇଆଇଟିରୁ ଡିପ୍ଲୋମା ଇନ୍ ଭିଜୁଆଲ କମ୍ୟୁନିକେଶନ ଆଣ୍ଡ୍ ଡିଜାଇନ୍ ପ୍ରମାଣପତ୍ର। ଏହାସତ୍ତ୍ୱେ ଜ୍ଞାନର ଭୋକ ତାଙ୍କୁ ଅଧିକ ଆହରଣ କରିବା ଲାଗି ବ୍ୟସ୍ତ କରିଦେଉଥିଲା। ସ୍କୁଲ ପଢ଼ା ବେଳୁ କମ୍ପ୍ୟୁଟର ଉପରେ ନଜର ଥିଲା। ହେଲେ ଅନ୍ୟ ସହପାଠୀଙ୍କ ଭଳି ସେ ସେହି ଯନ୍ତ୍ରଟି ପାଇବା ତାଙ୍କ ପାଇଁ ସ୍ୱପ୍ନ ଥିଲା। ଦୃଢ଼ ଇଚ୍ଛାଶକ୍ତି ଥିବାରୁ ସେ ସେହି ଶିକ୍ଷା ପ୍ରତି ଆକର୍ଷିତ ହୋଇଥିଲେ। ଅଭାବୀ ପରିବାରର ଝିଅ ପାଇଁ ପ୍ରତିବନ୍ଧକଗୁଡ଼ିକ ପାହାଡ଼ ଭଳି ଠିଆ ହେଉଥିବାରୁ ପରୀକ୍ଷାରେ ଦୁର୍ବଳ ଗ୍ରେଡ୍ ତାଙ୍କୁ କମ୍ପ୍ୟୁଟର ଶ୍ରେଣୀକକ୍ଷ ପରିବର୍ତ୍ତେ ଛୁଞ୍ଚିସୂତା ସିଲେଇ ଶ୍ରେଣୀକୁ ପଠାଇଦେଇଥିଲା। ତଥାପି ସେ ବୈଷୟିକ ବିଦ୍ୟାକୁ ସ୍ୱପ୍ନ ଭିତରେ ଉଜ୍ଜୀବିତ କରି ରଖିଥିଲେ। ପିତାଙ୍କୁ ଏସବୁ କହିବା ପରେ କିଛି ଧାର ଅର୍ଥରେ ସେ ସ୍ଥାନୀୟ ଏକ କମ୍ପ୍ୟୁଟର ସେଣ୍ଟରରୁ ଶିକ୍ଷା ଗ୍ରହଣ କରିଥିଲେ। ଏକ କମ୍ପ୍ୟୁଟରର ମାଲିକାଣୀ ହେବା ପାଇଁ ଖରାବେଳର ଖାଦ୍ୟ ତ୍ୟାଗ ଓ ଶିକ୍ଷାନୁଷ୍ଠାନରୁ ଚାଲିକରି ଘରକୁ ଫେରିବା ଯୋଗୁ ସଞ୍ଚିତ ଅର୍ଥ କାମ ଦେଇଥିଲା। ତା' ପରେ କମ୍ପ୍ୟୁଟରରେ ଡିଜାଇନ୍ ପ୍ରୋଗ୍ରାମିଂରେ ମନୋନିବେଶ କରିଦେଇଥିଲେ। ଅନବରତ ଅଧ୍ୟୟନ ଫଳରେ ଶେଷରେ ମାଇକ୍ରୋସଫ୍ଟରେ କାର୍ଯ୍ୟ କରିବାର ସୁଯୋଗ ପାଇଲେ।

ଦୀର୍ଘବର୍ଷର କଠିନ ପରିଶ୍ରମ, ତ୍ୟାଗ ଓ ଆହ୍ୱାନକୁ ମୁକାବିଲା କରିବା ଲାଗି ଯୁଦ୍ଧପୂର୍ଣ୍ଣ ଜୀବନ ଏବେ ତାଙ୍କୁ ଓ ପରିବାରବର୍ଗଙ୍କୁ ବମ୍ବେର ଏକ ସୁନ୍ଦର ଆପାର୍ଟମେଣ୍ଟରେ ପ୍ରଚୁର ସୂର୍ଯ୍ୟକିରଣ ଓ ବାୟୁଚଳାଚଳ କରିବା ଲାଗି ଜାଗା ଦେଇଛି। ପିତାଙ୍କ ହକର୍ ଜୀବନ, ରାସ୍ତାକଡ଼ରେ ଶୋଇବା ସମୟର ଦୃଶ୍ୟକୁ ମନେପକାଇ ସେ ଉଲ୍ଲେଖ କରିଛନ୍ତି ଯେ, 'କଠୋର ପରିଶ୍ରମ ଓ ଜୀବନ ଯୁଦ୍ଧକୁ ସାମ୍ନା କରିଥିବା ମଣିଷ ପାଇଁ ଭାଗ୍ୟ ଏମିତି ଆସେ। ସେଥିପାଇଁ ଗୋଟେ ସ୍ୱପ୍ନ ରଖି ତାହାକୁ ସାକାର କରିବା ଲାଗି ପ୍ରୟାସ ହେବା ଦରକାର।' ୧୫ ବର୍ଷ ବୟସ ହୋଇଥିବା ବେଳେ ସେ ତାଙ୍କ ବସ୍ତିର ଝିଅ ଓ ମହିଳାଙ୍କ ଅସହାୟ ଜୀବନକୁ ଦେଖିଥିଲେ। କାହା ଉପରେ ବୋଝ ନ ହୋଇ ନିଜ ଜୀବନ ଲାଗି ଏକ ସୁନ୍ଦର ଚିତ୍ର ଆଙ୍କିପାରିଥିବାରୁ ଶାହିନା ଆଜି ସମ୍ଭବତଃ କମ୍ପ୍ୟୁଟରରେ ଅନ୍ୟମାନଙ୍କ ପାଇଁ ଡିଜାଇନ୍ କରିଚାଲିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମୃତ୍ୟୁ ପରେ ଶବଦାହ ସମ୍ମାନର ସହ ହେବା ଉଚିତ। କୌଣସି କାରଣରୁ ଶବ ବାହାରେ ପଡ଼ିରହିଲେ କିମ୍ବା ଏହା ପାଇଁ କେହି ଦାବି ନ କଲେ ତାହା ମାନବୀୟ ସମ୍ମାନ ହାନିକରେ। ଏଣୁ ଶବଦାହ ଲାଗି ପଞ୍ଜାବର ହରଜିନ୍ଦର ସିଂ ଚିମା ଆଇଆଇଟି ରୋପୁର ସାହାଯ୍ୟରେ ଏକ ପରିବେଶ ଉପଯୋଗୀ ମୋବାଇଲ କ୍ରିମେଟୋରିୟମ ବା ଭ୍ରାମ୍ୟମାଣ ଶବଦାହ ଗୃହ ନିର୍ମାଣ କରିଛନ୍ତି। ଚିମା ମେରାଇନ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ୧୨ ବର୍ଷ ଏ କ୍ଷେତ୍ରରେ କାର୍ଯ୍ୟ କରିବା ପରେ 'ଚିମା ବଏଲର କମ୍ପାନୀ' ପ୍ରତିଷ୍ଠା କରିଥିଲେ। ମହାମାରୀରେ ଶବଦାହରେ ଅବ୍ୟବସ୍ଥା ଦେଖିବା ପରେ ସେ ଏଭଳି ଏକ କ୍ରିମେଟୋରିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇ ଏପ୍ରିଲ ୨୦୨୧ରେ ଏଥିପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ଦାହ ଲାଗି ଏଥିରେ ବିଦ୍ୟୁତ୍ ଦରକାର ହେଉନାହିଁ। କାଠରେ ଶବଦାହ କରାଯାଉଛି ଓ ବହୁତ କମ୍ ଧୂଆଁ ବାହାରୁଛି। ମୋବାଇଲ କ୍ରିମେଟୋରିୟମକୁ ପ୍ରଥମେ ମୋହାଲିର ଏକ ଶ୍ମଶାନରେ ରଖାଯିବା ପରେ ଏଥିରେ ଶବଦାହ କରିବା ଲାଗି ଲୋକମାନେ ପସନ୍ଦ କରିଥିଲେ। ବାହାରେ ଗୋଟିଏ ମୃତଦେହକୁ ସମ୍ପୂର୍ଣ୍ଣ ଦାହ କରିବା ଲାଗି ୪ କ୍ୱିଣ୍ଟାଲ କାଠ ପ୍ରାୟ ୫ରୁ ୬ ଘଣ୍ଟା ଲାଗୁଥିବାବେଳେ ଏଥିରେ ମାତ୍ର ୩–୪ ଘଣ୍ଟା ଓ ୨.୫ କୁଇଣ୍ଟାଲ କାଠ ଆବଶ୍ୟକ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଫେବୃୟାରୀ ୧୯୯୭

- ଉତ୍ତର–ପୂର୍ବ ଇରାନସ୍ଥିତ ଖୋର୍‌ସାନ୍ ପ୍ରଦେଶର ବୋଜନୁର୍ଦ୍ଦ ଅଞ୍ଚଳରେ ଭୂମିକମ୍ପ ଘଟି ୫୮ ମୃତ।
- ଉତ୍ତର ଇସ୍ରାଏଲରେ ଦୁଇଟି ସାମରିକ ହେଲିକପ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୭୩ ଇସ୍ରାଏଲୀ ସୈନ୍ୟ ମୃତ।

## ଚିରନ୍ତନୀ

ଦୂର ବନକୋଲୁଁ ଭାସି ଆସେ ତା'ର
ମଧୁର ଗୀତି
ରହି ରହି ମୋର ମରମେ ବାଜେ ତା'
ବିଧୂର ଯତି।
ବନର ବିହଗୀ ପରାଏ ତାହାର
ବିତଇ କାଳ
ତୋତେ ଚାହିଁ ସବୁ ପାସୋରି ଦିଏରେ
ଶିମୁଳିପାଳ !
(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଚରଣବିଧି ଉଲ୍ଲଂଘନ ସବୁଠି ଚାଲିଛି

ମହାଶୟ,

ଭୋଟ ସମୟରେ ନିର୍ବାଚନ ଅଧିକାରୀ ଆଚରଣବିଧି ଜାରି କରିଛନ୍ତି। କିନ୍ତୁ ଯେଉଁଠି ଅସାଧୁମାନେ ନିର୍ବାଚନରେ ଭାଗ ନେଉଛନ୍ତି , ସେଠାରେ ବିଧି ବ୍ୟବସ୍ଥାକୁ ଖାତିର କରୁଛି କିଏ ? ପ୍ରତିଦିନ ଖବରକାଗଜ ପଢ଼ିଲେ ପ୍ରତି ଦଳର ନେତାମାନେ ପରସ୍ପରଙ୍କ ବିରୋଧରେ ଆଚରଣବିଧି ଉଲ୍ଲଂଘନ କରୁଥିବାର ଆପତ୍ତି ନିର୍ବାଚନ ଅଧିକାରୀଙ୍କ ନିକଟରେ କରୁଛନ୍ତି। ନେତାମାନେ ବି ସରକାରୀ ଅଧିକାରୀଙ୍କୁ ମାଡ଼ମାରି କ୍ଷତବିକ୍ଷତ କରୁଛନ୍ତି। ଏହାର ବିଚାର ହେଉଛି ତ ! ସବୁ ଚୋର ଯଦି କହିବେ ଚୋର ପଳାଇଲା, ତେବେ ନିର୍ବାଚନ ଅଧିକାରୀ କ'ଣ ପଦକ୍ଷେପ ନେବେ ? ଏ ଆଚରଣବିଧିକୁ ସତେ ଯେମିତି କେହି ମାନିବାକୁ ପ୍ରସ୍ତୁତ ନୁହନ୍ତି। ଯେଉଁମାନେ ନେତା ହେବାର ସୁଆଦ ପାଇଗଲେଣି, ସେମାନେ ଗୁଣ୍ଡାଗିରି କରି କୌଣସି ବିଧି ବ୍ୟବସ୍ଥାକୁ ଖାତିର କରିବେ ନାହିଁ ନିଶ୍ଚୟ।

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପଞ୍ଜାବ କଂଗ୍ରେସରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱକୁ ନେଇ ବିବାଦ

## ରାହୁଲଙ୍କ ନିଷ୍ପତ୍ତି ମାନିବେ କହିଲେ ସିଦ୍ଧୁ



ଚଣ୍ଡିଗଡ଼/ନୂଆଦିଲ୍ଲୀ,୫।୨

ପଞ୍ଜାବ ବିଧାନସଭା ନିର୍ବାଚନରେ କଂଗ୍ରେସର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନକୁ ନେଇ ବିବାଦ ଦେଖାଦେଇଛି। କଂଗ୍ରେସ ନିର୍ବାଚନ ଜିତିଲେ ପାଳିରେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ଦଳ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଜଣେ ନେତାଙ୍କ ନାମ ଘୋଷଣା କରିବେ ବୋଲି ସୂଚନା ମିଳିଛି। ତେବେ ରାଜ୍ୟ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଭୟଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଚନ୍ନି ଏହି ଦୌଡ଼ରେ ଆଗରେ ଥିବା ଜଣାପଡୁଥିବାବେଳେ ସିଦ୍ଧୁ ଦଳୀୟ ନେତୃତ୍ୱକୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ସେ ଚନ୍ନିଙ୍କୁ ସମାଲୋଚନା କରିବା ସହ ଦଳ ଜଣେ ସଚ୍ଚୋଟ ଓ ସ୍ୱଚ୍ଛ ଟ୍ରାକ୍ ରେକର୍ଡ ଥିବା ବ୍ୟକ୍ତିଙ୍କୁ ଚୟନ କରିବା ଆବଶ୍ୟକ ବୋଲି କହିଥିଲେ। ତେବେ ଶୁକ୍ରବାର ଚରଣଜିତ୍‌ଙ୍କ ପୁତୁରା ଭୂପେନ୍ଦ୍ର ସିଂ ହନିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମନିଲଣ୍ଡରିଂ ମାମଲାରେ ଗିରଫ କରିବା ପରେ ଏହା ସିଦ୍ଧୁଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିବା କୁହାଯାଉଛି।

ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ସମ୍ପର୍କରେ ରାହୁଲ ଯାହା ନିଷ୍ପତ୍ତି ନେବେ ତାକୁ ସେ ଗ୍ରହଣ କରିବେ ବୋଲି ସିଦ୍ଧୁ ଶନିବାର କହିଛନ୍ତି। ସେ ପରିବର୍ତ୍ତନ ଆଣିବାକୁ କଂଗ୍ରେସରେ ଯୋଗ ଦେଇଛନ୍ତି, ପଦପଦବୀ ପାଇଁ ନୁହେଁ। ଦଳ ହାଇକମାଣ୍ଡଙ୍କ ଇଚ୍ଛା ତାଙ୍କ ପାଇଁ ନିର୍ଦ୍ଦେଶ। ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୁଅନ୍ତୁ କି ନାହିଁ, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କଂଗ୍ରେସ ଦଳରେ ରହିବେ ବୋଲି ସିଦ୍ଧୁ କହିଛନ୍ତି।

# ପୂର୍ବତନ ସହଯୋଗୀଙ୍କ ବିରୋଧରେ ପ୍ରଦୀପଙ୍କ ପ୍ରଚାର

ନନ୍ଦାହାଣ୍ଡି, ୫।୨(ଡି.ଏନ୍.ଏ.)

ପୂର୍ବତନ କଂଗ୍ରେସ ଏମ୍‌ପି ଏବଂ ବର୍ତ୍ତମାନର ବିଜୁ ଜନତା ଦଳ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝି ନିଜର ପୂର୍ବତନ ସହଯୋଗୀ ଥିବା ବୃନ୍ଦାବନ ତ୍ରିପାଠୀଙ୍କ ବିରୋଧରେ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ଜୋନ୍-୧ ଜିଲା ପରିଷଦ ସଭ୍ୟ ଭାବେ କଂଗ୍ରେସରୁ ବୃନ୍ଦାବନ ତ୍ରିପାଠୀ ନିର୍ବାଚନ ଲଢୁଛନ୍ତି। ତାଙ୍କ ବିପକ୍ଷରେ ଅଛନ୍ତି ବିଜେଡିର ନୂଆ ଚେହେରା ନାରାୟଣ ରଥ, ଭାଜପାର ପ୍ରସାଦ ଷଡ଼ଙ୍ଗୀ ଏବଂ ବିଜେଡିରୁ ନିଲମ୍ବିତ ହୋଇଥିବା ଦିବ୍ୟଦାନ ସୁନା।

ପ୍ରଦୀପ କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ପରେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ପ୍ରଦୀପ ନନ୍ଦାହାଣ୍ଡି ବ୍ଲକରେ ମାରାଥନ ପ୍ରଚାର କରି ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଭୋଟ ମାଗିଛନ୍ତି। ଏହି ଜୋନରେ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ଜୋରଦାର ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ପ୍ରଦୀପ କଂଗ୍ରେସରେ ଥିବାବେଳେ ଏକଦା ତାଙ୍କ ଏକାନ୍ତ ଅନୁଗତ ଥିଲେ ବୃନ୍ଦାବନ ତ୍ରିପାଠୀ। ପ୍ରଦୀପ ଏମ୍‌ପି ପାଇଁ ନିର୍ବାଚନରେ ଛିଡ଼ା ହୋଇଥିବାବେଳେ ବୃନ୍ଦାବନ ସ୍ଥାନୀୟ ଅଞ୍ଚଳରୁ ପ୍ରଦୀପଙ୍କ ସପକ୍ଷରେ ଅନେକ ଭୋଟ ଜୁଟାଇପାରୁଥିଲେ। କଂଗ୍ରେସ ଓ ପ୍ରଦୀପଙ୍କ ପ୍ରତି ବୃନ୍ଦାବନଙ୍କ ଆନୁଗତ୍ୟ ଦେଖି ବିରୋଧୀ ମଧ୍ୟ ସ୍ଥାନୀୟ ଅଞ୍ଚଳର ଭୋଟ ନିଜ ସପକ୍ଷରେ ହାତେଇବା ପାଇଁ ଅନେକ କସରତ କରୁଥିଲେ। କିନ୍ତୁ ଦଳ ବଦଳ ପରେ ପ୍ରଦୀପ ନିଜ ବିଶ୍ୱସ୍ତ କର୍ମୀଙ୍କ ବିରୋଧରେ କରୁଥିବା ପ୍ରଚାରକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ତେବେ ପ୍ରଦୀପ ବୃନ୍ଦାବନଙ୍କ ବିରୋଧରେ କରୁଥିବା ପ୍ରଚାରକୁ କେତେଜଣ ଗ୍ରହଣ କରୁଛନ୍ତି ତାହା ଦେଖିବା ବାକି ରହିଲା। ବିଜେଡିକୁ ଭୋଟ ମିଳିବ ନା ଏହିପ୍ରଚାର ବିଜେଡି ପାଇଁ ଘାତକ ସାବ୍ୟସ୍ତ ହେବ ତାହାକୁ ନେଇ ସବୁଠି ଚର୍ଚ୍ଚା। ଏ ନେଇ ପ୍ରଦୀପଙ୍କ ପ୍ରତିକ୍ରିୟା ନେବା ବେଳେ ସେ ହସିଦେଇ ନୀରବ ରହିଥିଲେ।



ପ୍ରଦୀପ ମାଝି ପ୍ରଚାର କରୁଛନ୍ତି।

# ବୁଥ୍‌ସ୍ତରରେ ଦଳକୁ ମଜଭୁତ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ

## ନିଯୁକ୍ତି ପାଇବେ ବ୍ଲକ ଓ ଜିଲା ରିଟର୍ନିଂ ଅଫିସର

ଭୁବନେଶ୍ୱର,୫।୨(ବ୍ୟୁରୋ)

ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରିବା ପାଇଁ ନୂଆ ରଣନୀତି ଆପଣାଇବାକୁ ଯାଉଛି କଂଗ୍ରେସ। ବୁଥ୍‌ସ୍ତରରୁ ସଭ୍ୟ ସଂଗ୍ରହ କରାଯିବ। ଏଥିପାଇଁ ପ୍ରତି ବୁଥ୍ ସ୍ତରରେ ଦୁଇଜଣ (ଜଣେ ପୁରୁଷ ଓ ଜଣେ ମହିଳା) ସଭ୍ୟ ସଂଗ୍ରହକାରୀ ନିଯୁକ୍ତ ହେବେ ବୋଲି ଦଳ ପକ୍ଷରୁ ପ୍ରକାଶ କରାଯାଇଛି।

କଂଗ୍ରେସ ଭବନରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ କହିଛନ୍ତି, କଂଗ୍ରେସର ଆଭ୍ୟନ୍ତରୀଣ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରୀୟ ନିର୍ବାଚନ କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ଏମ୍‌ପି ମଧୁସୂଦନ ମିସ୍ତ୍ରି ଏବଂ ଏମ୍‌ପି ନିରଜ ଡାଙ୍ଗି ରାଜ୍ୟର ରିଟର୍ନିଂ ଅଫିସର ଭାର ସମ୍ଭାଳିବେ। ଏହି ପ୍ରସଙ୍ଗରେ ଡାଙ୍ଗି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହିତ ଆଲୋଚନା କରି ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ବ୍ଲକ ରିଟର୍ନିଂ ଅଫିସର ଓ ଜିଲା ରିଟର୍ନିଂ ଅଫିସର ନିଯୁକ୍ତ କରିବେ। ଚଳିତ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଯଜ୍ଞେଶ୍ୱର କହିଛନ୍ତି, ଜନ ବିରୋଧୀ କାର୍ଯ୍ୟପାଇଁ ଓଡ଼ିଶାବାସୀ ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାରଙ୍କୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସକୁ ସମର୍ଥନ କରିବେ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# କିନ୍ନର, ଦିବ୍ୟାଙ୍ଗ ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା

ସମ୍ବଲପୁର/ ରେଙ୍ଗାଲି, ୫।୨(ବ୍ୟୁରୋ/ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଚର୍ଚ୍ଚାରେ ରହିଛି। ଝାଙ୍କରପାଲି ପଞ୍ଚାୟତର ସରପଞ୍ଚ ଆସନ ଲାଗି ୨୭ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବା ନେଇ ଚର୍ଚ୍ଚା ହୋଇଆସୁଥିଲା। ଏବେ ରେଙ୍ଗାଲି ପଞ୍ଚାୟତରେ କିନ୍ନର ଓ ଦିବ୍ୟାଙ୍ଗ ପ୍ରାର୍ଥୀ ହେବା ଘଟଣା ଚର୍ଚ୍ଚାକୁ ଦ୍ୱିଗୁଣିତ କରିଛି। ପ୍ରିୟା କିନ୍ନର ନାମରେ ଜଣାଶୁଣା ରେଙ୍ଗାଲିର ରମାକାନ୍ତ ସାହୁ (୩୦) ସରପଞ୍ଚ ପାଇଁ ନିର୍ବାଚନ ଲଢୁଛନ୍ତି। ସେ କହିଛନ୍ତି, ରେଙ୍ଗାଲି ପଞ୍ଚାୟତରେ ପୂର୍ବରୁ ଅନେକ ମହିଳା ଓ ପୁରୁଷ ସରପଞ୍ଚ ହୋଇଛନ୍ତି। ହେଲେ ଆଶାନୁରୂପକ ବିକାଶ ହୋଇ ପାରିନାହିଁ। ଏବେ ଏମିତି କିଛି ଗ୍ରାମ ରହିଛି ଯେଉଁଠି ପାଣି, ବିଜୁଳି, ରାସ୍ତା ଭଳି ମୌଳିକ ସୁବିଧା ପହଞ୍ଚିପାରି ନାହିଁ। ପୂର୍ବରୁ ରେଙ୍ଗାଲି ବ୍ଲକ କିନ୍ନର ସଂଘର ସଭାପତି ଭାବେ ଦାୟିତ୍ୱ ତୁଲାଇଛି। ଯଥା ସମ୍ଭବ ଲୋକଙ୍କ ସମସ୍ୟା ସମାଧାନ ଦିଗରେ କାମ କରିଛି। ତେଣୁ ଲୋକମାନେ ନୂତନ ପ୍ରାର୍ଥୀଙ୍କୁ ସୁଯୋଗ ଦେବେ ବୋଲି ଆଶା ରଖିଛି। ପାଖରେ ଟଙ୍କା ନ ଥିଲେ ବି ପ୍ରତ୍ୟେକ ଘରକୁ ଯାଇ ଭୋଟ ଭିକ୍ଷା କରୁଛି। ସ୍ୱଇଚ୍ଛାରେ କେତେଜଣ ଆସି ମୋ ସହିତ ପ୍ରଚାର କରୁଛନ୍ତି।

ଦିବ୍ୟାଙ୍ଗମାନେ ସବୁ କ୍ଷେତ୍ରରେ ପାରଙ୍ଗମ। ଏହାର ଉଦାହରଣ ସାଜିଛନ୍ତି ରେଙ୍ଗାଲି ଗ୍ରାମର ଗୋପରଞ୍ଜନ ଭୋଇ (୩୬)। ରେଙ୍ଗାଲି ପଞ୍ଚାୟତକୁ ଦୁର୍ନୀତମୁକ୍ତ ଲକ୍ଷ୍ୟ ନେଇ ସେ ସରପଞ୍ଚ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିବା କହିଛନ୍ତି। ସେ ଆହୁରି କହିଛନ୍ତି, ରେଙ୍ଗାଲି ପଞ୍ଚାୟତରେ ଯିଏ ସରପଞ୍ଚ ହେଲେ ସେମାନେ ନିଜ ଆର୍ଥିକ ସମ୍ବଳ ବୃଦ୍ଧି କରିଛନ୍ତି । ଗରିବ ନିରୀହ ପରିବାରକୁ ଅଣଦେଖା କରାଯାଉଛି। ବୃଦ୍ଧ, ଦିବ୍ୟାଙ୍ଗମାନେ ଭତ୍ତା, ପିଡିଏସ୍ ସାମଗ୍ରୀ ପାଇଁ ପଞ୍ଚାୟତ ଅଫିସକୁ ଆସି ହଇରାଣ ହେଉଛନ୍ତି। ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ପ୍ରାଥମିକତା ହେବ। ଜନ ସାଧାରଣ ସହଯୋଗ କରିବେ ବୋଲି ସେ ଆଶା ରଖିଥିବା କହିଛନ୍ତି। ରେଙ୍ଗାଲି ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ଦିବ୍ୟାଙ୍ଗ ନେପାଳ ଗହିର ଜଣେ ଫୁଟବଲ, କ୍ରିକେଟ ଖେଳାଳି ଭାବେ ବେଶ ପରିଚିତ। ଏପରି କି ସାମାଜିକ କାର୍ଯ୍ୟ କରି ସେ ପ୍ରଶଂସା ସାଉଁଟିଛନ୍ତି। ହେଲେ ଅଜଣା ରୋଗରେ ପୀଡିତ ହୋଇ ୧୪ବର୍ଷ ପୂର୍ବେ ଦିବ୍ୟାଙ୍ଗ ପାଲଟିଥିଲେ। ଏକ ହୋଟେଲ କରି ପରିବାର ପ୍ରତିପୋଷଣ କରୁଥିବା ନେପାଳ ଏବେ ରେଙ୍ଗାଲି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି। ସେ କହିଛନ୍ତି, ଆଜି ମଧ୍ୟ ଉଚିତ ପରିବାର ସରକାରୀ ଯୋଜନାର ସୁବିଧା ପାଉ ନାହାନ୍ତି। ସରକାରଙ୍କ ଜନକଲ୍ୟାଣ ଯୋଜନା ଯେଭଳି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ କାର୍ଯ୍ୟ କରିବେ। ଭୋଟରମାନେ ସୁଯୋଗ ଦେବେ ବୋଲି ଆଶା ରଖିଥିବା କହିଛନ୍ତି।



ପ୍ରିୟା କିନ୍ନର



ଗୋପରଞ୍ଜନ ଭୋଇ



ନେପାଳ ଗହିର

# ପୌର ନିର୍ବାଚନ ବିଜ୍ଞପ୍ତିକୁ ରଦ୍ଦ କରାଯାଉ: ଭାଜପା

ଭୁବନେଶ୍ୱର,୫।୨(ବ୍ୟୁରୋ)



ରାଜ୍ୟରେ ପୌରାଞ୍ଚଳ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଫେବୃୟାରୀ ୨ ତାରିଖରେ ବିଜ୍ଞପ୍ତି ଜାରି କରିଛନ୍ତି। ୱାର୍ଡସ୍ତରୀୟ ଇଲେକ୍ଟୋରାଲ ତାଲିକା ପ୍ରସ୍ତୁତ କରାଯାଇ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ମହାନଗର ନିଗମ ନିର୍ବାଚନ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ଏହା ମ୍ୟୁନିସିପାଲ କର୍ପୋରେଶନ ଆଇନ-୨୦୦୩କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି। ସାଧାରଣ ଭୋଟରଙ୍କ ମୌଳିକ ଅଧିକାର ଓ ସ୍ୱାର୍ଥ ଦୃଷ୍ଟିରୁ ତରବରିଆ ଭାବେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଇ ନୂତନ ଭାବେ ବିଜ୍ଞପ୍ତି ଜାରି କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି । ଏ ନେଇ ଶନିବାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଛି।

ଧାର୍ଯ୍ୟ ଆଇନକୁ ଖିଲାପ କରି ତରବରିଆ ଭାବେ ବିଜ୍ଞପ୍ତି ପ୍ରକାଶ କରିବା ପଛର କାରଣ କ'ଣ ଏବଂ ଏହା ଦ୍ୱାରା ଅବାଧ ଓ ନିରପେକ୍ଷ ନିର୍ବାଚନ ହୋଇପାରିବ କି ବୋଲି ନିର୍ବାଚନ କମିଶନଙ୍କୁ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଲିଗାଲ ସେଲ୍ ସଂଯୋଜକ ଜୟନ୍ତ ଜେନା, ଗଣମାଧ୍ୟମ ସହମୁଖ୍ୟ ସୁଜିତ କୁମାର ଦାସ ଏବଂ ସାମାଜିକ ସଂଗଠନ ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ କାନୁନ୍‌ଗୋ ପ୍ରମୁଖ ସାମିଲ ଥିଲେ।

# ଆଜି ଓଡ଼ିଶା ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର,୫।୨(ବ୍ୟୁରୋ)

ବଜେଟ ଘୋଷଣା ପରେ ପ୍ରଥମଥର ଲାଗି କେନ୍ଦ୍ର ରେଳ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଦିନିକିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି। କେନ୍ଦ୍ରରେ ମୋଦି ସରକାରଙ୍କ 'ଆତ୍ମନିର୍ଭର ଅର୍ଥ ବ୍ୟବସ୍ଥା' ଓ ଗତ ୧ ତାରିଖରେ ଉପସ୍ଥାପିତ 'ବଜେଟ-୨୦୨୨' ପ୍ରସଙ୍ଗରେ ବିସ୍ତୃତ ତଥ୍ୟ ପହଞ୍ଚାଇବା ପାଇଁ କେନ୍ଦ୍ରମନ୍ତ୍ରୀମାନେ ବିଭିନ୍ନ ରାଜ୍ୟ ଗସ୍ତ କରୁଛନ୍ତି। ଏହିକ୍ରମରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଓଡିଶା ଆସି ରବିବାର ମଧ୍ୟାହ୍ନ ୧୨ଟା ୫ରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଯୋଗଦେବେ। ଅପରାହ୍ନ ୪ଟାରେ କଟକସ୍ଥିତ ଶାରଳା ଭବନରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

# ଶଟିଂ ସମୟରେ ଟ୍ରେନ୍ ଲାଇନଚ୍ୟୁତ



ସମ୍ବଲପୁର,୫।୨(ବ୍ୟୁରୋ)

ସମ୍ବଲପୁର ଷ୍ଟେଶନ ନିକଟରେ ସମ୍ବଲପୁର-ଜମ୍ମୁ ତାୱି ଏକ୍ସପ୍ରେସ ଟ୍ରେନ୍ ଶୁକ୍ରବାର ବିଳମ୍ବିତ ରାତିରେ ଲାଇନଚ୍ୟୁତ ହୋଇଥିଲା। ଶଟିଂ (ବଗି ବଦଳାଇବା) ସମୟରେ ଏଭଳି ଘଟଣା ଘଟିଥିଲା। ଟ୍ରେନଟି ଦିନକ ପୂର୍ବରୁ ସମ୍ବଲପୁର ଷ୍ଟେଶନରେ ଛିଡା ହୋଇଥିବାରୁ କୌଣସି ଯାତ୍ରୀ ନ ଥିଲେ। ତେଣୁ ବଡଧରଣର ଅଘଟଣରୁ ବର୍ତ୍ତି ଯାଇଥିଲା। ସୂଚନା ଅନୁସାରେ ଟ୍ରେନ୍ ନମ୍ବର ୧୮୩୦୯/୧୮୩୧୦ ସମ୍ବଲପୁର-ଜମ୍ମୁ ତାୱି ସବୁଦିନ ଭଳି ରାତିରେ ଏସି ଓ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ବଗି ପରିବର୍ତ୍ତନ କରାଯାଉଥିଲା। ଏହି ସମୟରେ ଏସି ଓ ସାଧାରଣ ବଗି ଲାଇନଚ୍ୟୁତ ହୋଇଥିଲା। ପରଦିନ ସକାଳେ ଟ୍ରେନଟି ଯାତ୍ରା କରିବାକୁ ଥିବାରୁ କର୍ମଚାରୀମାନେ ତୁରନ୍ତ ପହଞ୍ଚି ମରାମତି କରିଥିଲେ। ରାତି ୨ଟା ପର୍ଯ୍ୟନ୍ତ ମରାମତି କାମ ଚାଲିଥିଲା। ଏହି ସମୟରେ ଉକ୍ତ ଲାଇନରେ କୌଣସି ଟ୍ରେନ ଯାତାୟାତ କରି ନ ଥିଲା କିମ୍ବା ଟ୍ରେନ୍ ଚଳାଚଳ ବ୍ୟାହତ ହୋଇ ନ ଥିଲା ବୋଲି ରେଲୱେ ପକ୍ଷରୁ କୁହାଯାଇଛି।

# ପ୍ରାର୍ଥୀ ଚୟନ ଚିନ୍ତାରେ ୩ ଦଳ

## କଟକ ମହାନଗର ନିଗମ

- ବଢୁଛି ରାଜନୈତିକ ଉଷ୍ମତା
- ୱାର୍ଡରେ ଜୋରଦାର ହେଉଛି ସାଙ୍ଗଠନିକ କାର୍ଯ୍ୟକ୍ରମ

କଟକ ଅଫିସ,୫।୨

ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାବେଳେ କଟକ ସହରର ରାଜନୈତିକ ଉଷ୍ମତା ବଢିବାରେ ଲାଗିଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିବା ପରେ ପୌର ନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଗଲାଣି। ତେଣୁ ଆଶାୟୀଙ୍କ ମଧ୍ୟରେ ବେଶ୍ ତତ୍ପରତା ଦେଖାଗଲାଣି। ଚଳିତଥର କଟକ ମହାନଗର ନିଗମ(ସିଏମ୍‌ସି) କର୍ପୋରେଟର ଏବଂ ମେୟର ପଦବୀ ପାଇଁ ଚୂଡାନ୍ତ ସଂରକ୍ଷିତ ତାଲିକା ପ୍ରକାଶ ପାଇଛି। ମେୟର ପଦ ଅଣସଂରକ୍ଷିତ ରହିଥିବାବେଳେ ୫୯ଟି ୱାର୍ଡ ମଧ୍ୟରୁ ୩୩ଟି ସଂରକ୍ଷିତ ଏବଂ ୨୬ଟି ୱାର୍ଡ ଅଣସଂରକ୍ଷିତ ରହିଛି। ସହରରେ ୩ଟି ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ଲାଗିପଡ଼ିଛନ୍ତି । ପ୍ରତ୍ୟେକ ଦଳ ପକ୍ଷରୁ ୱାର୍ଡରେ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଜୋରଦାର କରାଯାଉଛି। ଭାଜପା ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିବାରେ ଲାଗିଥିବାବେଳେ କଂଗ୍ରେସ ଜନତାଙ୍କ ମତକୁ ଆଧାର କରି ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରୁଛି । ଏହାରି ମଧ୍ୟରେ ଦୁଇଦୁଇ ଥର ସିଏମ୍‌ସି ଦଖଲ କରିଥିବା ବିଜେଡି ଏଥର ମଧ୍ୟ ସିଏମସିକୁ ନିଜ ଅକ୍ତିଆରରେ ରଖିବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରିଛି। ତେବେ ପ୍ରତ୍ୟେକ ଦଳ ପାଇଁ ପ୍ରାର୍ଥୀ ଚୟନ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପ୍ରତ୍ୟେକ ଦଳରେ ଏକାଧିକ ଆଶାୟୀ ରହିଥିବାବେଳେ ପ୍ରାର୍ଥୀ ଚୟନ ପରେ ବିରୋଧୀ ଗୋଷ୍ଠୀ ମୁଣ୍ଡ ଟେକିବା ଆଶଙ୍କା କରି ସମସ୍ତ ଦଳ ଏବେ ଚିନ୍ତାରେ। ସେହିପରି ମେୟର ପଦବୀ ଅଣସଂରକ୍ଷିତ ରହିଥିବାରୁ ପ୍ରତ୍ୟେକ ଦଳରେ ଏକାଧିକ ଆଶାୟୀ ରହିଛନ୍ତି । ଏପରି କି କିଛି ଆଶାୟୀ ଦଳ ପକ୍ଷରୁ ଟିକେଟ ନ ଦିଆଗଲେ ସେ ସ୍ୱାଧୀନ ଭାବରେ ନିର୍ବାଚନ ଲଢିବେ ବୋଲି ଘୋଷଣା କରିବା ପରେ କାହାକୁ ମେୟର ପ୍ରାର୍ଥୀ ଭାବରେ ଟିକେଟ ଦେବେ ଦଳ ଏବେ ଚିନ୍ତାରେ । ଦଳଗୁଡିକ ପକ୍ଷରୁ ପ୍ରାର୍ଥୀ ଚୟନ କାର୍ଯ୍ୟ ସହ ନିର୍ବାଚନ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଏବେ କେବଳ ନିର୍ବାଚନ ତାରିଖ ଘୋଷଣାକୁ ଅପେକ୍ଷା ।



ବିଜେଡି ନିର୍ବାଚନ ପ୍ରସ୍ତୁତିରେ ସମ୍ପୂର୍ଣ୍ଣ ଭାବରେ ସକ୍ରିୟ। ଦଳ ସାଙ୍ଗଠନିକ ଭାବରେ ଲୋକଙ୍କ ସହ ଯୋଡ଼ିହୋଇ ରହିଛି। ପ୍ରତ୍ୟେକ ୱାର୍ଡରେ ସମ୍ମିଳନୀ କରି ବିଜେଡି ସଂଗଠନ ପ୍ରସ୍ତୁତ ରଖିଛୁ। ଲୋକଙ୍କ ମତାମତ ଅନୁଯାୟୀ ତୃଣମୂଳସ୍ତରରୁ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ୱାର୍ଡ ପାଇଁ ୨ରୁ ୩ଟି ପ୍ରସ୍ତାବ ଦଳର ସଭାପତିଙ୍କ ପାଖକୁ ପଠାଯିବ। ପରବର୍ତ୍ତୀ ସମୟରେ ସଭାପତି ତାଙ୍କ ଟିମ୍‌ଙ୍କ ସହ ଆଲୋଚନା କରିବା ପାରେ ପ୍ରାର୍ଥୀ ଚୟନ କରିବେ। ତେବେ ଆଶାୟୀ ପ୍ରାର୍ଥୀଙ୍କୁ ଯଦି ଟିକେଟ ନ ମିଳିଲା ତେବେ ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। କାରଣ ଆମ ଦଳ ସମ୍ପୂର୍ଣ୍ଣ ମଜଭୁତ। ଦଳରେ କୌଣସି ଫାଟ ସୃଷ୍ଟି ହେବା ସମ୍ଭାବନା ନାହିଁ। ସଭାପତି ଯାହା ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ଗ୍ରହଣ କରିବେ।

**- ସୁବାସ ସିଂ, ବିଜେଡି**



ପ୍ରତ୍ୟେକ ୱାର୍ଡରେ ପରିଚାଳନା କମିଟି ଗଠନ କରିଛୁ। ଲୋକଙ୍କ ଅଭିଯୋଗକୁ ସଂଗ୍ରହ କରିବାରେ ଲାଗିଛୁ। ପ୍ରତି ୱାର୍ଡରେ ଏକାଧିକ ଆଶାୟୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରାର୍ଥୀ ଚୟନ କରାଯାଉଛି। ଭାଜପା ପକ୍ଷରୁ ସ୍ଥିର କରାଯାଇଥିବା ପ୍ରାର୍ଥୀମାନେ ୱାର୍ଡସ୍ତରରେ କାର୍ଯ୍ୟ ଆରମ୍ଭ କଲେଣି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରାଯାଇ ପ୍ରାର୍ଥୀ ତାଲିକା ବିଧିବଦ୍ଧ ଭାବରେ ଘୋଷଣା କରାଯିବ। ତେବେ ଦଳରେ ଫାଟ ସୃଷ୍ଟି ହେବାର ସମ୍ଭାବନା ନାହିଁ। କାରଣ ଆମ ଦଳ ମଜଭୁତ। ମେୟର ପଦବୀ ପାଇଁ ଆମେ ସମସ୍ତେ ଯୋଗ୍ୟ। ତେବେ କାହାକୁ ଟିକେଟ ମିଳିବ ତାହା ରାଜ୍ୟସ୍ତରରୁ ନିଷ୍ପତ୍ତି ନିଆଯିବ।

**- ଲଲାଟେନ୍ଦୁ ବସ୍ତ୍ର, ଭାଜପା**



କଂଗ୍ରେସ ମହାନଗର ନିଗମ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ। ୫୯ଟି ୱାର୍ଡରେ ସଂଗଠନକୁ ମଜଭୁତ କରିବା ପାଇଁ କାର୍ଯ୍ୟ ଜୋରଦାର ଚାଲିଛି। ଏଥିପାଇଁ ଦଳର ସମସ୍ତ କର୍ମକର୍ତ୍ତା ଏଥିରେ ସାମିଲ ଅଛନ୍ତି। ଉପଯୁକ୍ତ ପ୍ରାର୍ଥୀଙ୍କୁ ଦଳ ଟିକେଟ ପ୍ରଦାନ କରିବ। କର୍ପୋରେଶନ ଗଢିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। କାରଣ ଏଥର ଲୋକମାନେ ଆମ ସପକ୍ଷରେ ରହିଛନ୍ତି। ବିପକ୍ଷ ଦଳଗୁଡିକ ଉପରୁ ଲୋକଙ୍କ ଆଶା ଭରସା ଉଠିଯାଇଛି। ଏଥର ମେୟର ଏବଂ କର୍ପୋରେଟର ପଦବୀରେ ଲୋକମାନେ ପରିବର୍ତ୍ତନ କରିବେ ବୋଲି ମୋର ବିଶ୍ୱା ରହିଛି। ଚଳିତ ବର୍ଷ କଂଗ୍ରେସ ଶତପ୍ରତିଶତ ବାଜିମାତ କରିବ।

**- ଗିରିବାଳା ବେହେରା, କଂଗ୍ରେସ**

## ରାଜ୍ୟ ଖବର

# ରଥଯାତ୍ରା ପାଇଁ ତିନି ରଥକାଠର ପୂଜା ସମ୍ପନ୍ନ



ତିନି ରଥର ନିର୍ମାଣ ପାଇଁ କାଠ ଅନୁକୂଳ କରାଯାଉଛି।

ପୁରୀ ଅଫିସ,୫।୨

ଜୁଲାଇ ୧ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଏଥିନିମନ୍ତେ ଦାରୁବିଗ୍ରହଙ୍କ ଲାଗି ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରାଜନହର ସମ୍ମୁଖସ୍ଥ ରଥଖଳାରେ ରଥ ସଂହିତା ଅନୁଯାୟୀ ତିଆରି ହେବ ତିନିରଥ। ପରମ୍ପରା ଅନୁଯାୟୀ, ଶନିବାର ବସନ୍ତ ପଞ୍ଚମୀ ଉତ୍ସବ ଅବସରରେ ରଥକାଠ ପୂଜା ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଥିବା ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ରଥ କାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଓ ଅନ୍ୟାନ୍ୟ ଶାସ୍ତ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁଯାୟୀ, ଶ୍ରୀପଞ୍ଚମୀ ଅବସରରେ ଶ୍ରୀମନ୍ଦିର ପୂଜା ହୋଇଥିବା ତିନିଟି କାଠରେ ତିନି ରଥର ଗୁଜ କାର୍ଯ୍ୟ କରାଯିବ। ରାମନବମୀ ତିଥିରେ କଟକ ଖପୁରିଆସ୍ଥିତ ସମିଲିରେ ରଥକାଠ ଚିରଟ କରାଯିବ। ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟ ରଥଖଳାରେ ଅନୁକୂଳ ହେବ। ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି. ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ। ଗତବର୍ଷ ୮୦ଖଣ୍ଡ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତବର୍ଷ ରଥ ନିର୍ମାଣ ପାଇଁ ୭୮୫ ଖଣ୍ଡର ଆବଶ୍ୟକ ରହିଛି। ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କିଷନ କୁମାର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଅଜୟ ଜେନା, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ୭ରୁ

**ଭୁବନେଶ୍ୱର, ୫।୨ (ସ୍ପୋର୍ଟ୍ସ ବ୍ୟୁରୋ)**


କୋଚ୍ ଓ ଅଫିସିଆଲଙ୍କ ସହ ଓଡ଼ିଶା ସିନିୟର ମହିଳା ଭଲିବଲ ଦଳ।

## ଓଡ଼ିଶା ପୁରୁଷ ଓ ମହିଳା ଭଲିବଲ ଦଳ ଘୋଷିତ

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ୧୩ରେ ଅବସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୭୦ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ (ଉଭୟ ମହିଳା ଓ ପୁରୁଷ) ୨୦୨୧-୨୨ ଚଳିତ ମାସ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପ୍‌ରେ ୨୮ଟି ରାଜ୍ୟ ଏବଂ ଲଦାଖ ସମେତ ୮ କେନ୍ଦ୍ରଶାସିତ ଅଞ୍ଚଳରୁ ୧୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଭଲିବଲ ଖେଳାଳି ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ବହୁ ଅର୍ଜୁନ ପୁରସ୍କାର ବିଜେତା, ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ରହିଛନ୍ତି। ଏହି ଚାମ୍ପିୟନଶିପ୍‌ରୁ ଆସନ୍ତା ଏସିଆନ ଚାମ୍ପିୟନଶିପ୍ ଏବଂ ଅନ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ଭାରତୀୟ ଦଳ ମନୋନୟନ ହେବ। ଓଡ଼ିଶା ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। କିଟ୍‌କୁ କ୍ରମାଗତ ତୃତୀୟ ଥର ଜାତୀୟ ସିନିୟର ଚାମ୍ପିୟନଶିପ୍ ଆୟୋଜନ ସୁଯୋଗ ଦିଆଯାଇଥିବାରୁ ପ୍ରଫେସର ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆକୁ ଧନ୍ୟବାଦ ଜଣାଇଛନ୍ତି। ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ପୁରୁଷ ଓ ମହିଳା ଭଲିବଲ ଦଳ ଘୋଷଣା କରାଯାଇଛି।

**ଓଡ଼ିଶା ପୁରୁଷ ଭଲିବଲ ଦଳ:** ଶୁଭ୍ରାଂଶୁ ଶେଖର ଓଝା, ସେକ୍ ସିରାଜ ଅଲି, ପ୍ରତ୍ୟୁଷ କୁମାର ନନ୍ଦ, ମାନସ ରଞ୍ଜନ ପାଣି, ପିପି ଅଫସାଲ, ପତିତପାବନ ସାହୁ, ରାଜେଶ କୁମାର ସାହୁ, ରାହୁଲ ବାରିକ, ଶୁଭନ ଶୈଳେଶ ମହାନ୍ତି, ଦୀପ୍ତିରାଜ ମିଶ୍ର(ଅଧିନାୟକ), ପ୍ରତାପ କୁମାର ସ୍ୱାଇଁ, ପ୍ରଜ୍ଞାସାରଥି ଜେନା। କୋଚ୍- ଏସ୍‌ଡି ସୋଲେମାନ।

**ଓଡ଼ିଶା ମହିଳା ଭଲିବଲ ଦଳ:** ମାମାଲି ନାଗ୍, ସୁଶ୍ରୀ ସଙ୍ଗିତା ଜେନା, ଉତ୍କର୍ଷା ଧର୍ମା, ଆଞ୍ଜେଲ ଯୋଶେଫ୍, ଜୟଶ୍ରୀ ପଲେଇ, ଭାଲା ଚେତନା (ଅଧିନାୟିକା), ଶିବାନୀ ପ୍ରୟଦର୍ଶନୀ, ଆଶା ମୁଣ୍ଡାରୀ, ସୋୟା ଆଲ୍‌ଫୋନ୍ସା ଏ. ଟି, ବି. ମଞ୍ଜୁ, ପାର୍ବତୀ ଗଡ଼ବା ଓ ମୋନାଲିସା ପାତ୍ର।

# ବେଙ୍ଗାଲୁରୁ ଏଫ୍‌ସି ବିଜୟୀ

**ବାମ୍ବୋଲିମ୍, ୫।୧ (ପି.ଟି.)**

ସ୍ଥାନୀୟ ଆଥଲେଟିକ୍ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଏକ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୩-୧ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ଏଥି ସହିତ ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଖେଳର ପ୍ରଥମ ମିନିଟ୍‌ରେ ଡାନିଲ ଚିମା ଚୁକୁ ଗୋଲ ସ୍କୋର କରି ଜାମସେଦପୁରକୁ ଅଗ୍ରଣୀ କରାଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧ ଖେଳରେ ବେଙ୍ଗାଲୁରୁ ଲଢୁଆ ପ୍ରତ୍ୟାବର୍ତ୍ତନ କରିଥିଲା। ୫୫ତମ ମିନିଟ୍‌ରେ ସୁନୀଲ ଛେତ୍ରୀଙ୍କ ଗୋଲ ମ୍ୟାଚ୍‌କୁ ୧-୧ ସ୍ତରକୁ ନେଇ ଆସିଥିଲା। ପରେ କ୍ଲିଟନ ସିଲ୍‌ଭା (୬୨ତମ ଓ ୯୦ତମ) ଦୁଇଟି ଗୋଲ ଦେଇ ଦଳକୁ ୩-୧ ଗୋଲରେ ବିଜୟୀ କରାଇଥିଲେ। ଶନିବାର ଗୋଲ୍ ଦ୍ୱାରା ଆଇଏସ୍‌ଏଲ୍‌ରେ ଛେତ୍ରୀଙ୍କ ମୋଟ ଗୋଲ୍ ସଂଖ୍ୟା ୪୯ରେ ପହଞ୍ଚିଛି। ସେ ଆଇଏସଏଲ୍‌ର ସର୍ବକାଳୀନ ସର୍ବାଧିକ ଗୋଲ ସ୍କୋରର ହାଇଦ୍ରାବାଦ ଏଫ୍‌ସିର ବାର୍ଟ ଓଗ୍‌ବେଚେଙ୍କ ସମକକ୍ଷ ହୋଇପାରିଛନ୍ତି। ବେଙ୍ଗାଲୁରୁ ବର୍ତ୍ତମାନ ୧୫ଟି ଗେମ୍‌ରୁ ୨୩ ପଏଣ୍ଟ ଅର୍ଜନ କରିପାରିଛି। କେରଳ ବ୍ଲାଷ୍ଟର୍ସ ସମାନ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ଗୋଲ ବ୍ୟବଧାନ ଯୋଗୁ ଦ୍ୱିତୀୟ ସ୍ଥାନରେ ରହିଛି।


ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିବା ପରେ ଉଚ୍ଛ୍ୱସିତ ବେଙ୍ଗାଲୁରୁ ଏଫ୍‌ସି ଦଳ।

# ଜୁନିୟର ମହିଳା ହକି କ୍ୟାମ୍ପ ପାଇଁ ୩୩ ଜଣିଆ ଦଳ ଘୋଷିତ

**ନୂଆଦିଲ୍ଲୀ, ୫।୨ (ପି.ଟି.)**

ବିଶ୍ୱକପ୍ ସମେତ ଆଗାମୀ ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ତରଫରୁ ଜୁନିୟର ମହିଳା କ୍ୟାମ୍ପ ପାଇଁ ୩୩ ଜଣିଆ ଦଳ ଘୋଷଣା କରାଯାଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ବେଙ୍ଗାଲୁରୁସ୍ଥିତ ସେଣ୍ଟରରେ




୩ ସପ୍ତାହ ଧରି ଅନୁଷ୍ଠିତ ଏକ କ୍ୟାମ୍ପରୁ ଏହି ଖେଳାଳିମାନଙ୍କୁ ବଛାଯାଇଛି। ଏହି କ୍ୟାମ୍ପରେ ୬୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ, ଯେଉଁମାନଙ୍କୁ ହକି ଇଣ୍ଡିଆର ବାର୍ଷିକ ଘରୋଇ ଟୁର୍ନାମେଣ୍ଟରୁ ଚୟନ କରାଯାଇଥିଲା। ଏଫ୍‌ଆଇଏଚ୍ ମହିଳା ଜୁନିୟର ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି।

**ଜୁନିୟର ମହିଳା କୋର୍ ଗ୍ରୁପ୍:** ଗୋଲକିପର- ଖୁସ୍‌ବୁ ମାଧୁରୀ କିଣ୍ଡୋ, କୁରମାପୁ ରାମ୍ୟା। ଡିଫେଣ୍ଡର-ପ୍ରୀତି ନୀଲମ, ମମିତା ଓରାମ, ମହିମା ଟେଟେ, ନିଶି ଯାଦବ, ସଂସ୍କୃତି ସରଓ୍ୱନ, କାଜଲ ବାରା, ମନିତା, ମଞ୍ଜୁ ଛୋରସିୟା, ମିଡ୍‌ଫିଲ୍ଡର-ବୈଷ୍ଣବୀ ଫାଲ୍‌କେ, ଜ୍ୟୋତି ଏଡୁଲା, ଜ୍ୟୋତି ସିଂ, ହ୍ରିତିକା ସିଂ, କ୍ଷେତ୍ରୀମୟମ ସୋନିଆ ଦେବୀ, ଜ୍ୟୋତି ଛେତ୍ରୀ ଅଶ୍ୱିନୀ କୋଲେକାର, ପ୍ରିୟଙ୍କା ଯାଦବ, ନିକିତା ଟପ୍ପୋ, ଅନିଶା ସାହୁ ଓ ହୀନା ବାନୋ। ଫରଓ୍ୱାର୍ଡ: ଅନୁ, ବିୟୁଟି ଡୁଙ୍ଗଡୁଙ୍ଗ୍, ତରଣପ୍ରୀତ କୌର, ଋତୁଜା ପିସାଲ, ମଦୁଗୁଲା ଭବାନୀ, ମମ୍‌ତାଜ ଖାନ୍, ଦୀପିକା ସୋରେଙ୍ଗ୍, ଚନ୍ଦନା ଜେ, କାଜଲ ସଦାଶିବ ଅତପାଦକର ଓ ଅଞ୍ଜଳା ସାହୁ।


ଚଳିତ ଓ୍ୱିଣ୍ଟର ଅଲିମ୍ପିକ୍ସ ଶର୍ଟ ଟ୍ରାକ୍ ସ୍ପିଡ୍‌ସ୍କେଟିଂ ମିକ୍ସଡ ରିଲେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଚାଇନା (ଉପର), ରୌପ୍ୟପଦକ ବିଜେତା ଇଟାଲୀ (ବାମ) ଏବଂ ବ୍ରୋଞ୍ଜ ବିଜୟୀ ହଙ୍ଗେରୀ ଦଳ।

# ଥାଲାଇଭାସକୁ ହରାଇଲା ୟୁ ମୁମ୍ବା

**ବେଙ୍ଗାଲୁରୁ, ୫।୨ (ପି.ଟି.)**

ପ୍ରୋ କବାଡ଼ି ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚରେ ୟୁ ମୁମ୍ବା ୩୫-୩୩ରେ ତାମିଲ ଥାଲାଇଭାସକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଥାଲାଇଭାସ ଦ୍ୱିତୀୟାର୍ଦ୍ଧରେ ଲଢୁଆ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ମୁମ୍ବାଇ ଅଧିନାୟକ ଫାଜେଲ ଅତ୍ରାଚାଲିଙ୍କ ଚମତ୍କାର ଡିଫେନ୍ସ ଯୋଗୁ ବିପକ୍ଷ ଦଳ ମ୍ୟାଚ ଜିତି ପାରି ନ ଥିଲା। ଶନିବାର ଏହି ବିଜୟ ଦ୍ୱାରା ୟୁ ମୁମ୍ବା ଦଳ ପ୍ଲେଅଫ୍ ଦୌଡ଼ରେ ସ୍ଥିତି ସୁଦୃଢ଼ କରିପାରିଛି। ବିଜୟୀ ଦଳ ପକ୍ଷରୁ ଅଭିଷେକ ସିଂ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ଡିଫେଣ୍ଡର ରିଙ୍କୁ, ଫଜଲ ଅତ୍ରାଚାଲି ଓ ରାହୁଲ ସେଠ୍‌ପାଲ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ। ଥାଲ ।ଇଭାସ ରେଡର ମନ୍‌ଜିତ୍ ଓ ଅଜିଙ୍କ୍ୟ ପାଓ୍ୱାର ପ୍ରତ୍ୟେକ ୭ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ଶନିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ହରିୟାଣା ଷ୍ଟିଲର୍ସ ୩୫-୨୮ରେ ଜୟପୁର ପିଙ୍କ୍ ପାନ୍ଥର୍ସକୁ ପରାସ୍ତ କରି ପ୍ରତିଯୋଗିତାରେ ଏହାର ବିଜୟ ଧାରା ବଜାୟ ରଖିଛି। ଖେଳାଯାଇଥିବା ତୃତୀୟ ମ୍ୟାଚରେ ୟୁପି ଯୋଦ୍ଧା ୩୯-୩୫ରେ ତେଲୁଗୁ ଟାଇଟାନ୍ସକୁ ହରାଇ ଦେଇଛି।

## ମା'ମଙ୍ଗଳା କ୍ରିକେଟ: କୁରୁମ ଚଇନୀ ଦଳ ବିଜୟୀ

**ବାଙ୍କୀ,୫।୨(ସ୍ୱ:ପ୍ର):** ମା'ମଙ୍ଗଳା କ୍ରିକେଟ କ୍ଲବ ବେଦପୁର ଦ୍ୱାରା ଆୟୋଜିତ କ୍ରିକେଟ ପ୍ରତିଯୋଗିତାର ୬ଷ୍ଠ ମ୍ୟାଚ କ୍ଷେତ୍ରପାଳି କ୍ରିକେଟ କ୍ଲବ ଖମାରଙ୍ଗ ଓ ତାରିଣୀ କ୍ରିକେଟ କ୍ଲବ କୁରୁମଚଇନି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୁରୁମ ଚଇନି ଦଳ ଟସ ଜିତି ଖମାରଙ୍ଗ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଖମାରଙ୍ଗ ଦଳ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୫୭ରନ କରିଥିଲା। ୫୮ରନର ବିଜୟ ଲକ୍ଷ୍ୟକୁ କୁରୁମଚଇନ ଦଳ ୮.୨ଓଭରରେ ୨ ଉଇକେଟ ହରାଇ ହାସଲ କରିନେଇଥିଲେ। ଶନିବାର ମ୍ୟାଚକୁ ଆଶିଷ ବେହେରା ଏବଂ ସୁବ୍ରତ ବେହେରା ପରିଚାଳନା କରିଥିଲେ।

## ରାଜ୍ୟ ଖବର

## ପ୍ରଥମ ପର୍ଯ୍ୟାୟ ମେଡିକାଲ ସିଟ୍ ଆବଣ୍ଟନ

**ଭୁବନେଶ୍ୱର,୫।୨(ବ୍ୟୁରୋ):** ଏମ୍‌ବିବିଏସ୍ ଓ ବିଡିଏସ୍ ଡାକ୍ତରୀ ପାଠ୍ୟକ୍ରମ ନାମଲେଖା ଲାଗି ରାଜ୍ୟ କୋଟାର ପ୍ରଥମ ପର୍ଯ୍ୟାୟ ସିଟ୍ ଶନିବାର ଆବଣ୍ଟନ କରାଯାଇଛି। ୨୦୨୨-୨୩ ଲାଗି ରାଜ୍ୟ ମେଧା ତାଲିକାରେ ୪,୭୬୬ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ତେବେ ରାଜ୍ୟ କୋଟାରେ ମୋଟ୍ ୧,୪୬୬ଟି ସିଟ୍ ରହିଛି। ସେଥିରୁ ଏମ୍‌ବିବିଏସ୍ ଲାଗି ୧,୩୧୨ଟି ଏବଂ ବିଡିଏସ୍ ପାଇଁ ୧୫୪ଟି ସିଟ୍ ଧାର୍ଯ୍ୟ କରାଯାଇଛି। ତେବେ ଶନିବାର ପ୍ରଥମ ପର୍ଯ୍ୟାୟରେ ମୋଟ୍ ୧,୪୦୧ଟି ସିଟ୍ ଆବଣ୍ଟନ କରାଯାଇଛି। ଏ ନେଇ ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

## ତେଲଙ୍ଗାନାରେ ଓଡ଼ିଆ ଦାଦନ ଶ୍ରମିକ ମୃତ

**ପାତ୍ରପୁର,୫।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଜରଡ଼ା ଗୌଡ଼ ସାହିର ପୂର୍ଣ୍ଣଚନ୍ଦ୍ର ଗୌଡ଼ (୫୧) ତେଲଙ୍ଗାନାରେ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ପୂର୍ଣ୍ଣ ତେଲଙ୍ଗାନାର ନାଲକଣ୍ଡା ଜିଲା ବିଷ୍ଣୁପୁରମ୍ ଗ୍ରାମର ଏକ କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଶରୀରକୁ କମ୍ପାନୀ ଏକ ଆମ୍ବୁଲାନ୍ସ ଯୋଗେ ଶନିବାର ଜରଡ଼ା ଆଣିଥିବା ବେଳେ ଗ୍ରାମରେ ଉତ୍ତେଜନା ଦେଖାଯାଇଥିଲା।

## ଅନ୍ତର୍ଜାତୀୟ ଦୌଡ଼କୁଦ ପ୍ରତିଯୋଗିତାରେ ସନ୍ଦୀପ, ପଞ୍ଚାନନ



**ବ୍ରହ୍ମପୁର ଅଫିସ,୫।୨:** ବ୍ରହ୍ମପୁରର ପଞ୍ଚାନନ ସେଠୀ ଓ ଡି.ସନ୍ଦୀପ ପାତ୍ର ଦୌଡ଼ରେ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଅନ୍ତର୍ଜାତୀୟ କ୍ରୀଡ଼ା ନିମନ୍ତେ ମନୋନୀତ ହୋଇଛନ୍ତି। ଉଭୟ ଏପ୍ରିଲରେ ରୁରାଲ ଅଲିମ୍ପିକ୍ ପରିଷଦ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା କ୍ରୀଡ଼ା ଦୌଡ଼କୁଦ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବେ। ଦୌଡ଼ରେ ସନ୍ଦୀପ ୨୨ ସେକେଣ୍ଡରେ ୨୦୦ ମିଟର ଅତିକ୍ରମ କରୁଥିବାବେଳେ ୪୦୦ ମିଟର ଦୌଡ଼ ଅତିକ୍ରମ କରିବା ପାଇଁ ପଞ୍ଚାନନଙ୍କୁ ୫୧ ସେକେଣ୍ଡ ଲାଗେ।

# ବିଡିଓ, ଯନ୍ତ୍ରୀ, ଏପିଓଙ୍କୁ ଜବାବ ତଲବ

**ଯାଜପୁର ଅଫିସ,୫।୨**

**ଦୁର୍ନୀତି: ଏଲ୍‌ଏଫ୍‌ଏର ଖୋଳତାଡ଼**

**ଯାଜପୁର ଅଡିଟ ଅଧିକାରୀଙ୍କୁ ମୟୂରଭଞ୍ଜରୁ ଚିଠି**

ବିଡିଓ, ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଜଣେ ଏପିଓଙ୍କ ନାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗରେ ଲୋକାଲ ଫଣ୍ଡ ଅଡିଟ୍ (ଏଲ୍‌ଏଫ୍‌ଏ)ର ମୟୂରଭଞ୍ଜ ଜିଲା ଅଡିଟ ଅଫିସର ଜବାବ ତଲବ କରିଛନ୍ତି। ଏଥିରେ ମୟୂରଭଞ୍ଜ ଜିଲା ଶୂଳିଆପଦା ଓ ଯାଜପୁର ଜିଲା ଦାନଗଦି ବ୍ଲକର ତତ୍କାଳୀନ ବିଡିଓ ବିଶ୍ୱଜିତ ଦାସ ଏବଂ ମୟୂରଭଞ୍ଜ ଜିଲା ତଥା ଯାଜପୁର ଜଳସେଚନ ଡିଭିଜନର ତତ୍କାଳୀନ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ସାମଲ ଓ ଯଶିପୁର ତଥା କେନ୍ଦ୍ରାପଡ଼ା ଜିଲା ଗରଦପୁର ଏପିଓ ଆଲୋକ କୁମାର ପତିଙ୍କ ନାମ ରହିଛି। ଏହି କର୍ତ୍ତବ୍ୟଚ୍ୟୁତ ଅଧିକାରୀମାନଙ୍କୁ ଏଲ୍‌ଏଫ୍‌ଏର ଧାରା ୯(୨)(ବି) ଅନୁଯାୟୀ ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସକୁ ହସ୍ତାନ୍ତର କରିବାକୁ ମୟୂରଭଞ୍ଜ ଜିଲା ଅଡିଟ ଅଫିସର ଚିଠି ମାଧ୍ୟମରେ ଯାଜପୁର ଜିଲା ଅଡିଟ ଅଫିସରଙ୍କୁ ଅନୁରୋଧ କରିଛନ୍ତି। ଯଦି ଠିକଣା ଅନୁସାରେ ଏହି ଅଧିକାରୀମାନେ ରହୁନାହାନ୍ତି ତେବେ ସ୍ଥାନୀୟ ବିଭାଗୀୟ ଅଥରିଟିଙ୍କଠାରୁ ଉପଯୁକ୍ତ ଠିକଣା ନେଇ ଜବାବ ତଲବ ନୋଟିସ ଦେବାକୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ, ବିଭିନ୍ନ ଉନ୍ନୟନ ଓ ଲୋକହିତକର ଯୋଜନାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଡିଟ୍ ରିପୋର୍ଟରେ ଧରାପଡ଼ିଥିଲା। ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅନୁଦାନକୁ ହରିଲୁଟ କରିବାରେ ସମ୍ପୃକ୍ତ ଅଧିକାରୀମାନଙ୍କ ହାତ ଥିବା ଏଲ୍‌ଏଫ୍‌ଏ ପକ୍ଷରୁ ଜଣାପଡ଼ିଥିଲା। ଏହାବାଦ ଜଳସେଚନ ବିଭାଗରେ ନଦୀବନ୍ଧ, କେନାଲ ଆଦି ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଡିଟ ରିପୋର୍ଟରୁ ସୂଚନା ମିଳିଥିଲା। ଏହି କ୍ରମରେ ସମ୍ପୃକ୍ତ ଅଧିକାରୀମାନଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ତେବେ ବର୍ତ୍ତମାନ ଚଣ୍ଡିଖୋଲ ଜଳସେଚନ କାର୍ଯ୍ୟାଳୟରେ କାର୍ଯ୍ୟରତ ଯନ୍ତ୍ରୀ ସଞ୍ଜୀବ କୁମାର ସାମଲଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ ଏଲ୍‌ଏଫ୍‌ଏର କାରଣଦର୍ଶାଅ ନୋଟିସ ସଂକ୍ରାନ୍ତରେ କିଛି ଜାଣିନାହାନ୍ତି ବୋଲି କହିଥିଲେ। ତାଙ୍କ ନାମରେ କୌଣସି ଦୁର୍ନୀତି ହୋଇଥିବା ସମ୍ପର୍କରେ ମଧ୍ୟ ସେ ଅଜ୍ଞ। ଅନ୍ୟପକ୍ଷେ ବିଡିଓ ଦାସ ଓ ଏପିଓ ପତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ଏସିଆ ବୁକ୍ ଅଫ୍ ରେକର୍ଡରେ ଆଇଟିଆଇର ଇ-ରୋବୋ ପ୍ରତିମୂର୍ତ୍ତି


ରେକର୍ଡ ହାସଲ କରିଥିବା ଇ-ରୋବୋ ପ୍ରତିମୂର୍ତ୍ତି।

**ବ୍ରହ୍ମପୁର ଅଫିସ,୫।୨**

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଇ-ବର୍ଜ୍ୟବସ୍ତୁ ମାଧ୍ୟମରେ ନିର୍ମିତ ହୋଇଥିବା ଇ-ରୋବୋ ପ୍ରତିମୂର୍ତ୍ତି ଏସିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛି। ଏହି ପ୍ରତିମୂର୍ତ୍ତି ୨୦୨୧ ନଭେମ୍ବର ୨ରେ ଉଦ୍‌ଘାଟିତ ହୋଇଥିଲା। ବର୍ତ୍ତମାନ ଏହି ୩୦ ଫୁଟ ଉଚ୍ଚତା ବିଶିଷ୍ଟ ଇ-ୱେଷ୍ଟ ରୋବୋ ପ୍ରତିମୂର୍ତ୍ତି ଦେଶର ସର୍ବୋଚ୍ଚ ପ୍ରତିମୂର୍ତ୍ତି ଭାବେ ରେକର୍ଡ ହାସଲ କରିଛି ବୋଲି ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହାର ନିର୍ମାଣ ନିମନ୍ତେ ୩୦ ଟନ୍ ଇ-ବର୍ଜ୍ୟବସ୍ତୁ ବ୍ୟବହୃତ ହୋଇଥିଲା। ଏହାକୁ ଅନୁଷ୍ଠାନର ଇଲେକ୍ଟ୍ରିସିଆନ, ଇଲେକ୍ଟ୍ରୋନିକ୍ସ ଓ ପେଣ୍ଟର ବିଭାଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ଏଥିରେ ପୁରୁଣା ଇଲେକ୍‌ଟ୍ରୋନିକ୍ସ ଖେଳଣା, ପିସିବି, ପ୍ରିଣ୍ଟର, ପ୍ରିଣ୍ଟର କ୍ୟାଟରିଜ, ର୍‌ୟାମ୍, କି-ବୋର୍ଡ, ମାଉସ, ମନିଟର, ମୋବାଇଲ, ସିଡୀ ପ୍ଲେୟର, ଟିଭି ଓ ଭିସିଆର ବ୍ୟବହୃତ ହୋଇଥିବା ଅଧ୍ୟକ୍ଷ କହିଛନ୍ତି। ଏହି ସମସ୍ତ ଇ-ବର୍ଜ୍ୟବସ୍ତୁ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରୁ ସଂଗ୍ରହ ହୋଇଛି।


ଜୟପ୍ରକାଶଙ୍କ ଭଡ଼ାଘରୁ ଜବତ ମଦ ବୋତଲ ଠିପି ଓ ଅନ୍ୟ ସାମଗ୍ରୀ।

# ଅନୁଗୋଳରେ ନକଲି ବିଦେଶୀ ମଦ ସାମ୍ରାଜ୍ୟ

**ଅନୁଗୋଳ ଅଫିସ, ୫।୨**

ଅନୁଗୋଳ ସହର ଉପକଣ୍ଠ ରାଣୀଗୁଡ଼ାରୁ ମିଳିଛି ନକଲି ବିଦେଶୀ ମଦ ବ୍ୟବସାୟର ଲିଙ୍କ୍। ଶନିବାର ଅବକାରୀ ବିଭାଗ ଓ କଟକ ଫ୍ଲାଇଂ ସ୍କ୍ୱାର୍ଡ ମିଳିତ ଭାବେ ଚଢ଼ାଉ କରି ଏକ ଭଡ଼ାଘରୁ ୧୦୦ରୁ ଊର୍ଦ୍ଧ୍ୱ ବସ୍ତା ମଦବୋତଲ ଠିପି, ବିପୁଳ ପରିମାଣର ଲେବଲ ଏବଂ ଏକ୍ସସାଇଜ ଆଡ଼େଶିଭ ଲେବଲ ଜବତ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜୟ ପ୍ରକାଶ ଗୁପ୍ତା ସପରିବାର ଫେରାର ହୋଇଯାଇଛନ୍ତି। ଅପରପକ୍ଷେ ଉକ୍ତ ଭଡ଼ାଘରେ ଦୀର୍ଘ ୫ବର୍ଷ ଧରି ଏଭଳି ବେଆଇନ କାରବାର ଚାଲିଥିବାବେଳେ ଏ ସମ୍ପର୍କରେ ପାଖପଡ଼ୋଶୀ ସାମାନ୍ୟତମ ସୁରାକ ପାଇ ନ ପାରିବା ଚର୍ଚ୍ଚାର ବିଷୟ ହୋଇଛି।

# 'ହାତୀ-ଗିରିଦା'କୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**ଢେଙ୍କାନାଳ ଅଫିସ, ୫।୨**

ଢେଙ୍କାନାଳର ମହାରାଜା ଭଗୀରଥ ମହେନ୍ଦ୍ର ବାହାଦୁରଙ୍କ ରାଜତ୍ୱ ସମୟରେ ବଣୁଆ ହାତୀଙ୍କୁ ପୋଷା ମନାଇବା ଲାଗି ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ନିର୍ମାଣ କରାଯାଇଥିଲା 'ହାତୀ-ଗିରିଦା'। ଏହି ଐତିହ୍ୟସମ୍ପନ୍ନ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବି ହୋଇଛି। ପ୍ରାୟ ୧୬୦ ବର୍ଷ ପୁରାତନ ଏହି ସ୍ଥାନରେ ପର୍ଯ୍ୟଟକ ଅନୁକୂଳ ବାତାବରଣ ସୃଷ୍ଟିକଲେ ଏହାର ଗୁରୁତ୍ୱ ବଢ଼ିବ ବୋଲି ସାମାଜିକ କର୍ମୀ ରାଜୀବ ଲୋଚନ ସିଂଦେଓ କହିଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକଠାରୁ ୫ କିଲୋମିଟର ଦୂରରେ ରହିଛି ଗୁଣ୍ଡିଚାନାଳୀ ଗ୍ରାମ। ଗ୍ରାମଠାରୁ ୪ କିଲୋମିଟର ଦୂରରେ ରହିଛି ହାତୀ-ଗିରିଦା। ଅନନ୍ତପୁର ସଂରକ୍ଷିତ ଜଙ୍ଗଲର ୩ଟି ପାହାଡ଼ର ମିଶ୍ରଣ ସ୍ଥଳରେ ଜଙ୍ଗଲୀ ହାତୀଙ୍କୁ ଧରି ପୋଷା ମନାଇବା ପାଇଁ ହାତୀ-ଗିରିଦା ନିର୍ମାଣ କରାଯାଇଥିଲା। ଅବିଭକ୍ତ ଢେଙ୍କାନାଳ ଜିଲାର ଗଡ଼ଜାତ ସମୟରେ ଏହା ଥିଲା ଏକମାତ୍ର ହାତୀଧରା କେନ୍ଦ୍ର। ପ୍ରାକୃତିକ ଶୋଭାରାଜିରେ ଭରା ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀରେ ରୂପାନ୍ତରିତ କରିବାକୁ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ପ୍ରଶାସନ ଓ ବନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରଶାସନ ଏବଂ ବନ ବିଭାଗ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ସଭ୍ୟ ରାମଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

# ଖତ ଖାଉଛି ସୋଲାର ଶୁଖୁଆ ପ୍ଲାଣ୍ଟ

**ଛତ୍ରପୁର,୫।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ବିଶେଷ କରି ସମୁଦ୍ର କୂଳବର୍ତ୍ତୀ ଗାଁ ନିକଟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମିତ ହୋଇଥିବା ସୋଲାର ଶୁଖୁଆ ପ୍ଲାଣ୍ଟ ଏବେ ଖତଖାଉଛି। ରକ୍ଷଣାବେକ୍ଷଣ ଅଭାବ ଓ ଠିକ୍ ଜାଗାରେ ଏହା ନିର୍ମାଣ କରାଯାଇ ନ ଥିବାରୁ ଏଗୁଡିକ ବ୍ୟବହାର ନ ହୋଇ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଗତ ୧୦ ବର୍ଷ ପୂର୍ବେ ମତ୍ସ୍ୟଜୀବୀମାନଙ୍କ ସୁବିଧା ପାଇଁ ଏହି ପ୍ଲାଣ୍ଟ ନିର୍ମାଣ କରାଯାଇଥିଲା। କଞ୍ଚା ମାଛକୁ ସିଧାସଳଖ ମେଶିନରେ ଶୁଖାଇ ଭିନ୍ନ କିସମର ଶୁଖୁଆ କରିବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏହାର ଦାୟିତ୍ୱ ଦିଆଯାଇଥିଲା । ମାତ୍ର ନିର୍ମାଣର କିଛିଦିନ ଚାଲିବା ପରେ ଆଉ ବ୍ୟବହାର ଉପଯୋଗୀ ହେଲା ନାହିଁ । ଏହି ପ୍ରୋଜେକ୍ଟଗୁଡିକ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିଲେ ହେଁ ଏଗୁଡିକ ଖତ ଖାଇ ମାଟିରେ ମିଶିବାକୁ ବସିଲାଣି । ତେବେ ଏହି ପ୍ଲାଣ୍ଟ ନିର୍ମାଣ ହେବା ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଆବଶ୍ୟକ ପ୍ରଶିକ୍ଷଣ ଅଭାବ ଏବଂ କ୍ଷତିରେ ଚାଲିବାରୁ ମହିଳା ଗୋଷ୍ଠୀଗୁଡିକ ଏହାର କାମ ବନ୍ଦ କରିଦେଇଥିଲେ । ପରବର୍ତ୍ତୀ ସମୟରେ ଫାଇଲିନ ଯୋଗୁ ଉପରେ ଥିବା ସୋଲାର ଶେଡ୍‌ଗୁଡିକ ପବନରେ ଭାଙ୍ଗି ଯାଇଥିଲା। ତା'ପରଠାରୁ ପୁନରୁଦ୍ଧାର ହୋଇଛି ନା କୌଣସି ତଦାରଖ କରାଯାଇଛି। ସେବେଠୁ ଏମିତି ଅବହେଳିତ ଅବସ୍ଥାରେ ପ୍ଲାଣ୍ଟଟି ପଡି ରହିଛି । ଏବେ ମତ୍ସ୍ୟଜୀବୀମାନେ ସମୁଦ୍ର ବେଳାଭୂମିରେ ମାଛ ଶୁଖାଇ ଶୁଖୁଆ ପ୍ରସ୍ତୁତ କରୁଛନ୍ତି। ଏଗୁଡିକର ପୁନଃନିର୍ମାଣ କରାଯାଇ ସମୁଦ୍ର ନିକଟରେ ସ୍ଥାପନ କରିବାକୁ ସ୍ଥାନୀୟ ମତ୍ସ୍ୟଜୀବୀ ଦାବି କରିଛନ୍ତି।


ସୋଲାର ଶୁଖୁଆ ପ୍ଲାଣ୍ଟ।

# ସଂକ୍ଷେପରେ

## ବନ୍ଧୁକ ଦେଖାଇ ଆତଙ୍କିତ କରୁଥିବା ଯୁବକ ଗିରଫ

ଭୁବନେଶ୍ୱର,୫।୨(ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଓସ୍କାର ସିଟି ଛକ ନିକଟରେ ସାଧାରଣ ଲୋକଙ୍କୁ ବନ୍ଧୁକ ଦେଖାଇ ଆତଙ୍କିତ କରୁଥିବା ଜଣେ ଯୁବକକୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ନାମ ରାଜ୍ ଅରଫ ଟୁଲୁ ବେହେରା(୨୯) ହୋଇଥିବାବେଳେ ସେ ବାଲିଅନ୍ତା ଅନ୍ତର୍ଗତ ଭିଙ୍ଗାରପୁର ଗାଁର ବାସିନ୍ଦା ବୋଲି ଜଣାପଡିଛି। ସୂଚନା ଆନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଲକ୍ଷ୍ମୀସାଗର ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଜଣେ କେହି ଛିଡ଼ା ହୋଇ ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ ବନ୍ଧୁକ ଦେଖାଇ ଆତଙ୍କିତ କରୁଥିବା ସୂଚନା ପାଇଥିଲା। ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବହୁ ଛକାପଞ୍ଝା ପରେ ଅଭିଯୁକ୍ତକୁ କାବୁ କରିଥିଲା। ତାଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ବୁଲେଟ ମୋଟରସାଇକେଲ (ନଂ.ଓଡି୦୫ଏୟୁ୪୦୪୬) ସହ ୨ ମୋବାଇଲ ଫୋନ୍ ଜବତ କରିଛି। ଏଥିସହ ଶନିବାର ମାମଲା (ନଂ-୫୬/୨୦୨୨) ରୁଜୁ କରି ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ୨୦୧୮ରେ ୨ଟି ଓ ୨୦୧୯ରେ ଗୋଟିଏ ଆପରାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ଏନେଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

## ଋଣ ଆଦାୟରେ କୋହଳ ପାଇଁ ଦାବି

ଭୁବନେଶ୍ୱର,୫।୨(ବ୍ୟୁରୋ): ଓଡ଼ିଶା ଟ୍ରକ ମାଲିକ ମହାସଂଘର ଏକ ଜରୁରୀକାଳୀନ ବୈଠକ ଖାରବେଳ ନଗରସ୍ଥିତ ଟାଟା ମୋଟର ଫାଇନାନ୍ସ ଅଫିସ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଟ୍ରକ ମାଲିକ ସଂଘର ରାଜ୍ୟ ସଭାପତି ପୁରଞ୍ଜନ ପାଢୀଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଟ୍ରକ ମାଲିକମାନେ ଆସି ଟାଟା ଫାଇନାନ୍ସ ସହ ଋଣ ଆଦାୟରେ କୋହଳ ନୀତି ଅବଲମ୍ବନ କରିବା ଏବଂ ଋଣ ପରିଶୋଧ ପାଇଁ ଅଧିକ ସମୟ ଦେବା ପାଇଁ ଦାବି କରିଥିଲେ। କୋଭିଡ଼ କଟକଣା ଯୋଗୁ ଗାଡିଗୁଡ଼ିକ ପାଖାପାଖି ଦୁଇବର୍ଷ ଧରି ପଡ଼ି ରହିଥିବାରୁ ଋଣ ପରିଶୋଧ ପାଇଁ କିଛି ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଏହା ଉପରେ ସୁବିଚାର କରିବା ପାଇଁ ଟ୍ରକ ମାଲିକ ସଂଘର ଉପସଭାପତି ସୁନିତା ରାୟ ଅନୁରୋଧ କରିଥିଲେ। ଟାଟା ଫାଇନାନ୍ସର ଜୋନାଲ ବ୍ରାଞ୍ଚ ମ୍ୟାନେଜର ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ କହିଛନ୍ତି। ଆଗକୁ କିଛି ଋଣ ପରିଶୋଧ କଲେ ମାଲିକମାନଙ୍କ ଗାଡ଼ିକୁ ଆଉ କମ୍ପାନୀ ଭିଡ଼ିବ ନାହିଁ ବୋଲି ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ପ୍ରବାସୀ ଓଡ଼ିଆ ଭାଷା ପ୍ରେମୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୫।୨(ବ୍ୟୁରୋ): ଭାଷା ଆନ୍ଦୋଳନ ଓଡ଼ିଶା ପକ୍ଷରୁ ପ୍ରବାସୀ ଓଡ଼ିଆ ଭାଷା ପ୍ରେମୀଙ୍କୁ ଶନିବାର ସମ୍ବର୍ଦ୍ଧନା କରାଯାଇଛି। ଉତ୍କଳ ସାମ୍ବାଦିକ ଭବନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ମୁମ୍ବାଇ ଓଡ଼ିଆ ସମାଜର ସଭାପତି ବିପିନ ବିହାରୀ ମିଶ୍ର, ବିଶ୍ୱ ଓଡ଼ିଆ ସମାଜର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ଡ. ନଳିନୀ ପତି, କନିଷ୍ଠ ଭାଷା ଯୋଦ୍ଧା ନନ୍ଦନ ଦ୍ୱିବେଦୀ, କାବେରୀ ବେହେରାଙ୍କୁ ଭାଷା ଆନ୍ଦୋଳନ ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ବକ୍ତା ଭାବେ ସୀତାବଲ୍ଲଭ ମହାପାତ୍ର, ଡମ୍ବୁରଧର ହରଣସିଂହ, ନବ କିଶୋର ପ୍ରଧାନ, ଅଲେଖ ଜେନା, ଜାନକିଶ ବଡ଼ପଣ୍ଡା ପ୍ରମୁଖ ସାମିଲ ହୋଇ ଓଡ଼ିଆ ଭାଷା ସମ୍ପର୍କରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶାରଦା ପ୍ରସାଦ ମହାପାତ୍ର ସଭା ସଂଚାଳନ କରିଥିବା ବେଳେ ପବିତ୍ର ମହାରଥା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ସାଲିଆସାହିରେ ଦେଶୀ ମଦଭାଟି

■ ଚଢ଼ାଉବେଳେ ପୋଲିସକୁ ଆକ୍ରମଣ

■ ୫ ଗିରଫ, ୧୨ହଜାର ଲିଟର ଦେଶୀ ମଦ ଜବତ

ଭୁବନେଶ୍ୱର,୫।୨(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହିରେ ବେଆଇନ ଭାବେ ଚାଲିଥିଲା ଦେଶୀ ମଦଭାଟି। ଏଠାରୁ ସହରର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲା। ଖବର ପାଇବା ପରେ ନୟାପଲ୍ଲୀ ପୋଲିସ ଶୁକ୍ରବାର ରାତି ଅଧରେ ଇଡ୍‌କୋ ବସ୍ତିର କେତେଜଣଙ୍କ ଘର ସମେତ ୧୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରି ଭାଟି ଭାଙ୍ଗିବା ସହ ବିପୁଳ ଦେଶୀ ମଦ ଓ ପ୍ରସ୍ତୁତ ସାମଗ୍ରୀ ଆଦି ଜବତ କରିଛି। ୩୭୦ ଲିଟର ନକଲି ଦେଶୀ ମଦ ଜବତ କରିବାବେଳେ ମାଟି ତଳେ ହାଣ୍ଡିରେ ରଖି



ପୋଲିସ ଚଢ଼ାଉ ପରେ ଘଟଣାସ୍ଥଳରେ ଦେଶୀ ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏଣେତେଣେ ପଡ଼ିରହିଛି। ଭାଟିରେ ନଷ୍ଟ କରାଯାଇଥିବା ଚାଉଳି ମଦ।

ପୋତାଯାଇଥିବା ପାଖାପାଖି ୧୨ହଜାର ଲିଟର ଚାଉଳି ମଦ ପୋଚକୁ ନଷ୍ଟ କରିଛି। ତେବେ ଚଢ଼ାଉ ସମୟରେ ପୋଲିସକୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ପୋଲିସ ୨ଟି ପୃଥକ ମାମଲା (ନଂ.୬୩, ୬୬/୨୦୨୨) ରୁଜୁ କରିବା ସହ ୫ଜଣଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା କାଳିଆହତା ଥାନା ଅଞ୍ଚଳର ମୁନିରାମ ସୋରେନ(୩୫), ବଡସାହି ଥାନା ଅଞ୍ଚଳର ଶ୍ୟାମସୁନ୍ଦର ମୁର୍ମୁ(୫୦) ଓ ରବୀନ୍ଦ୍ର କୁମାର ମୁର୍ମୁ (୨୧), ନୟାପଲ୍ଲୀ ଥାନା ଅଞ୍ଚଳର ରାମ ଟୁଡୁ(୧୯) ଓ କାହ୍ନୁ ଟୁଡୁ(୨୦)। ପୋଲିସ ଏହି ଦୁଇ ମାମଲାରେ ଅଧିକ ତଦନ୍ତ ଜାରି ରଖିଥିବା କହିଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଚୋରା ବଦ କାରବାର ବେଧଡ଼କ ଚାଲିଛି। ବିଶଷ କରି ବସ୍ତି ଅଞ୍ଚଳରେ ନିର୍ଦ୍ଦିଷ୍ଟ ଲୋକଙ୍କ ଘରେ ଏହି ବେପାର ଦୀର୍ଘଦିନ ହେବ ଚାଲିଥିଲେ ମଧ୍ୟ ପୋଲିସ ସେପରି ପଦକ୍ଷେପ ନେଉନାହିଁ। ଫଳରେ ବସ୍ତି ଅଞ୍ଚଳରେ ନକଲି ଓ ଦେଶୀ ମଦଭାଟି ଗଢ଼ି ଉଠିଛି।

## ଚନ୍ଦ୍ରଭାଗା ମେଳାରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ବାରଣ

ପୁରୀ ଅଫିସ,୫।୨

କରୋନା କଟକଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚନ୍ଦ୍ରଭାଗା ମେଳାରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। କୋଣାର୍କ ଥାନା ଅନ୍ତର୍ଗତ ଚନ୍ଦ୍ରଭାଗା ମେଳା ପଡ଼ିଆ, ତୀର୍ଥ ପୁଷ୍କରିଣୀ, ନବଗ୍ରହ ମନ୍ଦିରରେ ସର୍ବସାଧାରଣ ପ୍ରବେଶକୁ ବାରଣ କରାଯାଇଛି। ଆସନ୍ତା ୬ ତାରିଖ ଅପରାହ୍ନ ୪ଟାଠାରୁ ୭ ତାରିଖ ସକାଳ ୯ ଘଟିକା ତଥା ନୀତିକାନ୍ତି ସମ୍ପନ୍ନ ହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଚନ୍ଦ୍ରଭାଗା ବୁଡ ପକାଇବା ନିମନ୍ତେ ଭିଡ଼ ହେବା ସହ ସାମାଜିକ ଦୂରତ୍ୱ ରକ୍ଷା ନିୟମ ଉଲ୍ଲଂଘନ ଏବଂ କରୋନା ବ୍ୟାପିବାର ଆଶଙ୍କା ଥିବାରୁ ଏଭଳି କଟକଣା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନୀତିକାନ୍ତି ସହ ଜଡିତ ଥିବା ସେବାୟତ, ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ, ସ୍ଥାନୀୟ ଗଣାମଧ୍ୟମ ପ୍ରତିନିଧି ଏବଂ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପ୍ରବେଶ ଅନୁମତି ରହିବ। ଉପଜିଲାପାଳ ଭବତାରଣ ସାହୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାର କଡ଼ାକଡ଼ି ପାଳନ ନିମନ୍ତେ ସମ୍ପୃକ୍ତ ଥାନାଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ବାଇକ୍ ଧକ୍କାରେ ଫାଇନାନ୍ସ କର୍ମଚାରୀ ମୃତ

ଖୋର୍ଦ୍ଧା ଅଫିସ,୫।୨

ସ୍ଥାନୀୟ କଣ୍ଟା ଛକ ନିକଟରେ ଶନିବାର ବାଇକ୍ ଧକ୍କାରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଶ୍ରୀବିହାରର ଓମ୍ ପଟ୍ଟନାୟକ(୨୫)। ସୂଚନା ମୁତାବକ, ଓମ୍ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଶନିବାର ଅପରାହ୍ନରେ କାର୍ଯ୍ୟ ସାରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ କଣ୍ଟା ଛକ ନିକଟରେ ଏକ ବାଇକ୍ ସମ୍ମୁଖରୁ ତାଙ୍କୁ ଧକ୍କା ଦେଇଥିଲା।


ଅଲ୍ ନିୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ କାର୍ଯ୍ୟାଳୟରେ ସରସ୍ୱତୀ ପୂଜା କରାଯାଉଛି।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ସ୍ୱାମୀ ଗିରଫ

ବାଣପୁର,୫।୨(ଡି.ଏନ୍.ଏ.)

ବାଣପୁର ଥାନା ଅନ୍ତର୍ଗତ ସଲପଡ଼ି ଗ୍ରାମରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ମୃତା ହେଲେ ଏହି ଗ୍ରାମର ସେକ୍ ଅମିରଙ୍କ ସ୍ତ୍ରୀ କରିସ୍ମା। ଏନେଇ ଶନିବାର ମୃତାଙ୍କ ଭାଇ ଅନ୍‌ସାର ଅଲ୍ଲିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ସ୍ୱାମୀ ଅମିରଙ୍କୁ ଗିରଫ କରିଛି। ଅଭିଯୋଗ ମୁତାବକ, ତିନି ବର୍ଷ ପୂର୍ବେ ଅମିରଙ୍କ ସହ ଟାଙ୍ଗୀ ଥାନା ମୂଳିଝର ଗ୍ରାମର କରିସ୍ମାଙ୍କ ବିବାହ ହୋଇଥିଲା। ବିବାହ ବେଳେ ଦାବି ମୁତାବକ ୧ଲକ୍ଷ ଟଙ୍କା, ସ୍ୱର୍ଣ୍ଣ ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା। ବିବାହର ବର୍ଷେ ପରେ କରିସ୍ମା ଏକ ଝିଅ ଜନ୍ମ ଦେଇଥିଲେ। ଝିଅ ଜନ୍ମ କରିଥିବାରୁ ତା'ର ଭରଣପୋଷଣ ପାଇଁ ବାପଘରୁ ଯୌତୁକ ବାବଦକୁ ଅଧିକ ୧ଲକ୍ଷ ଟଙ୍କା ଆଣିବା ପାଇଁ ସ୍ୱାମୀ ଅମିରଙ୍କ ସମେତ ଶାଶୁଘର ଲୋକେ କହିଥିଲେ। କରିସ୍ମା ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଗତ ୩୧ ତାରିଖରେ ଶାଶୁଘର ଲୋକେ କରିସ୍ମାଙ୍କୁ ଘରୁ ବାହାର କରିଦେଇଥିଲେ। ତିନି ମାସ ମଧ୍ୟରେ ୧ଲକ୍ଷ ଟଙ୍କା ଦେବା ପାଇଁ କରିସ୍ମାଙ୍କ ବାପଘର ପ୍ରତିଶ୍ରୁତି ଦେବା ସହ ମଙ୍ଗଳବାର କରିସ୍ମାଙ୍କୁ ଶାଶୁଘରକୁ ପଠାଇଲେ। ବୁଧବାର ସକାଳେ ହଠାତ୍ କରିସ୍ମା ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ କରିସ୍ମାଙ୍କ ମୃତ୍ୟୁ ହୋଇଥିଲା।

## ଶିକ୍ଷାନୁଷ୍ଠାନରେ ପୂଜା ପାଇଲେ ମା' ବୀଣାପାଣି

ଭୁବନେଶ୍ୱର,୫।୨(ବ୍ୟୁରୋ)

ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଧରାପୃଷ୍ଠରେ ବିରାଜିଛନ୍ତି ବିଦ୍ୟାଦାତ୍ରୀ ମା' ବୀଣାପାଣି। କରୋନା କଟକଣା ମଧ୍ୟରେ ସରକାରଙ୍କ ଗାଇଡ୍‌ଲାଇନ ପାଳନ କରି ରାଜ୍ୟ ସମେତ ରାଜଧାନୀର ବିଭିନ୍ନ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନଗୁଡିକରେ ମା'ଙ୍କର ଆବାହନ କରାଯାଇଥିଲା। ସଂକ୍ରମଣ ହ୍ରାସ ପାଉଥିବାରୁ ଶିକ୍ଷାନୁଷ୍ଠାନରେ ସୀମିତ ପିଲାଙ୍କୁ ନେଇ ପୂଜା କରିବାକୁ ସରକାର ଅନୁମତି ଦେଇଥିଲେ। ଫଳରେ ସରସ୍ୱତୀ ପୂଜା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ମା' ସରସ୍ୱତୀ କଳାର ଦେବୀ ହୋଇଥିବାରୁ ବିଭିନ୍ନ କଳା ଅନୁଷ୍ଠାନଗୁଡିକରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ଘରେ ଘରେ ଏବଂ ମନ୍ଦିରରେ ମଧ୍ୟ ବୀଣାପାଣିଙ୍କ ଆବାହନ କରାଯାଇଥିଲା। ସର୍ବସାଧାରଣ ସ୍ଥାନରେ ସରସ୍ୱତୀ ପୂଜା ହୋଇପାରିବନି ବୋଲି ଗାଇଡ୍‌ଲାଇନ୍ ଜାରି ହୋଇଥିବାରୁ ବିଭିନ୍ନ ପୂଜା କମିଟି ତଥା ଯୁବ ସଂଘ ପକ୍ଷରୁ ଆୟୋଜନ ହେଉଥିବା ସରସ୍ୱତୀ ପୂଜା ଚଳିତଥର ଦେଖିବାକୁ ମିଳିନାହିଁ।

ତେବେ କଟକଣା ପାଇଁ ରାଜଧାନୀରେ ପୂଜା ଆୟୋଜନ ଫିକା ପଡ଼ିଥିଲା। ପ୍ରତିବର୍ଷ ଭୁବନେଶ୍ୱର ଅଧିକାଂଶ ଅଞ୍ଚଳରୁ ମୂର୍ତ୍ତି ବରାଦ ହେଉଥିବାବେଳେ ଚଳିତ ବର୍ଷ ସେପରି କିଛି ବି ନାହିଁ ବୋଲି ବିଭିନ୍ନ ଶିଳ୍ପ ମନ୍ଦିରର କାରିଗର କହିଛନ୍ତି। ପ୍ରତିବର୍ଷ ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗାପୂଜା, ବିଶ୍ୱକର୍ମା ପୂଜା, ଗଜଲକ୍ଷ୍ମୀ ପୂଜା, ଖୁଦୁରୁକୁଣୀ ପୂଜାରେ ମୃଣ୍ମୟୀ ମୂର୍ତ୍ତି ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଗତ ଭାବେ ମୂର୍ତ୍ତି ବରାଦ ହୋଇଥାନ୍ତି। ମହାମାରୀ କାଳରେ କଟକଣା କୋହଳ ହେବା ପରେ ମଧ୍ୟ ସାମୂହିକ ପର୍ବ ପାଳନକୁ ଅନୁମତି ନ ମିଳିବାରୁ ମୂର୍ତ୍ତି କାରିଗର ଏକ ପ୍ରକାର ଜୀବିକା ହରାଇଛନ୍ତି। ତେବେ ପୂର୍ବ ବର୍ଷ ତୁଳନାରେ ରୋଜଗାର ଯଥେଷ୍ଟ କମିଯାଇଥିବାରୁ ମୂର୍ତ୍ତି କାରିଗରଙ୍କ ମଧ୍ୟରେ ଉତ୍ସାହ କମିଯାଇଛି। ବର୍ଷସାରା ପାଳନ ହୋଇଥିବା ବିଭିନ୍ନ ପର୍ବପର୍ବାଣିରେ ମୂର୍ତ୍ତି ବ୍ୟବସାୟରେ ବିଶେଷ କ୍ଷତି ହୋଇଥିବାବେଳେ ସରସ୍ୱତୀ ପୂଜାରେ ଅପେକ୍ଷାକୃତ ଭଲ ବ୍ୟବସାୟ ପାଇଁ ଆଶା ବାନ୍ଧିଥିବା ଶିଳ୍ପୀକୁଳକୁ ପୁଣି ନିରାଶ ହେବାକୁ ପଡ଼ିଛି।

## କର୍କଟ ରୋଗୀଙ୍କ ପାଇଁ ଶ୍ରଦ୍ଧା ଫାଉଣ୍ଡେଶନର ସ୍ୱତନ୍ତ୍ର ବସ୍


ବସ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର,୫।୨(ବ୍ୟୁରୋ)

ଶ୍ରଦ୍ଧା ଫାଉଣ୍ଡେଶନ ପକ୍ଷରୁ କର୍କଟ ରୋଗୀଙ୍କ ପାଇଁ ବସ୍ ସେବାର ବ୍ୟବସ୍ଥା କରାଯାଇଛି। ଶନିବାର ଏମ୍ସ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଫିଲ୍ଡ ଜେନେରାଲ୍ ମ୍ୟାନେଜର ରମାକାନ୍ତ ପ୍ରଧାନ ଓ ଏମ୍ସର ମେଡିକାଲ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି ଏହି ସେବାର ଶୁଭାରମ୍ଭ କରିଥିଲେ। ଏମ୍ସ ସର୍ଜିକାଲ୍ ଅଙ୍କୋଲୋଜି ବିଭାଗର ପ୍ରଫେସର ତଥା ମୁଖ୍ୟ ଡା. ମାଧବନନ୍ଦ କର ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରଦ୍ଧା ଫାଉଣ୍ଡେଶନର ସଭାପତି କ୍ୟାପ୍‌ଟେନ କମଲକାନ୍ତ ଚୌଧୁରୀ କହିଲେ, ଫାଉଣ୍ଡେଶନ ୨୫ ବର୍ଷ ହେବ କର୍କଟ ରୋଗୀଙ୍କ ପାଇଁ ଖାଦ୍ୟ, ପରିବହନ ଏବଂ ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ଯୋଗାଇ ଆସୁଛି। ମୁମ୍ବାଇର ପାଞ୍ଚଟି ଆଶ୍ରୟ ଗୃହରେ ୨୫୦ଜଣ ରହିଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରେ ୩୦ ଶଯ୍ୟା ସମେତ ୭୦ ଜଣଙ୍କୁ ରହିବା କ୍ଷମତା ସହିତ ଏକ ଆଶ୍ରୟ ଗୃହ 'ଶ୍ରଦ୍ଧା ସାତ୍ୱିକ' ପ୍ରତିଷ୍ଠା କରିଛୁ। ଏଠାରେ ରହୁଥିବା ଗରିବ କର୍କଟ ରୋଗୀଙ୍କ ପାଇଁ ଏହି ବସ୍ ସେବା ପରିବହନର ଆବଶ୍ୟକତାକୁ ପୂରଣ କରିବ। ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ବସ୍ ଯୋଗାଇ ଦିଆଯାଇଥିବାବେଳେ ଏଥିରେ ୨୦ ସିଟ୍ ରହିଥିବା କମଲକାନ୍ତ ସୂଚନା ଦେଇଛନ୍ତି। ଫାଉଣ୍ଡେଶନର କର୍ମୀ ଭଞ୍ଜନ ମହାପାତ୍ର, ମ୍ୟାନେଜର ପ୍ରସନ୍ନ କୁମାର ମିଶ୍ର ଏବଂ ଜେନେରାଲ ମ୍ୟାନେଜର ସର୍ବେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ନୂତନବର୍ଷର ପ୍ରଥମ ସାହିତ୍ୟ ଆସର

ଭୁବନେଶ୍ୱର,୫।୨(ବ୍ୟୁରୋ)

ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ତରଫରୁ ନୂତନ ବର୍ଷର ପ୍ରଥମ ସାହିତ୍ୟ ଆସର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟୋକ୍ତା ତାପସ ରାଜ ଏବଂ ବିଶ୍ୱଭାରତୀ ଗୋସ୍ୱାମୀଙ୍କ ସଂଯୋଜନାରେ ଆୟୋଜିତ ଆସରରେ ସାହିତ୍ୟିକ କ୍ଷୀରୋଦ ଚନ୍ଦ୍ର ବେହେରା, ଅନୁରୂପା ସିଂ, ଦୁର୍ଗେଶ ନନ୍ଦିନୀ ଓ ମାଲେସିଆରୁ କେତେଜଣ ଯୋଗଦେଇଥିଲେ। ସଭାପତିତ୍ୱ କରିଥିଲେ ବୈଜ୍ଞାନିକ ତଥା ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ସଭାପତି କାର୍ତ୍ତିକ ସାଇଁ। ମୁଖ୍ୟ ଅତିଥି ଭାବରେ ସାମ୍ବାଦିକ ହଳଧର ଧୀର ଓ ଗାଳ୍ପିକା ପାରମିତା ଷଡଙ୍ଗୀ ସମୀକ୍ଷକ ଭାବେ ଯୋଗ ଦେଇଥିଲେ। କବି କାର୍ତ୍ତିକ ସ୍ୱାଇଁ, ପାରମିତା ଷଡଙ୍ଗୀ, ବାଲ୍ମୀକି ନାୟକ, ପ୍ରଶାନ୍ତ କୁମାର ନାଥ, ବିଶ୍ୱରଞ୍ଜନ ଗୋସ୍ୱାମୀ, ସୁଜାତା ମହାପାତ୍ର, ଲୋପମୁଦ୍ରା ପରିଡା, ଗିରିଧାରୀ ଧଳ ଆଦି କବିତା ପାଠ କରିଥିଲେ। ଗାଳ୍ପିକା ସୁସ୍ମିତା ମହାପାତ୍ର, ସୁଷମା ପରିଜା, ବିଶ୍ୱଭାରତୀ ଗୋସାମୀ ଗଳ୍ପ ପାଠ କରିଥିବା ବେଳେ ତାପସ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ପ୍ରକାର ମସଲାରେ ସଜ୍ଜିତ ହେଲେ ବାଗ୍‌ଦେବୀ

ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୫।୨(ଡି.ଏନ୍.ଏ.)

ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା' ବାଗ୍‌ଦେବୀଙ୍କ ଆବାହନ କରାଯାଇଛି। ସାଧାରଣତଃ ସବୁଠାରେ ମାଟିରେ ତିଆରି ମା'ଙ୍କ ମୂର୍ତ୍ତିକୁ ସଜାଇବା ପାଇଁ ବିଭିନ୍ନ ରଙ୍ଗର ଆବଶ୍ୟକ ପଡିଥାଏ। ମାତ୍ର ଶାନ୍ତିସ୍ତୁପ ଧଉଳି ନିକଟସ୍ଥ ଚାରୁକଳା ମହାବିଦ୍ୟାଳୟରେ ମା'ଙ୍କ ମୂର୍ତ୍ତିକୁ କୌଣସି ରାସାୟନିକ ରଙ୍ଗ ନୁହେଁ, ବରଂ ୫ ପ୍ରକାର ମସଲାରେ ସଜ୍ଜିତ କରାଯାଇଥିଲା, ଯାହା ଅନ୍ୟମାନଙ୍କଠାରୁ ନିଆରା ଥିଲା। ପାନ ମଧୁରୀ, ଜିରା, ମେଥି, କଳାଜୀରା ତଥା ଧଳା ସୋରିଷ ବ୍ୟବହାର କରି ମୂର୍ତ୍ତି ନିର୍ମାଣ କରାଯାଇଥିଲା। ୫ଫୁଟ



ଉଚ୍ଚତା ବିଶିଷ୍ଟ ଏହି ନିଆରା ସରସ୍ୱତୀ ମୂର୍ତ୍ତିକୁ ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀ ଦୀପ୍ତିମୟୀ ଚମ୍ପତି, ଲିପ୍ସା ପ୍ରଧାନ, ରଞ୍ଜିତ ପାଣି ଓ ଗୋପାଳ ନାୟକ ନିର୍ମାଣ କରିଛନ୍ତି। ଏଥିପାଇଁ ତାଙ୍କୁ ୬ଦିନ ସମୟ ଲାଗିଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ରାମ ଶଙ୍କର ସାହୁ, ମାନସ ରଞ୍ଜନ ନାୟକ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବିଭିନ୍ନ ପୂଜା ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ଗତ ୧୮ ବର୍ଷ ଧରି ଇକୋ ଫ୍ରେଣ୍ଡଲି ମୂର୍ତ୍ତି ପ୍ରସ୍ତୁତ କରାଯାଉଛି। ରାସାୟନିକ ରଙ୍ଗ କିମ୍ବା ସାମଗ୍ରୀ ବ୍ୟବହାର ନ କରି ପ୍ରକୃତି ଅନୁକୂଳ ଦ୍ରବ୍ୟରେ ମୂର୍ତ୍ତି ତିଆରି କଲେ ଅନେକ ପ୍ରକାର ପ୍ରଦୂଷଣରୁ ଆମେ ମୁକ୍ତ ରହିବା ବୋଲି ସମାଜକୁ ବାର୍ତ୍ତା ପ୍ରଦାନ କରାଯାଉଛି।


ଭୁବନେଶ୍ୱର ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ର ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।



ଭୀମଭୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ମା'ସରସ୍ୱତୀଙ୍କୁ ଆରାଧନା କରାଯାଉଛି।


ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ୍‌ରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଉଛି।

# ଶୁଭିବନି ଖଣ୍ଡଗିରି କୁମ୍ଭମେଳାର କୋଳାହଳ

## ସୋମବାର ମାଘ ସପ୍ତମୀ



ଭୁବନେଶ୍ୱର, ୫।୨ (ବ୍ୟୁରୋ)

ସୋମବାର ମାଘ ସପ୍ତମୀଠାରୁ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭ ମେଳା ଆରମ୍ଭ ହେବ। ହେଲେ କରୋନା କଟକଣା ପାଇଁ ଗତବର୍ଷ ଭଳି ଏଥର ମଧ୍ୟ ମେଳାର କୋଳାହଳ ଶୁଭିବ ନାହିଁ। ଯାତ୍ରା ପଡ଼ିଆ ଫାଙ୍କା ପଡ଼ିଥିବାବେଳେ ଖଣ୍ଡଗିରି-ଉଦୟଗିରି ରାସ୍ତା ପାର୍ଶ୍ୱରେ ମିନାବଜାର ଦେଖିବାକୁ ମିଳିବ ନାହିଁ। ବାରଭୁଜା ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ କେବଳ ବିଧି ରକ୍ଷା ପୂର୍ବକ ଯଜ୍ଞାଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ୭ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ 'ନବରାତ୍ର କୁମ୍ଭମେଳା' ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ମାଘ ସପ୍ତମୀ ଅବସରରେ ଅନନ୍ତକେଶରୀ ଦେବ ଜାଗମରାରୁ ବାହାରି ରାଣୀ ହଂସପୁର ଯାତ୍ରା କରିବେ। ଠାକୁରଙ୍କ ଶୋଭାଯାତ୍ରାକୁ ଜାକଜମକରେ ନିଆଯିବ ନାହିଁ। ପରମ୍ପରା ଅନୁସାରେ କେବଳ ଶଙ୍ଖ ଓ ଘଣ୍ଟଘଣ୍ଟାରେ ଶୋଭାଯାତ୍ରା ବାହାରିବ ବୋଲି ଟ୍ରଷ୍ଟ କୋଷାଧ୍ୟକ୍ଷ ଦୀନବନ୍ଧୁ ଜେନା କହିଛନ୍ତି। ଏହି ଅବସରରେ ଗୁପ୍ତଗଙ୍ଗା ଓ ଆକାଶ ଗଙ୍ଗା ପବିତ୍ର ଜଳରେ ଅବଗାହନ କରି ଧ୍ୟାନ କରିବା ପୂର୍ବକ ଏକତ୍ରିତ ହେବେ। ଚଳିତ ବର୍ଷ ୪୦ତମ ଶ୍ରୀ ରାମଚରିତମାନସ ପାରାୟଣ ଅନୁଷ୍ଠିତ ହେବାକୁ ଯାଉଛି। ଏହି ୯ ଦିନ ଧରି ପ୍ରତ୍ୟେକ ସକାଳ ୮ଟା ୩୦ରୁ ରାମାୟଣୀ ସନ୍ଥଙ୍କ ଦ୍ୱାରା ଶ୍ରୀ ରାମଚରିତମାସ ପାରାୟଣ ଅନୁଷ୍ଠିତ ହେବ। ଏହା ସହ କରୋନା କଟକଣା ମଧ୍ୟରେ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ କରାଯିବ। ସେହିପରି ଟ୍ରଷ୍ଟ ପକ୍ଷରୁ ନାରାୟଣ ସେବା, ସାଧୁସେବା, ପଂକ୍ତି ଭୋଜନ, ବସ୍ତ୍ରଦାନ ଆଦିର ଯୋଜନା ରହିଛି। ସେହିପରି ୧୫ ତାରିଖ ଅପରାହ୍ଣରେ ସାଧୁ ସମ୍ମିଳନୀ ଓ ଧର୍ମସଭାର ଆୟୋଜନ କରାଯିବ। କୁମ୍ଭମେଳାର ଶେଷଦିନ ଅର୍ଥାତ୍ ୧୬ ତାରିଖରେ ପାରାୟଣ ପୂର୍ଣ୍ଣାହୂତି ସହ ସନ୍ଧ୍ୟାରେ ଅନନ୍ତ ଗୁମ୍ଫା ସମ୍ମୁଖରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଅନୁଷ୍ଠିତ ହେବ।

### ଆସିଲେଣି ସାଧୁସନ୍ଥ, ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ

ଖଣ୍ଡଗିରି କୁମ୍ଭମେଳାରେ ଅଧିକ ସମାଗମକୁ ବାରଣ କରାଯାଇଛି। ତେବେ ଅଳ୍ପ ସଂଖ୍ୟକ ସାଧୁସନ୍ଥଙ୍କୁ ନେଇ ପୂଜା ଓ ଯଜ୍ଞ କରିବାକୁ କୁହାଯାଇଥିବାବେଳେ ଏଠାକୁ ସାଧୁସନ୍ଥଙ୍କ ଆଗମନ ଆରମ୍ଭ ହୋଇଛି। ଶନିବାର ୮ରୁ ୧୦ଜଣ ସାଧୁ ଖଣ୍ଡଗିରିରେ ପହଞ୍ଚିଥିବାବେଳେ ଅନ୍ୟମାନେ ରବିବାର ଆସିବେ ବୋଲି ସୂଚନା ଦିଆଯାଇଛି। ତେବେ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ କୌଣସି ଆନୁଷଙ୍ଗିକ ବନ୍ଦୋବସ୍ତ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ସେଠାରେ ସଫେଇ କାର୍ଯ୍ୟ ମଧ୍ୟ ହୋଇନାହିଁ। ସେହିପରି ଅନନ୍ତକେଶରୀ ଦେବ ୯ଦିନ ଧରି ଅବସ୍ଥାନ କରୁଥିବା ରାଣୀହଂସପୁରରେ ଏପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥା କରାଯାଇ ନ ଥିବାରୁ ସ୍ଥାନୀୟ ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି କ୍ଷୋଭ ପ୍ରକାଶ କରିଛନ୍ତି। ବର୍ଷକୁ ଥରେ ସାଧୁସନ୍ଥଙ୍କ ସମାଗମକୁ ସ୍ଥାନୀୟ ବାସିନ୍ଦା ଅପେକ୍ଷା କରି ରହୁଥିବାବେଳେ ପ୍ରଶାସନ ଏଥିପ୍ରତି କୌଣସି ଗୁରୁତ୍ୱ ନ ଦେବା ଦୁଃଖର ବିଷୟ ବୋଲି ସ କହିଛନ୍ତି। ବିଏମ୍‌ସି ପକ୍ଷରୁ କୌଣସି ସଫେଇ କାର୍ଯ୍ୟ କରା ନ ଯିବା ଫଳରେ ସନ୍ନ୍ୟାସୀ ନିଜେ ନିଜେ ସଫେଇ କରୁଛନ୍ତି। ସେହିପରି ଖଣ୍ଡଗିରିରେ ଥିବା ଆକାଶ ଗଙ୍ଗା, ଗୁପ୍ତ ଗଙ୍ଗା, ରାଧାକୁଣ୍ଡ, ଶ୍ୟାମକୁଣ୍ଡ ଆଦି ପବିତ୍ର ଜଳାଶୟର ସୁରକ୍ଷା ମଧ୍ୟ କରାଯାଉନାହିଁ। ତେଣୁ ସନ୍ନ୍ୟାସୀମାନଙ୍କ ସଂଖ୍ୟା ପ୍ରତିବର୍ଷ କମ୍ ହେଉଥିବା ସେ କହିଛନ୍ତି।

## ବିଏମ୍‌ସିର ନୂଆ ଗାଇଡ୍‌ଲାଇନ

### କେବଳ ପରମ୍ପରା ରକ୍ଷା ପୂର୍ବକ ଯଜ୍ଞ, ପୂଜା ନିର୍ଦ୍ଦେଶ

ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେଳା ଉପରେ କଟକଣା ଲଗାଇଥିବାବେଳେ ଶନିବାର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରିଛି। ସଂକ୍ରମଣ ଆଶଙ୍କାକୁ ଏଡାଇବା ପାଇଁ ଚଳିତ ବର୍ଷ ମେଳା, ଯାତ୍ରା, ଅର୍କେଷ୍ଟ୍ରା ଆଦିକୁ ବାରଣ କରାଯାଇଛି। ସେହିପରି ଜାଗମରା କମିଟି ପକ୍ଷରୁ ମାଘ ସପ୍ତମୀ ବା ଖଣ୍ଡଗିରି ମେଳାରେ ଶୋଭାଯାତ୍ରା ପାଇଁ ଅନୁମତି ମଗାଯାଇଥିଲା। ହେଲେ ବିଏମ୍‌ସି ଏହାକୁ ବାରଣ କରିଛି। କେବଳ ପରମ୍ପରା ରକ୍ଷା ପୂର୍ବକ ମନ୍ଦିର ମଧ୍ୟରେ ପୂଜକ ଓ ମନ୍ଦିର କର୍ମଚାରୀଙ୍କୁ ନେଇ ପୂଜା କରିବାକୁ ଅନୁମତି ଦିଆଯାଇଛି। ଏହି ସମୟରେ ସେଠାକୁ ଶ୍ରଦ୍ଧାଳୁଙ୍କ ଆଗମନ ଉପରେ କଟକଣା ଲଗାଯାଇଛି। ସେହିପରି ମେଳା ଚାଲିଥିବା ସମୟରେ କୌଣସି ଧାର୍ମିକ ସମାଗମ, ଉତ୍ସବ, ଅପେରା ସହ ଷ୍ଟଲ ପକାଇ ବ୍ୟବସାୟ କରିବାକୁ ମନା କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ କରୋନା ସଂକ୍ରମଣ କମିବାରେ ଲାଗିଛି। ସ୍ଥିତି ଏବେ ନିୟନ୍ତ୍ରଣକୁ ଆସୁଥିଲେ ମଧ୍ୟ ସଂକ୍ରମଣ ଯେପରି ବୃଦ୍ଧି ନ ପାଏ ସେଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଜନସମାଗମ ଉପରେ କଟକଣା ଲଗାଯିବା ସହ ପଦକ୍ଷେପ ନିଆଯାଉଛି। ଖଣ୍ଡଗିରି କୁମ୍ଭମେଳାରେ ପ୍ରବଳ ଜନସମାଗମ ହେଉଥିବାରୁ ବିଏମ୍‌ସି ଏଭଳି କଟକଣା ଲଗାଇଛି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁବାସିନୀ



@ ନୀଲମ



@ ଭରତ



@ କୃଷ୍ଣଚନ୍ଦ୍ର



@ ଲକ୍ଷ୍ମୀଧର

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୦୨।୨୦୨୨

| ୪,୪୦,୩୯୮ ଟଙ୍କା | |
|---|---|
| ସୁନା | ୯୨୦ ମିଲିଗ୍ରାମ |
| ରୁପା | ୨୦ ଗ୍ରାମ |

## ମା' ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ସୁନା ଅଳଙ୍କାର ଦାନ



ପୁରୀ ଅଫିସ,୫।୨: ମା' ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଜଣେ ଦାତା ଶ୍ରୀପଞ୍ଚମୀ ସରସ୍ୱତୀ ପୂଜା ଅବସରରେ ସୁନା ଅଳଙ୍କାର ଦାନ କରିଛନ୍ତି। ମା' ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଦାନ କରାଯାଇଥିବା ଅଳଙ୍କାର ମଧ୍ୟରେ ୧ ହଳ ପେଣ୍ଡି ଏବଂ ଗୋଟିଏ ହାର ରହିଛି। ଦାନ କରାଯାଇଥିବା ସୁନା ଅଳଙ୍କାରରେ ସମୁଦାୟ ୧୦୨ ଗ୍ରାମ ସୁନା ବ୍ୟବହାର କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦାତା ଜଣଙ୍କ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କିଷନ କୁମାରଙ୍କୁ ଭେଟି ସୁନା ଅଳଙ୍କାର ଦାନ କରିଛନ୍ତି। ତେବେ ଦାତାଙ୍କ ନାମ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇ ନାହିଁ।



ଭୁବନେଶ୍ୱର ଓମ୍‌ଫେଡ୍ ପ୍ଲାଣ୍ଟ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଏକ ଆମ୍ବ ଗଛର ବଉଳରୁ ଦୁଇ ବଗ ଶାବକ ଖାଦ୍ୟ ସଂଗ୍ରହ କରୁଛନ୍ତି।

## ଅଳକା ଆଶ୍ରମର ପୁନରୁଦ୍ଧାର ପାଇଁ ଦାବି

ଭୁବନେଶ୍ୱର, ୫।୨

କଟକର ସ୍ୱରାଜ ଆଶ୍ରମ ପରେ ଜଗତ୍‌ସିଂହପୁର ଜିଲା ସଦର ମହକୁମାର ଅଳକା ନଈଧାରରେ ଅବସ୍ଥିତ ସଂଗ୍ରାମୀ ପୀଠ ଅଳକା ଆଶ୍ରମ ଭାରତୀୟ ମୁକ୍ତି ସଂଗ୍ରାମରେ ଏକ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିଥିଲା। ଆଜକୁ ୧୦୦ ବର୍ଷ ତଳେ ଉତ୍କଳମଣି ଗୋପବନ୍ଧୁ ଦାସ ଏହି ଆଶ୍ରମର ଉଦ୍‌ଘାଟନ କରିଥିଲେ। ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଡ଼ାକରାରେ ଯେଉଁ ଛାତ୍ରୀଛାତ୍ର ଇଂରେଜଙ୍କ ସ୍କୁଲକୁ ତ୍ୟାଗ କରିଥିଲେ, ସେମାନଙ୍କୁ ଏହି ଆଶ୍ରମରେ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭର କରିବା ସହ ଜଣେ ସଂଗ୍ରାମୀ ସୈନିକ ଭାବରେ ଗଢି ତୋଳିବା ଲକ୍ଷ୍ୟ ଥିଲା। ସେତେବେଳେ ମାଜିଷ୍ଟ୍ରେଟ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ ଏହି ଆଶ୍ରମର ତତ୍ତ୍ୱାବଧକ ଭାବେ ଦାୟିତ୍ୱ ଦେଇଥିଲେ। ଏହି ସଂଗ୍ରାମୀ ପୀଠ ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ସଂଗ୍ରାମୀ ରାଗିରଥୀ ମହାପାତ୍ର, ହରେକୃଷ୍ଣ ବିଶ୍ୱାଳ, ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀ, ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀମାନେ ଜଡ଼ିତ ଥିଲେ। କିନ୍ତୁ ଦୁଃଖର ବିଷୟ ଦେଶ ସ୍ୱାଧୀନତାର ୭୫ ବର୍ଷ ମହୋତ୍ସବ ପାଳନ କରୁଥିବାବେଳେ ଆଜି ଏହି ସଂଗ୍ରାମୀ ପୀଠ ଅବହେଳିତ। ଏହି ସଂଗ୍ରାମୀ ପୀଠକୁ ଜାତୀୟ ସ୍ତରରେ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସଂସ୍କୃତି ବିଭାଗ ପୁନରୁଦ୍ଧାର କରିବା ସହିତ ଏଠାରେ ଏକ ଶିଶୁ ଉଦ୍ୟାନ ପ୍ରତିଷ୍ଠା କରିବା ଓ ଏହି ପୀଠ ସହିତ ଜଡ଼ିତ ଥିବା ସଂଗ୍ରାମୀଙ୍କ ଇତିହାସ ଓ ଜୀବନକୁ ଡିଜିଟାଲ ମାଧ୍ୟମରେ ରେକର୍ଡିଂ କରି ଆଗାମୀ ପିଢି ପାଖରେ ଉପସ୍ଥାପିତ କରିବା ପାଇଁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ସଂସ୍କୃତି ମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି।

## ଭୂମିଜ ଜନଜାତିଙ୍କ ଦେବତା ହେଉଛନ୍ତି ସିଙ୍ଗବଙ୍ଗା

ଭୁବନେଶ୍ୱର,୫।୨(ବ୍ୟୁରୋ)

ଭୂମିଜ ଜନଜାତି ସଂପ୍ରଦାୟ ବିଶେଷତଃ ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟଗୁଡ଼ିକରେ ବସବାସ କରିଥାନ୍ତି। ଏହି ସମ୍ପ୍ରଦାୟ କୃଷିଜୀବୀ ଅଟନ୍ତି। ଓଡ଼ିଶାର ମୟୂରଭଞ୍ଜ, କେଉଁଝର, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲାରେ ପ୍ରାୟତଃ ଭୂମିଜ ଜନଜାତିର ଲୋକମାନେ ଦେଖିବାକୁ ମିଳନ୍ତି। ବେଶପୋଷାକରେ ଭୂମିଜମାନେ ହିନ୍ଦୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ପୁରୁଷମାନେ ଧୋତି ଓ ଗାମୁଛା ବ୍ୟବହାର କରିଥାନ୍ତି। ଗାଁ ବାହାରକୁ ଯିବାବେଳେ ସେମାନେ ଶାର୍ଟ ପିନ୍ଧିଥାନ୍ତି। ଏହି ଜନଜାତିର ମହିଳାମାନେ ଶାଢ଼ି ଓ ବ୍ଲାଉଜ ପରିଧାନ କରିଥାନ୍ତି। ପାରମ୍ପରିକ ଭାବେ ସେମାନେ ନାଲି ଓ ନୀଳ ଗାର ଥିବା ଖଦି କପଡ଼ା ବ୍ୟବହାର କରିଥାନ୍ତି । ଓରାଓଁ ଜନଜାତିର ପୋଷାକ ସହିତ ଏହା ସମାନ ପ୍ରକାରର ଦେଖାଯାଏ। ମହିଳାମାନେ ନାକଫୁଲ, ମାଳିହାର, ବାହୁବନ୍ଧ ଓ ଚୁଡ଼ିକୁ ସ୍ଥାନୀୟ ବଜାରରୁ କିଣିଥାନ୍ତି। ସେହି ଅଳଙ୍କାର ମଧ୍ୟରୁ କେତେକ ମୂଲ୍ୟବାନ ଧାତୁ ବିଶେଷତଃ ରୂପା ଦ୍ୱାରା ପ୍ରସ୍ତୁତ କରାଯାଇଥାଏ। ଭୂମିଜ ଜନଜାତିମାନଙ୍କର ଏକ ବିଶେଷତ୍ୱ ରହିଛି ଯେ, ସେମାନେ ସାମାଜିକ-ଧାର୍ମିକ ବିଶ୍ୱାସକୁ ମାନିଥାନ୍ତି। ଏହି ଜନଜାତି ୧୫ଟି ଗୋତ୍ରରେ ବିଭକ୍ତ। ସେଥି ମଧ୍ୟରୁ ଘୋଡ଼ା, ପଦ୍ମ, ସର୍ପ ଓ ପୃଥିବୀ ଅନ୍ୟତମ। ସିଙ୍ଗବଙ୍ଗା ହେଉଛନ୍ତି ଭୂମିଜ ଜନଜାତିଙ୍କ ପରମ ଦେବତା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ରବିବାର ଦିନ ଦର୍ଶକଙ୍କ ନିମନ୍ତେ ଭର୍ଚୁଆଲ ଟୁର୍‌ର ବ୍ୟବସ୍ଥା କରାଯାଇଛି । ଦର୍ଶକମାନେ ୬ ତାରିଖ ରବିବାର ଫେସବୁକ୍ ଓ ଟୁଇଟର ପେଜ @stsidev, @scstrti ଖୋଲି ଓଡ଼ିଶାର ଭୂମିଜ ଜନଜାତିଙ୍କ ସମ୍ପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇଆର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି।

## ଜୁନିୟର ମାଥ୍‌ମେଟିକାଲ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ପାଇବେ ଓମ୍ ପ୍ରକାଶ

ଭୁବନେଶ୍ୱର, ୫।୨ (ବ୍ୟୁରୋ)



ଓଡ଼ିଶା ମାଥ୍‌ମେଟିକାଲ୍ ସୋସାଇଟି ଦ୍ୱାରା ପରିଚାଳିତ ଜୁନିୟର ମାଥ୍‌ମେଟିକାଲ ଅଲିମ୍ପିଆଡ୍ ୨୦୨୨ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି ଓମ୍ ପ୍ରକାଶ ବେହେରା। ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ୍-୮ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଓମ୍ ପ୍ରକାଶ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। କେନ୍ଦ୍ରାପଡା ଜିଲା ନରେନ୍ଦ୍ରପୁର ଗ୍ରାମର କମଳାକାନ୍ତ ବେହେରା ଓ ସ୍ମିତାରାଣୀ ବେହେରାଙ୍କ ପୁତ୍ର ହେଉଛନ୍ତି ଓମ୍। କମଳାକାନ୍ତ ଭୁବନେଶ୍ୱର ମହାନଗର ନିଗମରେ ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ଏହି ପରୀକ୍ଷାରେ ଓମ୍ ୧୫୬ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପଛରେ ପକାଇ ଏହି ଗୌରବ ଅର୍ଜନ କରିଛନ୍ତି। ନିଜର ଏହି ସଫଳତା ପାଇଁ ସେ ଈଶ୍ୱର ଏବଂ ସ୍କୁଲର ସମସ୍ତ ଶିକ୍ଷକ ଓ ଗୁରୁଜନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।



ଶ୍ରୀପଞ୍ଚମୀ ଅବସରରେ ଭୂଦେବୀ, ଶ୍ରୀଦେବୀଙ୍କ ସହ ଦୋଳଗୋବିନ୍ଦ ବେଣ୍ଟ ଶିକାର ନୀତି ପାଇଁ ବିମାନରେ ଜଗନ୍ନାଥ ବଲ୍ଲଭ ମଠ ପରିସର ବେଣ୍ଟ ପୋଖରୀକୁ ଯାଉଛନ୍ତି।



ଶ୍ରୀମନ୍ଦିର ସମ୍ମୁଖରେ 'ମାୟାବିନୀ' ଚଳଚ୍ଚିତ୍ରର ଶୁଭ ମହୁରତ ଅବସରରେ ଉପସ୍ଥିତ ଚଳଚ୍ଚିତ୍ରର ନିର୍ଦ୍ଦେଶକ, କଳାକାର ଓ ଅନ୍ୟ ଅତିଥିମାନେ।




ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ଅବସରରେ ଛାତ୍ରମାନେ।




ସିପିଆଇ ମାଓବାଦୀ କେକେବିଏନ୍ ଡିଭିଜନ ପକ୍ଷରୁ ମରାଯାଇଥିବା ବ୍ୟାନର ଓ ପୋଷ୍ଟର।



ବିସ୍ଫୋରଣରେ ନଷ୍ଟ ହୋଇଯାଇଥିବା ରୋହିତ ବିଶ୍ୱାଳଙ୍କ ଗାଡ଼ି।

# ସିଆର୍‌ପିଏଫ୍ କ୍ୟାମ୍ପ ଉଚ୍ଛେଦ ଥିଲା ଟାର୍ଗେଟ

**ମ.ରାମପୁର,୫।୨**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପକୁ ରୋକିବା ସହ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଗତ ଏକ ଦଶନ୍ଧି ଧରି ଅନେକ ପଦକ୍ଷେପ ନିଆଯାଇଛି। ବିଶେଷକରି ବ୍ଲକ ସଦର ମହକୁମାଠାରୁ ୨୯ କି.ମି. ଦୂର ମୋହନଗିରି ଏବଂ ୧୫ କିମି ଦୂରବର୍ତ୍ତୀ ଉର୍ଲାଦାନୀ(ଏନ୍‌ଏଚ୍-୫୯)ରେ ୩ଟି ସିଆର୍‌ପିଏଫ୍, ବିଏସଏଫ୍ କ୍ୟାମ୍ପ ରହିଛି। ଏହାକୁ ବିରୋଧ କରି ମାଓବାଦୀମାନେ ସିଆର୍‌ପିଏଫ୍ କ୍ୟାମ୍ପ ଉଚ୍ଛେଦ ଦାବି କରି ଆସୁଛନ୍ତି। ଅପରପକ୍ଷରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମ.ରାମପୁର ଅଞ୍ଚଳରେ ଆଦିବାସୀବର୍ଗଙ୍କୁ ସଂରକ୍ଷଣ ପ୍ରତି ଉପେକ୍ଷା କରାଯାଇଛି। ଉର୍ଲାଦାନୀ,ମୋହନଗିରି, ମାଣିକେରା ଆଦି ଅବିଭକ୍ତ ପଞ୍ଚାୟତରେ ଗମନାଗମନ ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟ ଜଳ ସମସ୍ୟା ଏବେବି ଲାଗି ରହିଛି। ଏପରି କି ଗଞ୍ଜେଇ ଚାଷ ଅଭିଯୋଗରେ ଅନେକଙ୍କୁ ଜେଲ୍ ପଠାଇ ଦିଆଯାଇଛି। ତେଣୁ ଏନେଇ ଥିବା ସ୍ଥାନୀୟ ଅସନ୍ତୋଷକୁ ମାଓବାଦୀମାନେ ପ୍ରସଙ୍ଗ କରିଛନ୍ତି। ତେଣୁ ସେମାନେ ପୋଷ୍ଟର ଓ ବ୍ୟାନର ମାରି ନିର୍ବାଚନ ବର୍ଜନ ଏବଂ ଗଞ୍ଜେଇ ଚାଷ ନାମରେ ଜେଲ୍ ଯାଇଥିବା ଲୋକଙ୍କୁ ମୁକ୍ତ କରିବା ପାଇଁ ଦାବି କରିଛନ୍ତି।

ଶନିବାର ମୁଖ୍ୟ ରାସ୍ତାରେ ବିସ୍ଫୋରଣ ଘଟି ଧରିତ୍ରୀର ମୋହନଗିରି ଅଞ୍ଚଳର ଖବରଦାତା ରୋହିତ ବିଶ୍ୱାଳ ପ୍ରାଣ ହରାଇବା ପରେ ନିର୍ବାଚନକୁ ନେଇ ପାହାଡ଼ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ୨୦୧୯ରେ ଉର୍ଲାଦାନୀ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ କାର୍ଯ୍ୟରତ ଠିକାସଂସ୍ଥାର ଦୁଇଟି ଜେସିବି ମେଶିନ ଓ ଦୁଇଟି ଟ୍ରାକ୍ଟରକୁ ମାଓବାଦୀମାନେ ପୋଡି ଦେଇଥିଲେ। ଅପରପକ୍ଷରେ ମୋହନଗିରି ପାର୍ବତ୍ୟାଞ୍ଚଳରେ ଗଞ୍ଜେଇ ଚାଷ ହେଉଛି। ଗଞ୍ଜେଇ ବେପାରୀମାନେ ସକ୍ରିୟ ରହିଛନ୍ତି। ଏସ୍‌ପି ଶ୍ରବଣ ବିବେକ ଏସ୍‌ଙ୍କ ସୂଚନା ଅନୁଯାୟୀ ଏହାମଧ୍ୟରେ ଗଞ୍ଜେଇ ଚାଷ ସମ୍ପର୍କିତ ଏକ କେଶ କରାଯାଇ ଅଭିଯୁକ୍ତମାନଙ୍କୁ ଜେଲ ପଠାଯାଇଛି। ଏହାସତ୍ତ୍ୱେ ଗଞ୍ଜେଇ ଚାଷ ଅବାଧରେ ଚାଲିଛି।

## ପରିବାର, ଗ୍ରାମବାସୀ ସ୍ତବ୍ଧ

ରୋହିତ ବିଶ୍ୱାଳଙ୍କ ସ୍ତ୍ରୀ ମାଧବୀ, ଗୋଟେ ଝିଅ ଓ ପୁଅ ଅଛନ୍ତି। ପୂର୍ବରୁ ତାଙ୍କର ବାପାଙ୍କ ମୃତ୍ୟୁ ହୋଇଥିବାବେଳେ ମା' ରେବତୀ ଓ ସ୍ତ୍ରୀପିଲାଙ୍କ ସହ ରୋହିତ ନିଜ ଗାଁ ମୋହନଗିରିରେ ରହୁଥିଲେ। ରୋହିତଙ୍କ ଅକାଳ ମୃତ୍ୟୁ ଖବର ପାଇ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିଛି। ୧୪ବର୍ଷର ଝିଅ ଆଦ୍ୟାଶା ଏବଂ ୧୨ବର୍ଷର ପୁଅ ଆରୁଶ ବାପା ଛେଉଣ୍ଡ ହୋଇଯାଇଛନ୍ତି। ଏପରି କି ମୋହନଗିରି ଗ୍ରାମ ସ୍ତବ୍ଧ ହୋଇଯାଇଛି। ରୋହିତଙ୍କ ମରଶରୀରକୁ ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ସେଠାରେ ପରିବାର ଲୋକ ପହଞ୍ଚିଛନ୍ତି। ରାତିରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ କହିଛନ୍ତି।



ମୃତ ରୋହିତଙ୍କ ସ୍ତ୍ରୀ ଓ ଝିଅପୁଅ।

## ଖବରଦାତା ରୋହିତ ବିଶ୍ୱାଳଙ୍କ ବିୟୋଗରେ ପ୍ରେସ୍ କ୍ଲବର ଶୋକ

**ଶହୀଦ ମାନ୍ୟତା ଓ ୫୦ଲକ୍ଷ ସହାୟତା ଦାବି**

**କର୍ଲାମୁଣ୍ଡା,୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳର ଯୁବ ସାମ୍ବାଦିକ ରୋହିତ କୁମାର ବିଶ୍ୱାଳଙ୍କ ଶନିବାର ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାରିତ ହେବା ମାତ୍ରେ ଜିଲା ସାରା ସାମ୍ବାଦିକ ମହଲରେ ଶୋକ ପ୍ରକାଶ ପାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। କର୍ଲାମୁଣ୍ଡା ପ୍ରେସ କ୍ଲବ ତରଫରୁ ପ୍ରେସ କ୍ଲବ ସଭାପତି ତଥା ଓଜେୟୁର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନରୋତ୍ତମ ସେଲମା, ସଂପାଦକ ତଥା କର୍ଲାମୁଣ୍ଡା ବ୍ଲକ ଧରିତ୍ରୀ ଖବରଦାତା ପ୍ରଦୀପ କୁମାର ସାହୁ, କାମ୍ଯୁପାଣି ସାହୁ, ଭଜଶ୍ୟାମ ସାହୁ, ଯୁବରାଜ ସାହୁ, ସୁଶାନ୍ତ ରଣା, ପ୍ରଦୀପ ରଣା, ଜଗଦୀଶ ପ୍ରସାଦ ରଣା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଏହାଛଡା ରୋହିତଙ୍କୁ ଶହୀଦ ମାନ୍ୟତା, ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥ ସହାୟତା ଓ ପରିବାରର ଜଣକୁ ଚାକିରି ଯୋଗାଇ ଦେବାକୁ ଦାବି କରିଛନ୍ତି।

## ୩ଘଣ୍ଟା ପରେ ପହଞ୍ଚିଲା ପୋଲିସ

ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିବା ସ୍ଥାନଠାରୁ ମାତ୍ର ୧୫କି.ମି. ଦୂରରେ ରହିଛି ସିଆର୍‌ପିଏଫ୍ କ୍ୟାମ୍ପ। ଏପରି କି ୧୦ କି.ମି. ଦୂରରେ ରହିଛି ମଦନପୁର ରାମପୁର ପୋଲିସ ଷ୍ଟେଶନ। ମାଓବାଦୀ ପୋଷ୍ଟର ମରାଯାଇଥିବା ସ୍ଥାନକୁ ଖବରଦାତା ରୋହିତ ବିଶ୍ୱାଳ ପୂର୍ବାହ୍ନ ପ୍ରାୟ ୧୨ଟାରେ ଯାଇଥିଲେ। ଘଟଣାସ୍ଥଳରେ ନିଜର ମୋଟରସାଇକେଲ ରଖି ଖୁବ୍ ନିକଟରୁ ମାଓବାଦୀ ମାରିଥିବା ପୋଷ୍ଟର ଏବଂ ବ୍ୟାନରର ଫଟୋ ଉଠାଇବାକୁ ଯାଉଥିବାବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରୋହିତଙ୍କ ଖଣ୍ଡ ବିଖଣ୍ଡିତ ମୃତ ଶରୀର ରାସ୍ତା ପାର୍ଶ୍ୱରେ ପଡ଼ି ରହିଥିଲା। ଏହି ଘଟଣା ଜଣାପଡ଼ିବାର ୩ଘଣ୍ଟା ପର୍ଯ୍ୟନ୍ତ କେହି ଭୟରେ ସେ ସ୍ଥାନକୁ ଯାଇପାରି ନ ଥିଲେ। ପରେ ପ୍ରାୟ ୩ଟାରେ ପୋଲିସ ଓ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଣ୍ଟି ବମ୍ବ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

## ସୁରକ୍ଷାକର୍ମୀଙ୍କ ଅବହେଳାରୁ ଗଲା ଜୀବନ

କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ କର୍ଲାଖୁଣ୍ଟା ବ୍ରିଜ୍ ନିକଟରେ କେକେବିଏନ୍ ଡିଭିଜନ ପକ୍ଷରୁ ମାଓବାଦୀ ପୋଷ୍ଟର ଓ ବ୍ୟାନର ସମ୍ପର୍କରେ ଶନିବାର ସକାଳେ ପୋଲିସ ଏବଂ ସିଆର୍‌ପିଏଫ ଟିମ୍‌କୁ ସୂଚନା ଦିଆଯାଇଥିଲା। ଏପରି କି ସେଠାରେ ଲ୍ୟାଣ୍ଡମାଇନ୍ ଖଞ୍ଜାଯାଇ ପାରିଥାଏ ବୋଲି କୁହାଯାଇଥିଲା। ହେଲେ ପୋଲିସ କିମ୍ବା ସୁରକ୍ଷାକର୍ମୀ ଏହାକୁ ଗୁରୁତ୍ୱ ଦେଲେ ନାହିଁ। ଫଳରେ ଖବର ସଂଗ୍ରହ କରିବାକୁ ଯାଇଥିବା ଧରିତ୍ରୀର ମୋହନଗିରି ଖବରଦାତା ରୋହିତ କୁମାର ବିଶ୍ୱାଳଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜୀବନ ଗଲା ବୋଲି ରୋହିତଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି। କଳାହାଣ୍ଡି ଏକ ମାଓବାଦୀ ପ୍ରବଣ ଜିଲା ହୋଇଥିବାରୁ ବିଭିନ୍ନ ସ୍ଥାନରେ ସୁରକ୍ଷା କ୍ୟାମ୍ପ ରହିଛି। ତେଣୁ ସୁରକ୍ଷା କ୍ୟାମ୍ପ ହଟାଇବା ପାଇଁ ମାଓବାଦୀମାନେ ବିଭିନ୍ନ ସମୟରେ ପୋଷ୍ଟର ମାରି ଧମକ ଦେଇ ଆସୁଛନ୍ତି। ଏପରି କି ସ୍ଥାନୀୟ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନକୁ ମଧ୍ୟ ମାଓବାଦୀମାନେ ବିରୋଧ କରୁଛନ୍ତି। ମାଓବାଦୀ ପୋଷ୍ଟର ମରାଯାଇଥିବା ସମ୍ପର୍କରେ ସୂଚନା ପାଇ ମଧ୍ୟ ପୋଲିସ କିମ୍ବା ସୁରକ୍ଷା କର୍ମୀଙ୍କ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ନ ନିଆଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଶହୀଦ ମାନ୍ୟତା, ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

**ଖୋର୍ଦ୍ଧା ଅଫିସ/ନିରାକାରପୁର/ଜଟଣୀ, ୫।୨(ଡି.ଏନ୍.ଏ.)**

ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ମାଓବାଦୀମାନେ ବିଛାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ 'ଧରିତ୍ରୀ' ଖବରଦାତା ରୋହିତ ବିଶ୍ୱାଳଙ୍କ ଶନିବାର ମୃତ୍ୟୁ ଘଟିଛି। ଏନେଇ ଖୋର୍ଦ୍ଧା ସାମ୍ବାଦିକ ଭବନ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଧରିତ୍ରୀ'ର ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ରୋହିତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ। ରୋହିତଙ୍କୁ ଶହୀଦ ମାନ୍ୟତା ଓ ତାଙ୍କ ପରିବାରଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଗଣମାଧ୍ୟମ ପ୍ରତିନିଧିମାନେ ଦାବି କରିଛନ୍ତି। ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ, ଜିଲା କାର୍ଯ୍ୟକାରୀ ସଭାପତି ଲୋହିତ ନାରାୟଣ ମହାପାତ୍ର, ସମନ୍ୱିତ କର୍ମଜୀବୀ ସାମ୍ବାଦିକ ସଂଘ(ଓୟୁଡବ୍ଲ୍ୟୁଜେ) ଜିଲା ସଭାପତି ପ୍ରକାଶ ହାତୀ, ନିରଞ୍ଜନ ଦୋରା, ପ୍ରବୀଣ ଭଞ୍ଜ, ବାଲାଜୀ ପାତ୍ର, ରବି ନାରାୟଣ ସାହୁ, ମନୋଜ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନିରାକାରପୁର ଖବରଦାତା ସଂଘ ପକ୍ଷରୁ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକଙ୍କ ଆବାହକତ୍ୱରେ ରୋହିତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ହିମାଂଶୁ ଭୂଷଣ ଚମ୍ପତିରାୟ, ଉମେଶ ପଟ୍ଟନାୟକଙ୍କ ସମେତ ଅନ୍ୟ ଖବରଦାତାମାନେ ଉପସ୍ଥିତ ଥିଲେ।

ଜଟଣୀ ପୌରାଞ୍ଚଳସ୍ଥିତ ଗାନ୍ଧୀ ଉଦ୍ୟାନ ପରିସରରେ ଖବରଦାତା ରବୀନ୍ଦ୍ର ନାଥ ମହାକୁଡ଼ଙ୍କ ଆବାହକତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଖବରଦାତା ରବି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ରୋହିତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଈଶ୍ୱର ସାମନ୍ତରାୟ, ସଜନ ଅଗ୍ରୱାଲ, ଦିଲୀପ ଶତପଥୀ, ଶ୍ରୀକାନ୍ତ ପରିଜା, ଶ୍ରୀକାନ୍ତ ପ୍ରଧାନ, ଏମ.ଡି. ଇସ୍‌ମାଇଲ ଅଲ୍ଲୀ, ରଙ୍ଗନାଥ ବେହେରା, ଅମରେଶ ରାଉତରାୟ, ହୃଦାନନ୍ଦ କଦମାନସିଂହ, ବିଶ୍ୱଜିତ୍ ସାମନ୍ତରାୟ, ହରିହର ସ୍ୱାଇଁ, ଲଳିତ ମହାରଣା, ସଂଗ୍ରାମ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଅପୂରଣୀୟ କ୍ଷତି

**ବରଗଡ଼ ଅଫିସ୍,୫।୨**

ମାଓବାଦୀ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣରେ କଳାହାଣ୍ଡି ଜିଲାର ଖବରଦାତା ରୋହିତ ବିଶ୍ୱାଳଙ୍କ ପରଲୋକରେ ଜର୍ନାଲିଷ୍ଟ ଆସୋସିଏଶନ ଅଫ ବରଗଡ଼ (ଜାବ୍)ର ସଭାପତି ରବି ନାରାୟଣ ପଣ୍ଡା ଶୋକପ୍ରକାଶ କରିଛନ୍ତି। ରୋହିତଙ୍କ ବିୟୋଗ ଅପୂରଣୀୟ କ୍ଷତି ବୋଲି ସେ କହିବା ସହ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ଖବରଦାତାଙ୍କ ସୁରକ୍ଷା ଦିଗରେ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ସେହିପରି ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି।

## ପୌରପାଳିକା ନାଁରେ ନକଲି ଫେସ୍‌ବୁକ ଆକାଉଣ୍ଟ

**ବାଲେଶ୍ୱର ଅଫିସ, ୫।୨**

ବାଲେଶ୍ୱର ପୌରାଞ୍ଚଳ ନାମରେ ୧ ବର୍ଷ ଧରି ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲାଯାଇ ବିଭିନ୍ନ ପ୍ରକାର ତଥ୍ୟ ଅପଲୋଡ୍ କରାଯିବା ସହ ଲୋକଙ୍କୁ ଭ୍ରମିତ କରାଯାଉଛି। ଏନେଇ ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ ଡିଏସ୍‌ପି (ସିଟି)ଙ୍କ ସହ ଆଲୋଚନା କରି ଥାନାରେ ଅଭିଯୋଗ କରିଛନ୍ତି।

ପୌର ନିର୍ବାଚନ ପାଖେଇ ଆସୁଥିବା ବେଳେ ପୌରପାଳିକାର ନକଲି ଫେସ୍‌ବୁକ ଆକାଉଣ୍ଟରେ ୪ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ଫଟୋ ଦେଇ ଲୋକଙ୍କ ମତାମତ ଲୋଡାଯାଇଛି। ଏହି ପୋଷ୍ଟ ଦେଖିବା ପରେ ପୌରନିର୍ବାହୀ ଅଧିକାରୀ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ୨୦୨୦ ଜାନୁଆରୀ ୩୧ରେ ଖୋଲାଯାଇଥିବା ଉକ୍ତ ଆକାଉଣ୍ଟ ସରକାରୀ ବୋଲି ଉଲ୍ଲେଖ ରହିଛି। ଏହାକୁ ୪୨ ଜଣ ଲାଇକ୍ ଓ ୪୬ ଜଣ ଫଲୋ କରିଛନ୍ତି। ଏନେଇ ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ପାଟିଲ କହିଛନ୍ତି, ପୌରପାଳିକାର ଗୋଟିଏ ଫେସବୁକ୍ ଆକାଉଣ୍ଟ ରହିଛି। ଏଥିରେ ପୌରପାଳିକା ସମ୍ପର୍କିତ ଖବର ପ୍ରକାଶିତ ହୁଏ ଓ ସଚେତନତା ବାର୍ତ୍ତା ପୋଷ୍ଟ କରାଯାଇଥାଏ। ଏବେ ଯାହା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି, ତାହା ଫେକ୍ ଆକାଉଣ୍ଟ।




## ଧସିଲା ସାଳନ୍ଦୀ ସୁରକ୍ଷାବନ୍ଧ

**ଆରଡ଼ି, ୫।୨ (ଡି.ଏନ.ଏ.)**

- କାନ୍ଥରେ ସୃଷ୍ଟି ହେଲା ଫାଟ
- ଭୟରେ ଘର ଛାଡ଼ିଲେ ୪ ପରିବାର

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତର ଶୀତଳପୁର ନିକଟରେ ପ୍ରବାହିତ ସାଳନ୍ଦୀର ସୁରକ୍ଷାବନ୍ଧ ଶୁକ୍ରବାର ବିଳମ୍ବିତ ରାତିରେ ନଦୀ ମଧ୍ୟକୁ ପ୍ରାୟ ୭୦ ଫୁଟ୍ ଧସିଯାଇଛି। ପ୍ରବଳ ବର୍ଷା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି। ସୁରକ୍ଷାବନ୍ଧ ଧସିବା ଫଳରେ ନଦୀ କୂଳରେ ଥିବା ୧୦ ପରିବାର ମଧ୍ୟରୁ ୪ ଜଣଙ୍କ ଘରେ ଚଟାଣ ଦବିଯିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏଥିସହ ୨ଟି ଗୁହାଳ ମଧ୍ୟ ନଦୀ ଆଡ଼କୁ ଢଳି ପଡ଼ିଛି। ୪ ପରିବାର ଲୋକେ ଭୟଭୀତ ହୋଇ ନିଜ ଘର ଛାଡ଼ି ଗ୍ରାମର ପଡ଼ୋଶୀ ଘରକୁ ଚାଲିଯାଇଛନ୍ତି।



ଶୀତଳପୁରଠାରେ ସୁରକ୍ଷାବନ୍ଧ ଧସିଯାଇଛି।

ପ୍ରକାଶ ଯେ, ପ୍ରତିବର୍ଷ ଏଭଳି ସମସ୍ୟା ଦେଖାଦେଉଥିଲେ ବି ଜଳସେଚନ ବିଭାଗର ଖାମଖିଆଲି ଯୋଗୁ ପରିସ୍ଥିତିରେ ସୁଧାର ଆସୁନାହିଁ। ନଦୀକୁ ଧସିଥିବା ସୁରକ୍ଷା ବନ୍ଧ ଗ୍ରାମରାସ୍ତା ହୋଇଥିବାରୁ ଲୋକଙ୍କ ଯା'ଆସରେ ବାଧା ଉପୁଜିଛି। ପିଲାମାନେ ଉକ୍ତ ରାସ୍ତା ଦେଇ ବିଦ୍ୟାଳୟକୁ ଯାଇଥାନ୍ତି। ଏହା ଧସିବା ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେବେ। ଏହାବ୍ୟତୀତ କୁମ୍ଭୀର ଭୟରେ ସୁରକ୍ଷାବନ୍ଧ ପାର୍ଶ୍ୱରେ ଗ୍ରାମବାସୀ ବାଉଁଶ ପୋତି ଜାଲ ବାନ୍ଧିଥିଲେ। ନଦୀ ମଧ୍ୟକୁ ଚାଲି ଯାଇଥିବାରୁ କୁମ୍ଭୀର ଗାଁ ଦାଣ୍ଡକୁ ଉଠିଆସିବାର ଆଶଙ୍କା ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ। ତୁରନ୍ତ ଏଠାରେ ସ୍ଥାୟୀ ମରାମତି ଲାଗି ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଉପଖଣ୍ଡ ଅଧିକାରୀ ଶଙ୍କର୍ଷଣ ବେହେରାଙ୍କୁ ପଚାରିବାରୁ ଅନୁଧ୍ୟାନ କରାଯାଇ ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ବାଇକ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**ଭଞ୍ଜନଗର,୫।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବାଙ୍କତରା ଗ୍ରାମର ଶିବରାମ ଡାକୁଆଙ୍କ ପୁଅ ଦ୍ୟୁତିକୃଷ୍ଣ(୧୨)ଙ୍କର ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଅଜଣା ବାଇକ୍ ଧକ୍କାରେ ମୃତ୍ୟୁ ଘଟିଛି। ପୋଲିସ ମରଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍‌ପିଟାଲ ପଠାଇଛି। ଅପରପକ୍ଷେ ଦ୍ୟୁତିକୃଷ୍ଣଙ୍କ ଅଙ୍ଗଦାନ କରିବା ପାଇଁ ପରିବାର ଲୋକେ ଚାହିଁଥିଲେ। କିନ୍ତୁ ତାହା ସମ୍ଭବ ହୋଇନାହିଁ। ସରସ୍ୱତୀ ପୂଜା ଥିବା ଯୋଗୁ ସକାଳୁ ଦ୍ୟୁତିକୃଷ୍ଣ ବାପାଙ୍କୁ କହିଥିଲେ ଥଣ୍ଡା ପାଣିରେ ଗାଧୋଇଲେ ଥଣ୍ଡା ହୋଇଯିବ। ତେଣୁ ଦ୍ୟୁତି ନିଜେ ପାଣି ଗରମ କରି ଗାଧୋଇଥିଲେ । ଏହାପରେ ଟ୍ୟୁଶନକୁ ପୂଜା କରିବାକୁ ଯାଇଥିଲେ । ପୂଜା ସରିବା ପରେ ଅନ୍ୟ ସାଙ୍ଗମାନଙ୍କ ସହ ଘରକୁ ଫେରୁଥିଲେ। ଏହି ସମୟରେ ପଛଆଡୁ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବେଲଗୁଣ୍ଠା ମେଡିକାଲକୁ ଆଣିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ସେଠାରେ ଦ୍ୟୁତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦ୍ୟୁତିଙ୍କ ବାପା ଶିବରାମ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, ପୁଅର ମୃତ୍ୟୁ ହୋଇଥିଲେ ମଧ୍ୟ ତାର ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଚାହୁଁଥିଲି। କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ। ଅଙ୍ଗଦାନ ପାଇଁ ଭିତ୍ତିଭୂମି ଥିବା ସୁରଟର ଏକ ଘରୋଇ ମେଡିକାଲର ଜଣେ କର୍ମଚାରୀ ଏଠାରେ କହିଛନ୍ତି, ବ୍ରେନ୍ ଡେଡ୍ ଥିଲେ ହିଁ ଜଣଙ୍କର ଅଙ୍ଗଦାନ କରିହେବ। ମୃତ୍ୟୁ ପରେ ଅଙ୍ଗଦାନ ହୋଇପାରିବ ନାହିଁ।

## ବନ୍ଦ ପଲିସିକୁ ପୁନଃ ଆରମ୍ଭ ସୁଯୋଗ ଦେଲା ଏଲ୍‌ଆଇସି

**ଭୁବନେଶ୍ୱର,୫।୨**

ବନ୍ଦ ହୋଇପଡ଼ିଥିବା ବୀମାଗୁଡ଼ିକର ପୁନଃ ଆରମ୍ଭ ପାଇଁ ପଲିସିଧାରୀଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରୁଛି ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)। କୋଭିଡ୍ ମହାମାରୀ ଯୋଗୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ବୀମାଧାରୀଙ୍କୁ କ୍ରମାଗତ ରିସ୍କ କଭର ପାଇଁ ଏଲ୍‌ଆଇସି ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ୨ୟ ଥର ପାଇଁ ଏଭଳି ସୁଯୋଗ ନିଗମ ପକ୍ଷରୁ ଦିଆଯାଉଛି। ନିଗମର ଏହି ସ୍ୱତନ୍ତ୍ର ଅଭିଯାନ ଚଳିତ ବର୍ଷ ୭ଫେବୃୟାରୀରୁ ୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଉପଲବ୍ଧ ହେବ। ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ସୁଯୋଗ ସହ ବିଳମ୍ବ ଶୁଳ୍କରେ ରିହାତି ପ୍ରଦାନ କରାଯିବ ବୋଲି ନିଗମ ପକ୍ଷରୁ କୁହାଯାଇଛି।

ବୀମା ପ୍ରଦାନ କରାଯାଇଥିବା ମୋଟ ପ୍ରିମିୟମ ଉପରେ ନିର୍ଭରକରି ଟର୍ମ ନିଶ୍ଚିତତା ଏବଂ ହାଇ ରିସ୍କ ଯୋଜନା ସହ ଚିକିତ୍ସା ଆବଶ୍ୟକତା ଉପରେ କୌଣସି ରିହାତି ରହିବ ନାହିଁ। ସେହିଭଳି ଯୋଗ୍ୟ ସ୍ୱାସ୍ଥ୍ୟ ଏବଂ ମାଇକ୍ରୋ ଇନ୍‌ସ୍ୟୁରାନ୍ସର ଯୋଜନାଗୁଡ଼ିକ ମଧ୍ୟ ବିଳମ୍ବିତ ଫି'ରେ ରିହାତି ପାଇଁ ବିବେଚିତ ହେବେ। ଏହି ଅଭିଯାନ ଅଧୀନରେ ନିର୍ଦ୍ଦିଷ୍ଟ ଯୋଗ୍ୟ ଯୋଜନାଗୁଡିକର ନୀତି ପରିବର୍ତ୍ତନ ହୋଇପାରେ। ଏହି ସୁବିଧା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପ୍ରଥମ ଅନାଦାୟ ପ୍ରିମିୟମ ତାରିଖଠାରୁ ୫ ବର୍ଷ ମଧ୍ୟରେ ଗ୍ରହଣ କରାଯିବ।

ନିଗମର ସୂଚନା ଅନୁସାରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ଉପରେ ୨୦% ବିଳମ୍ବ ରିହାତି ଏବଂ ୨୦୦୦ ଟଙ୍କାର ସର୍ବାଧିକ ରିହାତି ରହିଛି। ସେହିଭଳି ୧,୦୦,୦୦୧ ରୁ ୩,୦୦,୦୦୦ ପର୍ଯ୍ୟନ୍ତ ବୀମା ଉପରେ ୨୫% ବିଳମ୍ବ ରିହାତି ଓ ୨,୫୦୦ ଟଙ୍କାର ସର୍ବାଧିକ ରିହାତି ମିଳିବ। ସେହିପରି ୩,୦୦,୦୦୧ ରୁ ଊର୍ଦ୍ଧ୍ୱ ବୀମା ଉପରେ ୩୦% ବିଳମ୍ବ ରିହାତି ଅଥବା ୩୦୦୦ ଟଙ୍କାର ସର୍ବାଧିକ ରିହାତି ପାଇପାରିବ। ଅପରପକ୍ଷରେ ମାଇକ୍ରୋ ଇନ୍‌ସ୍ୟୁରାନ୍ସ ଯୋଜନାଗୁଡ଼ିକରେ ୧୦୦% ବିଳମ୍ବ ଫି' ରେ ରିହାତି ଏବଂ ସମ୍ପୂର୍ଣ୍ଣ ସର୍ବାଧିକ ରିହାତି ମିଳିବ।

## ବିଧାୟକଙ୍କ ନାଁରେ ଥାନାରେ ଅଭିଯୋଗ

**ବଦନାମ କରିବାକୁ ବିରୋଧୀଙ୍କ ଉଦ୍ୟମ: ମୋହନ**

**କେନ୍ଦୁଝର, ୫।୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କ ବିରୋଧରେ ଭାଜପା କର୍ମୀ ସତ୍ୟବ୍ରତ ସଞ୍ଜୀବ କୁମାର ନାୟକ ଶନିବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ୨୦୧୯ ଓ ୨୦୨୦ରେ ବିଧାୟକ ତାଙ୍କଠାରୁ ପ୍ରାୟ ସାଢ଼େ ୩ ଲକ୍ଷ ଟଙ୍କାର ଘର ଆସବାବପତ୍ର କିଣିଥିଲେ। ସେ ବାବଦକୁ ୨୦୨୧ରେ ୩ଟି ପର୍ଯ୍ୟାୟରେ ୨ ଲକ୍ଷ ୧ ହଜାର ଟଙ୍କା ପଇଠ କରିଥିଲେ। ଅବଶିଷ୍ଟ ୧ ଲକ୍ଷ ୫୫ ହଜାର ଟଙ୍କା ଦେଉ ନ ଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପରେ ସତ୍ୟବ୍ରତ ସଞ୍ଜୀବ ଦଳ ଛାଡ଼ି ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିବା କହିଛନ୍ତି। ଏ ସମ୍ପର୍କରେ ଟାଉନ ଥାନାଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି, ଅଭିଯୋଗ ସହିତ ଏକ ଅଡିଓ କ୍ଲିପ୍ ସେ ପାଇଛନ୍ତି। ସାମଗ୍ରୀ କିଣାବିକା କାଗଜପତ୍ର ଯାଞ୍ଚ ଓ ପଚରାଉଚରା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏନେଇ ବିଧାୟକ ମାଝି କହିଛନ୍ତି ଯେ, ଅଭିଯୋଗର କୌଣସି ସତ୍ୟତା ନାହିଁ। ବକେୟା ବିଲ୍ ସହ ସାମଗ୍ରୀ କିଣାବିକାର ଜିଏସ୍‌ଟି ବିଲ୍ ଦେଖାନ୍ତୁ। ତାଙ୍କୁ ବଦ୍‌ନାମ କରିବାକୁ ବିରୋଧୀଙ୍କ ଦ୍ୱାରା ପରିଚାଳିତ ହୋଇ ଏଭଳି ଅଭିଯୋଗ ଆଣିବା ଦୁର୍ଭାଗ୍ୟପୂର୍ଣ୍ଣ।। ଅନ୍ୟପକ୍ଷେ ଭାଜପା ଜିଲା ସଭାପତି ଅଂଶୁମାନ କହିଛନ୍ତି, ସେ ଇସ୍ତଫାପତ୍ର ପାଇଛନ୍ତି, ତର୍ଜମା ପରେ ଘଟଣା ସମ୍ପର୍କରେ କିଛି କହିପାରିବେ।

## ସଂକ୍ଷେପରେ

### ତୈଳବୀଜ ମହଜୁଦ ଉପରେ ସରକାରଙ୍କ କଟକଣା

**ଭୁବନେଶ୍ୱର,୫।୨:** ଗତ କିଛି ମାସ ହେବ ବିଭିନ୍ନ କାରଣ ଯୋଗୁ ଦେଶରେ ଖାଇବା ତେଲ ଦର ବୃଦ୍ଧି ଘଟିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଖାଇବାତେଲ ଏବଂ ତୈଳବୀଜ ସାମଗ୍ରୀ ମହଜୁଦ ଉପରେ କଟକଣା ଜାରି କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀକୁ ଉଭୟ ବ୍ୟବସାୟୀ ଏବଂ ପ୍ରକ୍ରିୟାକରଣ କରୁଥିବା ସଂସ୍ଥାଗୁଡ଼ିକ ଆବଶ୍ୟକତାଠାରୁ ଅଧିକ ଷ୍ଟକ୍ ରଖିବା ନେଇ କଟକଣା ଜାରି କରାଯାଉଛି। ଏହି ଅନୁସାରେ ଖୁଚୁରା ବ୍ୟବସାୟୀ ଅତିବେଶିରେ ୩ଟନ ପର୍ଯ୍ୟନ୍ତ ଖାଇବା ତେଲ ମହଜୁଦ ରଖିପାରିବେ। ସେହିଭଳି ପାଇକାରୀ ବ୍ୟବସାୟୀଙ୍କ ପାଇଁ ଉକ୍ତ ସୀମା ୫୦ଟନ୍ ରହିଛି। ଚଳିତ ବର୍ଷ ଜୁନ୍ ୩୦ ପର୍ଯ୍ୟନ୍ତ ଏହି ନିୟମ ସାରା ଦେଶରେ କାର୍ଯ୍ୟକାରୀ ହେବ।

### ଆଶଙ୍କାରେ ଟେସ୍‌ଲାର କାରବାର

**ଭୁବନେଶ୍ୱର,୫।୨:** ଭାରତରେ ବିଦ୍ୟୁତ୍ ଯାନ (ଇ-ଯାନ) ବିକ୍ରି ପାଇଁ ବିଶ୍ୱର ୧ନଂ. ଧନୀ ଏଲନ୍ ମସ୍କଙ୍କ କମ୍ପାନୀ ଟେସ୍‌ଲା ଅନେକ ଦାବି ରଖିଛି। ସେଥିମଧ୍ୟରୁ ଟିକସ ହ୍ରାସ ପ୍ରମୁଖ ବୋଲି ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ଭାରତ ସରକାର ଟେସ୍‌ଲାର ଉକ୍ତ ଦାବି ଗ୍ରହଣ କରିବା ପାଇଁ ଆଗ୍ରହ ଦେଖାଉନାହାନ୍ତି ବୋଲି ନିକଟରେ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି କେନ୍ଦ୍ରୀୟ ପରୋକ୍ଷ କର ବୋର୍ଡ (ସିବିଆଇସି)ର ଅଧ୍ୟକ୍ଷ ବିବେକ ଜୋହରି କହିଛନ୍ତି, ଇ-ଯାନ ପାଇଁ ଦେଶରେ କୌଣସି ପ୍ରତିବନ୍ଧକ ନ ଥିବା ବେଳେ ସରକାର ମଧ ଏହା ଉତ୍ପାଦନ ପାଇଁ ସମସ୍ତଙ୍କୁ ଉତ୍ସାହିତ କରୁଛନ୍ତି। କିନ୍ତୁ ଟେସ୍‌ଲାର ପ୍ରତିଷ୍ଠାତା ମସ୍କ ଭାରତକୁ ଆମଦାନୀ ହେଉଥିବା ବିଦ୍ୟୁତ୍ ଯାନ ଉପରେ ଆଦାୟ କରାଯାଉଥିବା ୧୦୦% ଟିକସ ହ୍ରାସ ପାଇଁ ଦାବିକରି ଆସୁଛନ୍ତି। ଫଳରେ କମ୍ପାନୀ ବିଦେଶରେ ନିର୍ମିତ ହୋଇଥିବା ଯାନକୁ ଭାରତରେ ବିକ୍ରି କରିପାରିବ। ଟେସ୍‌ଲା ପକ୍ଷରୁ ଭାରତରେ କାର୍ ଉତ୍ପାଦନ ନେଇ ସେମିତି କିଛି ଯୋଜନା ଉପସ୍ଥାପନ କରାଯାଇନାହିଁ।

# ଅଭିବୃଦ୍ଧିକୁ ଆଗେଇନେବା ପାଇଁ ଅର୍ଥମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ,୫।୨


ନିର୍ମଳା ସୀତାରାମନ

### ଭାରତୀୟ କମ୍ପାନୀଗୁଡ଼ିକଙ୍କ ପର୍ସ ଖୋଲିବାର ସମୟ ଆସିଛି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଭାରତୀୟ କମ୍ପାନୀଗୁଡ଼ିକୁ ଦେଶର ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ସେମାନଙ୍କର ଭଣ୍ଡାର(ପର୍ସ) ଖୋଲିବାକୁ ଆହ୍ୱାନ କରିଛନ୍ତି। ସେହିଭଳି ଇଣ୍ଡିଆ ଇଙ୍କ୍‌ଗୁଡ଼ିକୁ ଚଳିତ ବଜେଟରେ ପ୍ରକାଶିତ ଘୋଷଣାର ସୁଯୋଗ ନେବାକୁ ଏବଂ କ୍ୟାପେକ୍ସକୁ ଶୀଘ୍ର ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ପୁଞ୍ଜି ବିନିଯୋଗର ଗୁଣାତ୍ମକ ଚକ୍ର ବୃଦ୍ଧିପାଇବ ବୋଲି ସୀତାରାମନ ଆକଳନ କରିଛନ୍ତି। ଶନିବାର ସିଆଇଆଇର ସଦସ୍ୟମାନଙ୍କୁ ସମ୍ବୋଧିତ କରି ଅର୍ଥମନ୍ତ୍ରୀ କହିଛନ୍ତି, ବଜେଟରେ କ୍ୟାପେକ୍ସ ବୃଦ୍ଧି ସ୍ଥିର ଅଭିବୃଦ୍ଧି ଏବଂ ବ୍ୟକ୍ତିଗତ ବିନିଯୋଗରେ ଭିଡ଼କୁ ସମର୍ଥନ କରିବାର ଯୁଗ୍ମ ଉଦ୍ଦେଶ୍ୟ ସହ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସେ କହିଥିଲେ, ପୁଞ୍ଜି ବିନିଯୋଗ ପାଇଁ ଏହା ହେଉଛି ଉପଯୁକ୍ତ ସମୟ ଏବଂ ଭାରତୀୟ ଶିଳ୍ପ ସଂଘ ଏହି ସୁଯୋଗ ହରାଇବା ଉଚିତ ନୁହେଁ। ସେହିଭଳି ସମସ୍ତ ପୁନର୍ନିର୍ମାଣ ଘଟଣା ସହିତ ମହାମାରୀକୁ ପୋଷ୍ଟ କରନ୍ତୁ, ଆପଣ ଆପଣଙ୍କର ବ୍ୟବସାୟ କରୁଥିବା ଉପାୟରେ ଘଟୁଥିବା ପୁନଃ ସେଟ୍ କରନ୍ତୁ ଏବଂ ଅକ୍ଟୋବର ୨୦୧୯ ର ସେହି ପଦକ୍ଷେପ ସହିତ ଯେଉଁଥିରେ ମାର୍ଚ୍ଚ ୨୦୨୩ ସୁଦ୍ଧା ଗୋଟିଏ ଅବସ୍ଥା ହ୍ରାସ ହେବା ଆରମ୍ଭ ହୋଇଛି, ତାହା ମଧ ବର୍ତ୍ତମାନ ଆଉ ଏକ ବର୍ଷ ବୃଦ୍ଧି କରାଯାଇଛି ବୋଲି ସେ କହିଥିଲେ। ଫେବୃୟାରୀ ୧ ରେ ଉପସ୍ଥାପିତ କେନ୍ଦ୍ର ବଜେଟର ପ୍ରସ୍ତାବ ଅନୁସାରେ ନୂତନ ଭାବରେ ଅନ୍ତର୍ଭୁକ୍ତ ଉତ୍ପାଦନ ୟୁନିଟ୍ ପାଇଁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ରିହାତି ୧୫% କର୍ପୋରେଟ୍ ଟିକସ ହାର ଆଉ ଏକ ବର୍ଷ ପାଇଁ ଉପଲବ୍ଧ ହେବ। ସେହିପରି ୨୦୧୯ ସେପ୍ଟେମ୍ବରରେ ସରକାର କମ୍ପାନୀଗୁଡ଼ିକ ପାଇଁ କର୍ପୋରେଟ୍ ଟିକସ ହାରକୁ ୨୨% କୁ ହ୍ରାସ କରିଛନ୍ତି। ନୂତନ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ୧୫% କମ୍ କର୍ପୋରେଟ୍ ଟ୍ୟାକ୍ସ ହାରରେ ଟିକସ ଦେବାକୁ ପଡିବ। ଅପରପକ୍ଷରେ ଘରୋଇ କ୍ଷେତ୍ରକୁ ପୁଞ୍ଜି ବିନିଯୋଗର ପ୍ରୋତ୍ସାହନ ସୁବିଧା ଦେବା ପାଇଁ ସରକାର କର୍ପୋରେଟ୍ ଟିକସ ହାରକୁ ହ୍ରାସ କରିଛନ୍ତି। ଅବଶ୍ୟ ଏହା କୋଭିଡ୍ ମହାମାରୀର ବିସ୍ତାର ସହିତ ଆହୁରି ବୃଦ୍ଧି ପାଇଥିଲା। ଅନେକ ସେକ୍ଟର ଖୋଲାଯାଇଥିବା ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି, ସୂର୍ଯ୍ୟୋଦୟ ସେକ୍ଟର ଏବଂ ନୂତନ ଯୁଗ ସେକ୍ଟରରେ ବହୁଳ ଟିକା ଏବଂ ଜିନୋମ ଭଳି ଅପାର ସୁଯୋଗ ରହିଛି। ଚଳିତ ବଜେଟରେ ସରକାର ସାଧାରଣ ପୁଞ୍ଜି ବିନିଯୋଗକୁ ୩୫.୪% ରୁ ୭.୫ ଲକ୍ଷ କୋଟି ଟଙ୍କା କିମ୍ବା ଜିଡିପିର ୨.୯%କୁ ବୃଦ୍ଧି କରିଛନ୍ତି। ଭାରତରେ ଶିଳ୍ପାୟନ ଏବଂ ଉତ୍ପାଦନ ଉଚ୍ଚ ସ୍ତରରେ ପହଞ୍ଚିବା ପାଇଁ ଏହି ସୁଯୋଗକୁ ହାତଛଡ଼ା ନ କରିବାକୁ ସେ ଶିଳ୍ପସଂଘକୁ ଅନୁରୋଧ କରିଛନ୍ତି। ବିଶ୍ୱସ୍ତରୀୟ ମଞ୍ଚ ଖୋଲାଯାଉଛି ଯେଉଁଠାରେ ବିଶ୍ୱର ମୂଲ୍ୟ ଶୃଙ୍ଖଳା ଭୌଗୋଳିକ ସ୍ତରରେ ଏକାଗ୍ରତା ହେବାକୁ ଯାଉଛି।

# ଓଜୋନ୍ ସିଗ୍ନେଚରକୁ 'ବେଷ୍ଟ ବ୍ରାଣ୍ଡ' ପୁରସ୍କାର




ଭୁବନେଶ୍ୱର,୫।୨

### ଇକୋନୋମିକ୍ ଟାଇମ୍ସ ପକ୍ଷରୁ ଔଷଧୀୟ ତୈଳ ନିର୍ମାତା କମ୍ପାନୀ ଭାବେ ସମ୍ମାନିତ

ଦେଶର ଏକ ଅଗ୍ରଣୀ ଆୟୁର୍ବେଦିକ ଔଷଧୀୟ କମ୍ପାନୀ ଓଜୋନ୍‌ର ଅନ୍ୟ ଏକ ବ୍ରାଣ୍ଡ ଓଜୋନ୍ ସିଗ୍ନେଚରର କ୍ୱିକ୍ ଆନାଲଜେସିକ୍ ତୈଳ ଏବଂ ମଲମ ବର୍ତ୍ତମାନ ବଜାରରେ ପ୍ରମୁଖ ଯନ୍ତ୍ରଣା ନିବାରକ ଔଷଧ ଭାବେ ବେଶ୍ ଆଦୃତ ହୋଇପାରିଛି। ଉକ୍ତ ତୈଳ ଓ ମଲମକୁ ଅଣ୍ଟା, ପିଠି, କାନ୍ଧ ଏବଂ ଆଣ୍ଠୁ ଯନ୍ତ୍ରଣାରେ ବ୍ୟବହାରକଲେ ତତ୍କାଳ ଉପଶମ ମିଳିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କମ୍ପାନୀର ଜେନେରାଲ ମ୍ୟାନେଜର ମାର୍କଣ୍ଡେୟ ତିୱାରୀ ପ୍ରେସ୍ ବିବୃତିରେ କହିଛନ୍ତି, ଓଜୋନ୍ ଫାର୍ମାର ସହାୟକ କମ୍ପାନୀ ଓଜୋନ୍ ସିଗ୍ନେଚରକୁ ନିକଟରେ ଏକ ଜାତୀୟସ୍ତରର ପୁରସ୍କାର ମିଳିଛି। ଜାତୀୟ ଗଣମାଧ୍ୟମ ସଂସ୍ଥା ଇକୋନୋମିକ୍ ଟାଇମ୍ସ ପକ୍ଷରୁ ମୁମ୍ବାଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ କମ୍ପାନୀକୁ 'ବେଷ୍ଟ ବ୍ରାଣ୍ଡ-୨୦୨୧' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଜୋନ୍ ସିଗ୍ନେଚର ପ୍ରତିଷ୍ଠାତା ସାକ୍ଷି ସେହଗଲ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଅତିଥିଙ୍କଠାରୁ ସମ୍ମାନ ଓ ଟ୍ରଫି ଗ୍ରହଣ କରିଥିଲେ। ଓଜୋନ୍ ସିଗ୍ନେଚରର ପ୍ରମୁଖ ଆୟୁର୍ବେଦିକ ଉତ୍ପାଦ ଯଥା ହରିଦ୍ରା ତେଲ, କନକ ତେଲ, ଗୁଡୁଚି ତେଲ ଏବଂ କୁଙ୍କୁମାଦି ତେଲ ଇତ୍ୟାଦି ରୋଗୀର ଚର୍ମ ସମ୍ବନ୍ଧୀୟ ସମସ୍ୟା ବିଶେଷକରି ଆଖି ତଳ କଳାଦାଗ, ଚର୍ମ କୁଞ୍ଚନ, ବ୍ରଣ ଏବଂ ପିମ୍ପଲ୍, ଦାଗ, ଚର୍ମରେ ଶୁଷ୍କତା ଆଦିରେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ। କମ୍ପାନୀର ସମସ୍ତ ଉତ୍ପାଦ ଭାରତ ସମେତ ବିଦେଶରେ ମଧ ବିକ୍ରି ହେଉଛି। ସେହିପରି ଓଜୋନ୍ ସିଗ୍ନେଚରର ସମସ୍ତ ବ୍ରାଣ୍ଡ ମଧ ଅନ୍‌ଲାଇନରେ ଉପଲବ୍ଧ।

Birthday Wish



Wishing you a very Happy Birthday
DIVYANKA DARSHINI
May God bless You & fulfill all your dreams.
With best wishes
Family, Friends and Sidhi Nani
D-23060

# ଅରୁନ୍ଧତୀରେ ପ୍ଲାଟିନମ୍ ଗହଣା ବିକ୍ରି ସମ୍ଭାର

ଭୁବନେଶ୍ୱର,୫।୨



### ସୁନା, ହୀରା ଗହଣା ଉପରେ ବିବାହ ଋତୁ ଅଫର

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ 'ଅରୁନ୍ଧତୀ ଜୁଏଲର୍ସ' ପକ୍ଷରୁ ଶନିବାର ସ୍ଥାନୀୟ ସତ୍ୟନଗରସ୍ଥିତ ପ୍ରତିଷ୍ଠାନର ଫ୍ଲାଗ୍‌ଶିପ ଷ୍ଟୋର ପରିସରରେ ପ୍ଲାଟିନମ୍ ଗହଣା ବିକ୍ରୟ ସମ୍ଭାରର ଶୁଭ ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଅରୁନ୍ଧତୀର ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅଗଣିତ ଗ୍ରାହକ ଓ ଓଡ଼ିଶାବାସୀଙ୍କୁ ପୂଜା ଅଭିନନ୍ଦନ ଜଣାଇବା ସହ ନୂତନ ବର୍ଷ ଅବସରରେ ଗୁଣାତ୍ମକ ପ୍ଲାଟିନମ୍ ଜୁଏଲର୍ସର ସୁନ୍ଦର କାରିଗରି ଓ ଭିନ୍ନ ଭିନ୍ନ ଡିଜାଇନର ଅନୁଭବ ନେବା ପାଇଁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରାଯାଉଛି। ଏହି ଅଫର ଜରିଆରେ ସୁନାଗହଣାର ଗଢ଼ା ମଜୁରି ମାତ୍ର ୪୯୯ ଟଙ୍କା ସହିତ ମାଗଣା ସୁନାମୁଦି ଓ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯିବା ସହ ରୁପା ଗହଣାର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ଏବଂ ହୀରାର କ୍ରୟ ମୂଲ୍ୟ ଉପରେ ମାଗଣା ସ୍ୱର୍ଣ୍ଣମୁଦ୍ରା ଓ ସୁନାମୁଦି ପ୍ରଦାନ କରାଯାଉଛି। ଏହି ଅଫର ଆଗାମୀ ବିବାହ ଋତୁ ଶେଷ ପର୍ଯ୍ୟନ୍ତ ପ୍ରତିଷ୍ଠାନର ସମସ୍ତ ଶାଖାରେ ଉପଲବ୍ଧ ହେବ ବୋଲି ମେହେର କହିଛନ୍ତି। ସେହିଭଳି ପ୍ରତିଷ୍ଠାନର ସମସ୍ତ ଶାଖାରେ ଇଟାଲିୟନ ବ୍ୟାଙ୍ଗେଲ, ଦୁବାଇ ନେକ୍‌ଲେସ୍, ଆଣ୍ଟିକ୍ ଓ ପାରମ୍ପରିକ ସୁନାଗହଣାର ବିଭିନ୍ନ ଭେରାଇଟ୍ ଓ ଆକର୍ଷଣୀୟ କଲେକ୍ସନ ସହ ଆଦ୍ୟା ଓ ଆଦ୍ରା କଲେକ୍ସନ୍‌କୁ ମଧ ପ୍ରାଧାନ୍ୟ ଦିଆଯିବ। ଦେଶର କୋଣ ଅନୁକୋଣରୁ ସଂଗୃହୀତ ୧୦,୦୦୦ରୁ ଉର୍ଦ୍ଧ୍ୱ ସମ୍ପୂର୍ଣ୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନା, ହୀରା, ପ୍ଲାଟିନମ୍ ଗହଣା ଏବଂ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣାର କଳାକୃତି ସମ୍ଭାର ରଖାଯାଇଛି। ଏହା ସହ ନିଆରା ଗ୍ରାହକ ସେବା ୫ ଷ୍ଟାର ପ୍ରମିଜ ମାଧ୍ୟମରେ ଗହଣା ଉପରେ ଆଜୀବନ ମରାମତି ସହିତ ମାଗଣା ଅଳଙ୍କାର ବୀମା ପ୍ରଦାନ କରାଯାଉଛି।

# ସୋମବାର ଆର୍‌ବିଆଇର ମୁଦ୍ରାନୀତି ସମୀକ୍ଷା

ଭୁବନେଶ୍ୱର,୫।୨

ଚଳିତ ଫେବୃୟାରୀ ୧ରେ କେନ୍ଦ୍ର ବଜେଟ ସଂସଦରେ ଉପସ୍ଥାପନ ହୋଇସାରିଛି। ବର୍ତ୍ତମାନ ଦେଶବାସୀ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି ସମୀକ୍ଷା ଉପରେ ନଜର ରଖିଛନ୍ତି। ସୁଧହାର ବୃଦ୍ଧି ନେଇ ବର୍ଷର ପ୍ରଥମ ନୀତି ସମୀକ୍ଷାକୁ ଏବେ ସମସ୍ତଙ୍କ ଅପେକ୍ଷା ରହିଛି। ତେବେ ଆମେରିକୀୟ ବ୍ରୋକ୍‌ରେଜ କମ୍ପାନୀ ବ୍ୟାଙ୍କ ଅଫ୍ ଆମେରିକା ସିକ୍ୟୁରିଟିଜଙ୍କ ଅନୁମାନ ଅନୁସାରେ ଆର୍‌ବିଆଇ କୌଣସି ପରିବର୍ତ୍ତନ କରି ନ ପାରନ୍ତି, ବରଂ ଅଭିବୃଦ୍ଧି କୈନ୍ଦ୍ରିକ ପୁଞ୍ଜିଗତ ବ୍ୟୟ ସଞ୍ଚାଳିତ ରାଜକୋଷ ବିସ୍ତାର ଦିଗରେ ଆଗକୁ ବଢ଼ିବେ ବୋଲି ସଂସ୍ଥା ଆକଳନ କରିଛି। ଯଦି ଆର୍‌ବିଆଇ ଏପରି ପଦକ୍ଷେପ ନିଅନ୍ତି ତେବେ ବଜାରରେ ମୂଲ୍ୟ ବୃଦ୍ଧି ଓ ପରେ ସୁଧ ହାର ସଙ୍କଟରେ ପଡ଼ିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ମୁଦ୍ରାଗତ ନୀତି କମିଟି (ଏମ୍‌ପିସି) ର ବୈଠକ ଆସନ୍ତା ସୋମବାର ଅନୁଷ୍ଠିତ ହେବ ଓ ୯ତାରିଖରେ ଉକ୍ତ ବୈଠକର ନୀତିଗତ ନିଷ୍ପତ୍ତି ନେଇ ଘୋଷଣା କରାଯିବ।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

BHARAT FINANCE
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ବାର୍ଷିକ 2% ସୁଧ 25% ଛାଡ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
Website: www.bharatpro.in
Dr B Ramarao Street, Suryaraopet, Vijayawada-520002
Call & WhatsApp No: 09015144671

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋଡାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁର୍‌ସତ୍



### ଜନ୍ମଦିନରେ ଅଭିଷେକଙ୍କ 'ଘୁମର' ଭେଟି

**ମୁମ୍ବାଇ:** ଅଭିନେତା ଅଭିଷେକ ବଚ୍ଚନ ୪୬ତମ ଜନ୍ମଦିନ ପାଳନ କରିଛନ୍ତି। ତାଙ୍କର ଏହି ସ୍ୱତନ୍ତ୍ର ଦିନରେ ପ୍ରଶଂସକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ମଧ ତାଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ଗିଫ୍ଟ ଦେଇଛନ୍ତି। ଅଭିଷେକ ଏବଂ ନିର୍ଦ୍ଦେଶକ ଆର୍ ବଲ୍‌କି ଦର୍ଶକଙ୍କୁ ଏକ ନୂଆ ଫିଲ୍ମ ନେଇ ଘୋଷଣା କରିଛନ୍ତି। ଅଭିଷେକ ତାଙ୍କ ଆଗାମୀ ଫିଲ୍ମ 'ଘୁମର' ବାବଦରେ ଏକ କ୍ଲିପ୍‌ବୋର୍ଡରେ 'ଘୁମର' ଲେଖାଥିବା ପୋଷ୍ଟର ଶେୟାର କରିଛନ୍ତି। ଏଥି ସହ ସେ ଏହି ସିନେମା ପାଇଁ ଶୁଟିଂ ଆରମ୍ଭ କରିଥିବା ଦର୍ଶକଙ୍କୁ ଜଣାଇଛନ୍ତି। ପୂର୍ବରୁ ୨୦୦୯ରେ ଦୁହେଁ ଚଳଚ୍ଚିତ୍ର 'ପା'ରେ ଏକାଠି କାମ କରିଥିଲେ। ଏହାଛଡା ଅନୁରାଗ ବାଶୁଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗୁଲାବ୍ ଜାମୁନ'ର ଶୁଟିଂ ସେ ଖୁବ୍‌ଶୀଘ୍ର ଆରମ୍ଭ କରିବେ। ଶେଷଥର ତାଙ୍କୁ 'ବବ୍ ବିଶ୍ୱାସ' ଫିଲ୍ମରେ ଦେଖିବାକୁ ମିଳିଥିଲା।

# ରିଲିଜ ହେଲା 'ଗୋଲ ଗପ୍ପା'



**ମୁମ୍ବାଇ:** ରିଲିଜ ହେଲା ରାଜକୁମାର ଏବଂ ଭୂମିଙ୍କ ଅଭିନୀତ ଅପକମିଂ ଫିଲ୍ମ 'ବଧାଇ ଦୋ'ର ଆଉ ଏକ ଗୀତ 'ଗୋଲ ଗପ୍ପା'। ଏଥିରେ ଦୁହିଁଙ୍କ ଜବରଦସ୍ତ ଡ୍ୟାନ୍ସ ଦେଖିବାକୁ ମିଳିଛି। ସିନେମାର ଟ୍ରେଲର, ଟାଇଟଲ ଗୀତ ପରେ ଗୋଲ ଗପ୍ପାକୁ ଦର୍ଶକଙ୍କୁ ଭେଟି ଦେଇଛନ୍ତି ନିର୍ମାତା ହର୍ଷବର୍ଦ୍ଧନ କୁଲକର୍ନୀ। 'ଗୋଲ ଗପ୍ପା'କୁ ଅମିତ ତ୍ରିବେଦୀ ଏବଂ ଗାୟିକା ନେହା କକ୍କର ଗାଇଥିବାବେଳେ ଅନିତା ଦତ୍ତ ଏହି ଗୀତକୁ ଲେଖିଛନ୍ତି। ଗୀତଟି ରିଲିଜ୍ ହେବାର ମାତ୍ର ୫ ଘଣ୍ଟା ମଧ୍ୟରେ ସାଢେ ୬ ଲକ୍ଷରୁ ଉର୍ଦ୍ଧ୍ୱ ଦର୍ଶକ ଦେଖି ସାରିଲେଣି। ଚଳଚ୍ଚିତ୍ରଟି ସାମାଜିକ କାହାଣୀକୁ ନେଇ ଗତିଶୀଳ ହୋଇଛି। ମୁଭି ଫେବୃୟାରୀ ୧୧ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।

# ରିଚାଙ୍କ ହାତ ଧରିବେ ଅଲି ଫଜଲ

**ମୁମ୍ବାଇ:** ବିବାହ ବନ୍ଧନରେ ବାନ୍ଧି ହେବେ ରିଚା ଚଡ଼ା ଏବଂ ଅଲି ଫୈଜଲ। ଦୁହେଁ ଦୀର୍ଘ ଦିନ ଧରି ସମ୍ପର୍କରେ ରହିବା ପରେ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୦ ଏପ୍ରିଲରେ ବିବାହ ପାଇଁ ସ୍ଥିର କରିଥିଲେ ମଧ କରୋନା ପାଇଁ ସ୍ଥଗିତ ରହିଥିଲା। ଆଗାମୀ ପ୍ରୋଜେକ୍ଟ ଶୁଟିଂ ସମୟରେ ହିଁ ଉଭୟଙ୍କ ହାତଗଣ୍ଠି ପଡିବ। ଚର୍ଚ୍ଚା ଅନୁଯାୟୀ ଦୁହିଁଙ୍କ ବିବାହ ମାର୍ଚ୍ଚରେ ହେବ। ରିପୋର୍ଟ ଅନୁଯାୟୀ, ରିଚା ଏବଂ ଅଲିଙ୍କ ଫିଲ୍ମ 'ଫୁକ୍‌ରେ-୩'ର ଶୁଟିଂ ଦିଲ୍ଲୀରେ କରାଯିବ। ଶୁଟିଂବେଳେ ବ୍ରେକ୍ ନେଇ ବିବାହ ପାଇଁ ଉଭୟେ ଦିଲ୍ଲୀରୁ ମୁମ୍ବାଇ ଆସିବେ।



ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଦୀପ କୁମାର ସାହୁ (ପଦିଆ ଭାଇ)
ବେପାରୀ ସାହି, ବକ୍ସିବଜାର, କଟକ
Wellcome Foodco
ଆବିର୍ଭାବ- ୧୫।୦୮।୧୯୭୪
ତିରୋଧାନ- ୨୭।୦୧।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ହତଭାଗ୍ୟ: ଭାଇ-ଭାଉଜ, ଭଉଣୀ-ଭିଣୋଇ, ପୁତୁରା-ଝିଆରୀ, ଭଣଜା-ଭାଣିଜୀ ଓ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୩୦୬୩

ଏକାଦଶାହ ଉପଲକ୍ଷେ



୰ ପ୍ରଭାକର ସ୍ୱାଇଁ
ଆବିର୍ଭାବ: ୧୯।୦୨।୧୯୪୧
ତିରୋଧାନ: ୨୭।୦୧।୨୦୨୨
୰ସତ୍ୟଭାମା ସ୍ୱାଇଁ
ଆବିର୍ଭାବ: ୦୬।୦୩।୧୯୫୦
ତିରୋଧାନ: ୩୧।୦୧।୨୦୨୨
ଗ୍ରାମ: ସରଡ଼ୋଳା, କନକପୁର, ଜଗତ୍‌ସିଂହପୁର
ଆପଣ ଦୁଇ ଜଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସଂଘମିତ୍ରା, ପିନାକୀ, ପବନୀ, ସର୍ବାଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୦୬୪

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମାତାଜୀ ସାହୁ (୯୭)
ସ୍ଥାନ: ବଇଣ୍ଡା, ଅନୁଗୋଳ
ତିରୋଧାନ- ତା. ୨୭।୦୧।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ହତଭାଗ୍ୟ ପୁଅ: ବଂଶୀଧର, ବସନ୍ତ, ବେଣୁଧର, ଅରୁଣ, ସହ ବନ୍ଧୁ ଓ ସାହୁ ପରିବାରବର୍ଗ ।
ଧ-୨୩୦୫୯

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁମିତ୍ରା ପାଢ଼ୀ
ଆବିର୍ଭାବ: ୧୫।୦୮।୧୯୩୯
ତିରୋଧାନ: ୨୭।୦୧।୨୦୨୨
ବୋଉ, ତୋର ଅନୁପସ୍ଥିତିରେ ଆଜି ସମଗ୍ର ପରିବାର ହତବାକ୍ ଓ ବାକ୍‌ଶୂନ୍ୟ। ତୋର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିର ସ୍ମରଣୀୟ ହୋଇ ରହିଥାଉ। ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଗୁହାରି ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନମାନେ ।
ଧ-୨୩୦୬୫

ଶ୍ରଦ୍ଧାଞ୍ଜଳି



ପ୍ରାଧ୍ୟାପକ ୰ବୈକୁଣ୍ଠନାଥ ମହାନ୍ତି
(ପୂର୍ବତନ ଅଧ୍ୟକ୍ଷ)
(K-4/148, Kalinga Nagar, BBSR)
ଆବିର୍ଭାବ-୦୪।୦୩।୧୯୪୦
ତିରୋଧାନ- ୦୨।୦୨।୧୯୯୮(ମାଘ ଷଷ୍ଠୀ)
ଭୁବନେଶ୍ୱର-୨
ଆଜି ଆପଣଙ୍କର ଚବିଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ ସେବତୀ (ପତ୍ନୀ), ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍ (ପୁଅ), ରାଗେଶ୍ରୀ, ଖ୍ୟାତି, ବନଶ୍ରୀ, ଶାରଦା (ବୋହୂ), ମମତା, ରକ୍ଷକ (ଝିଅ-ଜ୍ୱାଇଁ), ଶିମନ୍, ଇକ୍ଷା, ଶୋହନ୍, ରୋହନ୍, ନେହା, ଶ୍ରେୟା, ଇମନ୍, ରିୟା, ରିଙ୍କୁ, ରୋମି (ନାତି-ନାତୁଣୀ), ବନ୍ଧୁବର୍ଗ ।
ଧ-୨୩୦୪୨



# ଗୁଡ୍ ମର୍ଣ୍ଣିଂ ଟି

ଡା. ନିତ୍ୟାନନ୍ଦ ସ୍ୱାଇଁ

ସକାଳୁ ବେଡ୍ ଟି ପିଇବାର ଅଭ୍ୟାସ ଅନେକଙ୍କର ରହିଛି। ଏଥିରୁ ବାଦ୍ ପଡିନାହାନ୍ତି ଯୁବପିଢ଼ି, ଯେଉଁମାନେ ସକାଳୁ ଖାଲି ପେଟରେ କପେ ଚା ନ ପିଇଲେ ବେଡ୍‌ରୁ ଓହ୍ଲାନ୍ତି ନାହିଁ। ହେଲେ ଶରୀରକୁ ଫୂର୍ତ୍ତି ଯୋଗାଉଥିବା ଏହି ବେଡ୍ ଟି କ'ଣ ସ୍ୱାସ୍ଥ୍ୟ ପ୍ରତି ହିତକର ?

ଚା ହେଉ କି କଫି, ଏହା ଖାଦ୍ୟର ଅନ୍ତର୍ଭୁକ୍ତ ନୁହେଁ। ତେଣୁ ଏହାକୁ ନ ପିଇଲେ କାହାର କିଛି କ୍ଷତି ହୋଇ ନ ଥାଏ। କିନ୍ତୁ ଏହାକୁ ପିଇଲେ ବେଶ୍ ସତେଜ ଓ ଫୂର୍ତ୍ତି ଲାଗୁଥିବାରୁ ଏହାକୁ ପିଇବା ନିମନ୍ତେ ଅନେକ ଆଗ୍ରହୀ ହୋଇଥା'ନ୍ତି। ଏପରିକି କେହିକେହି ଦିନମାନ ଭିତରେ ୬କପ୍ କିମ୍ବା ଏକ ଲିଟର ପର୍ଯ୍ୟନ୍ତ ପିଉଥିବାର ଦୃଷ୍ଟାନ୍ତ ବିରଳ ନୁହେଁ।

➤ଜାଣିରଖନ୍ତୁ, ଚା କିମ୍ବା କଫିରେ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ଭଳି ଖାଦ୍ୟ ଉପାଦାନର ପରିମାଣ ନଗଣ୍ୟ। ହେଲେ କ୍ଷୀର ଓ ଚିନି ପକେଇ ପିଇଲେ ଏଥିରେ କ୍ୟାଲୋରି ଓ ପୁଷ୍ଟିସାରର ପରିମାଣ ବଢିଯାଏ ।

➤ଚା ରୁ ମାଙ୍ଗାନିଜ୍, ଲୌହ, ତମ୍ବା ଓ ଫ୍ଲୋରାଇଡ ଆଦି କମ୍ ପରିମାଣରେ ଥିବା ବେଳେ ଟାନିନ୍‌ର ପରିମାଣ ବେଶୀ। ଚା କୁ ବେଶୀ ସମୟ ନିଆଁରେ ଫୁଟେଇଲେ ଟାନିନ୍‌ର ପରିମାଣ ବଢ଼ିଯାଏ, ଯାହାକି ଶରୀରକୁ ଲୌହ ବା ଆଇରନ୍ ପହଞ୍ଚାଇବାରେ ବାଧା ଉପୁଜାଇଥାଏ। କିନ୍ତୁ ଚା କି କଫିରେ କ୍ଷୀର ପକେଇଦେଲେ କ୍ଷୀରର ପୁଷ୍ଟିସାର ଟାନିନ୍ ସହ ସଂଯୁକ୍ତ ହୋଇଯାଇ ଟାନିନ୍‌କୁ ଅକାମୀ କରିଦିଏ। କିନ୍ତୁ ଟାନିନ୍‌ରେ ରହିଛି ଅମ୍ଳୀୟ ପ୍ରଭାବ। ତେଣୁ ପାକସ୍ଥଳୀ ରୋଗ ଥିଲେ ଏହାକୁ ପିଇବା ପାଇଁ ଡାକ୍ତରମାନେ ବାରଣ କରିଥା'ନ୍ତି।

➤ଚା ଓ କଫିରେ ଥାଏ କାଫିନ୍, ଥିଓବ୍ରୋମିନ ଓ ଥିଓଫାଇଲିନ ନାମକ ଉପାଦାନ। ଏହି ତିନୋଟି ଉପାଦାନ ଭିତରେ କାଫିନ୍ ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକର ଉପସ୍ଥିତି ଯୋଗୁଁ ଚା କି କଫି ପିଇଲେ କ୍ଳାନ୍ତିର ଅନୁଭବ ଚାଲିଯାଇ ଦେହ ସତେଜ ଲାଗେ। ମନ ସକ୍ରିୟ ହୋଇ ବଢ଼ିଯାଏ କର୍ମ କତ୍ପରତା। କିନ୍ତୁ ଚା ରେ ଥିବା ଥିଓଫାଇଲିନ ମଳରେ ଜଳର ପରିମାଣ କମେଇ ଦେଇ କୋଷ୍ଠକାଠିନ୍ୟ ବା କନ୍‌ଷ୍ଟିପେଶନ୍ ସମସ୍ୟା ବଢ଼ାଇଥାଏ। ପୁଣି କାଫିନ୍ ହୃଦ୍‌ରୋଗକୁ ମଧ୍ୟ ପ୍ରୋତ୍ସାହନ ଦେଇପାରେ।

➤ଚା' ଓ କଫି ଅମ୍ଳୀୟ ବା ଏସିଡିକ୍। ତେଣୁ ଖାଲି ପେଟରେ ଏହାକୁ ପିଇଲେ ଶରୀରରେ ଅମ୍ଳ ଓ କ୍ଷାରର ପରିମାଣ ଅସନ୍ତୁଳିତ ହୋଇପଡ଼େ।

**ସକାଳୁ ଉଠୁ ଉଠୁ କପେ ଗରମ ଚା', ଯେମିତି ମୁଡ୍ ଫ୍ରେଶ୍ କରିବା ସହ ପୂରା ଦିନ ପାଇଁ ଫୂର୍ତ୍ତି ଯୋଗାଏ। ତେବେ କେବଳ ପାଟିକୁ ସୁଆଦିଆ ଲାଗେ ବୋଲି ନୁହେଁ ଏହାକୁ ପିଇବା ଅନେକଙ୍କ ପାଇଁ ଏକ ନିଶା କହିଲେ ଅତ୍ୟୁକ୍ତି ହେବ ନାହିଁ। ହେଲେ ସକାଳୁ ଖାଲି ପେଟରେ ଚା ପିଇବାର ଅଭ୍ୟାସ କ'ଣ ସ୍ୱାସ୍ଥ୍ୟ ପକ୍ଷେ ଉପଯୋଗୀ!**

ଏମିତିକି ଏଥିପାଇଁ କ୍ରନିକ ଗାଷ୍ଟ୍ରାଇଟିସ ହୋଇପାରେ। ଏହି କାରଣରୁ ଅରୁଚି ହୋଇ ଭୋକ ମରିଯାଇପାରେ।

➤ସକାଳେ ବେଡ୍-ଟି ପିଇଲେ ପାଟିରେ ଥିବା ଜୀବାଣୁମାନେ ଶର୍କରାକୁ ଭାଙ୍ଗି ପାଟି ଭିତରେ ଅମ୍ଳ ବା ଏସିଡ୍‌ର ପରିମାଣ ବଢେଇ ଦିଅନ୍ତି, ଯାହାକି ଦାନ୍ତର ଏନାମେଲ୍‌କୁ ଖାଇଯାଇ ଦାନ୍ତକୁ କଣା କରିଦେଇପାରେ। ଖାଲି ପେଟରେ କ୍ଷୀର ପଡ଼ିଥିବା ଚା' କି କଫି ପିଇଲେ କାହା କାହାଠାରେ ପେଟ ଫମ୍ପେଇବା ଲକ୍ଷଣ ପ୍ରକାଶ ପାଇପାରେ।

➤ଏତଦ୍‌ବ୍ୟତୀତ ସକାଳେ ବିଛଣା ଛାଡ଼ିବା ପରେ ପରେ ଚା' କି କଫି ପିଇଲେ ପାଟିରେ ଥିବା ଜୀବାଣୁଗୁଡ଼ିକ ଧୋଇହୋଇ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଯାଆନ୍ତି ଏବଂ ଉପକାରୀ ଜୀବାଣୁଗୁଡ଼ିକର କାର୍ଯ୍ୟକୁ ବ୍ୟାହତ କରିପକାନ୍ତି।

➤ଚା'ରେ ଥିବା ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ। ତାହା ଛଡ଼ା ଖାଲି ପେଟରେ ଗ୍ରୀନ୍ ଚା' ପିଇଲେ ସେଥିରେ ଥିବା କାଟେଚିନ୍ ଯୋଗୁଁ ଯକୃତ ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

ସୁତରାଂ, ସକାଳେ ଖାଲିପେଟରେ ଚା' କି କଫି ପିଇବା ଆଦୌ ନିରାପଦ ନୁହେଁ। ବରଂ ସକାଳୁ ଉଠି ଏକ ଗ୍ଲାସ୍ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା' ପିଇହେବ। ଚା' ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ। ଖାଇ ସାରିବାର ଘଣ୍ଟାଏ ଦୁଇଘଣ୍ଟା ପରେ ଚା' କି କଫି ନିରାପଦରେ ପିଆଯାଇପାରେ। ଚା ପରିବର୍ତ୍ତେ ସକାଳୁ ମହୁ ପକାଇ ଲେମ୍ବୁପାଣି କିମ୍ବା ଜିରାକୁ ଯୁଆଣି ପଡ଼ିଥିବା ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ଉପକାରୀ। ତେଣୁ ନିଦ୍ରାରେ ବ୍ୟାଘାତ ଜାତ ହେବା କାରଣରୁ ରାତିରେ ଶୋଇବା ପୂର୍ବରୁ କିମ୍ବା ସକାଳୁ ବିଛଣାରେ ପଡ଼ି ରହି ବେଡ୍-ଟି ପିଇବା ଆଦୌ ନିରାପଦ ନୁହେଁ।

*-'ଅଭୀପ୍ସା'*
*ସେକ୍ଟର-୬, ପ୍ଲଟ୍ ନଂ-୧୧୩୧,*
*ଅଭିନବ ବିଡ଼ାନାସୀ,*
*କଟକ-୭୫୩୦୧୪*





## କ'ଣ କରନ୍ତି ଏମାନେ...

**ଜୟଶ୍ରୀ ଦାଶ**

(କର୍ମଜୀବୀ,ଭୁବନେଶ୍ୱର)- ପ୍ରତିଦିନ ସକାଳୁ ଉଠି ଚା' ନ ପିଇଲେ ଦିନଯାକର କାର୍ଯ୍ୟ କରିବାକୁ ଜମା ଇଚ୍ଛା ହୁଏନି। ଯେତେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହିଲେ ବି ଦିନକୁ ୩-୪ ଥର ଚା' ପିଇଥାଏ। ପୂର୍ବରୁ କଫି ପିଉଥିଲି, ହେଲେ ଏବେ ଦୁଇ ବର୍ଷ ହେଲା ଚା' ପିଉଛି। ତେବେ ଲେମନ୍ ଟି' ମୋର ବହୁତ ପସନ୍ଦ। ଘରେ ଥିଲାବେଳେ ମା' ସବୁବେଳେ ଦିଅନ୍ତି, ହେଲେ ଏବେ ବାହାରେ ରହୁଥିବାରୁ ଯେ କୌଣସି ଟି' ଷ୍ଟଲ୍‌ରେ କାମ ଚଳାଇଦେଉଛି। ଅଫିସ୍‌ରେ କାମ ପ୍ରେସର୍ ଥିଲେ ଚା' ସହ ମିକ୍ସର ଖାଇ ନିଜକୁ ରିଲାକ୍ସ କରାଏ।



ଜୟଶ୍ରୀ

**ବିଶ୍ୱଜିତ୍ ଦାସ**

(ଇଞ୍ଜିନିୟରିଂ ଛାତ୍ର, ତାଳଚେର)- ପୂର୍ବରୁ ଚା', କଫି ବହୁତ ପିଉଥିଲି। ହେଲେ ଗ୍ୟାସ ସମସ୍ୟା ବାହାରିବା ପରଠାରୁ ଏବେ ଦିନକୁ ମାତ୍ର ଦୁଇ ଥର ପିଉଛି। ମୋର ଗୋଟିଏ ପ୍ରିୟ ଚା' ଦୋକାନ ଅଛି, ସେଠି ଅଧିକାଂଶ ସମୟ ଚା' ପିଇଥାଏ। ସେଠି ସବୁବେଳେ ସାଙ୍ଗମାନଙ୍କ ସହ ଚା' ଆସର ଜମେ। ଚା' ପିଇବା ସହ ବିଭିନ୍ନ ବିଷୟରେ ମଧ୍ୟ ଆମର ଆଲୋଚନା ଚାଲେ।



ବିଶ୍ୱଜିତ୍

**ଅଭିଲାଷ ବାରିକ**

(ଯାଜପୁର)-ଚା ମୋର ଭାରି ପସନ୍ଦ। ମର୍ଣ୍ଣିଂ ୱାର୍କରୁ ଫେରିବା ପରେ ପ୍ରଥମେ ଚା ପିଇଥାଏ। କାଗଜ କପ୍‌ଠାରୁ ମୋତେ ମାଟି କପ୍ ଚା ଭଲ ଲାଗେ। ତା'ର ବାସ୍ନାରେ ମୋର ସକାଳ ସତେଜ ହୋଇଉଠେ। ସାଙ୍ଗମାନଙ୍କ ସହ ଖଟି ବେଳେ ଚା'ର ଗରମ ଗରମ ଧୂଆଁ ଢକ ଢକ ପିଇବାର ମଜା ହିଁ ଅଲଗା। ସତ କହିବାକୁ ଗଲେ ମର୍ଣ୍ଣିଂ ହିଁ ମର୍ଣ୍ଣିଂ ଟି ବିନା ଅଧୁରା।



ଅଭିଲାଷ

## ଏ ସପ୍ତାହର ପ୍ରଶ୍ନ

୧- 'ପ୍ରୋଜେକ୍ଟ ସଭାବନା' ............ ରାଜ୍ୟରେ ଆରମ୍ଭ କରାଯାଇଛି।
୨- ଆଲ୍‌ବର୍ଟ ହ୍ରଦ .................. ଦୁଇ ଦେଶର ସୀମାକୁ ଲାଗିଛି ?
୩- ଭାରତୀୟ ତଟରକ୍ଷୀ ବାହିନୀର ଥିମ୍ ........... ?
୪- ଆମ ଦେଶର ପ୍ରଥମ ଜିଓ ପାର୍କ ............... ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି ?
୫- ଆର୍‌ଟି-ପିସିଆର୍‌ର ଫୁଲ୍‌ଫର୍ମ ............. ?

## ଗତ ଥରର ଉତ୍ତର

୧ ରତନ ଟାଟା
୨ କମନ୍ ସର୍ଭିସ୍ ସେଣ୍ଟର
୩ ୩ ବର୍ଷ
୪ ମାଗ୍‌ଡାଲେନା ଆଣ୍ଡେରସନ୍
୫ ଚନ୍ଦ୍ରଶେଖର ଆଜାଦ୍

## ଉତ୍ତରଦାତା



ଜି. ଅଙ୍କିତ୍ ରାଓ, ବ୍ରହ୍ମପୁର



କେ. ସୁନୀଲ୍ କୁମାର ରାଓ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସୁନ୍ଦର ଆଇସ୍‌ଲାଣ୍ଡ



୧- ବାଲି ଆଇସ୍‌ଲାଣ୍ଡ ................ ଇଣ୍ଡୋନେସିଆ
୨- ହାର୍ ଆଣ୍ଡ ଦି ଡାଲମାସିଆନ୍ ଆଇସ୍‌ଲାଣ୍ଡ୍................ କ୍ରୋସିଆ
୩- ଇଶ୍ଚିଆ................ ଇଟାଲୀ
୪- କାଉଆଇ................ ହାୱାଇ
୫- ମାଉଇ................ ହାୱାଇ
୬- ସନ୍ତୋରିନି................ ଗ୍ରୀସ୍
୭- ଗାଲାପାଗୋସ୍ ଆଇସ୍‌ଲାଣ୍ଡ................ ଇକ୍ୟୁଏଡର୍
୮- ବୋରାକେ ଆଇସ୍‌ଲାଣ୍ଡ ................ ଫିଲିପାଇନ୍ସ
୯- କୋର୍ଫୁ................ ଗ୍ରୀସ୍
୧୦- ପାଲାୱାନ୍ ................ ଫିଲିପାଇନ୍ସ

## ଜାଣନ୍ତୁ ଦୁନିଆ

# ଜେଡ୍ ସ୍କ୍ରିନ୍ ଟାୱାର୍ ହୋଟେଲ୍

**ପୃଥିବୀରେ ଏମିତି ଅନେକ ହୋଟେଲ୍ ରହିଛି, ଯାହାକୁ ଦେଖିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ଚାଇନାର ହୁଆଙ୍ଗଶାନ୍ ମାଉଣ୍ଟେନ୍ ବା ୟେଲୋ ମାଉଣ୍ଟେନ୍‌ରେ ଥିବା ଜେଡ୍ ସ୍କ୍ରିନ୍ ହୋଟେଲ୍, ସେହିପରି ଗୋଟେ ଭିନ୍ନ ଜାଗା, ଯେଉଁଠିକି ଯିବାକୁ ହେଲେ ୬୦ ହଜାର ପାହାଚ ଅତିକ୍ରମ କରିବାକୁ ପଡ଼େ। ଜାଣନ୍ତୁ ଏହି ହୋଟେଲ୍ ବିଷୟରେ ଆଉ କିଛି ନୂଆ ତଥ୍ୟ...**

➤ଭୂପୃଷ୍ଠରୁ ପ୍ରାୟ ୧୮୩୦ ମିଟର ଉଚ୍ଚରେ ଏହି ହୋଟେଲ୍ ଅବସ୍ଥିତ। ଏଠାରେ ଥାଇ ଆପଣ ହୁଆଙ୍ଗ୍‌ଶାନ୍ ପର୍ବତର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ।

➤ପର୍ବତ ପାଦଦେଶରୁ ଉକ୍ତ ହୋଟେଲ୍‌କୁ ଯିବା ଲାଗି ଶିଡ଼ି ରହିଛି। ହେଲେ, ଶିଡ଼ି ଚଢ଼ି ନ ପାରୁଥିବା ବ୍ୟକ୍ତିଙ୍କ ଲାଗି ଚଉକିରେ ବୋହି ନେବା ଲାଗି ସ୍ୱତନ୍ତ୍ର କୁଲି ବ୍ୟବସ୍ଥା ରହିଛି। ଆଉ ମଧ୍ୟ ସେଠାରେ ପହଞ୍ଚିବା ପାଇଁ କେବଲ୍ କାର୍‌ର ବ୍ୟବସ୍ଥା ରହିଛି।

➤ଚାରି ତାରକା ବିଶିଷ୍ଟ ଏହି ହୋଟେଲ୍‌ରେ ୬୫ଟି କୋଠରି ରହିଛି। ଯେଉଁଠାରେ ୨୪ ଘଣ୍ଟା ୱାଇ-ଫାଇ ବ୍ୟବସ୍ଥା ସହ ବାଥରୁମ୍ ଏବଂ ସୁଇମିଂ ପୁଲ୍ ଉଭୟର ସୁବିଧା ରହିଛି। ସ୍ପା, ହେୟାର ଡ୍ରାଏ ସେଣ୍ଟର, ମସାଜ୍ ସେଣ୍ଟର ବି ଏଠାରେ ରହିଛି।

➤ଚାଇନିଜ୍ ରେଷ୍ଟୁରାଣ୍ଟ, ବଫେଟ୍ ରେଷ୍ଟୁରାଣ୍ଟ, ବାନ୍‌ୱେଟ୍ ଲଜ୍, ସାଇଟ୍ ସିଙ୍ଗ୍ ପ୍ଲାଟ୍‌ଫର୍ମ ଆଦି ଏହି ହୋଟେଲ୍‌ରେ ରହିଛି। ପ୍ରତିଦିନ ପ୍ରାୟ ସକାଳ ୬.୩୦ ପର୍ଯ୍ୟନ୍ତ ବଫେଟ୍ ରେଷ୍ଟୁରାଣ୍ଟରେ ବ୍ରେକ୍‌ଫାଷ୍ଟରେ ଚାଇନିଜ୍ ଡିସ୍ ଫ୍ରିରେ ମିଳିଥାଏ, ସେଥିପାଇଁ ଅଧିକାଂଶ ସମୟ ଏଠାରେ ଗହଳି ଦେଖାଯାଏ। ଲଞ୍ଚ ଏବଂ ଡିନର୍ ବି ଏଠାରେ ସବୁ ସମୟରେ ଉପଲବ୍ଧ।

➤ସବୁଠୁ ବିସ୍ମୟର କଥା ହେଉଛି, ହୋଟେଲ୍ ମଧ୍ୟରେ ଏକ ସୁନ୍ଦର ବଗିଚା ରହିଛି ଯେଉଁଠି ୧୫୦୦ ବର୍ଷ ପୂର୍ବର ଏକ ପାଇନ୍ ଗଛ ଏବେ ବି ରହିଛି। ଏହାର ଦୁଇଟି ବଡ଼ ଶାଖା ଅଛି, ଯାହାକୁ ଦେଖିଲେ ଲାଗେ, ଗେଷ୍ଟମାନଙ୍କୁ ଏହି ଡାଳ ଦୁଇଟି ହାତ ଠାରି ଡାକୁଛି। ଯେଉଁଠି ଲୋକମାନେ ଖାଇବା ଶେଷ କରି କିଛି ସମୟ ବିଶ୍ରାମ ନେଇ ଫେରିଥା'ନ୍ତି।



## ୟୁଥ୍ କ୍ଲବ୍

# ଅସହାୟଙ୍କୁ ସହାୟତା ମୂଳ ଲକ୍ଷ୍ୟ

ଅସହାୟଙ୍କୁ ସାହାଯ୍ୟ କରିବା ଓ ରୋଗୀଙ୍କୁ ରକ୍ତ ଅଭାବ ଦୂର କରିବା ତାଙ୍କର ମୂଳ ଲକ୍ଷ୍ୟ। ଯାହାକୁ ଆଧାର କରି ଆଜକୁ ଦୀର୍ଘ ୯ ବର୍ଷ ଧରି ବ୍ରହ୍ମପୁର ସହରର ଜୟ ଜଗନ୍ନାଥ ଗ୍ରୁପ ଓଡ଼ିଶା ବିଭିନ୍ନ ସ୍ୱେଚ୍ଛାସେବୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହାର ପ୍ରତିଷ୍ଠାତା ଶିବ ଶଙ୍କର ଦାଶ ପ୍ରଥମ କରି ୨୦୧୧ ମସିହାରେ ଲୋକଙ୍କୁ ସହାୟତା କାର୍ଯ୍ୟ ଆରମ୍ଭ କରିଥିଲେ। ସମୟକ୍ରମେ ସେ ରକ୍ତଦାନ ଶିବିର ଓ ପୁରୁଣା ବସ୍ତ୍ର ବଣ୍ଟନ ଭଳି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଧିରେ ଧିରେ ସମାଜରେ ଆର୍ଥିକ ଅନଗ୍ରସର ଓ ଅସହାୟ ଲୋକଙ୍କୁ ମଧ୍ୟ ସହାୟତା କରିବା ପାଇଁ ମନ ବଳାଇଥିଲେ। ଏହାପରେ ସେ ୨୦୧୪ ମସିହାରେ ଜୟ ଜଗନ୍ନାଥ ଗ୍ରୁପ ଓଡ଼ିଶା ପ୍ରତିଷ୍ଠା କରିଥିଲେ। ବର୍ତ୍ତମାନ ରାଜ୍ୟର ୧୪ଟି ଜିଲାରେ ଏହି ଗ୍ରୁପ ଦ୍ୱାରା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯାଉଥିବା ସେ କହିଛନ୍ତି। ଏଥିସହ ଆନ୍ଧ୍ରପ୍ରଦେଶ ସମେତ ଛତିଶଗଡ଼ରେ ମଧ୍ୟ ୨ଟି ଟିମ୍ ଓ ମୁମ୍ବାଇରେ କ୍ଲବ୍ ପକ୍ଷରୁ ସେବା କାର୍ଯ୍ୟ ଜାରି ରହିଛି। ଗ୍ରୁପ ପକ୍ଷରୁ ଖାଦ୍ୟ ବଣ୍ଟନ, ଶବ ସତ୍କାର, ରକ୍ତଦାନ, ରାସ୍ତା କଡ଼ରେ ଅସହାୟଙ୍କୁ ଖାଦ୍ୟ ବଣ୍ଟନ, ଦିବ୍ୟାଙ୍ଗ ଲୋକଙ୍କୁ ସହାୟତା ଓ କୋଭିଡ୍ ସହାୟତା ଭଳି କାର୍ଯ୍ୟ କରାଯାଇଛି। ଗ୍ରୁପ ପକ୍ଷରୁ ପ୍ରାୟ ୭ରୁ ୮ ଜଣ ଗରିବ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବହନ କରାଯାଉଛି। ଏଥିସହ ୫ରୁ ୬ ଜଣ ଅଭାବି ଝିଅଙ୍କ ବିବାହ କାର୍ଯ୍ୟ ମଧ୍ୟ କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ୪୦ରୁ ଉର୍ଦ୍ଧ୍ୱ ଶବ ସତ୍କାର ସହ ଅସହାୟଙ୍କୁ କୋଭିଡ୍ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି। ଦିବ୍ୟାଙ୍ଗ ଲୋକଙ୍କୁ ବ୍ୟବସାୟ ନିମନ୍ତେ ସହାୟତା ପ୍ରଦାନ କରୁଛନ୍ତି। ଗ୍ରୁପ ପକ୍ଷରୁ ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସା, ମାନସିକ ଅନଗ୍ରସର ରୋଗୀଙ୍କୁ ଚିକିତ୍ସା, କ୍ୟାନ୍‌ସର ଓ ଟ୍ୟୁମର ରୋଗୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯାଇ ସେମାନଙ୍କ ଉପଶମ ମଧ୍ୟ କରାଯାଉଛି। ଏପରିକି କୋଭିଡ୍ ମହାମାରୀ ସମୟରେ ଜାତୀୟ ରାଜପଥରେ ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ ବଣ୍ଟନ ମଧ୍ୟ କରାଯାଇଛି। ଅନ୍ୟପଟେ କୌଣସି ରୋଗୀଙ୍କୁ ଯେଭଳି ରକ୍ତ ଅଭାବ ନ ହୁଏ, ସେ ଉଦ୍ଦେଶ୍ୟରେ ଗ୍ରୁପ ପକ୍ଷରୁ ଜିଲାର ବିଭିନ୍ନ ପ୍ରାନ୍ତରେ ଶିବିର ମାଧ୍ୟମରେ ପ୍ରତି ମାସରେ ୨୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ ବୋଲି ପ୍ରତିଷ୍ଠାତା କହିଛନ୍ତି। ଆଗାମୀ ଦିନରେ ଶ୍ରୀମନ୍ଦିର ସେବାଶ୍ରମ ମାଧ୍ୟମରେ ଏକ ଆଶ୍ରମ ନିର୍ମାଣ କରି ସେଠାରେ ବୃଦ୍ଧ ଲୋକ, ଅନାଥ ଶିଶୁ, ମାନସିକ ଅନଗ୍ରସର, ପଶୁ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗ୍ରୁପ ପକ୍ଷରୁ କୁହାଯାଇଛି।

-ସ୍ମୃତି ରଞ୍ଜନ ମହାଲିକ୍





ଜୟ ଜଗନ୍ନାଥ ଗ୍ରୁପର ସଦସ୍ୟମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୬ ଫେବୃୟାରୀ, ୨୦୨୨ Bhubaneswar, Sunday, February 6/2022

## ଭାରତ ଖେଳିବ
# ୧,୦୦୦ତମ ଅନ୍ତର୍ଜାତୀୟ ଦିନିକିଆ

### ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ଆଜିଠାରୁ

**ଅହମଦାବାଦ, ୫।୨**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ମଧ୍ୟରେ ରବିବାରଠାରୁ ଆରମ୍ଭ ହେବ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ। ଭାରତର ଏହା ହେବ ୧,୦୦୦ତମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍। ୨୦୨୦ ଆରମ୍ଭରୁ ଅନ୍ତର୍ଜାତୀୟ ଦିନିକିଆରେ ଯଦି ଭାରତର ପ୍ରୋଗ୍ରେସ୍ ରିପୋର୍ଟ ଦେଖାଯାଏ ତେବେ ଇତିମଧ୍ୟରେ ଦଳ ୧୫ଟି ମ୍ୟାଚ ଖେଳି ସାରିଛି। ୫ଟିରେ ବିଜୟ ଲାଭ କରିଥିବା ବେଳେ ୧୦ଟିରେ ପରାଜୟ ବରଣ କରିଛି। ଅନ୍ୟପଟେ ଦେଖିଲେ ଭାରତ ଦୁଇବର୍ଷ ମଧ୍ୟରେ ଯଥେଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଖେଳିନାହିଁ। ଫଳରେ ଦଳ ପାଇଁ ଉପଯୁକ୍ତ କମ୍ବିନେଶନ ତିଆରି କରାଯାଇପାରିନାହିଁ। ଏହିସବୁ ଦୃଷ୍ଟିରୁ ନୂଆ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ଗୁରୁତ୍ୱ ବହନ କରୁଛି। ଏହି ସିରିଜ ସହ ଭାରତ ୨୦୨୩ ବିଶ୍ୱକପ୍ ପାଇଁ ଏହାର ପ୍ରସ୍ତୁତି ଆରମ୍ଭ କରିବ। ୨୦୧୫ ଓ ୨୦୧୯ରେ ଟ୍ରଫି ଜିତିବାରେ ସଫଳ ହୋଇ ନ ଥିବାରୁ ଭାରତକୁ ଏହାର ରଣକୌଶଳ ବଦଳାଇବା ଜରୁରୀ ହୋଇପଡ଼ିଛି। ଦଳର ଦୋଷଦୁର୍ବଳତା ବିଶେଷ କରି ମିଡଲ ଅର୍ଡରକୁ ସଜାଡ଼ିବା ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡଙ୍କ ମୁଖ୍ୟ କାର୍ଯ୍ୟ ହେବ। ରବିବାର ମ୍ୟାଚରେ ପ୍ରଥମତଃ ହ୍ୱାଇଟ୍ ବଲ ବିଶାରଦ ରୋହିତଙ୍କୁ ଦଳ ପାଇଁ ଉତ୍ସାହଜନକ ଆରମ୍ଭ ଦେବାକୁ ପଡ଼ିବ। ପ୍ରଥମ ମ୍ୟାଚ ପାଇଁ କେ.ଏଲ୍. ରାହୁଲ ଉପଲବ୍ଧ ହେବେ ନାହିଁ। କୋଭିଡ୍ ଟେଷ୍ଟରେ ପଜିଟିଭ ଯୋଗୁ ଅନ୍ୟ ଦୁଇଜଣ ଓପନର ଶିଖର ଧାୱନ ଓ ଋତୁରାଜ ଗାଏକ୍ୱାଡ ମଧ୍ୟ ଖେଳିବେ ନାହିଁ। ରୋହିତଙ୍କ ସହ ଇଶାନ କିଶାନ ବ୍ୟାଟିଂ ଓପନ କରିବେ। ଦଳରେ ସାମିଲ କରାଯାଇଥିବା ଅନ୍ୟତମ ବିକଳ୍ପ ମୟଙ୍କ ଅଗ୍ରୱାଲଙ୍କ କ୍ୱାରେଣ୍ଟାଇନ ପରିୟଡ଼ ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ। ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ସମସ୍ତ ୩ଥର ଭାରତର ମିଡଲ ଅର୍ଡରର ବିପର୍ଯ୍ୟୟ ପରିଲକ୍ଷିତ ହୋଇଥିଲା। ସିରିଜ ପାଇଁ ଶ୍ରେୟାସ ଆୟାର ଉପଲବ୍ଧ ନ ଥିବାରୁ ଆକ୍ରମଣାତ୍ମକ ଖେଳାଳି ସୂର୍ଯ୍ୟକୁମାର ଯାଦବ ଓ ଦୀପକ ହୁଦାଙ୍କ ଲାଗି ସୁଯୋଗ ରହିଛି। ହୁଦା ନିକଟରେ ବିଜୟ ହଜାରେ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ବିରାଟ କୋହଲିଙ୍କ ପ୍ରଦର୍ଶନ ଉପରେ ଅନେକ କିଛି ନିର୍ଭର କରୁଛି। ଦକ୍ଷିଣ ଆଫ୍ରିକାରେ ଭାରତ ମିଡ୍ଲ ଅର୍ଡର ସହ ଅଭ୍ୟସ୍ତ ନ ଥିବା ଭେଙ୍କଟେଶ ଆୟାରଙ୍କୁ ପରୀକ୍ଷାମୂଳକ ଭାବେ ଖେଳାଇଥିଲା। ମାତ୍ର ତାହା ବୃଥା ପରିଲକ୍ଷିତ ହୋଇଥିଲା। ବୋଲିଂରେ ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଅନ୍ତର୍ଜାତୀୟ ଦିନିକିଆ ଦଳକୁ ଫେରିଛନ୍ତି। ସମ୍ଭବତଃ ତାଙ୍କ ପୁରୁଣା ପାର୍ଟନର ଯୁଜବେନ୍ଦ୍ର ଚହଲଙ୍କ ସହ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ଟିମ୍ ମ୍ୟାନେଜମେଣ୍ଟ ଗୁଗ୍ଲି ବୋଲର ରବି ବିଷ୍ଣୋଇଙ୍କୁ ଦଳରେ ସାମିଲ କରିଛି। ପ୍ରମୁଖ ବୋଲର ଯଶପ୍ରୀତ ବୁମ୍ରା ଓ ମହମଦ ଶାମିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ତାଙ୍କ ସ୍ଥାନରେ ଶାର୍ଦ୍ଦୂଳ ଠାକୁର ଭାରତୀୟ ବୋଲିଂ ଆକ୍ରମଣର ନେତୃତ୍ୱ ନେବେ ବୋଲି ଆଶା କରାଯାଉଛି। ମହମ୍ମଦ ସିରାଜ, ଦୀପକ ଚହର, ପ୍ରସିଦ୍ଧ କ୍ରିଷ୍ଣା ଓ ଆଭେସ ଖାଁଙ୍କ ଭଳି ଯୁବ ବୋଲରଙ୍କୁ ଏହି ମ୍ୟାଚରେ ସୁଯୋଗ ମିଳିପାରେ। ଅନ୍ୟପକ୍ଷରେ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ବିଜୟ ଲାଭ କରିଥିବାରୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳର ନୈତିକ ମନୋବଳ ଉଚ୍ଚା ରହିଛି। ତେବେ ଏହା ଏକ ଭିନ୍ନ ଫର୍ମାଟ। ଦଳରେ ପାୱାର ହିଟର ନିକୋଲାସ ପୁରାନଙ୍କ ଭଳି ଖେଳାଳି ଅଛନ୍ତି। ଖେଳର ଗତିପଥ ବଦଳାଇ ଦେବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଛି।




ଅଭ୍ୟାସ ଅବସରରେ ୱେଷ୍ଟଇଣ୍ଡିଜ୍ ଅଧିନାୟକ କିରନ ପୋଲାର୍ଡ ଏବଂ ଭାରତ ଅଧିନାୟକ ରୋହିତ ଶର୍ମା।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), କେ.ଏଲ. ରାହୁଲ (ଉପ ଅଧିନାୟକ), ମୟଙ୍କ ଅଗ୍ରୱାଲ, ଋତୁରାଜ ଗାଏକ୍ୱାଡ, ଶିଖର ଧାୱନ, ବିରାଟ କୋହଲି, ସୂର୍ଯ୍ୟ କୁମାର ଯାଦବ, ଶ୍ରେୟାସ ଆୟାର, ଇଶାନ କିଶାନ (ଉଇକେଟକିପର), ଦୀପକ ହୁଦା, ଶାହରୁଖ୍ ଖାଁ, ରିଷଭ ପନ୍ତ (ଉଇକେଟକିପର), ଦୀପକ ଚହର, ଶାର୍ଦ୍ଦୂଳ ଠାକୁର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ମହମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆଭେଶ ଖାନ୍।

**ୱେଷ୍ଟଇଣ୍ଡିଜ ଦଳ:** କିରନ ପୋଲାର୍ଡ (ଅଧିନାୟକ), ଫାବିଏନ ଆଲେନ, ଏନ୍‌କ୍ରୁମା ବୋନର, ଡାରେନ ବ୍ରାଭୋ, ଶାମରା ବ୍ରୁକ୍ସ, ଜାନ ହୋଲ୍ଡର, ଶାଇ ହୋପ୍, ଅକିଲ ହୋସେନ, ଅଲଜାରି ଯୋଶେଫ, ବ୍ରାଣ୍ଡନ କିଙ୍ଗ୍, ନିକୋଲାସ ପୁରାନ୍, କେମର ରୋଚ୍, ରୋମାରିଓ ସେପାର୍ଡ, ଓଡିନ୍ ସ୍ମିଥ୍, ହେଡେନ ୱାଲ୍ସ ଜୁନିୟର।

**ମ୍ୟାଚ ଆରମ୍ଭ: ଅପରାହ୍ନ ୧ଟା ୩୦**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**

## ନ୍ୟାଶନାଲ ସିଲେକ୍ସନ ଟ୍ରାଏଲ୍ ୯ରୁ

**ନୂଆଦିଲ୍ଲୀ, ୫।୨(ପି.ଟି.)**

ଆଥ୍‌ଲେଟିକ୍ସଙ୍କ ପାଇଁ ନ୍ୟାଶନାଲ ସିଲେକ୍ସନ ଟ୍ରାଏଲ ଫେବୃୟାରୀ ୯ରୁ ଆରମ୍ଭ ହେବ। ଆଥ୍‌ଲେଟିକ୍ସର ୮ଟି ବିଭାଗରେ ଏହା ଦୁଇ ଦିନ ଧରି ଦେଶର ୮ଟି ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ହେବ ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ୧୬ରୁ ୨୧ ବର୍ଷ ବୟସ ବର୍ଗରେ ଓପନ ସିଲେକ୍ସନ ଟ୍ରାଏଲ ହେବ। ଭୋପାଳସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଫେବୃୟାରୀ ୧୭ ଓ ୧୮ରେ ମିଡଲ ଡିଷ୍ଟାନ୍ସ ସିଲେକ୍ସନ ଟ୍ରାଏଲ ହେବ। ସେହିପରି ପଟିଆଲା (ଫେବୃୟାରୀ ୧୪ ଓ ୧୫ରେ ସ୍ପ୍ରିଣ୍ଟ, ହୋରିଜୋଣ୍ଟୋଲ ଜମ୍ପ, ଥ୍ରୋ ଓ କମ୍ବାଇନ୍‌ଡ ଇଭେଣ୍ଟ), ସୋନେପତ (ଫେବୃୟାରୀ ୧୭ ଓ ୧୮ରେ ସ୍ପ୍ରିଣ୍ଟ, ଥ୍ରୋ, ହୋରିଜୋଣ୍ଟାଲ ଜମ୍ପ ଓ କମ୍ବାଇନ୍‌ଡ ଇଭେଣ୍ଟ), ତ୍ରିଭେନ୍ଦ୍ରମ (ଫେବୃୟାରୀ ୧୪ ଓ ୧୫ରେ ସ୍ପ୍ରିଣ୍ଟ, ଜମ୍ପ, ମିଡଲ ଡିଷ୍ଟାନ୍ସ), ବାଙ୍ଗାଲୋର (ଫେବୃୟାରୀ ୧୭-୧୮ରେ ସ୍ପ୍ରିଣ୍ଟ ଜମ୍ପ, ମିଡ୍ଲ ଡିଷ୍ଟାନ୍ସ ଓ ରେସ୍ ୱାକ୍), ଲକ୍ଷ୍ନୌ (ଫେବୃୟାରୀ ୯-୧୦ରେ ମିଡ୍ଲ ଡିଷ୍ଟାନ୍ସ, ଲଙ୍ଗ ଡିଷ୍ଟାନ୍ସ), ଇମ୍ଫାଲ (ଫେବୃୟାରୀ ୧୪-୧୫ରେ ଲଙ୍ଗ ଡିଷ୍ଟାନ୍ସ ଓ ୱାକ୍) ଏବଂ କୋଲକାତା (ଫେବୃୟାରୀ ୧୭-୧୮ରେ ସ୍ପ୍ରିଣ୍ଟ ଓ କମ୍ବାଇନ୍‌ଡ ଇଭେଣ୍ଟ)ରେ ସିଲେକ୍ସନ ଟ୍ରାଏଲ ହେବ।

## ୪୫ ନୂଆ କରୋନା ପଜିଟିଭ ଚିହ୍ନଟ

### ବେଜିଂ ୱିଣ୍ଟର ଅଲିମ୍ପିକ୍ସ

**ବେଜିଂ, ୫।୨(ଏପି)**

ବେଜିଂ ୱିଣ୍ଟର ଅଲିମ୍ପିକ୍ସ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ନୂଆ ୪୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବେଜିଂ ବିମାନ ବନ୍ଦରରେ ଦୈନିକ ଆର୍‌ଟିପିସିଆର୍ ଟେଷ୍ଟ ହେଉଛି। ରିପୋର୍ଟ ଅନୁସାରେ ୨୫ ଆଥ୍‌ଲେଟ ଓ ଅଫିସିଆଲ ଏବଂ ଅନ୍ୟ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଏହି ୨୦ଜଣଙ୍କ ମଧ୍ୟରେ ଗେମ୍ସ ସହିତ ସମ୍ପୃକ୍ତ ଓ ଗଣମାଧ୍ୟମ କର୍ମଚାରୀ ରହିଛନ୍ତି। ୱିଣ୍ଟର ଅଲିମ୍ପିକ୍ସ ପାଇଁ ଜାନୁୟାରୀ ୨୩ରୁ ଇତିମଧ୍ୟରେ ବିଦେଶରୁ ୧୨,୦୦୦ରୁ ଊର୍ଦ୍ଧ୍ୱ ଲୋକ ଚାଇନାରେ ପହଞ୍ଚି ସାରିଲେଣି। ସେମାନଙ୍କ ମଧ୍ୟରେ ୩୫୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି।




# ଭାରତକୁ ୫ମ ଟାଇଟଲ

### ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍

**ଆଣ୍ଟିଗୁଆ, ୫।୨**

ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଶନିବାର ଫାଇନାଲରେ ଇଂଲଣ୍ଡକୁ ୪ ଉଇକେଟରେ ପରାସ୍ତ କରି ଭାରତ ୫ମ ଥର ପାଇଁ ଆଇସିସି ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ହୋଇଛି। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୧୯୦ରନ ବିଜୟ ଲକ୍ଷ୍ୟ ପିଛା କରୁଥିବା ଭାରତ ଆରମ୍ଭରୁ ଝଟ୍‌କା ଖାଇଥିଲା। ଓପନର ଅଙ୍ଗକ୍ରିଶ ରଘୁବଂଶୀ ବିନା କୌଣସି ରନରେ ଜୋସୁଆ ବୟଡେନଙ୍କ ବଲ୍‌ରେ ଆଲେକ୍ସ ହର୍ଟନଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଏହାପରେ ଭାରତ ସତର୍କତାର ସହ ବ୍ୟାଟିଂ କରିଥିଲା। ଶେଖ ରଶିଦ ୫୦ ରନ କରି ଆଉଟ ହୋଇଯାଇଥିଲେ। ତେବେ ୫ ଉଇକେଟରେ ନିଶାନ୍ତ ସିନ୍ଧୁ (୫୦*)ଓ ରାଜ୍ ବାୱା (୩୫) ଚମତ୍କାର ବ୍ୟାଟିଂ କରି ୬୭ରନ ଯୋଗ କରି ବିଜୟ ପଥ ସୁଗମ କରିଥିଲେ। ଭାରତ ୪୭.୪ ଓଭରରେ ୬ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସିନ୍ଧୁଙ୍କ ସହ ଉଇକେଟକିପର ଦୀନେଶ ବାନା ୧୩ ରନ କରି ଅପରାଜିତ ରହିଥିଲେ।



୫ ଉଇକେଟ୍ ସଫଳତା ହାସଲ କରିଥିବା ରାଜ୍ ବାୱା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଏକଦା ମାତ୍ର ୯୧ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଜେମ୍ସ ର୍‌ୟୁ (୧୧୬ବଲ, ୧୨ ଚୌକା, ୯୫ ରନ) ଓ ଜେମ୍ସ ସେଲ୍ସ(୩୪*) ୮ମ ଉଇକେଟରେ ୯୩ ରନ ଯୋଗ କରିବାରୁ ଦଳ ସମସ୍ତ ଉଇକେଟ ହରାଇ ଏକ ସମ୍ମାନଜନକ ସ୍କୋର ୧୮୯ରନ କରିପାରିଥିଲା। ଭାରତର ସଫଳ ବୋଲର ରାଜ୍ ବାୱା ୫ ଓ ରବି କୁମାର ୪ ଉଇକେଟ ଅକ୍ତିଆର କରିଥିଲେ।

ବାୱା ଇଂଲଣ୍ଡ ମିଡଲ ଅର୍ଡରର ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ ଓପନର ଜର୍ଜ ଥୋମାସ (୨୭ରନ)ଙ୍କ ସହ ୱିଲିୟମ ଲକ୍ସଟନ (୪), ଜର୍ଜ ବେଲ୍ (୦), ରେହାନ ଅହମଦ (୧୦) ଓ ଶେଷ ବ୍ୟାଟ୍ସମ୍ୟାନ ଜୋସୁଆ ବଏଡେନ (୧)ଙ୍କ ଉଇକେଟର ପତନ ଘଟାଇଥିଲେ। ସେହିପରି ରବି କୁମାର ଅନ୍ୟତମ ଓପନର ଜାକବ ବେଥେଲ (୨), ଅଧିନାୟକ ଟମ୍ ପ୍ରେଷ୍ଟ (୦), ଟପ୍ ସ୍କୋରର ଜେମ୍ସ ର୍‌ୟୁ ଓ ଥୋମାସ ଆସ୍ପିନେଲ (୦)ଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ଇନିଂସ:** ୪୪.୫ ଓଭରରେ ୧୮୯/ଅଲଆଉଟ (ଜେମ୍ସ ର୍‌ୟୁ-୯୫, ଜେମ୍ସ ସେଲ୍ସ-୩୪*; ରାଜ୍ ବାୱା-୫/୩୧, ରବି କୁମାର-୪/୩୪)।

**ଭାରତ ଇନିଂସ:** ୪୭.୪ ଓଭରରେ ୧୯୫/୬ (ଶେକ୍ ରଶିଦ- ୫୦, ନିଶାନ୍ତ ସିନ୍ଧୁ ୫୦*; ଜୋସୁଆ ବୟଡେନ୍-୨/୨୪, ଥୋମାସ ଅସ୍ପିନୱାଲ-୨/୪୨)।

# ଅଷ୍ଟ୍ରେଲିଆ କୋଚ୍ ପଦରୁ ଜଷ୍ଟିନ ଲାଙ୍ଗରଙ୍କ ଇସ୍ତଫା

**ମେଲବୋର୍ନ, ୫।୨(ଏପି)**

ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦବୀରୁ ଜଷ୍ଟିନ ଲାଙ୍ଗର ଇସ୍ତଫା ଦେଇଛନ୍ତି। ଲାଙ୍ଗରଙ୍କ କଠୋର କୋଚିଂ ଷ୍ଟାଇଲ ବିରୋଧରେ ସିନିୟର ଖେଳାଳିମାନେ ଅଭିଯୋଗ କରିଆସୁଥିଲେ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ବୋର୍ଡ ଅଫ୍ ଡିରେକ୍ଟର୍ସ ସହିତ ସେ ସାଲିସ କରୁ ନ ଥିଲେ। ଲାଙ୍ଗରଙ୍କ ମ୍ୟାନେଜମେଣ୍ଟ କମ୍ପାନୀ ଡିଏସ୍‌ଇଜି ତରଫରୁ ଏକ ବିବୃତି ଜରିଆରେ ତାଙ୍କ ଇସ୍ତଫା ସମ୍ପର୍କରେ ଘୋଷଣା କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ କ୍ରିକେଟ ଅଷ୍ଟ୍ରେଲିଆ ସହ ଏକ ବୈଠକ ପରେ ସେ ଇସ୍ତଫା ଦେଇଛନ୍ତି। ୫୧ ବର୍ଷୀୟ ଲାଙ୍ଗର ବିମାନ ଯୋଗେ ନିଜ ଜନ୍ମ ସହର ପର୍ଥ ପଳାଇଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି ଲାଙ୍ଗରଙ୍କ ଚୁକ୍ତି ମିଆଦକୁ ସ୍ୱଳ୍ପକାଳୀନ ବୃଦ୍ଧି ପାଇଁ ଏକ ଅଫର ଦିଆଯାଇଥିଲା। ମାତ୍ର ଦୁଃଖର ବିଷୟ ଏହାକୁ ସେ ଗ୍ରହଣ କଲେନି। ଲାଙ୍ଗରଙ୍କ ସ୍ଥାନରେ ସହକାରୀ କୋଚ୍ ଆଣ୍ଡ୍ରୟୁ ମ୍ୟାକ୍‌ଡୋନାଲ୍ଡଙ୍କୁ କାମଚଳା କୋଚ୍ ଭାବେ ନିଯୁକ୍ତି ଦିଆଯାଇଛି। ଲାଙ୍ଗରଙ୍କର ଜଣେ ଘନିଷ୍ଠ ବନ୍ଧୁ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ତାଙ୍କର ଏକ ସାକ୍ଷାତ୍‌କାରରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ଅଷ୍ଟ୍ରେଲିଆ କ୍ରିକେଟ ପାଇଁ ଏହା ଏକ ଖରାପ ଦିନ ବୋଲି କହିଛନ୍ତି। ଲାଙ୍ଗରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଷ୍ଟ୍ରେଲିଆ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଟି୨୦ ବିଶ୍ୱକପ୍ ଜିତିଥିଲା। ଦଳ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷ ଆଶେସ ସିରିଜ ୪-୦ରେ ଜିତି ପାରିଛି।



ଜଷ୍ଟିନ ଲାଙ୍ଗର

ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆର ସିନିୟର ଖେଳାଳିମାନେ ବହୁଦିନ ହେଲା ଲାଙ୍ଗରଙ୍କ କଠିନ କୋଚିଂ ଶୈଳୀ ବିରୋଧରେ କ୍ରିକେଟ ଅଷ୍ଟ୍ରେଲିଆର କାର୍ଯ୍ୟନିର୍ବାହୀମାନଙ୍କ ଆଗରେ ଅଭିଯୋଗ କରିଆସୁଥିଲେ। ଅଧିନାୟକ ପ୍ୟାଟ କୁମିନ୍ସ ରେଡିଓକୁ ଦେଇଥିବା ତାଙ୍କର ଏକ ସାକ୍ଷାତ୍‌କାରରେ ଲାଙ୍ଗରଙ୍କ କାର୍ଯ୍ୟଶୈଳୀର ମୂଲ୍ୟାୟନ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟପକ୍ଷରେ ଜାତୀୟ ଖେଳାଳିମାନେ ସର୍ବସାଧାରଣରେ ଲାଙ୍ଗରଙ୍କୁ ସମର୍ଥନ କରି ନ ଥିବାରୁ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ମାଥ୍ୟୁ ହେଡେନ ଓ ମିଚେଲ ଜନସନ ତାହାର ନିନ୍ଦା କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୬ ଫେବୃୟାରୀ, ୨୦୨୨



## ଆଜି କ'ଣ କେଉଁଠି

କଟକ

- କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ବଜେଟକୁ ନେଇ ସମ୍ମିଳନୀ, ଶାରଳା ଭବନ, ଅପରାହ୍ଣ ୪ଟା।

## ପଞ୍ଚାୟତ ନିର୍ବାଚନ: ମଡେଲ, ପିଙ୍କ୍ ବୁଥ୍ ପାଇଁ ସୁପାରିସ

କଟକ ସଦର, ୫।୨ (ଡି.ଏନ୍.ଏ.)- ଆସନ୍ତା ୧୬ ତାରିଖରେ କଟକ ସଦର ବ୍ଲକ ଅନ୍ତର୍ଗତ ୩୮୩ଟି ବୁଥରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରୁ ୨ଟି ବୁଥ୍‌କୁ ମଡେଲ ଓ ପିଙ୍କ୍ ବୁଥ୍ ଘୋଷଣା ପାଇଁ କଟକ ସଦର ବ୍ଲକ ପ୍ରଶାସନ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ସୁପାରିସ କରିଛି। ନିମେଇଶାପୁର ପଞ୍ଚାୟତର ୫ ନଂ. ୱାର୍ଡରେ ମଡେଲ ବୁଥ୍ କରାଯିବ। ସେଠାରେ କୋଭିଡ୍ ନିୟମ ପାଳନ ସହ ବୁଥ୍‌କୁ ସୌନ୍ଦର୍ଯ୍ୟକରଣ କରାଯିବ। ଏହାଛଡା ସେହି ପଞ୍ଚାୟତର ୪ ନଂ. ୱାର୍ଡରେ ପିଙ୍କ୍ ବୁଥ୍ କରାଯିବ। ସେହି ବୁଥ୍‌ର ସମସ୍ତ ଷ୍ଟାଫ ମହିଳା ରହିବେ। ରାଜ୍ୟ ନିର୍ବାଚନ ଆୟୋଗଙ୍କ ସହମତି ମିଳିବା ପରେ ବୁଥ୍‌ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଏହି ୨ଟି ଯାକ ବୁଥ ବିରିବାଟି ପ୍ରାଥମିକ ବିଦ୍ୟାଳୟରେ ଖୋଲିବ।

## ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

କଣ୍ଟାପଡା, ୫।୨ (ଡି.ଏନ୍.ଏ.)- ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହୋଇଥିବା ଜଣେ ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାପଡା ଗୁରୁସାହିର ବ୍ରଜକିଶୋର ଜଟ(୪୦)। ଗତ ଜାନୁୟାରୀ ୨୦ ତାରିଖ ରାତିରେ ବ୍ରଜକିଶୋର କଟକ ସଦର ଥାନା ଅନ୍ତର୍ଗତ ଗବବସ୍ତ ଗ୍ରାମକୁ ବାଇକ୍‌ରେ ଭୋଜି ଖାଇବାକୁ ଯାଉଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥାରେ ସୁଧାର ନ ଆସିବାରୁ ୪ଦିନ ତଳେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଓଲଟପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୨/୨୨) ରୁଜୁ କରିଛି।

## ପୁସ୍ତକ ଉନ୍ମୋଚିତ



ଚୌଦ୍ୱାର,୫।୨(ଡି.ଏନ୍.ଏ): ସ୍ୱାସ୍ଥ୍ୟ ସମସ୍ୟା ଓ ହୋମିଓପ୍ୟାଥିକ୍ ଚିକିତ୍ସା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ଲକ୍ଷ୍ୟରେ ଓଡ଼ିଆ ଭାଷାରେ ପ୍ରକାଶିତ ପୁସ୍ତକ 'ସ୍ୱାସ୍ଥ୍ୟ ସମସ୍ୟା ଓ ହୋମିଓପ୍ୟାଥିକ୍ ସମାଧାନ' ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ କଳାପ୍ରକାଶିନୀ କ୍ଲବ୍‌ରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ ରାଓ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡା. ବିଚିତ୍ରାନନ୍ଦ ସ୍ୱାଇଁଙ୍କ ଦ୍ୱାରା ରଚିତ ଏହି ପୁସ୍ତକ ଉନ୍ମୋଚନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷାବିତ୍ ସଦାନନ୍ଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟନାରାୟଣ ନାୟକ, କେଶବ ଚନ୍ଦ୍ର ଖୁଣ୍ଟିଆ ଓ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷେତ୍ରବାସୀ ସାହୁ ସ୍ୱାଗତ ଭାଷଣ, କବି ପଞ୍ଚାନନ ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ରବୀନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ୟୁନାଇଟେଡ୍ କପ୍ କ୍ରିକେଟ: ସେମିରେ ଭିଙ୍ଗାରପୁର

କଣ୍ଟାପଡା,୫।୨(ଡି.ଏନ୍.ଏ.)- ନାରାୟଣୀ ୟୁଥ୍ କ୍ଲବ ବାଇରୋଇ ପକ୍ଷରୁ ସ୍ଥାନୀୟ କେଳାପଡିଆରେ ୟୁନାଇଟେଡ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ସୁନ୍ଦରଗ୍ରାମ କ୍ରିକେଟ କ୍ଲବ୍‌କୁ ୨ ଉଇକେଟରେ ହରାଇ ଭିଙ୍ଗାରପୁର କ୍ରିକେଟ କ୍ଲବ୍ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସୁନ୍ଦରଗ୍ରାମ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା। ଜବାବରେ ଭିଙ୍ଗାରପୁର ଟିମ୍ ୧୯.୨ ଓଭରରେ ୮ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅନିଲ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ଶେଷଦେବ ସ୍ୱାଇଁ ଓ ରାମଚନ୍ଦ୍ର ଓଝା କ୍ରୀଡା ପରିଚାଳନା କରିଥିଲେ।

# ପୂର୍ଣ୍ଣାଙ୍ଗ ହୋଇନି ଆଦର୍ଶ ବିଦ୍ୟାଳୟ କାମ

ନିଶ୍ଚିନ୍ତକୋଇଲି,୫।୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ କୁଲଗାଁଇଶାଳୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଅବଧି ମଧ୍ୟରେ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅବଧି ଶେଷ ହେବା ନେଇ ଆଉ ଦିନ କେଇଟା ବାକି ରହିଥିବାବେଳେ ଠିକାଦାରଙ୍କ ମନମୁଖି କାମ ଯୋଗୁ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହିବିଦ୍ୟାଳୟ ସ୍ଥାପନ ନିମନ୍ତେ ସରକାର ୩ କୋଟି ୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ପଞ୍ଚାୟିତରାଜ ମନ୍ତ୍ରୀ ପ୍ରତାପ ଜେନା ୨୦୨୦ ନଭେମ୍ବର ୧୩ରେ ଏହି କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ୨୦୨୨ ଫେବୃୟାରୀ ଶେଷ ସୁଦ୍ଧା କାମ ସରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।



ନିର୍ମାଣାଧୀନ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ।

ଇତିମଧ୍ୟରେ ବର୍ଷେ ପରେ ବିତିଯାଇଥିଲେ ମଧ୍ୟ କେବଳ ବିଦ୍ୟାଳୟ ଗୃହର ଛାତ ପଡ଼ି ରହିଛି। ଅପରପକ୍ଷେ ଗୃହ ନିର୍ମାଣରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ସ୍ଥାନୀୟ ଲୋକେ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଆସନ୍ତା ଶିକ୍ଷାବର୍ଷରେ ଏହି ବିଦ୍ୟାଳୟରେ ନାମ ଲେଖାଯିବା ନିମନ୍ତେ ଘୋଷଣା କରାଯାଇଥିବାବେଳେ ଛାତ୍ରୀଛାତ୍ରମାନେ କେଉଁଠି ଅଧ୍ୟୟନ କରିବେ ସେନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଊର୍ମୀ ପ୍ରିୟଦର୍ଶିନୀ ଦାସ କହିଛନ୍ତି, ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଲିଖିତ ଅଭିଯୋଗ ଆସିଲେ ତଦନ୍ତ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

**ନିର୍ମାଣ ଅବଧି ସରିବାକୁ ଅଳ୍ପ ଦିନ ବାକି**

- ୨୦୨୦ ନଭେମ୍ବର ୧୩ରେ ଶିଳାନ୍ୟାସ
- ୩ କୋଟି ୩୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା



କଟକ ମିଶନରୋଡ୍ ପାର୍ଶ୍ୱରେ ଜଣେ ବ୍ୟବସାୟୀ ବିକ୍ରି ପାଇଁ ଟୋପିଗୁଡିକ ସଜାଇ ରଖୁଛନ୍ତି।

# ବୟନଶିଳ୍ପରୁ ରୋଜଗାର ସୃଷ୍ଟି ହେବ

ବାଙ୍କୀ,୫।୨(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବୟନଶିଳ୍ପ ସମ୍ବନ୍ଧରେ ଚାଲୁଥିବା ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏକ ଭର୍ଚୁଆଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଡ.ସନ୍ଧ୍ୟାରାଣୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ନିବେଦିତା ପତ୍ରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୟନଶିଳ୍ପକୁ କୁଟୀର ଶିଳ୍ପ ଭାବେ ଗ୍ରହଣ କରାଗଲେ ରୋଜଗାର ସୃଷ୍ଟି ହୋଇପାରିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ମହାରାଜା ସିୟାଜାରୋ ବିଶ୍ୱବିଦ୍ୟାଳୟ ବରୋଦା ବୟନଶିଳ୍ପ ଓ କନା ଶିଳ୍ପ ବିଭାଗର ସହକାରୀ ପ୍ରଫେସର ଡ. ହେମଲତା ନିଖିଲ ରାଭେଲ ଯୋଗଦେଇ ବୟନଶିଳ୍ପ ଓ ଲୁଗାରେ ବିଭିନ୍ନ ପ୍ରକାରର ରଙ୍ଗ ସହ କାରୁକାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବୟନଶିଳ୍ପକୁ ଅଧିକ ଗତିଶୀଳ କରାଗଲେ ଭାରତ ଲୁଗା ଓ କନା ବିଦେଶକୁ ରପ୍ତାନି କରି ଅର୍ଥ ରୋଜଗାର କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ସୁମାଲିନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

କଟକ ଅଫିସ/କଣ୍ଟାପଡା, ୫।୨ (ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନକୁ ଅବାଧ ଓ ଶାନ୍ତିଶୃଙ୍ଖଳାରେ କରାଇବା ପାଇଁ ଜଗତ୍‌ପୁରରେ ପୋଲିସ ପକ୍ଷରୁ ଶନିବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ୍‌ମାର୍ଚ୍ଚ ଗୁଜରପୁରଠାରୁ ବାହାରି ପିରବଜାର ଦେଇ ସୁଜାପୁର ଗ୍ରାମରେ ପହଞ୍ଚିଥିଲା। କଟକ ଜୋନ୍-୧ ଏସିପି ଶୁଭନାରାୟଣ ମୁଦୁଲି, ଆଡିସନାଲ ଡିସିପି ଅନିଲ ମିଶ୍ର, ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେରଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଓ ୩୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ସେହିପରି ଓଲଟପୁର ପୋଲିସ ପକ୍ଷରୁ ୩ଟି ପଞ୍ଚାୟତରେ ଶନିବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। କଟକ ସଦର ଉପଖଣ୍ଡ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଓଲଟପୁର ଥାନା ଆଇଆଇସି ବିଜୟା ସାହୁ, ଏଏସ୍‌ଆଇ ଦିଗମ୍ବର ମୁଦୁଲି, ନୃସିଂହ ଜଗତି, ଗୋବିନ୍ଦପୁର ଥାନା ଏସ୍‌ଆଇ ରଶ୍ମିତା ନାୟକଙ୍କ ସମେତ ୧ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ସୁନ୍ଦରଗ୍ରାମ, କଣ୍ଟାପଡା ବ୍ଲକ ଛକ ଓ ଅଡଶପୁର ବଜାରରେ ଫ୍ଲାଗମାର୍ଚ୍ଚ କରିଥିଲା। ଏଥିସହ ଆଗାମୀ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ସେମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ।



ଜଗତପୁର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

## ରାଜ୍ୟର ସମସ୍ତ ସ୍ୱଚ୍ଛ ସାଥୀ ଓ ଜଳ ସାଥୀଙ୍କର ପାରିଶ୍ରମିକ ବୃଦ୍ଧି ପାଇଁ ଉଦ୍ୟମ ହେବ

କଟକ ଅଫିସ, ୫।୨

କଟକ ଟାଉନ୍ ହଲ୍‌ରେ ସ୍ୱଚ୍ଛ ସାଥୀ ଓ ଜଳ ସାଥୀ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ନପୂର୍ଣ୍ଣା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଯୋଗଦେଇ କହିଥିଲେ, ଓଡ଼ିଶାର ସମସ୍ତ ସ୍ୱଚ୍ଛ ସାଥୀ ଓ ଜଳ ସାଥୀଙ୍କର ପାରିଶ୍ରମିକ ବୃଦ୍ଧି ସହ ଉପଯୁକ୍ତ ସମ୍ମାନ ମିଳିବା ଦିଗରେ ଚେଷ୍ଟା କରିବି। ବୈଠକରେ ସ୍ୱଚ୍ଛ ସାଥୀମାନଙ୍କର ଏକ କମିଟି ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଓଡ଼ିଶା ସ୍ୱଚ୍ଛ ସାଥୀ ମହାସଂଘ ଗଠନ କରାଯିବ ବୋଲି ଘୋଷଣା କରାଯାଇଛି। ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ, କଟକ ମହାନଗର ବିଜୁ ଜନତା ଦଳର ସଭାପତି ମଧୁସୂଦନ ସାହୁ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସମ୍ପାଦକ ରାଜୀବ ମହାନ୍ତି, ସୁଶ୍ରୀ ସଙ୍ଗୀତା ବେହେରା, ସଂଘମିତ୍ରା ମହାନ୍ତି, କାବେରୀ ବସ୍ତିଆ, ଲୋପାମୁଦ୍ରା ସିଂହ, ସବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ କବିତାକୁ ବିବିଧତାପୂର୍ଣ୍ଣ କରିବାରେ ମଧୁସୂଦନଙ୍କ ଭୂମିକା ଅସାଧାରଣ

କଟକ ଅଫିସ, ୫।୨

ଆଧୁନିକ ଓଡ଼ିଆ କବିତାକୁ ବିବିଧତାପୂର୍ଣ୍ଣ କରିବା କ୍ଷେତ୍ରରେ ଭକ୍ତକବି ମଧୁସୂଦନ ରାଓଙ୍କ ଅସାଧାରଣ ଭୂମିକା ଥିଲା କେବଳ କବିତା ରଚନା ନୁହେଁ ଛବିଳ ମଧୁ ବର୍ଣ୍ଣବୋଧ ରଚନା ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ ପରିଚିତ କରାଇଥିଲା ବୋଲି ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ କହିଥିଲେ। ଉତ୍କଳ ସାହିତ୍ୟ ସମାଜ ପରିସରରେ ଉକ୍ତ ଜୟନ୍ତୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ, ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି ଓ ଶିକ୍ଷାବିତ୍ ଗଜେନ୍ଦ୍ର ପାଣି ପ୍ରମୁଖ ଭକ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# 'ଭାଷା, ସାହିତ୍ୟ ସମୃଦ୍ଧ ହେଲେ ଜାତିର ପ୍ରଗତି ହେବ'



ଶିଶିର ସାହିତ୍ୟ ଆସରରେ ଅତିଥିଙ୍କ ସହ ଅନ୍ୟମାନେ।

ଚୌଦ୍ୱାର,୫।୨(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କପାଳେଶ୍ୱର ଶ୍ରୀସାଇ ବିହାରସ୍ଥିତ ରୋଟାରି ଭବନରେ ଶିଶିର ସାହିତ୍ୟ ଆସର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାର୍ଶନିକ ତଥା ପ୍ରଫେସର ନୀଳକଣ୍ଠ ରାଉତ ଓ କବି ଗୋବିନ୍ଦ ଲେଙ୍କା ଅତିଥି ଭାବେ ଯୋଗଦେଇ କହିଥିଲେ, ଭାଷା ଓ ସାହିତ୍ୟ ସମୃଦ୍ଧ ହେଲେ ଜାତିର ପ୍ରଗତି ସମ୍ଭବ ହେବ। ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ କବି ଲକ୍ଷ୍ମୀଧର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବ୍ୟଜ୍ୟୋତି ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀନିବାସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଉପସଭାପତି ପଞ୍ଚାନନ ବେହେରା କବିତା ଆସର ସଂଯୋଜନା କରିଥିଲେ। ଏହି ଅବସରରେ ଯୁବ ଗାଳ୍ପିକା ସ୍ଥିତପ୍ରଜ୍ଞା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାସ୍କର ପ୍ରସାଦ ମହାପାତ୍ର, ସରିତା ଦାସ, ବିନମ୍ର ପ୍ରସାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମାମୁ-ଭଣଜା, ସ୍ତ୍ରୀ-ସ୍ୱାମୀ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ

ନିଶ୍ଚିନ୍ତକୋଇଲି,୫।୨(ସ୍ୱ.ପ୍ର)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ଗାଁରେ ପ୍ରଚାର ଆରମ୍ଭ ହୋଇଯାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ବୁହାଲୋ ପଞ୍ଚାୟତରେ ନିର୍ବାଚନ ମଇଦାନରେ ସମ୍ପର୍କୀୟଙ୍କ ମଧ୍ୟରେ ଲଢ଼େଇ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏଠାରେ ସରପଞ୍ଚ ପଦବୀ ପାଇଁ ୬ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ମାମୁ-ଭଣଜା ଏବଂ ସ୍ତ୍ରୀ-ସ୍ୱାମୀ ମଧ୍ୟରେ ଲଢ଼େଇ ରୋଚକ ମୋଡ଼ ନେଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ସରପଞ୍ଚ ପଦ ପାଇଁ ନିର୍ବାଚନ ମଇଦାନରେ ଭୋଟ ଭିକ୍ଷା କରୁଥିବା ବେଳେ ତାଙ୍କ ଭଣଜା ପ୍ରଭାତ କୁମାର ମହାନ୍ତି ମଧ୍ୟ ନିର୍ବାଚନ ମଇଦାନରେ ମାମୁ ବିରୋଧରେ ଲଢେଇ କରୁଛନ୍ତି। ସେହିଭଳି ପୂର୍ବରୁ ବୁହାଲୋ ସରପଞ୍ଚରେ ଥାଇ ସୁଦ୍ଧା ଅନାସ୍ଥା ପ୍ରସ୍ତାବରେ ପଦ ହରାଇଥିବା ସରୋଜିନୀ ଦାସ ପ୍ରାର୍ଥୀ ହୋଇ ପ୍ରଚାର କରୁଥିବା ବେଳେ ସ୍ୱାମୀ କ୍ଷୀରୋଦ ଦାସ ମଧ୍ୟ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ମାମୁ ଭଣଜା ଭିତରେ ମୁହାଁମୁହିଁ ଲଢେଇ ହେଉଥିବା ବେଳେ ସ୍ୱାମୀ ଓ ସ୍ତ୍ରୀ ପୃଥକ ପୃଥକ ଭାବେ ନିଜ ପାଇଁ ଭୋଟ ପ୍ରଚାର କରୁଛନ୍ତି। ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀ ନିରଞ୍ଜନ ନାୟକ ଓ ସୁଜାଶିଷ ଦାଶ ନିର୍ବାଚନ ଚିହ୍ନ ପାଇବା ପରେ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି।

ବୁହାଲୋ ପଞ୍ଚାୟତ ୧୯୯୨ରେ ଗଠିତ ହୋଇଥିଲା। ଏହି ପଞ୍ଚାୟତରେ ୧୭ ୱାର୍ଡ ଓ ୫୦୮୮ ଭୋଟର ରହିଛନ୍ତି। ଏଠାରେ ସରପଞ୍ଚ ପଦ ଚଳିତ ଥର ଅଣସଂରକ୍ଷିତ ରହିଛି। ପ୍ରଥମ ସରପଞ୍ଚ ଭାବେ ରମାକାନ୍ତ ଏଠାରୁ ନିର୍ବାଚିତ ହୋଇଥିଲେ। ପୁନର୍ବାର ୨୦୧୦-୧୧ରେ ସରପଞ୍ଚ ପଦ ହାତେଇଥିଲେ। ୨୦୧୭ ନିର୍ବାଚନରେ ତାଙ୍କ ସ୍ତ୍ରୀ ସବିତା ମହାନ୍ତି ଏହି ପଞ୍ଚାୟତରୁ ସମିତି ସଭ୍ୟା ପଦବୀ ଜିତି ବ୍ଲକ ଉପାଧ୍ୟକ୍ଷା ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଉତ୍ତରକୂଳ ପଞ୍ଚାୟତରେ ୨ ଯାଆ ମଧ୍ୟରେ ସରପଞ୍ଚ ପଦବୀ ପାଇଁ ଲଢେଇ ହେଉଛି। ଏହି ପଞ୍ଚାୟତରେ ସୁବାସିନୀ ବେହେରା ଓ ତାଙ୍କ ଯାଆ ମଞ୍ଜୁଲତା ବେହେରା ପରସ୍ପର ବିରୋଧରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ପଞ୍ଚାୟତରେ ୫୫୨୧ ଜଣ ଭୋଟର ଥିବା ବେଳେ ସରପଞ୍ଚ ପଦ ପାଇଁ ୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

**ସରପଞ୍ଚ ପଦ ପାଇଁ ସମ୍ପର୍କୀୟ ଲଢ଼େଇ**

**ଉତ୍ତରକୂଳ ପଞ୍ଚାୟତରେ ୨ଯାଆ ମଧ୍ୟରେ ଲଢ଼େଇ**

## ପ୍ରିଜାଇଡିଂ, ପୋଲିଂ ଅଫିସରଙ୍କୁ ତାଲିମ

ବାଙ୍କୀ,୫।୨(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଙ୍କୀ ଉପଖଣ୍ଡର ୨ ବ୍ଲକରେ ବୁଥ୍ ପରିଚାଳନା ଓ ମତଦାନ ପାଇଁ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କଲେଜ ସମ୍ମିଳନୀ କକ୍ଷ ଓ ଡମପଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ତାଲିମ ଦିଆଯାଇଥିଲା। ପ୍ରଥମ ଦିନରେ ୨ ପର୍ଯ୍ୟାୟରେ ଡମପଡ଼ାର ୧୨୯ ଓ ବାଙ୍କୀ ବ୍ଲକର ୨୩୪ ଜଣ ପୋଲିଂ ଏବଂ ପ୍ରିଜାଇଡିଂ ଅଫିସର ନିର୍ବାଚନ ପରିଚାଳନା ସମ୍ପର୍କିତ ତାଲିମ ନେଇଥିଲେ। ପରବର୍ତ୍ତୀ ତାଲିମ ୬ ତାରିଖରେ ଅନୁଷ୍ଠିତ ହେବ। ଡମପଡ଼ା ବ୍ଲକରେ ବିଡିଓ ଶ୍ୟାମଳ ରାୟ, ଜିପିଓ ତ୍ରିନାଥ ଜେନା ଓ ବିଇଓ ନରେନ୍ଦ୍ର କୁମାର ବେହେରା ପ୍ରମୁଖ ତାଲିମ ଦେଇଥିଲେ। ବାଙ୍କୀରେ ବିଡିଓ ପ୍ରଦୀପ୍ତ ଶତପଥୀ, ସହାୟକ ନିର୍ବାହୀ ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ପରିଡା, ଏବିଡିଓ ଶୁଚିସ୍ମିତା ନାୟକ ଓ ବିଇଓ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।



କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରମାନେ ସରସ୍ୱତୀଙ୍କ ମୃଣ୍ମୟୀମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରୁଛନ୍ତି।



କଟକ ଜିଲା ତ୍ରିମ୍ବ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୫।୨:** ସ୍ଥାନୀୟ କଣ୍ଟା ଛକ ନିକଟରେ ଶନିବାର ବାଇକ୍ ଧକ୍କାରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଶ୍ରୀବିହାରର ଓମ୍ ପଟ୍ଟନାୟକ(୨୫)। ସୂଚନା ମୁତାବକ, ଓମ୍ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଶନିବାର ଅପରାହ୍ଣରେ କାର୍ଯ୍ୟ ସାରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ କଣ୍ଟା ଛକ ନିକଟରେ ଏକ ବାଇକ୍ ସମ୍ମୁଖରୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ପୂଜା ପାଇଲେ ବିଦ୍ୟାଦାତ୍ରୀ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୫।୨ (ଡି.ଏନ୍.ଏ.) :** ଖୋର୍ଦ୍ଧାର ସମସ୍ତ ଶିକ୍ଷାନୁଷ୍ଠାନ ସମେତ ବ୍ୟବସାୟିକ ପ୍ରତିଷ୍ଠାନରେ ଶନିବାର ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା ହୋଇଛି। କୋଭିଡ୍ କଟକଣା ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନରେ ସୀମିତ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ପୂଜାର୍ଚ୍ଚନା ହୋଇଥିଲା। ପ୍ରାଣନାଥ କଲେଜ, ମହିଳା ମହାବିଦ୍ୟାଳୟ, ବିଜେବି ହାଇସ୍କୁଲ, ବାଳିକା ହାଇସ୍କୁଲ, କୋଚିଙ୍ଗ ସେଣ୍ଟର, କଳା ଅନୁଷ୍ଠାନ ଆଦି ସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ସିଗ୍‌ମା ପବ୍ଲିକ ସ୍କୁଲରେ ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା କରାଯିବା ସହ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ସାମନ୍ତରାୟ, ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ସେହିପରି ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ହାଇସ୍କୁଲ ସମେତ ଏହାର ଆଖପାଖ ଅଞ୍ଚଳରେ ଥିବା ସରକାରୀ ଓ ଘରୋଇ ସ୍କୁଲ, ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

### ଖୋର୍ଦ୍ଧା ବାଇପାସ୍ ରାସ୍ତା ନିର୍ମାଣ ଲାଗି ୧୫୭.୪୯କୋଟି ମଞ୍ଜୁର

**ଖୋର୍ଦ୍ଧା ଅଫିସ,୫।୨:** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଟାଉନ ଠାରେ ବାଇପାସ୍ ରାସ୍ତା ନିର୍ମାଣ କରାଯିବ। ଏଥିନିମନ୍ତେ ଜମି ଅଧିଗ୍ରହଣ କରାଯିବ। ତେଣୁ ଜମି ଅଧିଗ୍ରହଣ ଓ ବାଇପାସ୍ ରାସ୍ତା ନିର୍ମାଣ ଲାଗି କେନ୍ଦ୍ର ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ୧୫୭.୪୯କୋଟି ଟଙ୍କା ଅନୁମୋଦନ କରାଯାଇଛି। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଶୁକ୍ରବାର ଟୁଇଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି।

### ନୂତନ କର୍ମକର୍ତ୍ତା ମନୋନୀତ

**ଖୋର୍ଦ୍ଧା ଅଫିସ,୫।୨:** ନିଖିଳ ଓଡ଼ିଶା ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ(କାର୍ଡ ବ୍ୟାଙ୍କ) କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, କୈଳାଶ ନାଥ ପଣ୍ଡା, ସୁବ୍ରତ ରଞ୍ଜନ ଦାସ ଉପସଭାପତି, ବୃନ୍ଦାବନ ଖଟେଇ ମୁଖ୍ୟ ଉପଦେଷ୍ଟା, ସୁକାନ୍ତ ଦାସ କାର୍ଯ୍ୟକାରୀ ସଭାପତି, ସଞ୍ଜୟ କୁମାର ସାହୁ ସାଧାରଣ ସମ୍ପାଦକ, ରମଣୀ ରଞ୍ଜନ ମେଣ୍ଡୁଲି ଯୁଗ୍ମ ସମ୍ପାଦକ, ଲୋକନାଥ ପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ ସଦସ୍ୟଭାବେ ସୁଶାନ୍ତ କୁମାର ମିଶ୍ର, ସନ୍ଦିପ କୁମାର ପାଲିତ, କ୍ଷୀରୋଦ ମହାନ୍ତି, ଦୁର୍ଗା ଦତ୍ତ, ଭବାନୀ ଶଙ୍କର ପଣ୍ଡିତ, ବସନ୍ତ କୁମାର ଡାକୁଆ, ବେଲମଣି ସାହୁ ପ୍ରମୁଖ ମନୋନୀତ ହୋଇଥିବା ସଂଘ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

**ଜଟଣୀ,୫।୨(ଡି.ଏନ୍.ଏ.):** ଜଟଣୀ ରାମଚନ୍ଦ୍ରପୁରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ଶନିବାର କାର୍ଯ୍ୟାଳୟ ପରିସରରେ ସାମାଜିକ କର୍ମୀ ସ୍ୱର୍ଗତ ରତ୍ନମଣି ଦେବୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଅଧ୍ୟକ୍ଷ ଅବନୀ କୁମାର ରାଉତରାୟ ସଭାପତିତ୍ୱ କରିଥିଲେ। ରତ୍ନମଣି ସ୍ୱାସ୍ଥ୍ୟକର୍ମୀ ଭାବେ ନିଜ କର୍ତ୍ତବ୍ୟକୁ ପାଳନ କରି ସମାଜର ସବୁ ବର୍ଗର ଲୋକଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇ ପ୍ରଶଂସା ସାଉଣ୍ଟିଥିଲେ ବୋଲି ମତପ୍ରକାଶ ପାଇଥିଲା। ଏହି ସଭାରେ ଦିବାକର ମଙ୍ଗରାଜ, ସୁରେଶ ଚନ୍ଦ୍ର ରଥ, ରବୀନ୍ଦ୍ର ପ୍ରସାଦ ମିଶ୍ର, ହବିବୁର ରେହମାନ, ଜବାହରଲାଲ ସୁବୁଦ୍ଧି, ରାଜେନ୍ଦ୍ର ପଟ୍ଟନାୟକ, ବାସୁଦେବ ସେଠୀ, ଶରତ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ଶିକ୍ଷକ ନେତା ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ପୁନରୁଦ୍ଧାର ଅପେକ୍ଷାରେ ଗୌରଚରଣଙ୍କ ସ୍ମୃତିପୀଠ

**ବେଗୁନିଆ,୫।୨(ଡି.ଏନ୍.ଏ.)**




ଅବହେଳିତ ଅବସ୍ଥାରେ ଭକ୍ତ କବି ଦ୍ୱିଜ ଗୌରଚରଣ ଅଧିକାରୀଙ୍କ ସ୍ମୃତି ପୀଠ।

ଭକ୍ତ କବି ଦ୍ୱିଜ ଗୌରଚରଣ ଅଧିକାରୀଙ୍କ ସ୍ମୃତି ପୀଠ ମାଟିରେ ଲୀନ ହେବାକୁ ବସିଛି। ଦୀର୍ଘବର୍ଷ ହେବ ଏହି ପୀଠ ଅଲୋଡ଼ା ହୋଇ ପଡିରହିଛି। ଓଡ଼ିଶାର ଧାର୍ମିକ ଭାବଧାରାକୁ ଲେଖନୀ ଚାଳନାରେ ଦେଶରେ ପରିଚିତ କରାଇଥିବା ଗୌରଚରଣଙ୍କୁ ମନେ ପକାଇବାକୁ ପ୍ରଶାସନ କିମ୍ବା ସ୍ଥାନୀୟ ଜନପ୍ରତିନିଧି ତତ୍ପରତା ଦେଖାଉନାହାନ୍ତି। ତାଙ୍କର ପ୍ରତିମୂର୍ତ୍ତିକୁ ସାଇତି ରଖିବାକୁ ବାସଗୃହ ମରାମତି ହୋଇପାରୁ ନାହିଁ। କେବଳ ଭୋଟ ସମୟରେ ପ୍ରାର୍ଥୀଙ୍କ ପକ୍ଷରୁ ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ମିଳୁଛି। ଭୋଟ୍ ପରେ ଜନପ୍ରତିନିଧିମାନେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଗ୍ରାମର ଦିବାକର ମହାପାତ୍ର ଓ ଅଜିତ ପଟ୍ଟନାୟକ କହିଛନ୍ତି। ଏହି ସ୍ମୃତିପୀଠର ପୁନରୁଦ୍ଧାର ପାଇଁ ପ୍ରାଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନାଥାଉ କି, ବେଗୁନିଆ ବ୍ଲକ ଲେହଙ୍ଗ ଗ୍ରାମରେ ୧୮୧୪ରେ ଗୌରଚରଣ ଜନ୍ମଗ୍ରହଣ କରିଥିଲେ। ବାଲ୍ୟ ନାମ ପଦ୍ମଚରଣ ରହିଥିଲା। ୧୮୨୯ରେ ସେ ବୈଷ୍ଣବ ଧର୍ମ ଗ୍ରହଣ କରିବା ପରେ ତାଙ୍କ ନାମ ଦ୍ୱିଜ ଗୌରଚରଣ ଅଧିକାରୀ ହୋଇଥିଲା। ହିନ୍ଦୁ ଧର୍ମ ଉପରେ ବହୁ ଗ୍ରନ୍ଥ କବିତା ଆକାରରେ ରଚନା କରି ବୈଷ୍ଣବ କବି ଭାବେ ଖ୍ୟାତି ଅର୍ଜନ କରିଥିଲେ। ଶେଷରେ 'କୃଷ୍ଣଲୀଳା' ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ୩୧୭ ଛାନ୍ଦ ଓ ୩୬୫ଟି ଗୀତର ସମାହାରକୁ ନେଇ ଗୌରଚରଣ କୃଷ୍ଣଲୀଳା ଲେଖିଥିଲେ। ଯେଉଁଥିରେ କୃଷ୍ଣଙ୍କ ବାଲ୍ୟଲୀଳାକୁ ସୁନ୍ଦରଭାବେ ଉପସ୍ଥାପନା କରିଥିଲେ। କୃଷ୍ଣଙ୍କ ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ସମସ୍ତ କଥା ଛାନ୍ଦରେ ପ୍ରତିଫଳିତ ହୋଇଛି। ସେହିପରି ଲକ୍ଷ୍ମୀ ନାରାୟଣ କଳି, ଗୌରଚରଣ ପଦ୍ୟାବଳୀ, ଗୌରଚରଣ ଭଜନ ଶତକ ଆଦି ବହୁ ପୁସ୍ତକ ଲୋକପ୍ରିୟତା ହାସଲ କରିଛି। ଏଥିସହ ଓଡ଼ିଆ ଓ ବଙ୍ଗଳାରେ ଚୈତନ୍ୟ କୀର୍ତ୍ତନ,

### ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ସଙ୍କୀର୍ତ୍ତନ ମଣ୍ଡଳୀ ଆଦି ବହୁ ପୁସ୍ତକ ସେ ରଚନା କରିଛନ୍ତି। ୧୮୯୦ରେ ପୁରୀର ସିଦ୍ଧ ବ୍ରହ୍ମମଠାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କୁ ମନେ ପକାଇବାକୁ ଶ୍ରଦ୍ଧାଳୁମାନେ ପ୍ରତି ବର୍ଷ କାର୍ତ୍ତିକ ମାସ ପଞ୍ଚକରେ ଲେହଙ୍ଗ, ସିମୋର, ପଣସବନ୍ତ ସହିତ ଅନେକ ଗ୍ରାମରେ କୃଷ୍ଣଲୀଳାରୁ ଆଧାରିତ ନାଚ, ଗୀତ, ଗପ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କରୁଛନ୍ତି। ସମୟାନୁକ୍ରମେ ଆଧୁନିକତାର ସ୍ପର୍ଶରେ ଧର୍ମଗ୍ରନ୍ଥ ପ୍ରତି ଲୋକଙ୍କ ଆଗ୍ରହ କମିବା ସହ ଭକ୍ତ କବିଙ୍କୁ ଭକ୍ତି ନାହିଁ ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ଗୀତା, ଭାଗବତର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଏହି ଧର୍ମଗ୍ରନ୍ଥ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଶିକ୍ଷକ ସଂଘର ସ୍ୱାଗତ

**ଖୋର୍ଦ୍ଧା ଅଫିସ,୫।୨**

ଆସନ୍ତା ୭ ତାରିଖରୁ ସ୍କୁଲ ଓ କଲେଜ ଖୋଲିବା ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତିକୁ ଖୋର୍ଦ୍ଧା ମିଳିତ ଶିକ୍ଷକ ସଂଘ ସ୍ୱାଗତ କରିଛି। ଶନିବାର ସ୍ଥାନୀୟ ପଲ୍ଲାସ୍ଥିତ ଶିକ୍ଷକ ଭବନଠାରେ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା ଯୋଗୁ ଦୀର୍ଘ ଦୁଇ ବର୍ଷ ଧରି ସ୍କୁଲରେ ପିଲାଙ୍କ ପାଠପଢ଼ା ବନ୍ଦ ରହିଥିଲା। ଆସନ୍ତା ୭ ତାରିଖରୁ ୮ମରୁ ଦ୍ୱାଦଶ ଏବଂ ୧୪ ତାରିଖରୁ ପ୍ରଥମରୁ ୭ମ ପର୍ଯ୍ୟନ୍ତ ସ୍କୁଲ ଖୋଲିବ। ଏହି ବୈଠକରେ ଓଷ୍ଟାର ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର, ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର, ସମ୍ପାଦକ ଅମୀୟ କୁମାର ପରିଡ଼ା, ମନୋଜ ଦାଶ, ଦିବ୍ୟସିଂହ ସୁବୁଦ୍ଧି, ସୁଶାନ୍ତ ମିଶ୍ର, ସୁଧାକର ମହାପାତ୍ର ଉପସ୍ଥିତ ଥିଲେ ।




ଖୋର୍ଦ୍ଧା ସିଗ୍‌ମା ପବ୍ଲିକ ସ୍କୁଲ, ନିରାକାରପୁର ଭୋଇସାହି ଗ୍ରାମରେ ଶନିବାର ପୂଜା ପାଇଥିବା ମା' ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ବାଣପୁର,୫।୨(ଡି.ଏନ୍.ଏ.)**

ବାଣପୁର ଥାନା ଅନ୍ତର୍ଗତ ସଲପଡ଼ି ଗ୍ରାମରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ମୃତା ହେଲେ ଏହି ଗ୍ରାମର ସେକ୍ ଅମିରଙ୍କ ସ୍ତ୍ରୀ କରିସ୍ମା। ଏନେଇ ଶନିବାର ମୃତାଙ୍କ ଭାଇ ଅନ୍‌ସାର ଅଲ୍ଲିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ସ୍ୱାମୀ ଅମିରଙ୍କୁ ଗିରଫ କରିଛି। ଅଭିଯୋଗ ମୁତାବକ, ତିନି ବର୍ଷ ପୂର୍ବେ ଅମିରଙ୍କ ସହ ଟାଙ୍ଗୀ ଥାନା ମୂଳିଝର ଗ୍ରାମର କରିସ୍ମାଙ୍କ ବିବାହ ହୋଇଥିଲା। ବିବାହ ବେଳେ ଦାବି ମୁତାବକ ୧ଲକ୍ଷ ଟଙ୍କା, ସ୍ୱର୍ଣ୍ଣ ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା। ବିବାହର ବର୍ଷେ ପରେ କରିସ୍ମା ଏକ ଝିଅ ଜନ୍ମ ଦେଇଥିଲେ। ଝିଅ ଜନ୍ମ କରିଥିବାରୁ ତା'ର ଭରଣପୋଷଣ ପାଇଁ ବାପଘରୁ ଯୌତୁକ ବାବଦକୁ ଅଧିକ ୧ଲକ୍ଷ ଟଙ୍କା ଆଣିବା ପାଇଁ ସ୍ୱାମୀ ଅମିରଙ୍କ ସମେତ ଶାଶୁଘର ଲୋକେ କହିଥିଲେ। କରିସ୍ମା ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଗତ ୩୧ ତାରିଖରେ ଶାଶୁଘର ଲୋକେ କରିସ୍ମାଙ୍କୁ ଘରୁ ବାହାର କରିଦେଇଥିଲେ। ତିନି ମାସ ମଧ୍ୟରେ ୧ଲକ୍ଷ ଟଙ୍କା ଦେବା ପାଇଁ କରିସ୍ମାଙ୍କ ବାପଘର ପ୍ରତିଶ୍ରୁତି ଦେବା ସହ ମଙ୍ଗଳବାର କରିସ୍ମାଙ୍କୁ ଶାଶୁଘରକୁ ପଠାଇଲେ। ବୁଧବାର ସକାଳେ ହଠାତ୍ କରିସ୍ମା ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଅପରାହ୍ଣରେ ଚିକିତ୍ସାଧୀନ ଅବସ୍ଥାରେ କରିସ୍ମାଙ୍କ ମୃତ୍ୟୁ ହୋଇଥିଲା। ଖାଦ୍ୟରେ ବିଷ ଦେଇ ଶାଶୁଘର ଲୋକେ କରିସ୍ମାଙ୍କୁ ମାରିଦେଇଛନ୍ତି ବୋଲି ଅନ୍‌ସାର ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ଭୁବନେଶ୍ୱରରୁ ଅମିରକୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

## ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

**ପୁରୀ ଅଫିସ,୫।୨**

ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହିର ରଜନୀକାନ୍ତ ପ୍ରଧାନ ଓରଫ ରଘୁ (୩୬)। ପୋଲିସ ଅଭିଯୁକ୍ତଙ୍କଠାରୁ ଏକ ଜରିରୁ ୮.୩୬ ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ଗୋଟିଏ ମେଶିନ ଜବତ କରିଛି । ଏ ନେଇ ପୋଲିସ ନଂ. ୨୮ / ୨୨ ରେ ଏକ ମାମଲା ରୁଜୁ କରିଛି । ପୋଲିସ ସୂଚନା ଅନୁଯାୟୀ, ଶନିବାର କୁମ୍ଭାରପଡା ଥାନା ପୋଲିସ ପକ୍ଷରୁ ରେଳଷ୍ଟେଶନସ୍ଥିତ ଗରୁଡ ଛକ ନିକଟରେ ଗାଡ଼ି ଏବଂ ମାସ୍କ ଚେକିଂ କରାଯାଉଥିଲା। ଜଣେ ବ୍ରାଉନ ସୁଗାର ବେପାରୀ ବ୍ରାଉନ ସୁଗାର ନେଇ ସେହି ବାଟ ଦେଇ ଆସୁଥିବା ପୋଲିସ ଖବର ପାଇଥିଲା। ସକାଳ ପ୍ରାୟ ୧୦.୩୦ ମିନିଟ୍ ସମୟରେ ଅଭିଯୁକ୍ତ ଜଣଙ୍କ ସେହିବାଟ ଦେଇ ଯିବା ସମୟରେ ପୋଲିସ ଅଟକାଇ ଚେକିଂ କରିଥିଲା । ତାଙ୍କ ନିକଟରୁ ବ୍ରାଉନ ସୁଗାର ଜବତ କରି ଗିରଫ କରିଥିଲେ।

## ମାଘସପ୍ତମୀ ବୁଡ଼ ଲାଗି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପ୍ରସ୍ତୁତ

**କୋଣାର୍କ,୫।୨(ଡି.ଏନ.ଏ)**

ରବିବାର ପ୍ରତ୍ୟୁଷରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପବିତ୍ର ମାଘ ସପ୍ତମୀ ବୁଡ଼। ଏଥର କରୋନା କଟକଣାରେ ବିନା ଶ୍ରଦ୍ଧାଳୁରେ ମାଘ ବୁଡ଼ ଅନୁଷ୍ଠିତ ହେବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାପୂର୍ବରୁ ତୀର୍ଥ ପୁଷ୍କରିଣୀରେ ଜଳ ନିଷ୍କାସନ କାର୍ଯ୍ୟ ଶେଷ ହୋଇ ଜଳ ବିଶୋଧନ କରାଯାଇଛି।

ମାଘ ଷଷ୍ଠୀ ରାତିରେ ତିନି ଠାକୁରଙ୍କ ମହାସ୍ନାନ ପରେ ସେବାୟତ ଓ ସାଧୁସନ୍ଥମାନେ ବୁଡ଼ ପକାଇବେ। ତୀର୍ଥ ପୁଷ୍କରିଣୀରେ ୩ଶହ ଜଣଙ୍କୁ ଅନୁମତି ରହିଛି। ମାହେନ୍ଦ୍ରବେଳାରେ ତିନି ଠାକୁରଙ୍କ ଚନ୍ଦ୍ରଭାଗା ତୀର୍ଥକୁ ଶୋଭାଯାତ୍ରା ଓ ସ୍ନାନ ନୀତି ନିର୍ଘଣ୍ଟ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ୬ ତାରିଖ ଷଷ୍ଠୀ ରାତି ୧୦ଟା ମଧ୍ୟରେ ବାବା ତ୍ରିବେଣୀଶ୍ୱର, ଦକ୍ଷିଣେଶ୍ୱର ଓ ଈଶାଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିବେ। ତିନି ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯିବ। ପ୍ରଥମେ ଏନ୍‌ଏସି ମଣ୍ଡପ ପରିସରରେ ପୂଜାର୍ଚ୍ଚନା ପରେ ତହସିଲ କାର୍ଯ୍ୟାଳୟ ଓ ଆଇବି ପରିସରରେ ପୂଜା ପରେ ରାତି ୩ଟା ସୁଦ୍ଧା ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ଏଠାରେ ପାରମ୍ପରିକ ରୀତିନୀତିରେ ପୂଜାହୋମ କର୍ମ ସମ୍ପାଦନ ପରେ ରାତି ୩ଟା ୫୦ରୁ ୪ଟା ମଧ୍ୟରେ ପବିତ୍ର ତୀର୍ଥ ଜଳରେ ଠାକୁରଙ୍କ ମହାସ୍ନାନ ହେବ। ଏହାପରେ ସେବାୟତମାନଙ୍କୁ ବୁଡ଼ ପକାଇବା ପାଇଁ ଅନୁମତି ମିଳିବ। ଚନ୍ଦ୍ରଭାଗା ତୀର୍ଥରେ ୧୪୪ ଧାରା ଜାରି ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ମାଘ ବୁଡ଼ ଅବସରରେ ୨ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି।

### ଶ୍ରଦ୍ଧାଳୁଙ୍କ ପ୍ରବେଶ ମନା

**ପୁରୀ ଅଫିସ,୫।୨:** କରୋନା କଟକଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚନ୍ଦ୍ରଭାଗା ମେଳାରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। କୋଣାର୍କ ଥାନା ଅନ୍ତର୍ଗତ ଚନ୍ଦ୍ରଭାଗା ମେଳା ପଡ଼ିଆ, ତୀର୍ଥ ପୁଷ୍କରିଣୀ, ନବଗ୍ରହ ମନ୍ଦିରରେ ସର୍ବସାଧାରଣ ପ୍ରବେଶକୁ ବାରଣ କରାଯାଇଛି। ଆସନ୍ତା ୬ ତାରିଖ ଅପରାହ୍ଣ ୪ଟାଠାରୁ ୭ ତାରିଖ ସକାଳ ୯ ଘଟିକା ତଥା ନୀତିକାନ୍ତି ସମ୍ପନ୍ନ ହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଚନ୍ଦ୍ରଭାଗା ବୁଡ ପକାଇବା ନିମନ୍ତେ ଭିଡ଼ ହେବା ସହ ସାମାଜିକ ଦୂରତ୍ୱ ରକ୍ଷା ନିୟମ ଉଲ୍ଲଂଘନ ଏବଂ କରୋନା ବ୍ୟାପିବାର ଆଶଙ୍କା ଥିବାରୁ ଏଭଳି କଟକଣା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନୀତିକାନ୍ତି ସହ ଜଡିତ ଥିବା ସେବାୟତ, ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ, ସ୍ଥାନୀୟ ଗଣାମଧ୍ୟମ ପ୍ରତିନିଧି ଏବଂ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପ୍ରବେଶ ଅନୁମତି ରହିବ। ଉପଜିଲାପାଳ ଭବତାରଣ ସାହୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାର କଡ଼ାକଡ଼ି ପାଳନ ନିମନ୍ତେ ସମ୍ପୃକ୍ତ ଥାନାଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଝାଡ଼େଶ୍ୱରୀ ବ୍ୟାଡ୍‌ମିଣ୍ଟନ କପ୍ ଉଦ୍‌ଘାଟିତ

**ଜଟଣୀ,୫।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମ ଠାରେ ଶନିବାର ମା'ଝାଡ଼େଶ୍ୱରୀ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଅସ୍ଥାୟୀ ବ୍ୟାଡ୍‌ମିଣ୍ଟନ କୋର୍ଟ୍ ପରିସରରେ ପୂର୍ବତନ କାଉସିଲର ଅନନ୍ତ ବେହେରା ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସର ପ୍ରଥମ ପ୍ରତିଯୋଗିତା ଭଦ୍ରକ ଓ ଜଟଣୀ ଆଶ୍ରୟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଭଦ୍ରକ ଦଳ ୨୨ ପଏଣ୍ଟରେ ଜଟଣୀର ଆଶ୍ରୟ କ୍ଲବକୁ ପରାସ୍ତ କରିଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ସମସ୍ତ ଖେଳକୁ ଅବଦୁଲ ହାକିମ ତଦାରଖ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

## ଗଞ୍ଜେଇ ବିକି ୨ ଗିରଫ

**ପୁରୀ ଅଫିସ, ୫।୨**

ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୋଖାସାହିର ରତ୍ନାକର ବେହେରା (୨୯) ଏବଂ ଆନନ୍ଦ ବେହେରା (୩୫)। ପୋଲିସ ଉଭୟ ଅଭିଯୁକ୍ତଙ୍କଠାରୁ ୧ କେଜି ୫୦ ଗ୍ରାମ ଓଜନର ଗଞ୍ଜେଇ ନଗଦ ୫୧୦ ଟଙ୍କା, ଗୋଟିଏ ମୋବାଇଲ ଏବଂ ଗୋଟିଏ ଓଜନ କରିବା ମେଶିନ ଜବତ କରିଛି। ଏ ନେଇ ପୋଲିସ ନଂ. ୧୯/୨୨ରେ ଏକ ମାମଲା ରୁଜୁ କରିଛି । ଅଭିଯୁକ୍ତମାନେ ଗୋଖାସାହି ନିକଟ ଦୁଆରି ଜାଗାଠାରେ ଗଞ୍ଜେଇ ବିକ୍ରି କରୁଥିଲେ। ପୋଲିସ ଖବର ପାଇ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର



**କୃଷ୍ଣପ୍ରସାଦ, ୫।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜନୀତି ସରଗରମ ରହିଛି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ୯ନଂ. ଜୋନ୍ ବିଜୁ ଜନତା ଦଳ ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀ ଲକ୍ଷ୍ମୀଧର ସାହୁ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରାର୍ଥୀ ସାହୁ ଶନିବାର ବଡଅଁଳ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସଙ୍ଗୀତା ସାହୁ, ସମିତିସଭ୍ୟା ପ୍ରାର୍ଥୀ କାଜଲ୍ ଦଳେଇ, ଦଳୀୟ ନେତା ଓ କର୍ମୀଙ୍କ ସହ ଘର ଘର ବୁଲି ଭୋଟ୍ ପାଇଁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡିକ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏହି ନିର୍ବାଚନୀ ପ୍ରଚାରରେ ବଡଅଁଳ ପଞ୍ଚାୟତ ବିଜେଡି ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ପ୍ରଧାନ, ପଦ୍ମ ତରେଇ, ନରେନ୍ଦ୍ର ବେହେରା, ଟିକିଦେବ ତରେଇ, ଟୁକୁନା ବେହେରା, ବାଦଲ ଟହଲ ପ୍ରମୁଖ ସାମିଲ ହୋଇଥିଲେ।

# ଭାଗ୍ୟ ପରଖିବେ ୬୬୮୨ ପ୍ରାର୍ଥୀ

**ଖୋର୍ଦ୍ଧା ଅଫିସ,୫।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଫେବୃୟାରୀ ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଜିଲାର ୩୦ ଜିଲା ପରିଷଦ, ୧୯୦ ଲେଖାଏ ସରପଞ୍ଚ ଓ ସମିତିସଭ୍ୟ ଏବଂ ୨୭୧୧ ୱାର୍ଡମେମ୍ବରଙ୍କ ପାଇଁ ମତଦାନ ହେବ। ଚଳିତ ନିର୍ବାଚନରେ ୫୦୯୧ ୱାର୍ଡମେମ୍ବର, ୭୮୮ ସରପଞ୍ଚ, ସମିତି ସଭ୍ୟରେ ୬୭୪ ଏବଂ ଜିଲା ପରିଷଦରେ ୧୨୯ଜଣ ମୋଟ ୬୬୮୨ପ୍ରାର୍ଥୀ ରହିଛନ୍ତି। ୨୦୧୭ରେ ୯ଲକ୍ଷ ୬୧ହଜାର ୪୬୦ଜଣ ମତଦାତା ମତଦାନ ସାବ୍ୟସ୍ତ କରିଥିବା ବେଳେ ଏଥର ତଥା ୨୦୨୨ରେ ୧୦ଲକ୍ଷ ୩୦ହଜାର ୬୦୯ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି।

ପ୍ରଥମ ପର୍ଯ୍ୟାୟ ୧୬ ତାରିଖରେ ଟାଙ୍ଗୀ ଓ ବୋଲଗଡ଼ ବ୍ଲକ ଅନ୍ତର୍ଗତ ୭ଟି ଜିଲା ପରିଷଦ, ୪୫ ପଞ୍ଚାୟତର ୬୬୧ ୱାର୍ଡମେମ୍ବର ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ୨ଲକ୍ଷ ୪୦ହଜାର ୪୮୭ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିରୁ ଟାଙ୍ଗୀ ବ୍ଲକର ୪ଜିଲା ପରିଷଦ, ୨୬ପଞ୍ଚାୟତର ୩୪୫ ୱାର୍ଡରେ ୧,୩୨,୨୬୯ ଭୋଟର ରହିଛନ୍ତି। ବୋଲଗଡ଼ ବ୍ଲକର ୩ଜିଲା ପରିଷଦ, ୧୯ପଞ୍ଚାୟତର ୩୧୬ ୱାର୍ଡରେ ୧,୦୮,୨୧୮ ଭୋଟର ରହିଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୧୮ରେ ବାଣପୁର ଓ ବେଗୁନିଆ ବ୍ଲକର ୬ଜିଲା ପରିଷଦ, ୩୮ ପଞ୍ଚାୟତର ୫୬୫ ୱାର୍ଡର ୨ଲକ୍ଷ ୧୩୦ହଜାର ୩୭୪ ଭୋଟର ମତଦାନ ସାବ୍ୟସ୍ତ କରିବେ।

### ମତ ସାବ୍ୟସ୍ତ କରିବେ ୧୦.୩୦ଲକ୍ଷ ଭୋଟର

ସେଥିରୁ ବାଣପୁର ବ୍ଲକର ୩ ଜିଲା ପରିଷଦ, ୧୭ ପଞ୍ଚାୟତର ୨୩୩ ୱାର୍ଡ ଏବଂ ୧,୦୩,୮୧୩ ଭୋଟର ରହିଛନ୍ତି। ବେଗୁନିଆ ବ୍ଲକରେ ୩ଜିଲା ପରିଷଦ, ୨୧ ପଞ୍ଚାୟତର ୩୩୨ ୱାର୍ଡରେ ୧,୦୯,୫୬୧ ଭୋଟର ରହିଛନ୍ତି। ତୃତୀୟ ପର୍ଯ୍ୟାୟ ୨୦ ତାରିଖରେ ଚିଲିକା ଓ ଖୋର୍ଦ୍ଧା ବ୍ଲକର ୬ଜିଲା ପରିଷଦ, ୩୯ ପଞ୍ଚାୟତର ୫୫୦ ୱାର୍ଡର ୨ଲକ୍ଷ ୮ହଜାର ୭୯ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିରୁ ଚିଲିକା ବ୍ଲକରେ ୩ ଜିଲା ପରିଷଦ,୧୭ ପଞ୍ଚାୟତର ୨୨୫ ୱାର୍ଡରେ ୯୬,୨୨୯ ଭୋଟର ରହିଛନ୍ତି। ଖୋର୍ଦ୍ଧା ବ୍ଲକରେ ୩ ଜିଲା ପରିଷଦ, ୨୨ ପଞ୍ଚାୟତର ୩୨୫ ୱାର୍ଡରେ ୧,୧୧,୮୫୦ ଭୋଟର ରହିଛନ୍ତି। ଚତୁର୍ଥ ପର୍ଯ୍ୟାୟ ୨୨ରେ ବାଲିପାଟଣା ଓ ଭୁବନେଶ୍ୱର ବ୍ଲକର ୬ଜିଲା ପରିଷଦ, ୩୭ ପଞ୍ଚାୟତର ୫୦୧ ୱାର୍ଡର ୧ଲକ୍ଷ ୯୭ ହଜାର ୩୨୪ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିରୁ ବାଲିପାଟଣା ବ୍ଲକର ୩ ଜିଲା ପରିଷଦ, ୧୭ ପଞ୍ଚାୟତର ୨୪୫ ୱାର୍ଡରେ ୯୬,୨୭୫ ଭୋଟର ରହିଛନ୍ତି। ଭୁବନେଶ୍ୱର ବ୍ଲକର ୩ଜିଲା ପରିଷଦ, ୨୦ ପଞ୍ଚାୟତର ୨୫୬ ୱାର୍ଡରେ ୧,୦୧,୦୪୯ ଭୋଟର ରହିଛନ୍ତି। ୫ମ ତଥା ଅନ୍ତିମ ପର୍ଯ୍ୟାୟ ୨୪ରେ ବାଲିଅନ୍ତା ଓ ଜଟଣୀ ବ୍ଲକର ୫ଜିଲା ପରିଷଦ, ୩୧ପଞ୍ଚାୟତ ୪୩୪ ୱାର୍ଡର ୧,୭୧,୩୪୫ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିରୁ ବାଲିଅନ୍ତା ବ୍ଲକର ୩ ଜିଲା ପରିଷଦ, ୧୬ ପଞ୍ଚାୟତ ୨୨୪ ୱାର୍ଡରେ ୮୮୦୨୮ ଭୋଟର ଅଛନ୍ତି। ଜଟଣୀ ବ୍ଲକରେ ୨ଜିଲା ପରିଷଦ, ୧୫ ପଞ୍ଚାୟତ ୨୧୦ ୱାର୍ଡରେ ୮୩,୩୧୭ ଭୋଟର ରହିଛନ୍ତି।

## ଗଞ୍ଜେଇ ବିକ୍ରି ୨ ଗିରଫ

ପୁରୀ ଅଫିସ - ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୋଖାସାହିର ରତ୍ନାକର ବେହେରା (୨୯) ଏବଂ ଆନନ୍ଦ ବେହେରା (୩୫)। ପୋଲିସ ଉଭୟ ଅଭିଯୁକ୍ତଙ୍କଠାରୁ ୧ କେଜି ୫୦ ଗ୍ରାମ ଓଜନର ଗଞ୍ଜେଇ ନଗଦ ୫୧୦ ଟଙ୍କା, ଗୋଟିଏ ମୋବାଇଲ ଏବଂ ଗୋଟିଏ ଓଜନ କରିବା ମେଶିନ ଜବତ କରିଛି। ଏ ନେଇ ପୋଲିସ ନଂ. ୧୯/୨୨ରେ ଏକ ମାମଲା ରୁଜୁ କରିଛି । ଅଭିଯୁକ୍ତମାନେ ଗୋଖାସାହି ନିକଟ ଦୁଆରି ଜାଗାଠାରେ ଗଞ୍ଜେଇ ବିକ୍ରି କରୁଥିଲେ। ପୋଲିସ ଖବର ପାଇ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ସରିବା ନେଇ ଆଶଙ୍କା

### ୫-ଟି ସଚିବ, ଜିଲାପାଳଙ୍କ ସମୀକ୍ଷା ସତ୍ତ୍ୱେ ତ୍ୱରିତ୍ ହେଉନି

ପୁରୀ ଅଫିସ,୫।୨:

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶ୍ରୀଜଗନ୍ନାଥ ଷ୍ଟାଡିୟମ, ଶ୍ରୀସେତୁ, ଶ୍ରୀଜଗନ୍ନାଥ ପାର୍କିଂ କମ୍ପ୍ଲେକ୍ସ ଓ ଅନ୍ତର୍ଜାତୀୟ ବିମାନବନ୍ଦର ଆଦି ଅନେକ ଉନ୍ନୟନମୂଳକ କାର୍ଯ୍ୟ ଏକକାଳୀନ ଭାବେ ପୁରୀରେ ଚାଲିଛି। ମାତ୍ର କାର୍ଯ୍ୟର ଅଗ୍ରଗତିକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସହରବାସୀ। ପୁରୀକୁ ରାଜ୍ୟ ସରକାର ଐତିହ୍ୟ ସହର ଭାବେ ବିକାଶ କରିବାକୁ ଯୋଜନା କରିଥିବା ବେଳେ ତ୍ୱରିତ୍ ଗତିରେ କାର୍ଯ୍ୟ ହେଉ ନାହିଁ ବୋଲି ଅଭିଯୋଗ ହେଉଛି। ଗତ ଏକ ମାସ ଧରି ପ୍ରତି ସପ୍ତାହରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପୁରୀ ଗସ୍ତରେ ଆସି ଉନ୍ନୟନ କାର୍ଯ୍ୟର ସ୍ଥିତି ସମୀକ୍ଷା କରୁଛନ୍ତି। ଜିଲାପାଳ ସମର୍ଥ ବର୍ମାଙ୍କର ତୁହାକୁ ତୁହା ଗସ୍ତ ପରେ ମଧ୍ୟ କାର୍ଯ୍ୟର ଅଗ୍ରଗତି ଉଲ୍ଲେଖନୀୟ ହୋଇ ନ ଥିବା ଅଭିଯୋଗ ହେଉଛି।

ଓବିସିସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ଶ୍ରୀମନ୍ଦିର ଚାରିପାଖରେ ୭୫ ମିଟର ପର୍ଯ୍ୟନ୍ତ ଲେବଲିଂ କରାଯାଉଛି। ପବ୍ଲିକ୍ କନ୍‌ଭିନିଏନ୍ସ ଜୋନ୍, ଇଲେକ୍ଟ୍ରିକ୍ ଷ୍ଟୋର, ଶେଲଟର ପାଭିଲିୟନ୍ ଇତ୍ୟାଦି କାର୍ଯ୍ୟ କରାଯିବ। ସେହିଭଳି ଶ୍ରୀମନ୍ଦିର କାର୍ଯ୍ୟାଳୟ ନବୀକରଣ କାର୍ଯ୍ୟ ମଧ୍ୟ ଚାଲିଛି। ସେଠାରେ ରିସେପସନ୍ ସେଣ୍ଟର ତିଆରି ହେବ। ଏମାର ମଠ ପାର୍ଶ୍ୱରେ ମଧ୍ୟ କାର୍ଯ୍ୟ ଚାଲିଛି। ଓଡ଼ିଶା ସେତୁ ନିର୍ମାଣ ନିଗମକୁ ଏହି କାର୍ଯ୍ୟ କରିବା ପାଇଁ ଦେଢ଼ ବର୍ଷର ସମୟ ଦିଆଯାଇଥିବା ବେଳେ ଏହି ସମୟସୀମା ୨୦୨୩ ମାର୍ଚ୍ଚରେ ଶେଷ ହେବ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ଶେଷ ହୋଇପାରିବା ନେଇ ଆଶଙ୍କା ବଢ଼ିଛି। ଆଇନଜୀବୀ ତଥା ପୁରୀ ବାସିନ୍ଦା ଚିନ୍ମୟ ଦାଶ କହିଛନ୍ତି, କାର୍ଯ୍ୟ ଯେଉଁ ବେଗରେ ଚାଲିଛି, ଏହା ସରିବାରେ ବିଳମ୍ବ ହେବା ନିଶ୍ଚିତ। ଏପର୍ଯ୍ୟନ୍ତ ଲେବଲିଂ ଶେଷ ହୋଇ ନ ଥିବାବେଳେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପ୍ରଶାସନ ପାଇଁ କାଠିକର ପାଠ ହେବ। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ ପରିସରରେ କ୍ରିକେଟ୍ ପଡ଼ିଆ, ଜିମ୍ନାଷ୍ଟିକ୍, ସନ୍ତରଣ, ଆଥ୍‌ଲେଟିକ୍ ଟ୍ରାକ୍ ଓ ଶହେ ଶଯ୍ୟା ବିଶିଷ୍ଟ ସ୍ପୋର୍ଟସ୍ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବୃତ୍ତିଗତ ଭାବେ କ୍ରିକେଟ ଓ ଅନ୍ୟ କ୍ରୀଡ଼ା ଖେଳୁଥିବା ଖେଳାଳିମାନେ ଷ୍ଟାଡିୟମ କାର୍ଯ୍ୟ କେବେ ଶେଷ ହେବ ତାହାକୁ ଅପେକ୍ଷା କରି ରହିଛନ୍ତି। ପୁରୀ ସହରରେ ଖେଳିବା ପାଇଁ ଏକ ଭଲ ପଡ଼ିଆ ମଧ୍ୟ ଉପଲବ୍ଧ ନାହିଁ। ଏଭଳି ସ୍ଥିତିରେ ପ୍ରଶାସନିକ ସ୍ତରରେ ବିଳମ୍ବ ହେବା ହେତୁ କ୍ରୀଡ଼ାବିତ୍‌ମାନେ ହଇରାଣ ହେଉଛନ୍ତି ବୋଲି କହିଛନ୍ତି କ୍ରୀଡ଼ାବିତ୍ ଉମେଶ ଚନ୍ଦ୍ର ମିଶ୍ର। କୋଭିଡ୍ ଯୋଗୁ ଏହା ବିଳମ୍ବରେ ଚାଲୁଥିବା ବେଳେ ପ୍ରଶାସନ ଯେଉଁ ବେଗରେ ସମ୍ପ୍ରତି କାର୍ଯ୍ୟ କରିବା କଥା ତାହା ହୋଇପାରୁ ନାହିଁ। ଏହାବ୍ୟତୀତ ମାର୍କେଟ କମ୍ପ୍ଲେକ୍ସ ଓ ଶ୍ରୀସେତୁ ଭଳି କାର୍ଯ୍ୟକୁ ମଧ୍ୟ ତ୍ୱରିତ ବେଗରେ କରାଯିବା ଦରକାର ବୋଲି ପୁରୀ ସହରବାସୀ ଦାବି କରିଛନ୍ତି। ଅନ୍ୟପଟେ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, କୋଭିଡ୍ ସଂକ୍ରମଣ କମିବା ପରେ କାର୍ଯ୍ୟକୁ ଏକଦମ ତ୍ୱରିତ ବେଗରେ କରିବା ନେଇ ସବୁ ପ୍ରକାର ଉଦ୍ୟମ ହେଉଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ହେବ।

## ସଂକ୍ଷେପରେ

### ବ୍ରାଉନ ସୁଗାର ଜବତ, ୧ ଗିରଫ

ପୁରୀ ଅଫିସ,୫।୨ – ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହିର ରଜନୀକାନ୍ତ ପ୍ରଧାନ ଓରଫ ରଘୁ (୩୬)। ପୋଲିସ ଅଭିଯୁକ୍ତଙ୍କଠାରୁ ଏକ ଜରିରୁ ୮.୩୬ ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ଗୋଟିଏ ମେଶିନ ଜବତ କରିଛି । ଏ ନେଇ ପୋଲିସ ନଂ. ୨୮ / ୨୨ ରେ ଏକ ମାମଲା ରୁଜୁ କରିଛି । ପୋଲିସ ସୂଚନା ଅନୁଯାୟୀ, ଶନିବାର କୁମ୍ଭାରପଡା ଥାନା ପୋଲିସ ପକ୍ଷରୁ ରେଳଷ୍ଟେଶନସ୍ଥିତ ଗରୁଡ ଛକ ନିକଟରେ ଗାଡ଼ି ଏବଂ ମାସ୍କ ଚେକିଂ କରାଯାଉଥିଲା । ଜଣେ ବ୍ରାଉନ ସୁଗାର ବେପାରୀ ବ୍ରାଉନ ସୁଗାର ନେଇ ସେହି ବାଟ ଦେଇ ଆସୁଥିବା ପୋଲିସ ଖବର ପାଇଥିଲା । ସକାଳ ପ୍ରାୟ ୧୦.୩୦ ମିନିଟ୍ ସମୟରେ ଅଭିଯୁକ୍ତ ଜଣଙ୍କ ସେହିବାଟ ଦେଇ ଯିବା ସମୟରେ ପୋଲିସ ଅଟକାଇ ଚେକିଂ କରିଥିଲା । ତାଙ୍କ ନିକଟରୁ ବ୍ରାଉନ ସୁଗାର ଜବତ କରି ଗିରଫ କରିଥିଲେ ।

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ, ଯୁବକ ଗିରଫ

ନିମାପଡ଼ା,୫।୨(ଡି.ଏନ.ଏ)– ନିମାପଡ଼ା ଜୟଶ୍ରୀ ଛକଠାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ନାକଡିହ ଗ୍ରାମର ତନ୍ମୟ ଜେନା। ଏ ନେଇ ପୋଲିସ ଏକ ମାମଲା(ନଂ.୪୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଏକ ଲୁହାରଡ୍ ଜବତ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଏଟିଏମ୍ ଭିତରେ ପଶି ଟଙ୍କା ଲୁଟ୍ ଉଦ୍ଦେଶ୍ୟରେ ଲୁହାରଡ୍‌ରେ ଏଟିଏମ୍ ମେଶିନ ଭଙ୍ଗାରୁଜା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ଷ୍ଟେଟ ବ୍ୟାଙ୍କ ନିମାପଡ଼ା ଶାଖାର ପରିଚାଳକ ତରସ ଟପ୍ପୋ ଶନିବାର ଥାନାରେ ଅଭିଯୋଗ କରିଥିଲେ। ଏଟିଏମ୍‌ଗୁଡ଼ିକରେ ନିରାପତ୍ତା ପାଇଁ ନିମାପଡ଼ା ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କ ଏଟିଏମ୍‌ଗୁଡ଼ିକରେ ସିକ୍ୟୁରିଟି ଗାର୍ଡ ବ୍ୟବସ୍ଥା କରାଯିବାକୁ ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ବିଭିନ୍ନ ମହଲରୁ ଦାବି ହୋଇଛି।

### ମୃତ ଡ୍ରାଇଭର ପରିବାରଙ୍କୁ ଡ୍ରାଇଭର ସଂଘର ସହାୟତା

କଣାସ,୫।୨(ସ୍ୱ.ପ୍ର.)– କଣାସ ବ୍ଲକ ଅନ୍ତର୍ଗତ ବିନ୍ଧଣ ପଞ୍ଚାୟତର ହରସପଡ଼ା ଗ୍ରାମରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଅକ୍ରୂର ବିଶ୍ୱାଳଙ୍କ ଆକସ୍ମିକ ଭାବେ ମୃତ୍ୟୁ ହୋଇଥିଲା। ଶୁକ୍ରବାର ତାଙ୍କର ଏକାଦଶାହ ଉପଲକ୍ଷେ ଡ୍ରାଇଭର ମହାସଂଘ ପକ୍ଷରୁ କେତେଜଣ କର୍ମକର୍ତ୍ତା ତାଙ୍କ ବାସଗୃହରେ ପହଞ୍ଚି ସ୍ୱର୍ଗତ ଅକ୍ରୂରଙ୍କ ସ୍ତ୍ରୀ ଦମୟନ୍ତୀ ବିଶ୍ୱାଳଙ୍କୁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ମହାସଂଘ କଣାସ ଶାଖାର ଭରତ ବେହେରାଙ୍କ ଉଦ୍ୟମରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମହାସଂଘର ରାଜ୍ୟ ସଦସ୍ୟ ପ୍ରଶାନ୍ତ ମଣ୍ଡଳ ପୁରୀ ଜିଲାର ବୁଦ୍ଧିଆ ମହାପାତ୍ର, କଣାସ ବ୍ଲକର ସହଦେବ ବେହେରା, ପ୍ରମୋଦ ସେଠୀ, ବସନ୍ତ ସାହୁ ପ୍ରମୁଖ ମୃତ ଅକ୍ରୂରଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେଇଥିଲେ।



ପ୍ରିୟପତ୍ର ପକ୍ଷରୁ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ପାଳନ ଅବସରରେ ଓଡ଼ିଶୀ ସଙ୍ଗୀତ ପରିଷଦ ତବଲା ସଙ୍ଗୀତ କରୁଛନ୍ତି ।

# ଭକ୍ତକବି ମଧୁସୂଦନଙ୍କ ଗ୍ରନ୍ଥ ଅମୂଲ୍ୟ ରତ୍ନ

ପୁରୀ ଅଫିସ, ୫।୨

ଶ୍ରୀପଞ୍ଚମୀ ତିଥିରେ ପୁରୀରୁ ପ୍ରକାଶ ପାଉଥିବା ପ୍ରିୟପତ୍ର ପକ୍ଷରୁ ସ୍ଥାନୀୟ ଓଡ଼ିଶୀ ସଙ୍ଗୀତ ପରିଷଦ ପରିସରରେ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇଥିଲେ। ଟିକାୟତରାୟ କହିଛନ୍ତି, ମଧୁସୂଦନଙ୍କ ବର୍ଣ୍ଣବୋଧଠାରୁ ଆରମ୍ଭ କରି ଛାନ୍ଦମାଳା, କବିତାବଳୀ, କୁସୁମାଞ୍ଜଳି, ବସନ୍ତଗାଥା, ଉତ୍କଳଗାଥା, ସଙ୍ଗୀତମାଳା ସହିତ ଉତ୍ତର ରାମଚରିତ ମାନସ ନାଟକ, ସାହିତ୍ୟ କୁସୁମ, ସାହିତ୍ୟ ପ୍ରସଙ୍ଗ ସହିତ ପ୍ରଣୟର ଅଦ୍ଭୁତ ପରିଣାମ ଆଦି ଗ୍ରନ୍ଥ ଆମ ବାଣୀ ଭଣ୍ଡାରର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଏବଂ ସମ୍ମାନିତ ଅତିଥି ବରିଷ୍ଠ ଶିଶୁ ସାହିତ୍ୟିକ ଡ. ହେମନ୍ତ ଛୋଟରାୟ ଯୋଗଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ସଙ୍ଗୀତ ପରିଷଦର ଅଧ୍ୟକ୍ଷା ଗୁରୁ ଉର୍ମିଳା ପ୍ରଧାନଙ୍କ ନିର୍ଦ୍ଦେଶନାରେ ଏବଂ ମାଧବ ଶ୍ରୀନନ୍ଦନ ସାହୁଙ୍କ ତବଲା ବାଦନରେ ମଧୁସୂଦନ ରାଓଙ୍କ 'କି ସୁନ୍ଦର ଆହା' ଏବଂ 'ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ' ପରିବେଷଣ କରିଥିଲେ। ପରିଷଦର ଛାତ୍ରୀ ଜ୍ୟୋତ୍ସ୍ନାମୟୀ ପାଢ଼ୀ, ଦୀପାଞ୍ଜଳି ଖଟୋଇ, ଯୋଗେଶ୍ୱର ପ୍ରହରାଜ, ଡ. ପଙ୍କଜନଳିନୀ ପଟ୍ଟନାୟକ ସଭାରେ କବିତା ଆବୃତ୍ତି କରିଥିଲେ। ମଧୁସୂଦନ ରାଓଙ୍କ ରଚନାରୁ ହାସ୍ୟମୟୀ ରାଜ, ପୁଷ୍ପାଞ୍ଜଳି ପଣ୍ଡା, ବାସନ୍ତୀ ଦେବୀ, ଲକ୍ଷ୍ମୀପ୍ରିୟା ଦାଶ, ଲକ୍ଷ୍ମୀଧର ମହାରଣା ପ୍ରମୁଖ ଆବୃତ୍ତି କରିଥିଲେ। ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ପ୍ରବାସିନୀ ମିଶ୍ର, ମାନସରଞ୍ଜନ ମହାପାତ୍ର ସାମିଲ ଥିଲେ। କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ ପ୍ରସନ୍ନ ମିଶ୍ର ପରିଚାଳନା ଓ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ଧନ୍ୟବାଦ ଦେଇଥିଲେ।

# ଚନ୍ଦ୍ରଭାଗା ମେଳାରେ ଶ୍ରଦ୍ଧାଳୁଙ୍କୁ ପ୍ରବେଶ ବାରଣ

ପୁରୀ ଅଫିସ,୫।୨

କରୋନା କଟକଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚନ୍ଦ୍ରଭାଗା ମେଳାରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। କୋଣାର୍କ ଥାନା ଅନ୍ତର୍ଗତ ଚନ୍ଦ୍ରଭାଗା ମେଳା ପଡ଼ିଆ, ତୀର୍ଥ ପୁଷ୍କରିଣୀ, ନବଗ୍ରହ ମନ୍ଦିରରେ ସର୍ବସାଧାରଣ ପ୍ରବେଶକୁ ବାରଣ କରାଯାଇଛି। ଆସନ୍ତା ୬ ତାରିଖ ଅପରାହ୍ନ ୪ଟାଠାରୁ ୭ ତାରିଖ ସକାଳ ୯ ଘଣ୍ଟିକା ତଥା ନୀତିକାନ୍ତି ସମ୍ପନ୍ନ ହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଚନ୍ଦ୍ରଭାଗା ବୁଡ ପକାଇବା ନିମନ୍ତେ ଭିଡ଼ ହେବା ସହ ସାମାଜିକ ଦୂରତ୍ୱ ରକ୍ଷା ନିୟମ ଉଲ୍ଲଂଘନ ଏବଂ କରୋନା ବ୍ୟାପିବାର ଆଶଙ୍କା ଥିବାରୁ ଏଭଳି କଟକଣା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନୀତିକାନ୍ତି ସହ ଜଡିତ ଥିବା ସେବାୟତ, ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ, ସ୍ଥାନୀୟ ଗଣାମଧ୍ୟମ ପ୍ରତିନିଧି ଏବଂ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପ୍ରବେଶ ଅନୁମତି ରହିବ। ଉପଜିଲାପାଳ ଭବତାରଣ ସାହୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାର କଡ଼ାକଡ଼ି ପାଳନ ନିମନ୍ତେ ସମ୍ପୃକ୍ତ ଥାନାଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପ୍ରସ୍ତୁତ

### ମାଘସପ୍ତମୀ ବୁଡ଼

କୋଣାର୍କ,୫।୨(ଡି.ଏନ.ଏ)

ରବିବାର ପ୍ରତ୍ୟୁଷରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପବିତ୍ର ମାଘ ସପ୍ତମୀ ବୁଡ଼। ଏଥର କରୋନା କଟକଣାରେ ବିନା ଶ୍ରଦ୍ଧାଳୁରେ ମାଘ ବୁଡ଼ ଅନୁଷ୍ଠିତ ହେବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାପୂର୍ବରୁ ତୀର୍ଥ ପୁଷ୍କରିଣୀରେ ଜଳ ନିଷ୍କାସନ କାର୍ଯ୍ୟ ଶେଷ ହୋଇ ଜଳ ବିଶୋଧନ କରାଯାଇଛି। ମାଘ ଷଷ୍ଠୀ ରାତିରେ ତିନି ଠାକୁରଙ୍କ ମହାସ୍ନାନ ପରେ ସେବାୟତ ଓ ସାଧୁସନ୍ଥମାନେ ବୁଡ଼ ପକାଇବେ। ତୀର୍ଥ ପୁଷ୍କରିଣୀରେ ୩ଶହ ଜଣଙ୍କୁ ଅନୁମତି ରହିଛି। ମାହେନ୍ଦ୍ରବେଳାରେ ତିନିଠାକୁରଙ୍କ ଚନ୍ଦ୍ରଭାଗା ତୀର୍ଥକୁ ଶୋଭାଯାତ୍ରା ଓ ସ୍ନାନ ନୀତି ନିର୍ଘଣ୍ଟ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ୬ ତାରିଖ ଷଷ୍ଠୀ ରାତି ୧୦ଟା ମଧ୍ୟରେ ବାବା ତ୍ରିବେଣୀଶ୍ୱର, ଦକ୍ଷିଣେଶ୍ୱର ଓ ଈଶାଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିବେ। ତିନି ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯିବ। ପ୍ରଥମେ ଏନ୍‌ଏସି ମଣ୍ଡପ ପରିସରରେ ପୂଜାର୍ଚ୍ଚନା ପରେ ତହସିଲ କାର୍ଯ୍ୟାଳୟ ଓ ଆଇବି ପରିସରରେ ପୂଜା ପରେ ରାତି ୩ଟା ସୁଦ୍ଧା ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ଏଠାରେ ପାରମ୍ପରିକ ରୀତିନୀତିରେ ପୂଜାହୋମ କର୍ମ ସମ୍ପାଦନ ପରେ ରାତି ୩ଟା ୫୦ରୁ ୪ଟା ମଧ୍ୟରେ ପବିତ୍ର ତୀର୍ଥ ଜଳରେ ଠାକୁରଙ୍କ ମହାସ୍ନାନ ହେବ। ଏହାପରେ ସେବାୟତମାନଙ୍କୁ ବୁଡ଼ ପକାଇବା ପାଇଁ ଅନୁମତି ମିଳିବ। ଚନ୍ଦ୍ରଭାଗା ତୀର୍ଥରେ ୧୪୪ ଧାରା ଜାରି ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ମାଘ ବୁଡ଼ ଅବସରରେ ୨ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି।

# ଦାରୁବିଗ୍ରହଙ୍କ ଚାଚେରି ବେଶ, ବେଣ୍ଟ ନୀତି ସମ୍ପନ୍ନ

ପୁରୀ ଅଫିସ,୫।୨

ବସନ୍ତ ପଞ୍ଚମୀ ଅବସରରେ ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରି ବେଶ ଅନୁଷ୍ଠିତ ହୋଇଯାଇଛି। ଶନିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ, ମଇଲମ କରାଯାଇ ମାଧବାଳି ଲୁଗା ଲାଗି ହୋଇଥିଲା। ପରେ ଶ୍ରୀବିଗ୍ରହଙ୍କୁ ଚନ୍ଦନଲାଗି କରାଯାଇ ସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀ ଏବଂ ଦୋଳଗୋବିନ୍ଦ ଠାକୁରଙ୍କୁ ଦକ୍ଷିଣ ଘରେ ପଡ଼ିଥିବା ଖଟ ଉପରେ ବିଜେ କରାଯାଇଥିଲା। ପରେ ତିନି ଠାକୁର ଭିତରର ବେଶ ବଢ଼ିବା ବେଳକୁ ଏହି ତିନି ଦିଅଁଙ୍କର ଚାଚେରି ବେଶ ହୋଇ ମାଣ୍ଡୁଅ ଭୋଗ ଓ ଦକ୍ଷିଣ ଘର ଭୋଗ ସରିଥିଲା। ଶ୍ରୀବିଗ୍ରହମାନେ ଉକ୍ତ ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୂଜ, ଆଡକାନୀ, ତିଳକ, ଓଡ଼ିଆଣି, ସୂର୍ଯ୍ୟଚନ୍ଦ୍ର, ଘାଘଡା ମାଳ ଲାଗି ହୋଇଥିଲେ। ମହାପ୍ରଭୁ ଏବଂ ବଡ଼ଠାକୁର ଦୁଇଟି ଲେଖାଏ ମକର କୁଣ୍ଡଳ, ଦେବୀ ସୁଭଦ୍ରା ୨ଟି ତଡ଼ଗୀ ଲାଗି ହୋଇଥିଲେ। ଭିତରେ ପାଣି ପଡ଼ି ରୋଷ ଘରକୁ ଚାଚେରି ଭୋଗ ଡାକରା ଯାଇଥିଲା। ଭୋଗ ଛାମୁକୁ ଆସିବା ପରେ ଦୁଇ ଦେବୀ ଓ ଦୋଳଗୋବିନ୍ଦ ଭିତରେ ସିଂହାସନକୁ ବିଜେ କରିଥିଲେ। ପରେ ଅନ୍ୟ ନୀତି ହେବର ପରେ ଭୂଦେବୀ, ଶ୍ରୀଦେବୀଙ୍କ ସହ ଦୋଳଗୋବିନ୍ଦ ବେଣ୍ଟ ଶିକାର ନୀତି ପାଇଁ ବିମାନରେ ଜଗନ୍ନାଥ ବଲ୍ଲଭ ମଠ ପରିସର ବେଣ୍ଟ ପୋଖରୀକୁ ଯାଇ ବେଣ୍ଟ ନୀତି ହୋଇଥିଲା। ସରସ୍ୱତୀ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା।



ଶ୍ରୀପଞ୍ଚମୀ ଅବସରରେ ପୁରୀ ଘୋଡାବଜାରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଛାତ୍ରୀଛାତ୍ରମାନେ ମା'ସରସ୍ୱତୀଙ୍କୁ ପୂଜା କରୁଛନ୍ତି ।

## ସାଇବାବାଙ୍କ ନବମ ପ୍ରତିଷ୍ଠା ଦିବସ

ପୁରୀ ଅଫିସ, ୫।୨

ଟାଉନ ହଲ୍ ଅଚିନ୍ତିମଣ୍ଡପସ୍ଥିତ ଶିରିଡି ସାଇବାବାଙ୍କ ନବମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଭୋରରୁ ବାବାଙ୍କ ମନ୍ଦିର ଦ୍ୱାର ଫିଟାଯାଇ ଆଳତି ହୋଇଥିଲା। ଅବକାଶ, ଭୋଗ ଓ ବେଶ କରାଯିବା ପରେ ଅଭିଷେକ କରାଯାଇ ବିଭିନ୍ନ ବ୍ୟଞ୍ଜନ ଭୋଗ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ମଧ୍ୟାହ୍ନ ଆଳତି କରାଯାଇ ବାବାଙ୍କ ଦିବା ପହୁଡ଼ ନୀତି ସରିଥିଲା। ଅପରାହ୍ନରେ ପୁନର୍ବାର ବାବାଙ୍କ ଦ୍ୱାର ଫିଟାଯାଇ ସନ୍ଧ୍ୟା ଆଳତି ସାରି ବାବାଙ୍କ ପ୍ରତିମୂର୍ତ୍ତିକୁ ଏକ ସୁସଜ୍ଜିତ ପାଲିଙ୍କିରେ ବସାଇ ନଗର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରୁ ଫେରିବା ପରେ ଭୋଗ ହୋଇ ଭକ୍ତଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ରାତ୍ରିରେ ସେଜ ଆଳତି ପରେ ରାତ୍ର ପହୁଡ଼ କରାଯାଇଥିଲା। ଅନୁଷ୍ଠାନ ସଭାପତି ବୁଲୁ ପଡ଼ିଆରୀ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ଦାସ, କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ପଟ୍ଟନାୟକ ଓ ସହ ସମ୍ପାଦକ ଚୌଧୁରୀ ପାର୍ଥସାରଥି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବସନ୍ତପୁରରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୫।୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଜାମଳଗୋଦା ପଞ୍ଚାୟତର ବସନ୍ତପୁର ଗ୍ରାମର ଆରାଧ୍ୟ ଠାକୁର ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଚାଲୁଥିବା ୭୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବସନ୍ତପୁର ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇଛି। କୋଭିଡ୍ କଟକଣା ନିୟମ ମାନି ଗ୍ରାମବାସୀ ଠାକୁରଙ୍କୁ ଯଜ୍ଞ ମଣ୍ଡପକୁ ଆଣିଥିଲେ। ପୁରୋହିତମାନେ ସେମାନଙ୍କର ସହକର୍ମୀମାନଙ୍କ ସହିତ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ସହଯୋଗ କରିଥିଲେ।

## ୬ ମିନିଟ୍‌ରେ ବାଗ୍‌ଦେବୀଙ୍କ ଓଲଟା ଚିତ୍ର ଆଙ୍କିଲେ ଆୟୁଷ

ପୁରୀ ଅଫିସ, ୫।୨

ସରସ୍ୱତୀ ପୂଜା ଅବସରରେ ବାସେଳୀ ସାହିରର ଯୁବ ଚିତ୍ରଶିଳ୍ପୀ ୮ମ ଶ୍ରେଣୀର ଆୟୁଷ ମହାପାତ୍ର ୬ ମିନିଟ୍‌ରେ ମା' ବାଗ୍‌ଦେବୀଙ୍କର ଓଲଟା ଚିତ୍ର ଆଙ୍କି ବେଶ୍ ଚର୍ଚ୍ଚା ସାଉଁଟିଛନ୍ତି। ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ଭୁଖ୍ୟ ଦି ବେଲ୍ ଓ ସମର୍ପଣ ଟ୍ରଷ୍ଟ ତରଫରୁ ଧୋବାଖାଲ ବସ୍ତିରେ ଅନ୍ୱେଷଣ ଅନୁଷ୍ଠାନ ଦ୍ୱାରା ପରିଚାଳିତ ମୁକ୍ତ ଶିକ୍ଷା କେନ୍ଦ୍ରଠାରେ ପଢୁଥିବା ୫୦ରୁ ଊର୍ଦ୍ଧ୍ୱ ଶିଶୁମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାଗ୍ମିତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ରୂପେ ବେଲ୍‌ର ଆବାହକ ସିଦ୍ଧାର୍ଥ ରାୟ, ଆର୍ଟ ଅଫ ଲିଭିଂର ପ୍ରଶିକ୍ଷକ ପ୍ରଫୁଲ୍ଲ ମିଶ୍ର, ସାମାଜିକ କର୍ମୀ ଦେବାଶିଷ ପାଣ୍ଡେ, ସଂଘମିତ୍ରା ମହାନ୍ତି ଯୋଗ ଦେଇଥିଲେ। ଶିଶୁ ସମାଚାରର ଫେବୃୟାରୀ ମାସର ସଂଖ୍ୟାକୁ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରଜ କିଶୋର ସାହୁ, ସତ୍ୟ ନାରାୟନ ସାହୁ, ରାଜ କିଶୋର ପାତ୍ର, ସୁକାନ୍ତ ପଣ୍ଡା, ସନ୍ତୋଷ ରାଉତ, ରାଜକିଶୋର ପାତ୍ର ଓ ସୁମିତ୍ରା ପଡିଆ ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ବାଗ୍‌ଦେବୀଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଛି। ସହରରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ବିଶ୍ୱମ୍ଭର ବିଦ୍ୟାପୀଠ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧୁବନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଘୋଡା ବଜାର, ଚାରୁ କାରୁକଳା ମହାବିଦ୍ୟାଳୟ ମା'ଙ୍କ ଆରାଧନା କରାଯାଇଥିଲା। କୁନି କୁନି ପିଲାମାନଙ୍କର ଖଡିଛୁଆଁ ବିଧି ହୋଇଥିଲା।

# ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଧମକ, ଜଣେ ଗିରଫ

### ପାଲଟା ଅଭିଯୋଗରେ ସରପଞ୍ଚ ପ୍ରାର୍ଥୀଙ୍କ ସ୍ୱାମୀ ଗିରଫ

ଡେଲାଙ୍ଗ,୫।୨(ଡି.ଏନ.ଏ)

ଡେଲାଙ୍ଗ ଥାନା ଅନ୍ତର୍ଗତ ଗଡ଼ବେଗୁନିଆ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ପ୍ରତିମା ପାତ୍ରଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଗଡବେଗୁନିଆ ଗ୍ରାମର ତପନ ରାୟ। ଅଭିଯୋଗ ଅନୁଯାୟୀ ଗଡବେଗୁନିଆପଡା ଗ୍ରାମର ତପନ ଓ ତାଙ୍କ ସହଯୋଗୀମାନେ ସରପଞ୍ଚ ପାର୍ଥୀ ପ୍ରତିମାଙ୍କ ସ୍ୱାମୀଙ୍କୁ ପାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ଧମକ ଦେଉଛନ୍ତି। ଏପରିକି ଗ୍ରାମରେ ଲୋକଙ୍କୁ ଭୟଭୀତ କରାଇ ପ୍ରାର୍ଥୀ ପ୍ରତିମାଙ୍କୁ ଭୋଟ ନ ଦେବା ପାଇଁ ଧମକାଉଛନ୍ତି ବୋଲି ସରପଞ୍ଚ ପ୍ରାର୍ଥୀଙ୍କ ସ୍ୱାମୀ ପ୍ରକାଶ ପାତ୍ର ଥାନାରେ ଅଭିଯୋଗ କରିଛନ୍ତି। ଗତ ୪ତାରିଖରେ ଗାଁମୁଣ୍ଡ ଦୋକାନରେ ବସିଥିବା ବେଳେ ପ୍ରକାଶ ଓ ତାଙ୍କ ପୁତୁରାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ଥାନାରେ ନଂ.୩୯/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇ ତପନଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟପଟେ ପ୍ରକାଶ ଓ ତାଙ୍କ ସହଯୋଗୀ ମିଶି ଗାଳିଗୁଲଜ କରିଥିବା ତପନ ପାଲଟା ଅଭିଯୋଗ କରିଥିଲେ। ଏହି ଅଭିଯୋଗକ୍ରମେ ମଧ୍ୟ ପୋଲିସ ନଂ.୪୦/୨୨ରେ ମାମଲା ରୁଜୁ କରି ପ୍ରକାଶ ଓ ତାଙ୍କ ସହଯୋଗୀ ଶ୍ରୀନିବାସଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଅନିଲ କୁମାର ମହାନ୍ତି କହିଛନ୍ତି ।

# ୨ ପ୍ରମୁଖ ଦଳ ମଧ୍ୟରେ ତୀବ୍ର ଲଢ଼େଇ

### ୨୮ ନମ୍ବର ଜୋନ୍

- ଗଡ଼ ବଞ୍ଚାଇବା ଚେଷ୍ଟାରେ ବିଜେଡି
- କଡ଼ା ଟକ୍କର ପାଇଁ ଅଣ୍ଟା ଭିଡୁଛି ଭାଜପା

ପୁରୀ ଅଫିସ,୫।୨:

ବୃତ୍ତାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ରାଜନୈତିକ ମାହୋଲ ଉଷ୍ମ ହେବାରେ ଲାଗିଛି। ନିର୍ବାଚନ ପ୍ରଚାର ମଧ୍ୟ ଜୋର ଧରିଲାଣି। ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ୨୮ନମ୍ବର ଜୋନ୍‌ରେ ଜିଲା ପରିଷଦ ଆସନ ପାଇଁ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଏବେଠୁ ଜଣାପଡ଼ିଲାଣି। ବିଜେଡି ପୂର୍ବଥର ଜିତିଥିବା କୈଳାସ ଚନ୍ଦ୍ର ପରିଡ଼ାଙ୍କୁ ପୁନର୍ବାର ପ୍ରାର୍ଥୀ କରିଥିବାବେଳେ ଭାଜପା ବ୍ରହ୍ମଗିରି ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ରାୟଙ୍କୁ ପ୍ରାର୍ଥୀ କରିଛି। ଗତ ପଞ୍ଚାୟତ ନିର୍ବାଚନରେ କୈଳାସ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଜୟନ୍ତ କୁମାର ମହାନ୍ତିଙ୍କଠାରୁ ମାତ୍ର ୩୮୫ ଖଣ୍ଡ ଭୋଟରେ ଜିତିଥିଲେ। ଗତଥର ଭଳି ଏଥର ମଧ୍ୟ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଭୋଟରମାନେ କହିଛନ୍ତି। ଭାଜପା ସମର୍ଥିତ ପ୍ରାର୍ଥୀ କୃଷ୍ଣଚନ୍ଦ୍ର କହିଛନ୍ତି, ରାଜ୍ୟ ସ୍ତରରେ ବିଜେଡି ପ୍ରତି ଥିବା ଜନ ଅସନ୍ତୋଷ ଏବଂ ସ୍ଥାନୀୟ ଅଞ୍ଚଳରେ ଭାଜପାର ପ୍ରଭାବ ତାଙ୍କୁ ଜିତାଇବାରେ ସହାୟକ ହେବ। ସେହିପରି ଭାଜପା ନେତା ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଉପରେ ବ୍ରହ୍ମଗିରିବାସୀଙ୍କ ଆସ୍ଥା ରହିଛି ଓ ଏହି ଜନସମର୍ଥନ ଭୋଟରେ ପରିଣତ ହେବ ବୋଲି ସେ ଦୃଢୋକ୍ତି ବାଢ଼ିଛନ୍ତି। ସ୍ୱର୍ଗତ ଲଲାଟେନ୍ଦୁ ମହାପାତ୍ରଙ୍କ ଝିଅ ଉପାସନା ମଧ୍ୟ ଲଳିତେନ୍ଦୁଙ୍କ ସହ ମିଶି ଦଳ ପାଇଁ ପ୍ରଚାରରେ ଲାଗିପଡ଼ିଛନ୍ତି, ଯାହା ଭୋଟରଙ୍କୁ ଆକୃଷ୍ଟ କରିବାରେ ସହାୟକ ହେଉଛି।

ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ କୈଳାସ ପୂର୍ବଥର ଭଳି ନିଜ ବିଜୟ ଯାତ୍ରା ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ସେ କହିଛନ୍ତି, ବ୍ରହ୍ମଗିରି ବିଧାୟକ ନିଜ ଅଞ୍ଚଳକୁ ଆସୁ ନାହାନ୍ତି। ଲୋକଙ୍କ ସମସ୍ୟା ବେଳେ ତାଙ୍କୁ ଦେଖିବାକୁ ମିଳୁନାହିଁ। ଏ ନେଇ ଜନଅସନ୍ତୋଷ ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ରାଜ୍ୟବାସୀଙ୍କ ଦୃଢ଼ ବିଶ୍ୱାସ ରହିଛି। ରାଜ୍ୟର ପ୍ରଗତି ଲାଗି ମୁଖ୍ୟମନ୍ତ୍ରୀ ନୀରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ବିଧାୟକ ଥିବାବେଳେ ବ୍ରହ୍ମଗିରିର ଭିତ୍ତିଭୂମି ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି, ଯାହା ବିଜେଡିକୁ ଜନସମର୍ଥନ ଦେଇଛି। ତେଣୁ ଏଥର ମଧ୍ୟ ବିଜେଡି ସଫଳତା ଦୋହରାଇବ ବୋଲି କୈଳାସ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ତେବେ ପ୍ରାର୍ଥୀମାନେ ନିଜ ନିଜ ବିଜୟକୁ ନେଇ ଆଶ୍ୱସ୍ତ ଥିବା କଥା କହୁଥିଲେ ମଧ୍ୟ ପୂର୍ବ ନିର୍ବାଚନ ଫଳାଫଳ ଓ ଚଳିତ ନିର୍ବାଚନର ପାଣିପାଗ ସ୍ପଷ୍ଟ ଭାବେ ଏକ କଠିନ ପ୍ରତିଦ୍ୱନ୍ଦ୍ୱିତା ଆଡ଼କୁ ଇସାରା କରୁଛି। ସ୍ଥାନୀୟ ବାସିନ୍ଦା ସତ୍ୟବ୍ରତ ପରିଡ଼ା କହିଛନ୍ତି, ୨୮ ନମ୍ବର ଜୋନ୍‌ରେ ଖଣ୍ଡାୟତ୍ ଭୋଟ ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୈଳାସ ନିଜେ ଖଣ୍ଡାୟତ ଜାତିର ହୋଇଥିବାରୁ ଖଣ୍ଡାୟତ ଭୋଟ ଭାଗଟି ତାଙ୍କ ସପକ୍ଷରେ ଯାଇପାରେ। ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖଣ୍ଡାୟତ ଭୋଟ ଭାଗ ବାଣ୍ଟିଲେ, ଖୁବ୍ କମ୍ ବ୍ୟବଧାନ ରହିପାରେ। ତେବେ ସେହି ଛୋଟ ବ୍ୟବଧାନ ହିଁ ରାଜନୈତିକ ପାଣିପାଗ ବଦଳାଇବ। ସେହିଭଳି ଭୋଟର ଶିବଶଙ୍କର ମହାପାତ୍ର କହିଛନ୍ତି, ଉକ୍ତ ଜୋନ୍‌ରେ ସ୍ୱର୍ଗତ ବିଧାୟକ ଲଲାଟେନ୍ଦୁ ମହାପାତ୍ର (ଲୁଲୁ)ଙ୍କ ପଞ୍ଚାୟତ ରହିଛି। ଲୁଲୁଙ୍କ ଗଡ଼ରେ ବିଜେଡି ପୂର୍ବ ନିର୍ବାଚନ ଜିତିବାରେ ସଫଳ ହୋଇଥିଲେ ମଧ୍ୟ ବିଜୟକୁ ଦୋହରାଇବା କଷ୍ଟକର ହୋଇପାରେ। ସେହିପରି କଂଗ୍ରେସ ନିଜ ଭୋଟ୍‌ବ୍ୟାଙ୍କ ବଞ୍ଚାଇବା ପାଇଁ ଜୋରସୋରରେ ପ୍ରୟାସ କରୁଛି। ଏଠାରେ କଂଗ୍ରେସ ନୂଆ ଚେହେରାଙ୍କୁ ସୁଯୋଗ ଦେଇଛି। କଂଗ୍ରେସ ହିଁ ଭୋଟ ହାର ବିଭାଜନରେ ମୁଖ୍ୟ ଭୂମିକା ନେଇପାରେ ବୋଲି ଆକଳନ କରାଯାଉଛି।